**ସିକିମ୍‌ର ବିଭିନ୍ନ ସ୍ଥାନରେ ଭୂସ୍ଖଳନ**
ଲଗାଣ ବର୍ଷା ଯୋଗୁ ସିକିମ୍‌ର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି।
ରଙ୍ଗ-ରଙ୍ଗ ବ୍ରିଜ୍ ଭୁଶୁଡ଼ିବା ଫଳରେ ମଙ୍ଗାନ ଜିଲା ମୁଖ୍ୟାଳୟ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି।
ସୋରେଙ୍ଗ ଜିଲାର ଡାରାମଡିନ୍ ଅଞ୍ଚଳରେ ଭୂସ୍ଖଳନ ଯୋଗୁ ଅନେକ ଗାଁ କ୍ଷତିଗ୍ରସ୍ତ ହୋଇଛି।

**ସଂକ୍ଷେପରେ**

## ଶିଗେରୁ ଇଶିବା ଜାପାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ



ଟୋକିଓ, ୨୭।୯

ଜାପାନର ଶାସକ ଦଳ ଲିବରାଲ ଡେମୋକ୍ରାଟିକ ପାର୍ଟି(ଏଲ୍‌ଡିପି) ଶୁକ୍ରବାର ଦେଶର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଶିଗେରୁ ଇଶିବା(୬୭)ଙ୍କୁ ନେତା ନିର୍ବାଚିତ କରିଛି। ଜାପାନ ପାର୍ଲାମେଣ୍ଟର ଉଭୟ ସଦନରେ ଏଲ୍‌ଡିପି ନେତୃତ୍ୱାଧୀନ ମେଣ୍ଟ ନିକଟରେ ବହୁମତ ଥିବାରୁ ଇଶିବା ଜାପାନର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି। ସେ ଆସନ୍ତା ସପ୍ତାହରୁ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ଇଶିବା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସାନେ ତାକାଇଚିଙ୍କୁ ପରାସ୍ତ କରିଛନ୍ତି। ଇଶିବାଙ୍କୁ ୨୧୫ ଖଣ୍ଡ ଭୋଟ ମିଳିଥିବାବେଳେ ତାକାଇଚିଙ୍କୁ ୧୯୪ ଭୋଟ ମିଳିଥିଲା। ଏହି ନିର୍ବାଚନରେ ଏଲ୍‌ଡିପିର ସାଂସଦ ଏବଂ ଦଳର ତୃଣମୂଳ ସ୍ତରର ସଭ୍ୟମାନେ ଭୋଟିଂ କରିଥିଲେ। ବର୍ତ୍ତମାନର ଜାପାନ ପ୍ରଧାନମନ୍ତ୍ରୀ ଫୁମିୟୋ କିଶିଦା ଦୁର୍ନୀତି ମାମଲାରେ ବିବାଦରେ ଛନ୍ଦି ହୋଇ ରହିଛନ୍ତି। ତେଣୁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ପଦରୁ ଓହରିଯିବା ପାଇଁ ସେ ନିଷ୍ପତ୍ତି ନେଇଥିଲେ।

# ଲେବାନନ୍‌ରେ ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତି

## ସୀମାରେ ଟ୍ୟାଙ୍କ ଠୁଳ କଲା ଇସ୍ରାଏଲ୍

ବେରୁଟ୍, ୨୭।୯

ଇରାନ ସମର୍ଥିତ ଲେବାନନ୍‌ର ଆତଙ୍କବାଦୀ ସଂଗଠନ ହେଜ୍‌ବୋଲ୍ଲାକୁ ଟାର୍ଗେଟ କରି ସପ୍ତାହେ ହେଲା ଇସ୍ରାଏଲ୍ ସେନା ଆକାଶମାର୍ଗରୁ ଆକ୍ରମଣ ଚଳାଇଥିବାବେଳେ ଇତିମଧ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ୩୦ ହଜାରରୁ ଅଧିକ ଲୋକ ଦେଶ ଛାଡ଼ି ପଳାଇଗଲେଣି। କେବଳ ଶୁକ୍ରବାର ସକାଳୁ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ୨୫ ଜଣଙ୍କ ଜୀବନ ଯାଇଛି। ସ୍ଥଳଯୁଦ୍ଧ ପାଇଁ ଏବେ ଇସ୍ରାଏଲ୍ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି। ସେଥିପାଇଁ ଲେବାନନ୍ ଜନସାଧାରଣଙ୍କୁ ପଳାୟନ କରିବା ପାଇଁ ଇସ୍ରାଏଲ୍ ପରାମର୍ଶ ଦେବା ସହ ସୀମାରେ ବହୁସଂଖ୍ୟାରେ ଯୁଦ୍ଧଟ୍ୟାଙ୍କ ଠୁଳ କରିଛି।

ଲେବାନନ୍‌ର ଉତ୍ତର ସୀମାରେ ଇସ୍ରାଏଲୀ ସେନା ଅତିରିକ୍ତ ଟ୍ୟାଙ୍କ ଓ ଅସ୍ତ୍ରଶସ୍ତ୍ର ସଜ୍ଜିତ ଯାନ ମୁତୟନ କରିଥିବାରୁ ଏକ ନିଶ୍ଚିତ ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଇସ୍ରାଏଲ୍ ସରକାର ଏହାର ସେନାକୁ ସମ୍ଭାବ୍ୟ ଲେବାନନ୍ ଦଖଲ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଜ୍‌ବୋଲ୍ଲା ରକେଟ ଆକ୍ରମଣ ଜାରି ରଖିଲେ, ଲେବାନନ୍‌କୁ ଗାଜା ଭଳି ସମାନ ଦଶା ଭୋଗିବାକୁ ପଡ଼ିପାରେ ବୋଲି ଇସ୍ରାଏଲ୍ ଶୀର୍ଷ ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ ସୈନ୍ୟମାନଙ୍କୁ ଉଦ୍‌ବୋଧ ଦେଇ କହିଛନ୍ତି, ଆମେ ବାୟୁ ଏବଂ ଜଳଭାଗରୁ ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରଖିଛୁ। ଆମକୁ ସ୍ଥଳଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ।

ସେପ୍ଟେମ୍ବର ୧୭ ଏବଂ ୧୮ରେ ଲେବାନନ୍‌ରେ ପେଜର ଓ ୱାକିଟକି ବିସ୍ଫୋରଣରେ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ଏହା ପରଠାରୁ ଇସ୍ରାଏଲ୍ ଏବଂ ହେଜ୍‌ବୋଲ୍ଲା ମଧ୍ୟରେ ଆକ୍ରମଣ ଜୋର୍‌ଦାର ହୋଇଛି। ଶୁକ୍ରବାର ଇସ୍ରାଏଲୀ ସେନା ଆକାଶମାର୍ଗରୁ ଲେବାନନ୍ ଉପରେ ପ୍ରବଳ ବୋମା ବର୍ଷା କରିଛି। ଫଳରେ ସେଠାରେ ଗାଜା ଭଳି ଧ୍ୱଂସାତ୍ମକ ସ୍ଥିତି ଉପୁଜିବା ଆଶଙ୍କା କରାଯାଉଛି। ଗତ ୭୨ ଘଣ୍ଟା ମଧ୍ୟରେ ଲେବାନନ୍‌ରୁ ୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସିରିଆ ପଳାଇଯାଇଥିବା ଏକ ଜାତିସଂଘ ସଂସ୍ଥା ପକ୍ଷରୁ କୁହାଯାଇଛି। ହେଜ୍‌ବୋଲ୍ଲା ସୀମା ଆରପଟୁ ରକେଟ ଆକ୍ରମଣ ବନ୍ଦ ନ କରିବା ଯାଏ ଇସ୍ରାଏଲ୍ ପୂରା ଦମ୍‌ରେ ଆକ୍ରମଣ ଜାରି ରଖିବା ପାଇଁ ପ୍ରତିବଦ୍ଧ ଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ଅନ୍ୟପକ୍ଷରେ ଇରାନ ସମର୍ଥିତ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ଶୁକ୍ରବାର ଇସ୍ରାଏଲ୍‌ର ତେଲ୍ ଆଭିଭ ଏବଂ ଆସ୍କେଲୋନ୍‌କୁ ମିଶାଇଲରେ ଟାର୍ଗେଟ କରିଛନ୍ତି। ଇସ୍ରାଏଲ୍ ବିରୋଧରେ ଅଧିକ ଆତଙ୍କବାଦୀ ଆକ୍ରମଣ ଜାରି ରହିବ ବୋଲି ହୁଟି ନେତା ୟାହୟା ସାରିଆ କହିଛନ୍ତି।



ଲେବାନନ୍‌ର ଉତ୍ତର ସୀମାରେ ଇସ୍ରାଏଲୀ ସେନା ଯୁଦ୍ଧଟ୍ୟାଙ୍କ ଠୁଳ କରିଛି।

## ଧର୍ମ ଘୋଷଣା ଦାବି ହେବାରୁ ତିରୁପତି ଗସ୍ତ ବାତିଲ କଲେ ଜଗନ

ଅମରାବତୀ, ୨୭।୯ (ପି.ଟି.)

ୱାଇଏସ୍‌ଆର୍‌ସିପି ମୁଖ୍ୟ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ତାଙ୍କର ତିରୁପତି ଭେଙ୍କଟେଶ୍ୱର ମନ୍ଦିର ଗସ୍ତ କାର୍ଯ୍ୟକ୍ରମକୁ ଶୁକ୍ରବାର ବାତିଲ କରିଦେଇଛନ୍ତି। ସେ ଆନ୍ଧ୍ରପ୍ରଦେଶର ଟିଡିପି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ 'ଦାନବମାନେ କ୍ଷମତାରେ ରହିଥିବା' କହିଛନ୍ତି। ମନ୍ଦିର ଦର୍ଶନ ପାଇଁ ଯିବାରେ କୌଣସି ରାଜନୈତିକ ଦଳ ପ୍ରତିବନ୍ଧକ ସୃଷ୍ଟି କରିବା ସେ କେବେ ଦେଖି ନ ଥିବା କହିଛନ୍ତି।

ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ଶୁକ୍ରବାର ରାତିରେ ତିରୁପତି ମନ୍ଦିର ଯାଇ ଶନିବାର ଭଗବାନ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ଥିଲା। ସେ ନିଜ ଧର୍ମ ସମ୍ପର୍କରେ ଘୋଷଣା କରନ୍ତୁ ବୋଲି ଦାବି ଜୋର୍ ଧରିବାରୁ ଗସ୍ତ ବାତିଲ କରିଛନ୍ତି। ରାଜନୈତିକ ପ୍ରସଙ୍ଗରୁ ଦୃଷ୍ଟି ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଲଡ୍ଡୁ ପ୍ରସଙ୍ଗ ସୃଷ୍ଟି କରିଛନ୍ତି। ତିରୁପତି ଲଡ୍ଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ପ୍ରାଣୀ ଚର୍ବି ମିଶିଥିବା ଚନ୍ଦ୍ରବାବୁ ମିଛ ଅଭିଯୋଗ ଆଣିବା ପରେ ମନ୍ଦିରର ପବିତ୍ରତାକୁ ନେଇ ପ୍ରଶ୍ନ ଉଠିଥିବା ଜଗନ କହିଛନ୍ତି।



ୱାଇ.ଏସ୍. ଜଗନମୋହନ ରେଡ୍ଡୀ

## ସିଦ୍ଧାରାମାୟାଙ୍କ ବିରୋଧରେ ମାମଲା ଦାଏର କଲେ ଲୋକାୟୁକ୍ତ

**ଜମି ଦୁର୍ନୀତି**

ବେଙ୍ଗାଲୁରୁ, ୨୭।୯

ମହୀଶୂର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଦ୍ୱାରା ବେଆଇନ ଭାବେ ଜମି ଆବଣ୍ଟନ ଦୁର୍ନୀତି ସହ ସମ୍ପୃକ୍ତି ଅଭିଯୋଗରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ଲୋକାୟୁକ୍ତ ଶୁକ୍ରବାର ମାମଲା ରୁଜୁ କରିଛନ୍ତି। ତାଙ୍କ ବିରୋଧରେ ଲୋକାୟୁକ୍ତ ପୋଲିସ ତଦନ୍ତ ଚଳାଇବା ପାଇଁ ଦୁଇଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ୟୁଡିଏ ନିୟମ ଉଲ୍ଲଂଘନ କରି ସିଦ୍ଧାରାମାୟାଙ୍କ ସ୍ତ୍ରୀଙ୍କୁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଜମି ଆବଣ୍ଟନ କରିଥିବା ଅଭିଯୋଗ ହୋଇଥିଲା। ଏତଲାରେ ସିଦ୍ଧାରାମାୟାଙ୍କୁ ପ୍ରଥମ ଅଭିଯୁକ୍ତ କରାଯାଇଥିବାବେଳେ ତାଙ୍କ ସ୍ତ୍ରୀ ପାର୍ବତୀ, ଶାଳକ ମଲ୍ଲିକାର୍ଜୁନ ସ୍ୱାମୀ ଏବଂ ଜମି ମାଲିକ ଦେବରାଜଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି।

ଅଭିଯୋଗ ଅନୁଯାୟୀ ଏମ୍‌ୟୁଡିଏ ପାର୍ବତୀଙ୍କ ମାଲିକାନାରେ ଥିବା ଏକ ଜମିକୁ ଅଧିଗ୍ରହଣ କରି ଏହା ପରିବର୍ତ୍ତେ ଉଚ୍ଚ ମୂଲ୍ୟର କେତେକ ପ୍ଲଟ୍ ଦେଇଥିଲା। ଏହି ବେଆଇନ ଜମି ଡିଲ୍‌ରୁ ସିଦ୍ଧାରାମାୟା ଓ ତାଙ୍କ ସ୍ତ୍ରୀ ପ୍ରଚୁର ଲାଭ ଉଠାଇଥିଲେ, ଯାହାର ପରିମାଣ ୪,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଗତ ମାସରେ କର୍ଣ୍ଣାଟକ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ବିରୋଧରେ ତଦନ୍ତ ପାଇଁ ଅନୁମତି ପ୍ରଦାନ କରିଥିଲେ। ଆର୍‌ଟିଆଇ କର୍ମୀ ସ୍ନେହମୟୀ କ୍ରିଷ୍ଣାଙ୍କ ଅଭିଯୋଗ ଆଧାରରେ ସିଦ୍ଧାରାମାୟାଙ୍କ ବିରୋଧରେ ମହୀଶୂରର ଲୋକାୟୁକ୍ତ ପୋଲିସ ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ଅଦାଲତ ନିର୍ଦ୍ଦେଶ ଦେଇଥିଲେ।



## ଇଣ୍ଡୋନେସିଆରେ ଭୂସ୍ଖଳନ: ୧୫ ମୃତ

ପଡ଼ାଙ୍ଗ, ୨୭।୯

ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ବେଆଇନ ଭାବେ ଖଣିରୁ ସୁନା ଉତ୍ତୋଳନ ବେଳେ ଭୂସ୍ଖଳନ ହେବାରୁ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ନିଖୋଜ ହୋଇଯାଇଛନ୍ତି। ପଶ୍ଚିମ ସୁମାତ୍ରା ପ୍ରଦେଶର ସୋଲୋକ ଜିଲାରେ ଗ୍ରାମବାସୀ ଗୁରୁବାର ଖଣି ଖୋଳି ସୁନା କଣିକା ସଂଗ୍ରହ କରୁଥିବାବେଳେ ପାଖ ପାହାଡ଼ରୁ ମାଟି ଅତଡ଼ା ଖସିଥିଲା। ଫଳରେ ସେମାନେ ମାଟି ଓ ପଥର ଖଣ୍ଡ ତଳେ ପୋତିହୋଇ ପଡ଼ିଥିଲେ। ୩ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ମାଟିତଳେ ଅନ୍ୟୂନ ୨୫ ଜଣ ପୋତିହୋଇ ରହିଥିବା ଆଶଙ୍କା କରାଯାଉଛି।



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶୁକ୍ରବାର ଜୟପୁରର ଜନ୍ତରମନ୍ତରଠାରେ ରାଜସ୍ଥାନୀ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ପାର୍ବଣରେ ଗଡ଼ିବ ୬ ହଜାର ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ, ୨୭।୯

ପାର୍ବଣ ଋତୁ ପାଖେଇ ଆସୁଥିବାରୁ ରେଲୱେ ଦେଶବ୍ୟାପୀ ୬ ହଜାର ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ପ୍ରାୟ ୧ କୋଟି ଯାତ୍ରୀ ଉପକୃତ ହେବେ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଦଶହରା, ଦୀପାବଳି ଏବଂ ଛଟ୍ ପର୍ବକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁବିଧା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି।

ପାର୍ବଣରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୧୦୮ ଟ୍ରେନ୍‌ରେ ଅତିରିକ୍ତ ସାଧାରଣ କୋଚ୍ ଯୋଡ଼ିବା ପାଇଁ ନିଷ୍ପତ୍ତି ହୋଇଛି। ଗତବର୍ଷ ପାର୍ବଣ ସମୟରେ ରେଳ ବିଭାଗ ପକ୍ଷରୁ ୪,୪୨୯ ସ୍ୱତନ୍ତ୍ର ଟ୍ରେନ୍ ଚଳାଯାଇଥିବା ବୈଷ୍ଣବ କହିଛନ୍ତି।

## ମହାକାଳ ମନ୍ଦିର ପାଚେରି ଭୁଶୁଡ଼ି ୨ ମୃତ

ଉଜ୍ଜୟିନୀ, ୨୭।୯

ପ୍ରବଳ ବର୍ଷା ଯୋଗୁ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ଥିବା ପ୍ରସିଦ୍ଧ ମହାକାଳ ମନ୍ଦିରର ପାଚେରି ଭୁଶୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଭଗ୍ନାବଶେଷ ତଳେ ଅନେକେ ପୋତିହୋଇଥିବା ଆଶଙ୍କା କରାଯାଉଛି। ୪ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ କେତେଜଣ ରହିଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମନ୍ଦିରର ଗେଟ୍ ନଂ.୪ ପାଖ ପାଚେରି ଭାଙ୍ଗିପଡ଼ିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ କହିଛନ୍ତି।

## ସ୍କୁଲର ସମୃଦ୍ଧି ପାଇଁ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବଳି

ହାଥରସ୍, ୨୭।୯

ଉତ୍ତରପ୍ରଦେଶ ହାଥରସ୍ ଜିଲା ଡି.ଏଲ୍ ପବ୍ଲିକ୍ ସ୍କୁଲରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟର ସମୃଦ୍ଧି ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବଳି ଦିଆଯାଇଛି। ହାଥରସ ପୋଲିସ ଅଧୀକ୍ଷକ(ଏସ୍‌ପି) ନିପୁଣ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଡି.ଏଲ୍ ପବ୍ଲିକ୍ ସ୍କୁଲର ମାଲିକ ଯଶୋଧନ ସିଂ ତନ୍ତ୍ରମନ୍ତ୍ରରେ ବିଶ୍ୱାସ କରନ୍ତି। ସେ ନିଜ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ ଦୀନେଶ ବଘେଲଙ୍କୁ ବିଦ୍ୟାଳୟର ସମୃଦ୍ଧି ପାଇଁ ଜଣେ ଛାତ୍ରଙ୍କୁ ବଳି ପକାଇବାକୁ ପ୍ରସ୍ତାବ ଦେଇଥିଲେ। ଫଳରେ ଗତ ୬ରେ ସ୍କୁଲ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କୁ ବଳି ଦେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଅସଫଳ ହୋଇଥିଲେ। ଏହାପରେ ଗତ ୨୨ରେ ସ୍କୁଲର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟ ପରିସର ମଧ୍ୟରେ ଗଳାକାଟି ବଳି ଚଢ଼ାଯାଇଥିବା ପୋଲିସ କହିଛି। ବିଦ୍ୟାଳୟ ପରିସର ମଧ୍ୟରେ ଥିବା ନଳକୂପ ନିକଟରୁ ତନ୍ତ୍ରମନ୍ତ୍ର ସହ ଜଡ଼ିତ ବସ୍ତୁକୁ ପୋଲିସ ଜବତ ହୋଇଛି। ତେବେ ଉକ୍ତ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜାଣିପାରି ତାଙ୍କ ଅଭିଭାବକ ପୋଲିସକୁ ଖବର ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୦୩(୧) ଅନୁଯାୟୀ, ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଶୁକ୍ରବାର ପୋଲିସ ବଳି ସହ ଜଡ଼ିତ ୫ ଅଭିଯୁକ୍ତ ସ୍କୁଲ ମାଲିକ ଯଶୋଧନ ସିଂ, ତାଙ୍କ ପୁଅ ତଥା ସ୍କୁଲ ନିର୍ଦ୍ଦେଶକ ଦୀନେଶ ବଘେଲ, ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ସିଂହ ଏବଂ ୨ ଅନ୍ୟ ଶିକ୍ଷକ ରାମ ପ୍ରକାଶ ସୋଲାଙ୍କି ଏବଂ ବୀରପାଲ ସିଂଙ୍କୁ ଗିରଫ କରିଛି।



## ବାସ୍ତବ ଶାନ୍ତି ଅପେକ୍ଷା ନୋବେଲ ପୁରସ୍କାର ପାଇଁ ନେତା ଆଗ୍ରହୀ

**ଜାତିସଂଘରେ ଜେଲେନ୍‌ସ୍କିଙ୍କ ଅଭିଯୋଗ**

କିଭ୍, ୨୭।୯

କେତେଜଣ ନେତା ୟୁକ୍ରେନ୍‌ରେ ବାସ୍ତବରେ ଶାନ୍ତି ଫେରିବା ଚାହୁଁନାହାନ୍ତି। ସେମାନେ ନୋବେଲ ଶାନ୍ତି ପୁରସ୍କାର ପାଇବା ଲକ୍ଷ୍ୟରେ ଶାନ୍ତି ସ୍ଥାପନ ପାଇଁ ମଧ୍ୟସ୍ଥତା ନିମନ୍ତେ ଉଦ୍ୟମ କରୁଛନ୍ତି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଭିଯୋଗ ଆଣିଛନ୍ତି। ବୈଶ୍ୱିକ ପଦକ୍ଷେପ ସ୍ୱରୂପ ଶାନ୍ତି ସୂତ୍ର ୨ ବର୍ଷ ପାଇଁ ରହିଥିଲା। କିନ୍ତୁ କେତେଜଣ ନେତା ବାସ୍ତବ ଶାନ୍ତି ପରିବର୍ତ୍ତେ ବ୍ୟର୍ଥ ଅସ୍ତ୍ରବିରତି ନିମନ୍ତେ ସେମାନଙ୍କ ରାଜନୈତିକ ଜୀବନୀ ପାଇଁ ହୁଏତ ନୋବେଲ ପୁରସ୍କାର ଚାହୁଁଥିଲେ। ଏହା ବଦଳରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆପଣମାନଙ୍କୁ କେବଳ ଯନ୍ତ୍ରଣା ଏବଂ ବିପର୍ଯ୍ୟୟ ଦେବେ ବୋଲି ନ୍ୟୁୟର୍କଠାରେ ଗୁରୁବାର ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଜେଲେନ୍‌ସ୍କି କହିଛନ୍ତି। ଯଦିଓ ୟୁକ୍ରେନ୍ ରାଷ୍ଟ୍ରପତି ତାଙ୍କ ଅଭିଯୋଗରେ କୌଣସି ନେତାଙ୍କ ନାଁ ନେଇ ନାହାନ୍ତି, ତେବେ ଏହା ବିଶ୍ୱର ବହୁ ନେତାଙ୍କୁ ସୂଚିତ କରୁଛି। ସେମାନଙ୍କ ମଧ୍ୟରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ତଥା ପୁନର୍ବାର ରାଷ୍ଟ୍ରପତି ହେବା ପାଇଁ ନିର୍ବାଚନ ଲଢୁଥିବା ଡୋନାଲ୍ଡ ଟ୍ରମ୍ପ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲ୍‌ଭା ଓ ଅନ୍ୟମାନେ ଅଛନ୍ତି, ଯେଉଁମାନେ ୟୁକ୍ରେନ୍ ଏବଂ ରୁଷିଆକୁ ଯୁଦ୍ଧ ବନ୍ଦ ନିମନ୍ତେ ଆହ୍ୱାନ ଦେଇଆସୁଛନ୍ତି। ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହେଲେ ଯୁଦ୍ଧ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ଏବଂ କୂଟନୈତିକ ଚ୍ୟାନେଲ ଜରିଆରେ ଯୁଦ୍ଧ ବନ୍ଦ କରିବା ପାଇଁ ଭାରତ ବାରମ୍ବାର କହିଆସୁଛି। ନିକଟରେ ନ୍ୟୁୟର୍କରେ ପ୍ରଧାନମନ୍ତ୍ରୀ ମୋଦି ୟୁକ୍ରେନ୍ ରାଷ୍ଟ୍ରପତିଙ୍କୁ ଭେଟି ଶାନ୍ତି ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଦ୍ୱିତୀୟ ଶାନ୍ତି ସମିଟ୍ ପାଇଁ ଭାରତକୁ ଆମନ୍ତ୍ରଣ କରାଯାଇଥିବା ଜେଲେନ୍‌ସ୍କି କହିଛନ୍ତି।



ଭୋଲୋଡିମିର ଜେଲେନ୍‌ସ୍କି

**ଫୁରସତ୍**

## ଜଳାତଙ୍କକୁ ନିୟନ୍ତ୍ରଣରେ ରଖିବାକୁ ଆହ୍ୱାନ

**'ୱାର୍ଲ୍ଡ ରାବିଜ୍ ଡେ'**

'ୱାର୍ଲ୍ଡ ରାବିଜ୍ ଡେ' ବା ବିଶ୍ୱ ଜଳାତଙ୍କ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ପାଳନ କରାଯାଇଥାଏ। ଏହି ଦିନ ଜଳାତଙ୍କର ପ୍ରତିଷେଧକ ଟିକା ଉଦ୍ଭାବନ କରିଥିବା ଲୁଇ ପାଶ୍ଚରଙ୍କ ପରଲୋକ ଘଟିଥିଲା। ତାଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ତେବେ ଚଳିତ ବର୍ଷ ପାଇଁ ବିଶ୍ୱ ଜଳାତଙ୍କ ଦିବସର ସ୍ଲୋଗାନ ରହିଛି 'ଜଳାତଙ୍କକୁ ନିୟନ୍ତ୍ରଣରେ ରଖିବା'।

ଡାକ୍ତରମାନେ ଏହି ରୋଗକୁ 'ହାଇଡ୍ରୋଫୋବିଆ' ବା 'ରାବିଜ୍' ବୋଲି କହିଥାନ୍ତି। ଏହା ପ୍ରାଣୀଜନିତ ଏକ ଭୂତାଣୁ ରୋଗ। ରୋଗ ହେଲେ ମୃତ୍ୟୁ ପ୍ରାୟ ନିଶ୍ଚିତ। ପୃଥିବୀର କେତେକ ରାଷ୍ଟ୍ର ଜଳାତଙ୍କରୁ ମୁକ୍ତ। କିନ୍ତୁ ଏକ ଆକଳନରୁ ଜଣାପଡିଛି, ଆମ ଦେଶରେ ପ୍ରତି ଅଧଘଣ୍ଟାରେ କେହି ନା କେହି ଜଳାତଙ୍କରେ ମୃତ୍ୟୁମୁଖରେ ପଡ଼ିଥାଆନ୍ତି।

ମୁଖ୍ୟତଃ ପାଗଳା କୁକୁର, ବିରାଡ଼ି, ବିଲୁଆ ଓ ଗଧିଆଙ୍କ ଲାଳରେ ଏହି ଭୂତାଣୁ ରହିଥାଏ। କିନ୍ତୁ ଏହି ଜନ୍ତୁମାନେ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ନ ଥିଲେ ସେମାନଙ୍କ ଲାଳରେ ରୋଗର ଭୂତାଣୁ ନ ଥାଏ। ରୋଗ କରାଇବାରେ ପାଗଳା କୁକୁର ମୁଖ୍ୟତଃ ଦାୟୀ ହୋଇଥିବାରୁ ଏହି ରୋଗକୁ ସାଧାରଣ ଲୋକେ 'କୁକୁର କାମୁଡ଼ା ରୋଗ' ଓ ରୋଗର ପ୍ରତିଷେଧକ ଟିକାକୁ 'କୁକୁର କାମୁଡ଼ା ଟିକା' ବୋଲି କହିଥାନ୍ତି।

### ରୋଗକୁ କିପରି ଜାଣିବେ

କୁକୁର କାମୁଡ଼ା ଯୋଗୁ ବ୍ୟକ୍ତି ଭୂତାଣୁ ସଂକ୍ରମିତ ହୋଇଥିଲେ, କେତେକ ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇଥାଏ। ଯେପରିକି ମୁଣ୍ଡବିନ୍ଧା, ଦେହ ଘୋଳାବିନ୍ଧା, ତଣ୍ଟିରେ ଘାଆ ଏବଂ ଦେହରେ ସାମାନ୍ୟ ଜ୍ୱର। ଏହି ଲକ୍ଷଣମାନ ମାତ୍ର ୩-୪ ଦିନ ପାଇଁ ରହେ। ଅନେକ ରୋଗୀଙ୍କ କ୍ଷେତ୍ରରେ କାମୁଡ଼ା ସ୍ଥାନରେ ଅନୁଭୂତ ହୁଏ ଯନ୍ତ୍ରଣା ଓ ଛୁଞ୍ଚି ଫୋଡ଼ି ହେବା ଭଳି ଲକ୍ଷଣ ଦେଖାଦେଇଥାଏ। ଏହି ରୋଗ ହେଲେ ପାଟିରୁ ଲାଳ ଗଡ଼େ। ଆଖିରୁ ଲୁହ ଝରେ। ରୋଗୀଠାରେ କ୍ରୋଧ, ବିରକ୍ତି, ମାନସିକ ଅବସାଦ ଏବଂ ମୃତ୍ୟୁ ଭୟ ପ୍ରକାଶ ପାଇଥାଏ। ରୋଗୀ ଜଳକୁ ଦେଖିଲେ ଆତଙ୍କିତ ହୋଇପଡ଼େ। ସେଥିପାଇଁ ଏହି ରୋଗକୁ ଜଳ(ହାଇଡ୍ରୋ-) ପ୍ରତି ଆତଙ୍କ (ଫୋବିଆ) ବା 'ହାଇଡ୍ରୋଫୋବିଆ' ବୋଲି କୁହନ୍ତି। ରୋଗ ମାତ୍ର ୨-୩ ଦିନ କିମ୍ବା ୫-୬ ଦିନ ରହି ରୋଗୀ ମୃତ୍ୟୁବରଣ କରିଥାନ୍ତି।



## ଚାଉଳ କେ.ଜି.କୁ ୧୦ ହଜାର ଟଙ୍କା

ଟୋକିଓ

ଭାରତୀୟମାନଙ୍କର ଦୈନନ୍ଦିନ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଚାଉଳକୁ ଧରାଯାଇଥାଏ। ବଜାରରେ ବିଭିନ୍ନ ମୂଲ୍ୟର ଚାଉଳ ଉପଲବ୍ଧ ରହିଥାଏ। ସେଠାରୁ ସାଧାରଣତଃ ଲୋକମାନେ ସେମାନଙ୍କର ବଜେଟ ଏବଂ ଆବଶ୍ୟକତା ଅନୁଯାୟୀ ଚାଉଳ କିଣିଥାନ୍ତି। ଭାରତରେ ସାଧାରଣତଃ ଭଲ ଏବଂ ପ୍ରିମିୟମ୍ ଗୁଣାତ୍ମକ ଚାଉଳର ମୂଲ୍ୟ କିଲୋଗ୍ରାମ ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ରହିଥାଏ। ତେବେ ଜାପାନରେ ଉତ୍ପାଦିତ ହେଉଥିବା ଏକ ଚାଉଳ ଭାରତୀୟ ଚାଉଳଠାରୁ ୧୦୦ ଗୁଣା ଅଧିକ ମୂଲ୍ୟରେ ବିକ୍ରି ହୋଇଥାଏ। ଏକ ରିପୋର୍ଟ ଅନୁଯାୟୀ, କିନ୍‌ମେମାଇ ପ୍ରିମିୟମ୍ ନାମକ ଏକ ଜାପାନୀ ଚାଉଳ ହେଉଛି ବିଶ୍ୱର ସବୁଠାରୁ ଦାମୀ ଚାଉଳ। ଅତ୍ୟଧିକ ମୂଲ୍ୟ ଯୋଗୁ ଏହି ଚାଉଳ ପୂର୍ବରୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ମଧ୍ୟ ସ୍ଥାନିତ ହୋଇସାରିଛି। କିନ୍‌ମେମାଇ ପ୍ରିମିୟମ୍ ରାଇସ୍ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ପାରମ୍ପରିକ ଚାଉଳ ଅପେକ୍ଷା ଏଥିରେ ୧.୮ ଗୁଣା ଅଧିକ ଫାଇବର ଏବଂ ୭ ଗୁଣା ଅଧିକ ଭିଟାମିନ୍ ବି୧ ରହିଥାଏ। ଏହି ଚାଉଳ ସାମାନ୍ୟ ମିଠା ଏବଂ ସୁଗନ୍ଧିତ ମଧ୍ୟ। ରିପୋର୍ଟ ଅନୁଯାୟୀ, ୨୦୧୬ରେ ଏହି ଚାଉଳର ମୂଲ୍ୟ ୯,୧୨୩ ଟଙ୍କା ପ୍ରତି କେ.ଜି. ରହିଥିଲା। ସେତେବେଳେ ଏହାକୁ ବିଶ୍ୱର ସର୍ବୋତ୍ତମ ଚାଉଳ ଭାବରେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଏହାର ମୂଲ୍ୟ କେ.ଜି. ପ୍ରତି ୧୦ ହଜାର ଟଙ୍କାରୁ ଅଧିକ ରହିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାସଙ୍ଗିନୀ ଶ୍ରୀଶ୍ରୀ ଲକ୍ଷ୍ମୀମା'ଙ୍କ ୧୩୧ତମ ଜନ୍ମ ମହୋତ୍ସବ, ସ୍ଥାନ: କାର୍ଗିଲ୍ ପଡ଼ିଆ, ପୋଖରୀପୁଟ, ସମୟ: ଭୋର ୪ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୬ତମ ଜୟନ୍ତୀ, ସ୍ଥାନ: ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଶହୀଦ ଭଗତ ସିଂ ବିଚାର ମଞ୍ଚର ଆଲୋଚନାଚକ୍ର, ସ୍ଥାନ: ନାଗଭୂଷଣ ଭବନ, ଏ/୧୩, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଳା ସୌରଭର ରାଗରଙ୍ଗ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଭାଜପା କଟକ ନଗର ପକ୍ଷରୁ ସଦସ୍ୟତା ଗ୍ରହଣ ଅଭିଯାନ, ସ୍ଥାନ: ଚଉରାଣୀ ମଣ୍ଡଳ କମ୍ୟୁନିଟି ହଲ, ଫ୍ରେଣ୍ଡ୍ସ କଲୋନୀ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ରୋଟାରୀ ଜିଲା ୩୨୬୨ ଆନୁକୂଲ୍ୟରେ ରୋଟାରୀ ସାରସ୍ୱତ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ଶହୀଦ ଭଗତ୍ ସିଂଙ୍କ ୧୧୭ତମ ଜୟନ୍ତୀ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ୟୁଥ ଜର୍ନାଲିଷ୍ଟ ଆସୋସିଏଶନର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ମାରିଟାଇମ ମ୍ୟୁଜିୟମ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଣିଓରା, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ବିଶ୍ୱ ସାମୁଦ୍ରିକ ଦିବସ ଉତ୍ସବ, ସ୍ଥାନ: ସଦର ବ୍ଲକ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଶହୀଦ ଦିବାକର ପାଣିଗ୍ରାହୀଙ୍କ ତିଳତର୍ପଣ ଓ ସ୍ମୃତିଚାରଣ ସଭା, ସ୍ଥାନ: ଶହୀଦଙ୍କ ଜନ୍ମପୀଠ, କେଶଗଡ଼ିଆ, ସୋର, ସମୟ: ସକାଳ ୭ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସିମୁଳିଆ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ଦିବସ ପାଳନ, ସ୍ଥାନ: ରକ୍ତତୀର୍ଥ ତୁଡ଼ିଗଡ଼ିଆ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଏଫ୍‌ଏମ୍‌ୟୁ ପିଜି କାଉନସିଲ ସମ୍ମିଳନୀ କକ୍ଷ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ୮୨ତମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ସକାଳ ୬ଟା।
- ଶହୀଦ ଭଗତ ସେନା ପକ୍ଷରୁ ଫଳ ବଣ୍ଟନ ଓ ରକ୍ତଦାନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୭ଟା।
- ଖଡ଼ିପଦା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୪, ସ୍ଥାନ: ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି-୨୦୨୪, ସ୍ଥାନ: ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁରଭି ମହୋତ୍ସବ, ସ୍ଥାନ: ତେନ୍ତୁଳିଡିହ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଶହୀଦ ସ୍ମୃତି ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ଶହୀଦ ଭଗତ ସିଂଙ୍କ ୧୧୭ତମ ଜନ୍ମଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।
- ରାଜେନତା ଲକ୍ଷ୍ମୀନାରାୟଣ ମହାପାତ୍ରଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଏକାଦଶୀ ପୂଜା, ହୋମ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ପଞ୍ଚାୟତ ପକ୍ଷରୁ ଚାରାରୋପଣ, ସ୍ଥାନ: କାଠକଟା, ଆନନ୍ଦପୁର: ସମୟ: ପୂର୍ବାହ୍ନ ୧୧ଟା।
- ଜଳେଶର ପାଲା କମିଟି ପକ୍ଷରୁ ବୈଠକ, ସ୍ଥାନ: ପାଲାମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ମଧ୍ୟାହ୍ନ ୧୨ ଟା।
- ମା' ଗଜଲକ୍ଷ୍ମୀ ପୂଜା ନିମନ୍ତେ ବୈଠକ, ସ୍ଥାନ: ନାଉକଣା, ମଛାଳ, ଘସିପୁରା ସମୟ: ଅପରାହ୍ନ ୪ ଟା।
- ରୁଦ୍ରନାରାୟଣପୁର ୟୁଥ୍ କ୍ଲବ୍ ପକ୍ଷରୁ ଚାରାରୋପଣ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: କ୍ଲବ୍ ପରିସର ମଛାଳ, ଘସିପୁରା, ସମୟ: ଅପରାହ୍ନ ୫ ଟା।
- ଶନିଙ୍କ ମନ୍ଦିରରେ ଶନି ମେଳା, ପୂଜା, ହୋମ, ଭଜନ କୀର୍ତ୍ତନ, ସ୍ଥାନ: ସମୋଟରାଗଡିଆ, ଛେନାପଦି, ସମୟ: ଅପରାହ୍ନ ୫ ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଆଇଡଲ୍ ସିଜିନ-୨ର ଅଡିଶନ, ସ୍ଥାନ: ତୁଳସୀଚୌରା, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଆହ୍ୱାନ ପକ୍ଷରୁ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍- ୨୦୨୪, ସ୍ଥାନ: ବାରିପଦା କଲେଜ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସର ପ୍ରଥମ ମ୍ୟାଚ ବାଲେଶ୍ୱର ବନାମ ଯାଜପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ଦେବଗଡ଼, ସ୍ଥାନ: ମୟୂରଭଞ୍ଜ ଆଥଲେଟିକ୍ ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ

- ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସଭା, ସ୍ଥାନ:ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶିବାନନ୍ଦ ଆଶ୍ରମରେ ଅନ୍ନପୂର୍ଣ୍ଣା ଭବନ ଉଦଘାଟନ, ସ୍ଥାନ: ବୁଗୁଡା ଶିବାନନ୍ଦ ଆଶ୍ରମ ପରିସର, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପାଇଁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ନୂଆଗଡ, ପାରାଦୀପ ସମୟ:ସକାଳ ୧୦ଟା।
- ସାହାଣୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳିଜଙ୍ଗା, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ରାଷ୍ଟ୍ରୀୟ ଅବିଷ୍କାର ଅଭିଯାନ କାର୍ଯ୍ୟକ୍ରମ,ସ୍ଥାନ: କୁଳସାହି ଉନ୍ନତ ଉଚ୍ଚ ବିଦ୍ୟାଳୟ ପରିସର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସ୍ଥାନ- ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।

## ନୟାଗଡ଼

- ଷୋଡଶ ଦିବସୀୟ ପୂଜାର ୫ମ ଦିବସ, ସ୍ଥାନ: କନକଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟି ପାଖ, କର୍ଣ୍ଣିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକମ, ସ୍ଥାନ: ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଷୋଡଶ ଦିବସୀୟ ପୂଜାର ୫ମ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତିଙ୍କ ବୈଠକ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୩୦ ।

## ନବରଙ୍ଗପୁର

- ଜିଲାସ୍ତରୀୟ ଏନ୍‌ଏସ୍‌ଏସ୍ କ୍ୟାମ୍ପ, ସ୍ଥାନ: ନବରଙ୍ଗପୁର ମଡେଲ ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟ ମଣ୍ଡଳକାରାଗାର ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ, ସ୍ଥାନ: କୋରାପୁଟ ମଣ୍ଡଳ କାରାଗାର, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ପୂର୍ବ ଭାରତ ବିଜ୍ଞାନ ସେମିନାର ପ୍ରତିଯୋଗିତା, ସ୍ଥାନ: ଖଇରପୁଟ ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ରଣେଶ୍ୱର ରାମଚଣ୍ଡୀ ପୀଠରେ ଷୋଡଶ ପୂଜା, ସ୍ଥାନ : ଦାନୀପାଲି ସ୍ଥିତ ମନ୍ଦିର, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଆୟୋଜିତ ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଝସକେତନ ସାହୁ ସୁଇମିଂ ପୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମାଲାବାର ଗାଲ୍ଡ ଆଣ୍ଡ ଡିଇମଣ୍ଡ ନୂତନ ଷ୍ଟୋର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୁଢ଼ାରଜା ସହଯୋଗନଗର ଛକ, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସର୍ବଭରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ପ୍ରୟାସ ପରିବାର ଆୟୋଜନରେ ନୂଆଁଖାଇ ଭେଟଘାଟ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ପାଟଣାଗଡ ସିଟିଜେନ ଫୋରମ୍‌ର ଆହ୍ୱାନକ୍ରମେ ହରିଶଙ୍କରରୋଡ ରେଳ ଷ୍ଟେଶନରେ ୧୨ ଘଣ୍ଟିଆ ରେଲରୋକୋ ଆନ୍ଦୋଳନ, ସ୍ଥାନ: ହରିଶଙ୍କରରୋଡ ରେଳ ଷ୍ଟେଶନ, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ।
- ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ବୈଠକ, ସ୍ଥାନ: ଚିକିତ୍ସାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଜିଲା ସ୍କୁଲ କ୍ରୀଡ଼ା ସଂଘ ପକ୍ଷରୁ ଜିଲାସ୍ତରୀୟ ବ୍ୟାଡମିଣ୍ଟନ, ଯୋଗ, ସୁଇମିଂ, ବକ୍ସିଂ ଓ ଫେନସିଂ ଚୟନ ଶିବିର, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡହତା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ଗାୟନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ସ୍ୱତନ୍ତ୍ର ସନ୍ଧ୍ୟା ଆଳତି, ସ୍ଥାନ: ବୀରମହାରାଜପୁର ତ୍ରିବେଣୀ ଛକ ଦୁର୍ଗା ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଭିତ୍ତିଭୂମି ସଂସ୍ଥା ତରଫରୁ ପୁଷ୍ଟିକର ଫସଲର ବଜାର ବ୍ୟବସ୍ଥା ସହ ଉତ୍ପାଦକ ଓ ଗ୍ରାହକଙ୍କ ଭେଟଘାଟ କାର୍ଯ୍ୟକ୍ରମ,ସ୍ଥାନ: ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ,ସମୟ:ସକାଳ ୧୦ଟା।

## ରାଉରକେଲା

- ଫେରୋସ୍କ୍ରାପ୍ ନିଗମରେ ଅନିର୍ଦ୍ଦିଷ୍ଟକାଳ ଧର୍ମଘଟ, ସ୍ଥାନ: ରାଉରକେଲା ୟୁନିଟ୍, ସମୟ: ସକାଳ ୮ଟା।
- ନୀଳମଣି ଆଧ୍ୟାତ୍ମିକ ପ୍ରବଚନ, ସ୍ଥାନ: କୋଏଲନଗର ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ଆସର ଓ କବିତା ପାଠ କାର୍ଯ୍ୟକ୍ରମ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ସ୍ଥାନ: ଜାମୁନାଳି ହାଇସ୍କୁଲ, ସମୟ: ସକାଳ ୯ଟା।
- ସାର୍ବଜନୀନ ଦୁର୍ଗାପୂଜା ବୈଠକ, ସ୍ଥାନ: ଗୋପଜୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ପୂର୍ବତନ ପୌରପାଳିକା ଅଧ୍ୟକ୍ଷଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପାଠ, ସ୍ଥାନ: ବୋଡ଼େନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡ଼େନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ପ୍ରାକୃତିକ ଚିକିତ୍ସା, ସ୍ଥାନ: ମା' ମାହେଶ୍ୱରୀ ସଂସ୍କୃତି ଭବନ ରାଜବାଟୀ, ବୌଦ୍ଧ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଚାରବୁଦ୍ଧି, ଦୂରଦର୍ଶିତା ଏବଂ ନ୍ୟାୟୋଚିତ ଦିଗ୍‌ଦର୍ଶନ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ରବିଙ୍କ ଦୁର୍ବଳତା କାରଣରୁ କୃତ୍ତିକା ନକ୍ଷତ୍ରର ମାନସିକ ସ୍ତରରେ ଏକାଧିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। ଶୁକ୍ରଙ୍କ କେନ୍ଦ୍ରାବସ୍ଥାନ ହେତୁ ଉତ୍ତମ ସ୍ୱାସ୍ଥ୍ୟ, ଆର୍ଥିକ ଅଭିବୃଦ୍ଧି ହେବ। ପାରିବାରିକ ଜୀବନରେ କିଛି ତ୍ରୁଟିବିଚ୍ୟୁତି ଘଟିପାରେ।

**ବୃଷ** ଯୋଗକାରକ ଗ୍ରହ ଶୁକ୍ର ଷଷ୍ଠସ୍ଥ ଅବସ୍ଥାନ କରି ସୌଭାଗ୍ୟ ପ୍ରାପ୍ତ କରାଇବେ। ବନ୍ଧୁଙ୍କୁ ନିଜ ସପକ୍ଷରେ ନେଇ ସମସ୍ୟାକୁ ସୁଧାରି ନେବାରୁ ମନ ହାଲୁକା ରହିବ। ଅଶ୍ଳେଷା ନକ୍ଷତ୍ରସ୍ଥ ଚନ୍ଦ୍ରଜନିତ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ କ୍ଷେତ୍ରରେ ସମସ୍ୟା କମି କମି ଆସିପାରେ।

**ମିଥୁନ** ଷଷ୍ଠାଧିପ ମଙ୍ଗଳ ରାଶିରେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ଗ୍ରହଣ କରିପାରନ୍ତି। କାର୍ଯ୍ୟଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ପ୍ରତିଷ୍ଠିତ ଓ ପ୍ରଶଂସିତ ହେବେ। ଫାଇଲ୍ କାମ ଅଟକି ରହିଥିବାରୁ ଅନୁତାପ କରିପାରନ୍ତି। ପ୍ରାତଃ ଭ୍ରମଣ ସାଙ୍ଗକୁ ସଙ୍ଗଠନ କାମ, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**କର୍କଟ** ବୁଧ ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ କର୍ମଜଞ୍ଜାଳର ମାନସିକ ଚାପ ଜନିତ ସାମୟିକ ବିଚଳିତ ରହିବେ। ଅର୍ଥ, ସମ୍ମାନ, ସଦିଚ୍ଛା, ବନ୍ଧୁମିଳନ, ପର୍ଯ୍ୟଟନ, ପରିଭ୍ରମଣର ସୁଯୋଗ ପାଇପାରନ୍ତି। ଭାଗ୍ୟସ୍ଥାନସ୍ଥ ରାହୁ ପରିବାର ଭିତରେ ବିନା କାରଣରେ ମନାନ୍ତର ସୃଷ୍ଟି କରିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତାଜନିତ କାର୍ଯ୍ୟହାନିରୁ ସାମୟିକ ଧୈର୍ଯ୍ୟଚ୍ୟୁତି ଘଟିପାରେ।

**ସିଂହ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ମୁଖଭାଗସ୍ଥ ରବି ଓ ବୁଧଙ୍କ ପ୍ରଭାବରୁ ଅପ୍ରିୟ ସତ୍ୟ ସୁସମ୍ପର୍କକୁ ନଷ୍ଟ କରିବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହଯୋଗ ଲୋଡ଼ିପାରନ୍ତି। ସଂକଟଜନକ ସ୍ଥିତିର ଫାଇଦା ନେବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କନ୍ୟା** ରାଶ୍ୟାଧିପ ବୁଧଙ୍କ ସ୍ୱଗୃହମଣ୍ଡନ ଉତ୍ତମ ସ୍ୱାସ୍ଥ୍ୟ, ବନ୍ଧୁବତ୍ସଳତା ଏବଂ କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ତୃତୀୟାଧିପ କ୍ରୂରଗ୍ରହ ମଙ୍ଗଳଙ୍କ କୁପ୍ରଭାବରୁ ଆତ୍ମୀୟଙ୍କ ବିରୋଧରୁ ଦୂରେଇ ପାରିବେ ନାହିଁ। ସମସ୍ୟା ବଢୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ରହିଛି।

**ତୁଳା** ଦିନଟି ତିକ୍ତ ମଧୁର ଅନୁଭୂତିକୁ ନେଇ ବିତିବ। ପରିସ୍ଥିତିର ସାମ୍ନା କରିବାକୁ ଯାଇ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ପ୍ରଶାସନ, ପ୍ରକାଶନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ବୃହସ୍ପତି ସ୍ୱଭାବରୁ ଷଷ୍ଠସ୍ଥ ଯୋଗୁ ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା** ଗୁରୁଙ୍କ ଶୁଭଦୃଷ୍ଟି ପାରିବାରିକ ଜୀବନରେ ସହାନୁଭୂତି ଲାଭ ସହ ସମ୍ପର୍କୀୟଙ୍କ ପରିବର୍ତ୍ତିତ ମନୋଭାବରୁ ଖୁସି ରହିବେ। ପ୍ରବାସୀ ସନ୍ତାନଙ୍କ ପାଇଁ ମନରେ ଭାବନାର ଜୁଆର ଉଙ୍କି ମାରିପାରେ। ପ୍ରତ୍ୟେକ କ୍ଷେତ୍ରରେ ହତୋତ୍ସାହିତ ନ ହୋଇ କାମ କରିଚାଲିଲେ ସଫଳତା ଅବଶ୍ୟ ପାଇବେ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ଅଷ୍ଟମାଧିପତି ଚନ୍ଦ୍ର ଭାଗ୍ୟସ୍ଥାନରେ ରହି ଆପଣଙ୍କ ପ୍ରତ୍ୟେକ ଉଦ୍ୟମକୁ ସମସ୍ୟାବହୁଳ କରିପାରନ୍ତି। ଅନ୍ୟ ଗ୍ରହଙ୍କ ଶୁଭତ୍ୱରୁ ରାଜନୀତି, ସଭାସମିତି, ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟ, ସାହିତ୍ୟ, ଗବେଷଣାରୁ ପ୍ରଶଂସିତ ହେବେ। ଚତୁର୍ଥାଧିପ ଷଷ୍ଠସ୍ଥ ରୋଗପୀଡ଼ା, ଋଣ ଚିନ୍ତା ଓ କାର୍ଯ୍ୟହାନି ଜନିତ ଶୋକାକୁଳ ହୋଇପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି ପଦକ୍ଷେପ ନିଅନ୍ତୁ। ସବୁ ସମୟରେ ପାଖରେ ରହୁଥିବା କର୍ମଚାରୀଟିର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ସପ୍ତମାଧିପତିଙ୍କ ପ୍ରଭାବରେ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କର୍ମସ୍ଥ ଶୁକ୍ରଙ୍କ ସୁପ୍ରଭାବ ଯୋଗୁ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବା ସହ ପ୍ରଶଂସିତ ହେବେ।

**କୁମ୍ଭ** ଆଜି ଦିନସାରା ବିଭିନ୍ନ ସମସ୍ୟାମୂଳକ କାମର ସମାଧାନ ଦିଗରେ ବ୍ୟସ୍ତ ରହିବେ। ସମ୍ପର୍କୀୟଙ୍କ ସହ ମିଶି କାମ ହାସଲ କରିବାର ଅବକାଶ ପାଇପାରନ୍ତି। ଆନୁଷ୍ଠାନିକ, ସାମାଜିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କ୍ରମବର୍ଦ୍ଧମାନ ଆର୍ଥିକ ସ୍ଥିତି ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିବ।

**ମୀନ** ଭାଗ୍ୟସ୍ଥାନ ଗୁରୁଦୃଷ୍ଟିରୁ ଅପୂର୍ବ ଯୋଗର ସମନ୍ୱୟ ପ୍ରତ୍ୟେକ କାମରେ ସିଦ୍ଧିଲାଭ କରାଇବାରେ ସାହାଯ୍ୟ କରିବ। ଆନୁଷ୍ଠାନିକ କାମ, କଳା, ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରିବ। ବନ୍ଧୁ ଈର୍ଷାନ୍ୱିତ ହୋଇ ନିଜର ସୁବିଧା ହାସଲ କରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପ୍ରାୟତଃ ମାନ୍ଦା ହେବ ନାହିଁ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, ଭଗତ ସିଂ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ କୃଷ୍ଣପକ୍ଷର ସର୍ବସମ୍ମତ ଇନ୍ଦିରା ଏକାଦଶୀ, ଶନିବାର, ଦିବା ଘ.୦୨।୫୦ ପରେ ଦ୍ୱାଦଶୀ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ମହାଳୟା ବିଧିରେ କରାଯିବ, ସକାଳ ଘ.୦୭।୧୫ ଗତେ ଘ. ୦୮।୩୮ ମଧ୍ୟେ, ଘ.୧୨।୦୦ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୭ ମଧ୍ୟେ ରାହୁ କାଳ।



ଉତ୍ୟକ୍ତ ଲୋକେ ଶୁକ୍ରବାର ସନ୍ଧ୍ୟାରେ ଧାମନଗର ଥାନା ଘେରାଉ କରିଛନ୍ତି।

## ସୋସିଆଲ ମିଡିଆ...

ପ୍ରଥମ ପୃଷ୍ଠାରୁ...

କରିଥିଲେ। ୨ ଦିନ ଭିତରେ ଉକ୍ତ ଯୁବକଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପୋଷ୍ଟ କରିଥିବା ଯୁବକ ଜଣକ ସୋସିଆଲ ମିଡିଆରେ ପୁନର୍ବାର କିଛି ମେସେଜ୍ କରିବା ପରେ ଶୁକ୍ରବାର ଅପରାହ୍ନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ଯୁବକ ଏକଜୁଟ ହୋଇ ଭଦ୍ରକ ସହର ଆଡ଼କୁ ଆସୁଥିବା ପୋଲିସ ଖବର ପାଇଥିଲା। ସନ୍ଥିଆ ପୋଲ ନିକଟରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ସେମାନେ ଉକ୍ତ ଯୁବକଙ୍କୁ ଏବେ ତୁରନ୍ତ ଗିରଫ କରାଯାଉ ବୋଲି ଅଡ଼ି ବସିବା ସହ ଟାୟାର ଜାଳି ସନ୍ଥିଆ ପୋଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ସହ ଯୁକ୍ତିତର୍କ ଓ ଠେଲାପେଲା ହେବାରୁ ପୋଲିସ ଲାଠି ଧରି ସେମାନଙ୍କୁ ଘଉଡ଼ାଇଥିଲା। ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଇଟାପଥର ମାଡ଼ କରିବାରୁ ଟାଉନ ଥାନା ଏସ୍‌ଆଇ ରୋଜେନ ମୁର୍ମୁଙ୍କ ମୁଣ୍ଡ ଫାଟିବା ସହ ଗୁରୁତର ଆହତ ହୋଇଛନ୍ତି। ଏକାଧିକ ପୋଲିସ କର୍ମଚାରୀଙ୍କ ଉପରେ ଢେଲା ମାଡ଼ ହୋଇଛି। ସିଟି ଡିଏସ୍‌ପି ଦ୍ୱିବେଦୀ ବୁଝାଶୁଝା କରୁଥିବା ବେଳେ ଆକ୍ରମଣରେ ଆହତ ହୋଇଛନ୍ତି। ସେହିପରି ଢେଲା ମାଡ଼ରେ ତହସିଲଦାରଙ୍କ ଗାଡ଼ି କାଚ ଭାଙ୍ଗିଯାଇଛି। ଉପଜିଲାପାଳ ମନୋଜ ପାତ୍ରଙ୍କ ନିର୍ଦ୍ଦେଶନାମା ନଂ. ୧୬୯୬ ଅନୁଯାୟୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉତ୍ତେଜନା ଅଞ୍ଚଳରେ ୧୬୩ ଧାରା ଜାରି କରାଯାଇଛି। ଏହି ସମୟ ମଧ୍ୟରେ କୌଣସି ସଭା ସମିତି ନ କରିବା, ଏକତ୍ରିତ ନ ହେବାକୁ ପୁରୁଣାବଜାର ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରାଯାଇଛି। ଘଟଣାସ୍ଥଳରେ ସିଟି ଡିଏସ୍‌ପି, ତହସିଲଦାର, ଟାଉନ ଥାନାଧିକାରୀ ଓ ପୁରୁଣାବଜାର ଥାନାଧିକାରୀ ନୀରୋଜ ସାମଲ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ରାତିରେ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ପୁରୁଣାବଜାର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇ ଦୋକାନ ବଜାର ବନ୍ଦ କରାଯାଇଛି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟ କରିଥିବା ଯୁବକଙ୍କୁ ଦୁଇଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ପୂର୍ବରୁ ସେମାନେ ବହୁସଂଖ୍ୟାରେ ଏକତ୍ରିତ ହୋଇ ଆଇନଶୃଙ୍ଖଳା ପରିସ୍ଥିତିକୁ ହାତକୁ ନେଇଥିବାରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିବା ସିଟି ଡିଏସ୍‌ପି ଦ୍ୱିବେଦୀ କହିଛନ୍ତି। ଡିଆଇଜି ସତ୍ୟଜିତ୍ ନାୟକ, ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି ଓ ବିଧାୟକ ସିତାଂଶୁ ଶେଖର ମହାପାତ୍ର ପୁରୁଣାବଜାର ଥାନାରେ ପହଞ୍ଚି ଆଲୋଚନା କରିଛନ୍ତି।

## ଅନାହାରରେ ଆଖି ...

ପ୍ରଶାସନିକ ଅଧିକାରୀ ନ ଆସିବାରୁ ଖବରପାଇ ମାହାଙ୍ଗା ଭାଜପା ନେତା ସୁମନ୍ତ ଘଡେଇ ଘଟଣାସ୍ଥଳରେ ପହଞ୍ଚି କଟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶୁକ୍ରବାର ରାତି ପ୍ରାୟ ୮ଟା ୩୦ବେଳେ ବିଡିଓ ବିରଞ୍ଚି ନାରାୟଣ ମଲ୍ଲିକ, ତହସିଲଦାର ଅନିତା ନାୟକ, ଆଇଆଇସି ଯୁଗଳକିଶୋର ଦାସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକେ ବିଡିଓଙ୍କୁ ଘେରାବନ୍ଦୀ କରି କାହିଁକି ଆରତୀଙ୍କୁ ଠିକ୍ ସମୟରେ ପ୍ରଶାସନିକ ସହାୟତା ମିଳିଲାନି ବୋଲି ପ୍ରଶ୍ନ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଇଥିବାବେଳେ ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଏହି ଗ୍ରାମରେ ଦୀର୍ଘବର୍ଷ ହେବ ଅଶୋକ ଓ ୨ ନାବାଳିକା କନ୍ୟାଙ୍କ ସହ ଆରତୀ ରହି ଆସୁଥିଲେ। ଅଶୋକ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ୩ରୁ ୪ ବର୍ଷ ତଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କୌଣସି ଜମିବାଡ଼ି ନ ଥିବାରୁ ପରିବାର ଲୋକେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଇଥିଲେ। ଏଭଳିସ୍ଥିତିରେ ତାଙ୍କର ଜଣେ ନାବାଳିକା ଅନ୍ତଃସତ୍ତ୍ୱା ହେବା ଯୋଗୁ ପ୍ରଶାସନ ତରଫରୁ ତାଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇ ଥିଲା। ନିକଟରେ ସମ୍ପୃକ୍ତା ନାବାଳିକା ଏକ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ଅପରପକ୍ଷେ ଆରତୀ ଓ ସାନ ଝିଅ ଗ୍ରାମରେ ଜଣଙ୍କ ଘରେ ଭଡ଼ାସୂତ୍ରରେ ରହି ଆସୁଥିଲେ। ତେବେ ଆର୍ଥିକ ଅନଟନ ଯୋଗୁ ମା'ଝିଅ ପେଟକୁ ଦାନା ଓ ଦେହକୁ ଖଣ୍ଡେ କନା ଠିକ୍ ଭାବେ ପାଇପାରୁ ନ ଥିଲେ। ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ବିଧବା ଭତ୍ତା ଓ ୩ ଜଣଙ୍କ ନିମନ୍ତେ ମାଗଣା ଚାଉଳ ଯୋଗାଇ ଦିଆଯାଇ ଆସୁଥିଲା। ସେତିକିରେ ଗୁଜୁରାଣ ମେଣ୍ଟୁ ନ ଥିଲେ ମଧ୍ୟ ବହୁ ଦୁଃଖକଷ୍ଟରେ ଚଳୁଥିଲେ। ତେବେ ବଡ ଝିଅ ବିଚ୍ଛେଦ ଚିନ୍ତାରେ ଆରତୀ ମାନସିକସ୍ତରରେ ଭାଙ୍ଗି ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗରେ କୌଣସି ମତେ ସାନଝିଅକୁ ବଞ୍ଚାଇ ରଖିଥିଲେ। ଗତ କିଛି ଦିନ ହେବ ଆରତୀ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଘରେ ପଡ଼ି ରହିଥିଲେ। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିଲା। ଏପରିକି ତାଙ୍କ ଖାଦ୍ୟ ପାନୀୟ ମଧ୍ୟ ଏକପ୍ରକାର ବନ୍ଦ ହୋଇଯାଇଥିଲା। ସେ ଘରେ ଉଠିବସି ପାରୁ ନ ଥିଲେ। ଗୁରୁବାର ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ତାଙ୍କ ସାନ ଝିଅ ଏବିଷୟରେ ଜାଣି ନ ପାରି ମା'ଶୋଇଛି ଡାକିଲେ ଉଠୁନାହିଁ ବୋଲି ଗାଁ ଲୋକଙ୍କୁ ଜଣାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଘରକୁ ଯାଇ ଦେଖିଲା ପରେ ଆରତୀଙ୍କ ମୃତ୍ୟୁ ସମ୍ପର୍କରେ ଜଣାପଡ଼ିଥିଲା। ତାଙ୍କ ଦେହରେ ପିମ୍ପୁଡି ଧାର ଲାଗିଥିବା ବେଳେ ଘରୁ ପଚାଗନ୍ଧ ମଧ୍ୟ ବାହାରି ଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ଜୟଦେବ ରାଉତ, ୱାର୍ଡସଭ୍ୟ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ରାଉତ ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓ ,ସିଡିପିଓ ଓ ଥାନା ଆଇଆଇସିଙ୍କୁ ଅବଗତ କରାଇଥିଲେ ମଧ୍ୟ ଘଟଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସିବା ତ ଦୂରର କଥା ଏହା ଉପରେ କୌଣସି ପଦକ୍ଷେପ ମଧ୍ୟ ନେଇ ନ ଥିଲେ। ରିପୋର୍ଟ ଲେଖାହେଲାବେଳକୁ ଘରେ ମୃତଦେହ ପଡ଼ିରହିଥିଲା। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପରେ ପ୍ରଶାସନ ଅଧିକାରୀ ସେଠାରେ ପହଞ୍ଚିଛନ୍ତି।

ଶନିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମୃତଦେହ ଉଠି ନ ଥିବାରୁ ସ୍ଥାନୀୟ ରାଧାକାନ୍ତ ଜୀଉଙ୍କ ନୀତିକାନ୍ତି ବନ୍ଦ ରହିଛି। ଅପରପକ୍ଷେ ବସୁନ୍ଧରାରେ ଥିବା ସମ୍ପୃକ୍ତ ଆରତୀଙ୍କ ବଡ଼ ଝିଅ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ସାନଝିଅକୁ ମଧ୍ୟ ବଡ଼ ଭଉଣୀଙ୍କ ସାଙ୍ଗରେ ସେଠାକୁ ପଠାଇବା ପାଇଁ ତହସିଲଦାରଙ୍କୁ ନିବେଦନ କରିବା ପରେ ଉଭୟ ଭଉଣୀ ବସୁନ୍ଧରାକୁ ଚାଲିଯାଇଛନ୍ତି। ସୂଚନାଯୋଗ୍ୟ, ଏ ସମ୍ପର୍କରେ ଧରିତ୍ରୀରେ ସେପ୍ଟେମ୍ବର ୧୬ରେ 'ଅନାହାରରେ ବିତୁଛି ମା' ଝିଅଙ୍କ ଜୀବନ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଚିକିତ୍ସା ଅଭାବ ଓ ଅନାହାର କାରଣରୁ ଅକାଳରେ ଆରତୀ ଆଖି ବୁଜିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ତରଫରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ୨ ଦୋଷୀଙ୍କୁ ଫାଶୀ ...

ଟଙ୍କା ଲୋଭରୁ ୨ ଅଭିଯୁକ୍ତ ଘଟାଇଥିବା ଏହି ହତ୍ୟାକାଣ୍ଡ ସେତେବେଳେ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ସାଉଣ୍ଡ ବ୍ୟବସାୟ ବଢ଼ାଇବା ପାଇଁ ବିରଞ୍ଚି ୧ ଲକ୍ଷ ୬୩ ହଜାର ଟଙ୍କା ଋଣ କରିଥିଲେ। ଏହି ଟଙ୍କା ହାତେଇବା ପାଇଁ ଅଭିଯୁକ୍ତ ନନ୍ଦକିଶୋର ଯୋଜନା କରିଥିଲେ। ଗାଡ଼ି କିଣିବା ବାହାନାରେ ସେ ବିରଞ୍ଚିଙ୍କୁ ଟଙ୍କା ମାଗିଥିଲେ। ବିରଞ୍ଚି ଟଙ୍କା ଆଣି ନ ଥିବା କହିଥିଲେ ହେଁ ଅଭିଯୁକ୍ତ ତାଙ୍କ ପିଛା ଛାଡ଼ି ନ ଥିଲେ। ଏପରି କି ଟଙ୍କା ମାଗି ବିଫଳ ହେବା ପରେ ନନ୍ଦକିଶୋର ଯାତ୍ରା ଦେଖିଯିବାକୁ ବିରଞ୍ଚିଙ୍କୁ ପ୍ରସ୍ତାବ ଦେଇଥିଲେ। ପରେ ଅନ୍ୟତମ ଅଭିଯୁକ୍ତ ପ୍ରକାଶଙ୍କ ସହ ନନ୍ଦକିଶୋର ବାଇକ୍‌ରେ ଆସି ବିରଞ୍ଚିଙ୍କୁ ଘରୁ ଡାକି ନେଇଥିଲେ। ତିନିଜଣ ମିଶି ଠାକୁରଗଡ଼ ଥାନା ପୋକଣ୍ଡା ନନ୍ଦଇତଳା ପୋଲ ଉପରେ ମଦ ପିଇଥିଲେ। ସେଠାରେ ମଧ୍ୟ ଦୁହେଁ ବିରଞ୍ଚିଙ୍କୁ ଟଙ୍କା ମାଗିଥିଲେ। ବିରଞ୍ଚି ସିଧାସଳଖ ମନା କରିବାରୁ ଅଭିଯୁକ୍ତ ନନ୍ଦକିଶୋର ଓ ପ୍ରକାଶ କଟୁରିରେ ତାଙ୍କ ତଣ୍ଟି କାଟି ପୋଲ ତଳକୁ ପକାଇ ଦେଇଥିଲେ। ଏହାପରେ ୨ ଅଭିଯୁକ୍ତ ଗମ୍ଭାରିମଳିହାସ୍ଥିତ ବିରଞ୍ଚିଙ୍କ ଘରେ ପହଞ୍ଚି ଦୁର୍ଘଟଣାରେ ସ୍ୱାମୀ ଗୁରୁତର ହୋଇଥିବାରୁ ସବୁତକ ଟଙ୍କା ଧରି ସେମାନଙ୍କ ସହ ଯିବାକୁ ତରଣୀଙ୍କୁ କହିଥିଲେ। କିନ୍ତୁ ତରଣୀ ସ୍ୱାମୀଙ୍କୁ ମାରିଦିଆଯାଇଥିବା ଅନୁମାନ କରି ଜୋର୍‌ରେ ପାଟି କରିବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କୁ ହାଣିଦେଇଥିଲେ। ସେମାନେ ବିରଞ୍ଚିଙ୍କ ଘରେ ଟଙ୍କା ଖୋଜାଖୋଜି କରୁଥିବା ବେଳେ ୮ ବର୍ଷର ପୁଅ ନବ ନିଦରୁ ଉଠିପଡ଼ିଥିଲେ। ଏହାପରେ ୨ ଅଭିଯୁକ୍ତ ଦୁର୍ଘଟଣା ଯୋଗୁ ବିରଞ୍ଚି ରାସ୍ତାରେ ପଡ଼ିଥିବା କହି ପୁଅ ନବଙ୍କୁ ବାଇକ୍‌ରେ ନେଇ ନନ୍ଦଇଳା ପୋଲ ତଳକୁ ଯାଇଥିଲେ। ସେଠାରେ ବିରଞ୍ଚିଙ୍କ ମୃତଦେହ ଦେଖାଇବା ପରେ ନବଙ୍କ ତଣ୍ଟି କାଟି ୨ କି.ମି. ଦୂର ପୋକଣ୍ଡା-ମିଣ୍ଡୋଳ ରାସ୍ତାର ତଳସାହି ଗଛମୂଳେ ପକାଇ ଦେଇଥିଲେ। ଘଟଣା ସମ୍ପର୍କରେ ମୃତ ବିରଞ୍ଚିଙ୍କ ଭାଇଙ୍କ ଏତଲାକୁ ଭିତ୍ତିକରି କିଶୋରନଗର ଥାନାରେ ମାମଲା ରୁଜୁ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାର କରି ଆଠମଲ୍ଲିକ ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ସୂଚନା ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାଶ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଦେଓ ପରିଚାଳନା କରିଥିଲେ। ଏପରି ଦଣ୍ଡାଦେଶ ଆଠମଲ୍ଲିକ କୋର୍ଟ ପାଇଁ ପ୍ରଥମ ଘଟଣା।

## ଥାନାରୁ ଗେଟ୍ ଆଉଟ ...

କରିବାକୁ ଡାକି ନେଇଥିଲେ। ପରେ ଆନ୍ଦୋଳକାରୀଙ୍କ ସହ ସେ ମଧ୍ୟ ଥାନାକୁ ଯାଇଥିଲେ। ତେବେ ସେଠାରେ ଥାନା ଅଧିକାରୀ ତାଙ୍କୁ ଦେଖି ଉତ୍‌କ୍ଷିପ୍ତ ହୋଇଉଠିଥିଲେ । ଦୁର୍ବ୍ୟବହାର କରିବା ସହ ଥାନାରୁ ଗେଟଆଉଟ ବୋଲି କହିଥିଲେ। ଏହାର ପ୍ରତିବାଦ କରି ଆନ୍ଦୋଳନକାରୀମାନେ ଥାନା ସମ୍ମୁଖରେ ଧାରଣାରେ ବସିବା ସହ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ସହ ଥାନାରେ ହୋଇଥିବା ବ୍ୟବହାର ସହ ଅନ୍ୟ ଏକ ସମୟରେ ରାଜ୍ୟର ମନ୍ତ୍ରୀ ଥିବା ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଜଣେ ଜିଲାପାଳ କିଭଳି ବସିବାକୁ ଚେୟାରଟିଏ ବି ଦେଇ ନ ଥିଲେ ତାହାର ଉଦାହରଣ ଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପଛାଇ ନାହାନ୍ତି।




# ଉପାନ୍ତ ଅଞ୍ଚଳରେ ଶତ ପ୍ରତିଶତ ସେବା ମିଳିବା ସୁନିଶ୍ଚିତ କର: ମନ୍ତ୍ରୀ

## ଜିଲାପାଳ ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଜିଲାପାଳ ସମ୍ମିଳନୀର ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ (ସହରାଞ୍ଚଳ) ଏବଂ ପାନୀୟଜଳ ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଛି। ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏଥିରେ ମନ୍ତ୍ରୀ ନାଏକ କହିଛନ୍ତି, ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏହାସହ ସବୁଠାରୁ ଉପାନ୍ତ ଅଞ୍ଚଳରେ ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ ପାନୀୟଜଳର ଶତ ପ୍ରତିଶତ ସେବା ଯୋଗାଇ ଦିଆଯାଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ନାଏକ ଜିଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗ୍ରାମାଞ୍ଚଳରେ ପ୍ରତିଟି ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଅଛନ୍ତି। ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏହି ଦିଗରେ ସମସ୍ତ ପ୍ରୟାସ କରୁଛି। ବର୍ତ୍ତମାନ ସୁଦ୍ଧା ଗ୍ରାମାଞ୍ଚଳର ୭୫% ପରିବାରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି, ଜିଲାପାଳମାନେ ଉନ୍ନତିର ମୁଖ୍ୟ କର୍ଣ୍ଣଧାର। ସେମାନଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ ଉନ୍ନତିର କ୍ରମଃବିକାଶ ହୋଇପାରିବ। ସହରାଞ୍ଚଳରେ ଶତ ପ୍ରତିଶତ ପାନୀୟ ଜଳ ଯୋଗାଣ ସେବାକୁ ସୁନିଶ୍ଚିତ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।




# ଧାନ ନେଇ ଯାଉଥିବା ଗାଡ଼ିର ଜିପିଏସ୍ ଟ୍ରାକିଂ ହେବ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ଯେଉଁ ଜିଲାର ମଣ୍ଡିଗୁଡ଼ିକରେ କୌଣସି କାରଣବଶତଃ ଧାନ ସଂଗ୍ରହ ହୋଇପାରୁନାହିଁ, ସେହି କ୍ଷେତ୍ରରେ ନିକଟତମ ଜିଲାର ମଣ୍ଡିରେ ଚାଷୀମାନେ ନିଜର ଧାନକୁ ବିକ୍ରି କରିପାରିବେ। ସଂଗୃହୀତ ଧାନର ଅନଲାଇନ ପଞ୍ଜୀକରଣ ହେବା ଆବଶ୍ୟକ। ଧାନ ନେଇ ଯାଉଥିବା ଗାଡି ଗୁଡିକର ଜିପିଏସ ଟ୍ରାକିଂ କରାଯିବ। ଯେପରିକି ଏଥିରେ କୌଣସି ଟାମ୍ପରିଂ ନ ହେବ। ମିଲରମାନଙ୍କ ତରଫରୁ ଚାଷୀଙ୍କୁ ଖୋଟ ବସ୍ତା ଓ ସୁତୁଲି ଯୋଗାଇ ଦିଆଯିବ। ଗଚ୍ଛିତ ଫସଲର ସୁରକ୍ଷା ପାଇଁ ୫୮ଟି ଶୀତଳ ଭଣ୍ଡାର ରାଜ୍ୟରେ ଖୁବଶୀଘ୍ର ଖୋଲାଯିବ। ରାଜ୍ୟର ଚାଷୀମାନେ କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏକାଧିକ ଫସଲ ଜୈବିକ ଉପାୟରେ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି।

ଜିଲାପାଳ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂ ଦେଓ କହିଛନ୍ତି, ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ଏଗ୍ରି ଷ୍ଟାକ ଆପ୍ ସୃଷ୍ଟି କରାଯାଇଛି। ଏଥିରେ ଚାଷୀ ଓ ଚାଷ ଜମିର ପଞ୍ଜୀକରଣ ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ହେବ। ଜମିପଟ୍ଟା ଥିବା ସମସ୍ତ ଚାଷ ଜମିର ମାଲିକ ଏଥିରେ ପଞ୍ଜୀକରଣ କରିପାରିବେ। ସରକାରଙ୍କ ତରଫରୁ ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ମଧ ଚାଷୀଙ୍କ ତଥ୍ୟ ସଂଗ୍ରହ କରାଯାଇ ଏଥିରେ ଉପଲବ୍ଧ କରାଯିବ। ଏହି ଅବସରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଧାନ ସଂଗ୍ରହ ବେଳେ କଟନୀ-ଛଟନୀରେ ପୂର୍ଣ୍ଣଚ୍ଛେଦ ଟାଣିବା ପାଇଁ ଦୃଢ ତଦାରଖ ବ୍ୟବସ୍ଥା ଗ୍ରହଣ କରିବା ଦରକାର। ଧାନ ସଂଗ୍ରହ କେନ୍ଦ୍ରର ଭିତ୍ତିଭୂମିରେ ବ୍ୟାପକ ରୂପାନ୍ତର ଆସିବ। ଶତପ୍ରତିଶତ ସିସିଟିଭି ତଦାରଖ ବ୍ୟବସ୍ଥା ସହ ସ୍ୱଚ୍ଛ ପାନୀୟ ଜଳ, ଶୌଚାଳୟ, ଆବଶ୍ୟକୀୟ ଆଲୋକ, ପିଣ୍ଡି ଉପରେ ଛାତ, ବିଶ୍ରାମ ଗୃହ ଆଦି ମୌଳିକ ସୁବିଧା ସୁନିଶ୍ଚିତ କରାଯିବ। କୃତ୍ରିମ ବୁଦ୍ଧିମତାର ପ୍ରୟୋଗରେ ସ୍ୱୟଂଚାଳିତ ଯନ୍ତ୍ର ମାଧ୍ୟମରେ ଧାନର ଓଜନ କରାଯିବ। ଫଳରେ ଚାଷୀ ତା'ର ଉପଯୁକ୍ତ ପାଉଣା ପାଇବ ବୋଲି ମନ୍ତ୍ରୀ କହିଛନ୍ତି। କ୍ଷୁଦ୍ର, ମଧ୍ୟମ ଓ ବୃହତ ବର୍ଗରେ ରାଜ୍ୟରେ ସର୍ବମୋଟ ୪୦୦୬ଟି ମଣ୍ଡିରେ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ହେବ। ଏହି ଅବସରରେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, ଆସନ୍ତା ୨ ମାସ ମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଧାନ କିଣା ପ୍ରକ୍ରିୟାରେ କୌଣସି ମଧ୍ୟସ୍ଥି କିମ୍ବା କଟଣି-ଛଟଣୀକୁ ବରଦାସ୍ତ କରାଯିବ ନାହିଁ। ଚାଷୀଙ୍କ ଠାରୁ ଏଫଏକ୍ୟୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ ସଂଗ୍ରହ କରିବା ସହ ସେମାନଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

# ଜାନୁଆରୀ ୨୮ରେ ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭ




ଶୁକ୍ରବାର ଉତ୍କର୍ଷ ଓଡ଼ିଶା ମେକ ଇନ ଓଡିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ସଚିବ ହେମନ୍ତ ଶର୍ମା।

ଭୁବନେଶ୍ୱର,୨୭।୯
(ଅନୁରାଧା ମହାରଣା)

## ଲୋଗୋ ଉନ୍ମୋଚିତ

୨୦୨୫ ଜାନୁଆରୀ ୨୮ ଓ ୨୯ରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡିଶା ମେକ ଇନ ଓଡିଶା କନକ୍ଲେଭ-୨୦୨୫ ଲୋଗୋ ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଶୁକ୍ରବାର ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉନ୍ମୋଚନ କରିଛନ୍ତି। ଏ ପରିପ୍ରେକ୍ଷୀରେ ରାଜ୍ୟକୁ ଆହୁରି ଶିଳ୍ପ ସମୃଦ୍ଧ କରିବା ପାଇଁ ଉତ୍ପାଦନ, ଭିତ୍ତିଭୂମି, ବସ୍ତ୍ର, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ପ୍ରମୁଖ କ୍ଷେତ୍ରଗୁଡିକରେ ବିନିଯୋଗ ପାଇଁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର ନିବେଶକମାନଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱରେ ଓଡିଶାକୁ ଏକ ପ୍ରମୁଖ ପୁଞ୍ଜି ବିନିଯୋଗ ସ୍ଥଳ ଭାବେ ପରିଣତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧ। ଉତ୍କର୍ଷ ଓଡିଶା ୨୦୨୫ କେବଳ ବିନିଯୋଗର ଏକ ପ୍ରମୁଖ ସ୍ଥଳ ଭାବେ କାର୍ଯ୍ୟ କରିବ ନାହିଁ ଏହା ନିବେଶକ ମାନଙ୍କୁ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବାର ସୁଯୋଗ ମଧ୍ୟ ଦେବ ବୋଲି ସେ କହିଛନ୍ତି। ଓଡିଶାର ଦ୍ରୁତ ଶିଳ୍ପାୟନର ଯାତ୍ରାକୁ ନେଇ ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଭବିଷ୍ୟତ ପାଇଁ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହ ନୂତନ ସର୍ଜନା, ସ୍ଥାୟିତ୍ୱକୁ ନେଇ ନିବେଶକମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ପ୍ରଭାତି ପରିଡା, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ବରିଷ୍ଠ ଶିଳ୍ପ ପତି, ପ୍ରମୁଖ ଶିଳ୍ପ ସଂଗଠନ, ସମସ୍ତ ଜିଲାପାଳ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାଇକୋର୍ଟଙ୍କ ଆଦେଶ ଅବମାନନା ନେଇ ପିଟିଶନ

## ଗଣମାଧ୍ୟମରେ ଆର୍ମି ଅଧିକାରୀ ବାନ୍ଧବୀଙ୍କ ବୟାନ

କଟକ,୨୭।୯ (କାର୍ତ୍ତିକ ସାହୁ)

ଭରତପୁର ପୋଲିସ ଓ ଆର୍ମି ଅଧିକାରୀ ବିବାଦ ଘଟଣା ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ଆର୍ମି ଅଧିକାରୀଙ୍କ ବାନ୍ଧବୀ ଜାତୀୟ ଗଣମାଧ୍ୟମରେ ବୟାନ ଦେଇ ହାଇକୋର୍ଟଙ୍କ ଆଦେଶ ଅବମାନନା କରିଥିବା ନେଇ ଏକ ପିଟିଶନ ଦାଏର ହୋଇଛି। ଭରତପୁର ଥାନାର ଜଣେ ନିଲମ୍ବିତ ପୋଲିସ ଏସ୍‌ଆଇଙ୍କ ମା' ଏହି ପିଟିଶନ ଦାଏର କରିଛନ୍ତି। ଆସନ୍ତା ୩ ତାରିଖରେ ମାମଲାର ଶୁଣାଣି ହେବ ବୋଲି ଜଣାଯାଇଛି।

ସୂଚନାନୁସାରେ, ଭରତପୁର ଥାନା ବିବାଦ ମାମଲାରେ ଆର୍ମି ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କ ନାମ ପ୍ରଘଟ ନ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର ପିଡ଼ିତା ବାନ୍ଧବୀ ଜଣକ ଏକ ଜାତୀୟ ଗଣମାଧ୍ୟମରେ ଘଟଣା ସମ୍ପର୍କରେ ବୟାନ ଦେଇଥିଲେ। ପୋଲିସ ଏସ୍‌ଆଇ ଦ୍ୱାରା ନିର୍ଯାତନାର ଶିକାର ହେବା ପରେ ନିଜକୁ ରକ୍ଷା କରିବାକୁ ଯାଇ ବାନ୍ଧବୀ ତାଙ୍କ ହାତ କାମୁଡ଼ି ଦେଇଥିଲେ। ଏସ୍‌ଆଇ ଜଣକ ତାଙ୍କୁ ବର୍ବରୋଚିତ ଭାବେ ଆକ୍ରମଣ କରିଥିବା ସମ୍ପର୍କରେ ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି ବୟାନ ଦ୍ୱାରା ସମ୍ପୃକ୍ତ ଏସ୍‌ଆଇ ମାନସିକ ଭାବେ ଆଘାତ ପାଇଥିବା ଓ ତାଙ୍କ ସମ୍ମାନ ହାନି ହୋଇଥିବା ଦର୍ଶାଇ ତାଙ୍କ ମା' ହାଇକୋର୍ଟରେ ପିଟିଶନ ଦାଏର କରିଛନ୍ତି।

# ଅବଢ଼ା ମାନ ଯାଞ୍ଚ କରିବାକୁ ନିଯୁକ୍ତ ହେବେ ଫୁଡ୍ ଇନ୍ସପେକ୍ଟର: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ତିରୁପତି ବାଲାଜୀ ମନ୍ଦିର ଲଡ୍ଡୁ ବିବାଦ ପରେ ପୁରୀ ଜଗନ୍ନାଥ ମନ୍ଦିରକୁ ନେଇ ରାଜ୍ୟ ସରକାର ଯତ୍ନବାନ୍ ହୋଇଛନ୍ତି। ଶ୍ରୀମନ୍ଦିର ରୋଷଘରକୁ ଯାଉଥିବା ଘିଅ ସହ ଅନ୍ୟ ସାମଗ୍ରୀ ଓ ସେଠୁ ବାହାରୁଥିବା ଅବଢ଼ାର ମାନ ଯାଞ୍ଚ ହେବ। ସେଥିପାଇଁ ଜଣେ ଫୁଡ୍ ଇନ୍ସପେକ୍ଟର ନିଯୁକ୍ତ ହେବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସେପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ଭକ୍ତ ସ୍ୱାଗତ କରିଥିବା ବେଳେ ସୁପକାର ସେବକ କହିଛନ୍ତି, ରନ୍ଧା ପୂର୍ବରୁ ସାମଗ୍ରୀର ମାନ ପରୀକ୍ଷଣ ଠିକ୍। କିନ୍ତୁ ମହାପ୍ରସାଦ ହେବାପରେ ତା'ର ଯାଞ୍ଚ ଶାସ୍ତ୍ର ବିରୋଧୀ। ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ କହିଛନ୍ତି, ଜଗନ୍ନାଥ ମନ୍ଦିରରେ ମହାପ୍ରସାଦର ମାନ ଯାଞ୍ଚ ପାଇଁ ନିଯୁକ୍ତ ହେବେ ଫୁଡ୍ ଇନ୍ସପେକ୍ଟର। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା ସରିଛି। ଖାଲି ଅବଢ଼ା ନୁହେଁ, ଅବଢ଼ା ପ୍ରସ୍ତୁତିରେ ଲାଗୁଥିବା ଘିଅର ମାନ ପରୀକ୍ଷା ହେବ। ତିରୁପତି ବାଲାଜୀଙ୍କ ଲଡ୍ଡୁ ପ୍ରସ୍ତୁତିରେ ପଶୁ ଚର୍ବି ବ୍ୟବହାର ହେଉଥିବାର ସାଂଘାତିକ ଅଭିଯୋଗ ଯେଉଁଭଳି ଭାବେ ବହୁ କୋଟି ଭକ୍ତଙ୍କ ଭାବାବେଗକୁ ଦୋହଲାଇ ଦେଇଛି, ପୁରୀ ମନ୍ଦିରରେ ସେଭଳି ଘଟଣା ଘଟିବା ପୂର୍ବରୁ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।



ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -ଶ୍ରୀମା

-ସର୍ବସମ୍ମତ ଇନ୍ଦିରା
ଏକାଦଶୀ ଓ ହଳ ନିଷେଧ



# ବନ୍ୟା ପ୍ରଭାବ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଏକ ଆଶ୍ଚର୍ଯ୍ୟଜନକ ପଦକ୍ଷେପ କ୍ରମେ ପଶ୍ଚିମବଙ୍ଗର ଶକ୍ତି ସଚିବ ଶାନ୍ତନୁ ବସୁ ଦାମୋଦର ଉପତ୍ୟକା ନିଗମ (ଡିଭିସି) ବୋର୍ଡ ପଦବୀରୁ ଇସ୍ତଫା ଦେଇଥିବା ଇମେଲ୍‌ରେ ଘୋଷଣା କରିଛନ୍ତି। ଡିଭିସିର ଡ୍ୟାମ୍ ସିଷ୍ଟମରୁ ଅନିୟନ୍ତ୍ରିତ ଭାବେ ପାଣି ଛଡ଼ାଯିବା ଘଟଣା ସହ ତାଙ୍କ ଇସ୍ତଫାର ସମ୍ପର୍କ ଅଛି ବୋଲି ଜଣାପଡ଼ିଛି। ଏଭଳି ପାଣି ଛଡ଼ାଯିବା ଦ୍ୱାରା ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ହଜାର ଲୋକଙ୍କର ବ୍ୟାପକ କ୍ଷତି ଘଟିଥିଲା। ବସୁ ସ୍ପଷ୍ଟ କରିଛନ୍ତି ଯେ, ଏହା ହେଉଛି ତାଙ୍କ ଇସ୍ତଫାର କାରଣ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବାର ନୈରାଶ୍ୟତାକୁ ଦର୍ଶାଏ। କୌତୂହଳର ବିଷୟ, ଏହି ଘଟଣା ସହ ପଶ୍ଚିମବଙ୍ଗ ଜଳସେଚନ ଏବଂ ଜଳପଥ ବିଭାଗର ମୁଖ୍ୟ ଇଞ୍ଜିନିୟର ଦାମୋଦର ଉପତ୍ୟକା ଜଳଭଣ୍ଡାର ନିୟାମକ କମିଟିର ନିଷ୍ପତ୍ତିକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। ତେବେ କେବଳ ବନ୍ୟା ପରିଚାଳନାକୁ ନେଇ ଏହା ଏକ ପ୍ରତିକ୍ରିୟା ଥିଲା କି? ରାଜ୍ୟ ଏବଂ ଡିଭିସି ମଧ୍ୟରେ ଏକ ବଡ଼ ଶାସକୀୟ କିମ୍ବା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି କି? ଏହି ଘଟଣାର ପ୍ରଭାବ ବଡ଼ ହୋଇପାରେ। ବସୁଙ୍କ ଇସ୍ତଫା ସଙ୍କେତ ଦିଏ ଯେ, ଡିଭିସିର ଜଳସମ୍ପଦ ପରିଚାଳନାରେ ଗମ୍ଭୀର ସମସ୍ୟା ଥାଇପାରେ ଏବଂ ଏହା ଉତ୍ତରଦାୟିତ୍ୱ ଓ ତଦାରଖ ବିଷୟକୁ ଆଲୋଚନାକୁ ନେଇପାରେ। ପ୍ରାକୃତିକ ସମ୍ପଦ ପରିଚାଳନାଗତ ତ୍ରୁଟି କିପରି ସ୍ଥାନୀୟ ଲୋକଙ୍କ ପାଇଁ ବିନାଶକାରୀ ପରିଣାମ ଆଣିପାରେ ତାହା ମଧ୍ୟ ସାମ୍ନାକୁ ଆସିଛି। ଅଧିକାରୀମାନେ ଏହାର ପ୍ରତିବାଦରେ ଇସ୍ତଫା ଦେବା ଏକ ବାର୍ତ୍ତା ଦିଏ ଯେ କିଛି ଠିକ୍ ଚାଲିନି। ଏହା ଡିଭିସିର ପରିଚାଳନା କାର୍ଯ୍ୟରେ ଏକ ବଡ଼ ଆଲୋଡ଼ନ ସୃଷ୍ଟି କରିବାର ସମ୍ଭାବନା ଅଛି କି? ତେବେ ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

### ଇଡି ଜାଲରେ ବାବୁ

ପୂର୍ବତନ ଆଇଏଏସ୍ ଅଧିକାରୀ ମୋହିନ୍ଦର ସିଂଙ୍କ ଘର ଓ ସମ୍ପତ୍ତି ଉପରେ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ ଅମଲାତନ୍ତ୍ରିକ ଦୁର୍ନୀତିକୁ ସାମ୍ନାକୁ ଆଣିଛି। ଏହା ସହ ସମାଜ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବକୁ ମଧ୍ୟ ଦର୍ଶାଇଛି। ମାୟାବତୀ ନେତୃତ୍ୱାଧୀନ ବିଏସ୍‌ପି ସରକାରଙ୍କ ଅଧୀନରେ ନୋଏଡା-ଗ୍ରେଟର ନୋଏଡା ପ୍ରାଧିକରଣର ଜଣେ ଶକ୍ତିଶାଳୀ ବ୍ୟକ୍ତି ସିଂ ଏବେ ଲୋଟସ ୩୦୦ ପ୍ରକଳ୍ପ ସହ ଜଡ଼ିତ ୪୨୬ କୋଟି ଟଙ୍କା ସ୍କାମ୍‌ର କେନ୍ଦ୍ରରେ ଅଛନ୍ତି। ଚଢ଼ାଉ ସମୟରେ ୧ କୋଟି ନଗଦ ଟଙ୍କା, ୧୨ କୋଟି ଟଙ୍କା ମୂଲ୍ୟର ହୀରା ଏବଂ ୭ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ ହୋଇଛି। ଦୁର୍ନୀତିର ଏଭଳି ଅଭିଯୋଗ ଜନସାଧାରଣଙ୍କ ବିଶ୍ୱାସକୁ କ୍ଷୁଣ୍ଣ କରିବା ସହ ଗୃହକ୍ରେତା ଏବଂ ସାଧାରଣ ନାଗରିକମାନଙ୍କୁ ସେମାନଙ୍କର କଷ୍ଟ ଉପାର୍ଜିତ ଅର୍ଥରୁ ବଞ୍ଚିତ କରିଛି। ଏହି ଘଟଣାରେ ନିବେଶକମାନଙ୍କୁ ଘର ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ଏହା ବଦଳରେ ସେମାନେ ବଡ଼ ଠକେଇର ଶିକାର ହୋଇଗଲେ। ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କରାଯାଇଥିବା ଇଡି ତଦନ୍ତରେ ପାଣ୍ଠି ଆତ୍ମସାତ୍‌ରେ ସମ୍ପୃକ୍ତ ବିଲ୍ଡର, ଅଧିକାରୀ ଏବଂ ସଂସ୍ଥାଗୁଡ଼ିକର ଏକ ନେଟୱର୍କ ସାମ୍ନାକୁ ଆସିଛି। ସିଂଙ୍କ ପରି ଅମଲାତନ୍ତ୍ରିକ ବ୍ୟକ୍ତିମାନେ ଏହାକୁ ଅଣଦେଖା କରିଛନ୍ତି କିମ୍ବା ସେଥିରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଜନ କଲ୍ୟାଣ ଦାୟିତ୍ୱ ବହନ କରି ବ୍ୟକ୍ତିଗତ ଲାଭ ପାଇଁ କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀମାନଙ୍କ ପାଇଁ ଏଭଳି ପରିଣାମ ଏକ ସ୍ପଷ୍ଟ ଚେତାବନୀ ଦିଏ। ଇଡି ସିଂଙ୍କୁ ଡାକିବା ଏବଂ ଅଧିକ ତଦନ୍ତ କରିବାର ସମ୍ଭାବନା ରହିଥିବାରୁ ତାଙ୍କ ପାଇଁ ଆଇନଗତ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ଏହି ଘୋଟାଲାର ପରିଣାମ ସରକାରୀ କାର୍ଯ୍ୟାଳୟରେ ଅନିୟନ୍ତ୍ରିତ ଦୁର୍ନୀତି ପ୍ରତି ଏକ ସତର୍କ ଘଣ୍ଟି।

### ଦ୍ୱନ୍ଦ୍ୱରେ ଅଧିକାରୀ

ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ ଚଣ୍ଡିଗଡ଼ର ମ୍ୟୁନିସିପାଲ କର୍ପୋରେଶନ କମିଶନର ଭାବେ ଅନିନ୍ଦିତା ମିତ୍ର ଦାୟିତ୍ୱ ଶେଷ କରିବା ପରେ ପଞ୍ଜାବରେ ନୂତନ ପଦବୀରେ ଯୋଗଦେଇଥିଲେ। ଏବେ ତାଙ୍କ କାର୍ଯ୍ୟକାଳ ତିନି ମାସ ବୃଦ୍ଧିକୁ ସ୍ୱୀକୃତି ଦିଆଯାଇଛି। କିନ୍ତୁ ଏକ୍ଷେତ୍ରରେ ବିଷୟଟି ଜଟିଳ ହୋଇଛି। ଯଦିଓ କେନ୍ଦ୍ର ସରକାର ତାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି, ତଥାପି ସେ ପ୍ରକୃତରେ ତାଙ୍କ ପୁରୁଣା ପଦକୁ ଫେରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପଞ୍ଜାବର ୨୦୦୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ମିତ୍ର ଚଣ୍ଡିଗଡ଼ରେ ତିନି ବର୍ଷର ଡେପୁଟେଶନ ଶେଷ କରିବା ପରେ ପଞ୍ଜାବରେ ସମବାୟ ସଚିବ ତଥା ପଞ୍ଜାବ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି) ପ୍ରଶାସନ ତାଙ୍କୁ ଦାୟିତ୍ୱରୁ ମୁକ୍ତ କରିସାରିଛି ଏବଂ ବର୍ତ୍ତମାନ କେନ୍ଦ୍ର, ୟୁଟି ପ୍ରଶାସନ ଏବଂ ପଞ୍ଜାବ ସରକାରଙ୍କ ମଧ୍ୟରେ ଏହି ଘଟଣା ଜଟିଳ ହେବା ସହ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଆଲୋଚନା ହେଉଛି, ୟୁଟି ପ୍ରଶାସନ କେନ୍ଦ୍ରରୁ ସ୍ପଷ୍ଟୀକରଣ ମାଗିପାରେ, କାରଣ ଏମ୍‌ସି କମିଶନର ପଦବୀ ପାଇଁ ସମ୍ଭାବ୍ୟ ବଦଳିର ଏକ ଚୟନ ତାଲିକା ମନ୍ତ୍ରଣାଳୟକୁ ପଠାଯାଇଥିଲା। ଏହା ମଧ୍ୟ ଉଲ୍ଲେଖନୀୟ ଯେ ଚଣ୍ଡିଗଡ଼ରେ ବୋଧହୁଏ ପ୍ରଥମ ଥର ଏପରି ପରିସ୍ଥିତି ଉପୁଜିଛି। ମିତ୍ରଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଆଗାମୀ କିଛି ମାସରେ କ'ଣ ଘଟିବ ତାହା ଅନୁମେୟ। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ, ଲାଗି ରହିଥିବା ଏହି ଦ୍ୱନ୍ଦ୍ୱ ସାଧାରଣ ବାବୁ କାର୍ଯ୍ୟ ପରିସରରେ ଅସନ୍ତୋଷ ସୃଷ୍ଟି କରିଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 9 | | | | | | | |
| 8 | | | | 7 | 2 | | | |
| | | 7 | | | | | | |
| | | | | | 6 | | | 4 |
| | | 4 | | 8 | | 3 | | |
| | 3 | 2 | | 9 | | 1 | | 8 |
| | | | | 1 | 9 | | | 3 |
| | | | 4 | | 5 | | | |
| | 6 | | | 3 | | | 7 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 5 | 6 | 2 | 9 | 7 | 4 |
| 4 | 2 | 9 | 3 | 7 | 8 | 6 | 1 | 5 |
| 7 | 5 | 6 | 4 | 9 | 1 | 2 | 8 | 3 |
| 9 | 1 | 3 | 2 | 4 | 7 | 8 | 5 | 6 |
| 6 | 8 | 4 | 9 | 1 | 5 | 7 | 3 | 2 |
| 2 | 7 | 5 | 8 | 3 | 6 | 1 | 4 | 9 |
| 3 | 6 | 2 | 7 | 8 | 4 | 5 | 9 | 1 |
| 5 | 4 | 7 | 1 | 2 | 9 | 3 | 6 | 8 |
| 8 | 9 | 1 | 6 | 5 | 3 | 4 | 2 | 7 |

ଗତକାଲିର ଉତ୍ତର

# କୃଷି କଷଣର ଶେଷ କାହିଁ



**ବିଚିତ୍ର ବିଶ୍ୱାଳ**

ଗତ କିଛି ବର୍ଷ ହେବ ଯେଉଁ ଦଳର ସରକାର ହୋଇଥାଉନା କାହିଁକି, ଯିଏ ବି ଅର୍ଥମନ୍ତ୍ରୀ ହୋଇଥାଆନ୍ତୁ, ବଜେଟ ଭାଷଣ ଆରମ୍ଭ କରିବା ସମୟରେ ସମସ୍ତେ ଭାରତୀୟ ଅର୍ଥନୀତିକୁ କୃଷିର ଅବଦାନ ବିଷୟରେ କହିଛନ୍ତି। ଏକାଧିକ ଅର୍ଥମନ୍ତ୍ରୀ ନିଜ ବଜେଟ ଭାଷଣରେ କୃଷିର ଭୂମିକାକୁ ସ୍ୱୀକାର କରିଛନ୍ତି। କିଏ 'କୃଷକଙ୍କ ସ୍ୱାଧୀନତା' କଥା କହିଛନ୍ତି ତ କିଏ କୃଷିକୁ 'ଭାରତର ଅର୍ଥନୀତିର ଜୀବନରେଖା' ବୋଲି ଆଖ୍ୟା ଦେଇଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲି ତାଙ୍କ ବଜେଟରେ ପାଞ୍ଚୋଟି ପ୍ରାଥମିକତା ତାଲିକା ଭିତରେ କୃଷିକୁ ରଖିଥିଲେ। ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ବଜେଟ ଭାଷଣର ନଅଟି ମୁଖ୍ୟ ପ୍ରାଥମିକତା ଭିତରେ କୃଷିକୁ ରଖିଛନ୍ତି। କିନ୍ତୁ କୃଷି ଓ କୃଷକଙ୍କର ବାସ୍ତବିକ ଅର୍ଥରେ ବିକାଶ ପାଇଁ କେତେ କାମ ହୋଇପାରିଛି, ତାହା ଆଜି ଚିନ୍ତାର ବିଷୟ।

ଦେଶର ଭିନ୍ନ ଭିନ୍ନ ବଜେଟରେ କୃଷିକୁ ନେଇ ଯେପରି କୁହାଯାଇଛି, ଯଦି ବାସ୍ତବରେ ସେପରି ପଦକ୍ଷେପ ନିଆଯାଇଥାନ୍ତା, ତେବେ ଆଜି ଭାରତର ଗ୍ରାମୀଣ ଅର୍ଥନୀତି ଅତ୍ୟନ୍ତ ସୁଦୃଢ଼ ହୋଇଥାଆନ୍ତା। କୃଷି କ୍ଷେତ୍ର ତଥା କୃଷକମାନଙ୍କର ବିକାଶକୁ ନେଇ ଯାହା ବି କୁହାଯାଇଛି, ତାହା କେବଳ ଉତ୍ପାଦନ ବୃଦ୍ଧି ତଥା ଅମଳ ବଢେଇବା ପାଖରେ ହିଁ ଅଟକି ଯାଇଛି। ନୀତି ନିର୍ମାତା କିମ୍ବା ଅର୍ଥନୀତିଜ୍ଞମାନେ ସେଥିରୁ ବାହାରକୁ ବାହାରି ଭାବି ପାରିନାହାନ୍ତି। ପରିଣାମ ଆମେ ଦେଖୁଛେ। ଏକାଧିକ ପଦକ୍ଷେପ ନିଆଯିବା ସତ୍ତ୍ୱେ ବି କୃଷକମାନଙ୍କର ଅବସ୍ଥା ଦିନକୁ ଦିନ ଅଧିକ ସଙ୍କଟଜନକ ପରିସ୍ଥିତିରେ ପହଞ୍ଚିଛି। ଅନୁମାନ କରାଯାଉଛି ଯେ, କୃଷକର ଉତ୍ପାଦନ ବୃଦ୍ଧି ହେଲେ, ତାକୁ ଉଚିତ ମୂଲ୍ୟ ମିଳିବ ଓ ତା'ର ରୋଜଗାର ବଢ଼ିବ। କିନ୍ତୁ ଏହା କେବଳ ଅନୁମାନରେ ରହିଯାଇଛି। ଓଲଟି ଉତ୍ପାଦନ ବୃଦ୍ଧି ସହିତ ତାଳ ଦେଇ କୃଷକମାନଙ୍କର ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇଛି। ଚାଷୀ ଆତ୍ମହତ୍ୟା ବଢ଼ିଛି। ଚାଷ କ୍ଷେତ୍ରରୁ ପଳାୟନ ବଢ଼ିଛି। ଚାଷୀମାନଙ୍କ ସଂଖ୍ୟା କମ ହୋଇ ଶ୍ରମିକମାନଙ୍କ ସଂଖ୍ୟା ବଢ଼ିଛି। ଏଥିରୁ ପ୍ରମାଣିତ ହେଉଛି ଆମ ଦେଶର କୃଷିର ଅବସ୍ଥା ଆଦୌ ବି ଉଚିତ ରାସ୍ତାରେ ନାହିଁ। ଯେ ପର୍ଯ୍ୟନ୍ତ ଆମ ଦେଶର କୃଷିକୁ ନେଇ ନୀତି ନିର୍ମାତାମାନେ ପୁନଃଚିନ୍ତନ କରିନାହାନ୍ତି, ସେ ପର୍ଯ୍ୟନ୍ତ କୃଷକମାନଙ୍କର କଷଣର ଶେଷ ହେବା ପରି ଦେଖାଯାଉନାହିଁ। କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ଓ ସରକାରଙ୍କ ଦ୍ୱାରା ପ୍ରତି ବର୍ଷ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ଗୋଟିଏ କୃଷକ ପରିବାରର ମାସିକ ରୋଜଗାର ପ୍ରାୟ ଦଶ ହଜାର ଟଙ୍କା ଭିତରେ ହିଁ ରହିଛି। ଏଥିରୁ କୃଷି ସଙ୍କଟ ସ୍ପଷ୍ଟ ବାରି ହୋଇଯାଉଛି।



ଆମ ଦେଶର ସମୃଦ୍ଧ ରାଜ୍ୟ କର୍ଣ୍ଣାଟକରେ ଗତ ୧୫ ମାସ ମଧ୍ୟରେ ୧୧୮୨ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ୨୦୨୪ର ପ୍ରଥମ ଛଅ ମାସ ମଧ୍ୟରେ ମହାରାଷ୍ଟ୍ରରେ ୧୨୬୭ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ କେବଳ ବିଦର୍ଭ ଅଞ୍ଚଳରେ ୫୫୭ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଚାଷୀ ଆତ୍ମହତ୍ୟା ଆମ ଦେଶରେ ନୂଆ ଘଟଣା ନୁହେଁ। ଗତ ୨୭ ବର୍ଷ ଧରି ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋ ଚାଷୀ ଆତ୍ମହତ୍ୟାର ତଥ୍ୟ ରଖିଆସୁଛି। ୧୯୯୫ରୁ ୨୦୧୪ ମଧ୍ୟରେ ଆମ ଦେଶରେ ୨,୯୬,୪୩୮ ଜଣ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ପରବର୍ତ୍ତୀ ଆଠ ବର୍ଷରେ ୨୦୧୪ରୁ ୨୦୨୨ ମଧ୍ୟରେ ୧,୦୦,୪୭୪ ଜଣ ଚାଷୀ ନିଜ ଜୀବନ ହାରିଛନ୍ତି। ଏହି ତଥ୍ୟ କୌଣସି ଘରୋଇ ଅନୁଷ୍ଠାନର ନୁହେଁ ,ଏହା ସରକାରଙ୍କ ଏକ ଦକ୍ଷ ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଛି। ଗତ ୨୭ ବର୍ଷ ମଧ୍ୟରେ ମୋଟ ପ୍ରାୟ ୪ ଲକ୍ଷ ଚାଷୀ ଆତ୍ମହତ୍ୟାର ରାସ୍ତା ବାଛି ନେଇଛନ୍ତି। ଅନ୍ୟପକ୍ଷରେ ଏହି ୨୭ ବର୍ଷ ମଧ୍ୟରେ ବଜେଟରେ କୃଷି କ୍ଷେତ୍ର ପାଇଁ ବ୍ୟୟ ବରାଦ ବହୁଗୁଣ ବଢ଼ିଛି। ତା'ହେଲେ ପରିସ୍ଥିତି ସୁଧୁରିବା ପରିବର୍ତ୍ତେ ପୁଣି ଅଧିକ ସଙ୍କଟଜନକ ହେଉଛି କାହିଁକି? ନିଶ୍ଚିତ ଭାବେ ବଜେଟରେ ହେଉଥିବା ବ୍ୟୟବରାଦ କୃଷକଙ୍କ ପରିସ୍ଥିତି ସୁଧାରିବା ଦିଗରେ ହୋଇପାରୁନାହିଁ। ବଜେଟରେ ହେଉଥିବା ବ୍ୟୟବରାଦ ମୁଖ୍ୟତଃ କୃଷକମାନଙ୍କ ନିବେଶ ଖର୍ଚ୍ଚ ବାବଦକୁ ସବ୍‌ସିଡି ଭାବରେ ଖର୍ଚ୍ଚ ହେଉଛି, ଯାହା କୃଷକଙ୍କ ଅବସ୍ଥା ବଦଳେଇବାରେ ସକ୍ଷମ ହୋଇପାରୁନାହିଁ। କୃଷକମାନଙ୍କୁ ଦିଆଯାଉଥିବା ସବ୍‌ସିଡିର ସିଂହଭାଗ ଲାଭ ମୁଖ୍ୟତଃ କୃଷି କ୍ଷେତ୍ରରେ ଥିବା କମ୍ପାନୀମାନେ ପାଉଛନ୍ତି। କୃଷକମାନେ ଅତ୍ୟନ୍ତ କ୍ଷୀଣ ଲାଭ ପାଉଛନ୍ତି ବା ଆଦୌ ପାଉନାହାନ୍ତି। କୃଷକମାନଙ୍କ ପାଇଁ ପ୍ରତିବର୍ଷ ସବ୍‌ସିଡିର ପରିମାଣ ବଢ଼ି ଚାଲୁଛି, କିନ୍ତୁ ଅନ୍ୟପକ୍ଷରେ କୃଷକମାନେ ଗତ କୋଡ଼ିଏ ବର୍ଷରୁ ଅଧିକ ହେବ ନିଜ ବୃତ୍ତିରେ କ୍ରମାଗତ ଭାବେ କ୍ଷତି ସହି ଚାଲୁଛନ୍ତି। ଅର୍ଗାନାଇଜେଶନ ଫର୍ ଇକୋନୋମିକ କୋଅପରେଶନ ଆଣ୍ଡ୍ ଡେଭଲପ୍‌ମେଣ୍ଟ ନିଜ ରିପୋର୍ଟରେ ଏହା ପ୍ରକାଶ କରିଛି। ଅର୍ଥନୀତିର ଅନ୍ୟ କୌଣସି କ୍ଷେତ୍ର ପ୍ରତିବର୍ଷ ଏତେ ପରିମାଣରେ କ୍ଷତି ସହି ତିଷ୍ଠି ରହିଥିବାର ଉଦାହରଣ ନାହିଁ। ଗତ କୋଡ଼ିଏ ବର୍ଷ ମଧ୍ୟରେ ଅନ୍ୟ କୌଣସି ବୃତ୍ତିରେ ଏତେ ସଂଖ୍ୟକ ଲୋକ ଆତ୍ମହତ୍ୟା କରିନାହାନ୍ତି, ଯେତେ ଲୋକ କୃଷି କ୍ଷେତ୍ରରେ ଆତ୍ମହତ୍ୟା କରିଛନ୍ତି। ଏପରି କି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଯୁଦ୍ଧରେ ବି ସେତିକି ଲୋକ ମରିନାହାନ୍ତି ଯେତିକି ଲୋକ ଗତ କୋଡ଼ିଏ ବର୍ଷ ମଧ୍ୟରେ ଚାଷ କରି ଜୀବନ ହାରିଛନ୍ତି। ଏହା ବିପର୍ଯ୍ୟୟଠାରୁ ବି ଭୟଙ୍କର ଅବସ୍ଥା।

ଏହା ବାରମ୍ବାର ପ୍ରମାଣ ହେବାରେ ଲାଗିଛି ଯେ, ଚାଷୀମାନଙ୍କୁ ନିବେଶ ଖର୍ଚ୍ଚରେ ସବ୍‌ସିଡି ମାତ୍ରା ଯେତେ ବଢ଼େଇ ଚାଲିଲେ, ଭିନ୍ନ ଭିନ୍ନ ଯୋଜନାର ଆକାର ବୃଦ୍ଧି କଲେ, ଜ୍ଞାନକୌଶଳ ବିକାଶ ବାବଦକୁ ଯେତେ ଖର୍ଚ୍ଚ କଲେ ବି ଚାଷୀମାନଙ୍କର ରୋଜଗାର ବଢୁନାହିଁ। ଗତ କୋଡ଼ିଏ ବର୍ଷ ମଧ୍ୟରେ ଚାଷୀମାନଙ୍କର ଅମଳ ହାର ଦୁଇଗୁଣ ବଢ଼ିଛି ତଥାପି ବି ଚାଷୀମାନଙ୍କର ରୋଜଗାର ବଢ଼ିପାରିନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ଚାଷୀମାନଙ୍କର ରୋଜଗାର ବୃଦ୍ଧି କରିବା ପାଇଁ ସିଧା ପଦକ୍ଷେପ ନେବାକୁ ହେବ। ସମ୍ପ୍ରତି ବଜାରର ଯେପରି ବ୍ୟବସାୟ ଚାଲୁଛି, ଚାଷୀମାନଙ୍କର ଅମଳ ବଢ଼ିଲେ ବି ବଜାର ଦରଦାମ ସହିତ ତାଳ ଦେବା ବେଳକୁ ଚାଷୀର ରୋଜଗାର ମାଟି ଉପରକୁ ଉଠି ପାରୁନାହିଁ। ତେଣୁ ସମୟ ଆସିଛି ଚାଷୀମାନଙ୍କୁ ପ୍ରତ୍ୟକ୍ଷ ରୋଜଗାର ସହାୟତା ପ୍ରଦାନ କରିବାର। ତା'ହେଲେ ହିଁ ଆମ ଅର୍ଥନୀତିର କ୍ଷେତ୍ର କୃଷି ଓ କୃଷକମାନଙ୍କର ଅବସ୍ଥାରେ ପରିବର୍ତ୍ତନ ହେବା ଆରମ୍ଭ କରିବ। ଚାଷୀମାନଙ୍କ ପାଖକୁ ଟଙ୍କା ଗଲେ କେବଳ ସେମାନଙ୍କର ଅବସ୍ଥାରେ ପରିବର୍ତ୍ତନ ହେବ ନାହିଁ, ଆମ ଅର୍ଥନୀତିରେ ମଧ୍ୟ ନୂଆ ଜୀବନ ଫେରିବ। ଏହା ଦ୍ୱାରା ଚାଷୀଙ୍କର ବିକାଶ ହେବା ସହିତ ଦେଶର ବି ବିକାଶ ହେବ।

ଦେଶର ଅଧା ଜନସଂଖ୍ୟା ସଂଶ୍ଳିଷ୍ଟ ଥିବା କୃଷି କ୍ଷେତ୍ର ପାଇଁ ବଜେଟରେ ମାତ୍ର ୫ ପ୍ରତିଶତ ରଖିଲେ କିଛି ବି ପରିବର୍ତ୍ତନ ଆଶା କରିବା ବୃଥା। ଚଳିତ ବର୍ଷ ବଜେଟରେ କୃଷି କ୍ଷେତ୍ର ପାଇଁ ୧.୫୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ୬୦ ହଜାର କୋଟି କେବଳ ପିଏମ୍ କିଶାନ ଯୋଜନା ପାଇଁ ଅଛି, ଯାହା ଅନ୍ତର୍ଗତ ଜମିଥିବା ଚାଷୀମାନଙ୍କୁ ମାସିକ ୫୦୦ ଟଙ୍କା ହିସାବରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି। ବାକି ଆଉ ୯୨ ହଜାର କୋଟି ଟଙ୍କା କୃଷି କ୍ଷେତ୍ରରେ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ବଳୁଛି। ଏତଦବ୍ୟତୀତ ୨୦୨୨-୨୩ ଆର୍ଥିକ ବର୍ଷର ତଥ୍ୟ ଅନୁସାରେ ଜଣେ ଗ୍ରାମୀଣ ଲୋକର ମାସିକ ଖର୍ଚ୍ଚ ୩୨୬୮ ଟଙ୍କା। ତା'ହେଲେ ଚାଷରୁ ଯଦି ଚାଷୀଟିଏ ଆଶାନୁରୂପ ରୋଜଗାର କରି ନ ପାରିବ ସେ ବଞ୍ଚିବ କିପରି? ତେଣୁ ବର୍ତ୍ତମାନ ପରିସ୍ଥିତିରେ କୃଷି କ୍ଷେତ୍ରର ବାସ୍ତବିକ ବିକାଶ ପାଇଁ ପୁନର୍ଚିନ୍ତନର ଆବଶ୍ୟକତା ରହିଛି। କୃଷକମାନଙ୍କ ଅମଳ ବଢ଼େଇବା ପାଇଁ ସବ୍‌ସିଡି ଆଦି ସହିତ ରୋଜଗାର ସୁରକ୍ଷା ପାଇଁ ପ୍ରତ୍ୟକ୍ଷ ଆର୍ଥିକ ସାହାଯ୍ୟର ଆବଶ୍ୟକତା ରହିଛି। ତା'ହେଲେ କୃଷକମାନେ ସମାଜର ଅନ୍ୟାନ୍ୟ ବର୍ଗ ସହିତ କାନ୍ଧରେ କାନ୍ଧ ମିଶେଇ ଠିଆ ହୋଇପାରିବେ। କୃଷକମାନଙ୍କର କାନ୍ଧ ମଜଭୁତ ହେଲେ ଗ୍ରାମୀଣ ଅର୍ଥନୀତି ମଜଭୁତ ହେବ, ଯାହା ପ୍ରକାରାନ୍ତରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବ।

**ଭିରଙ୍ଗ, ତିରଣ, ଜଗତସିଂହପୁର**
**ମୋ:୯୪୩୮୪୬୮୪୭୪**

# ମା'ର ବୈଜ୍ଞାନିକ ଦୃଷ୍ଟିକୋଣ



**ଡ. କମଳାକାନ୍ତ ଜେନା**

ପ୍ରକୃତି ଓ ପ୍ରାକୃତିକ ଘଟଣା ଆମକୁ ସବୁ ସମୟରେ ଆକର୍ଷିତ କରିଆସିଛି। ଆମେ ଆଖି ଖୋଲିଲେ ବିଭିନ୍ନ ପ୍ରକାର ଜିନିଷ ଆମ ନଜରରେ ପଡ଼େ। ବିଭିନ୍ନ ଆକାରର ଜିନିଷ। ବିଭିନ୍ନ ରଙ୍ଗର ଓ ଭିନ୍ନ ଭିନ୍ନ ଆକୃତିର ଜିନିଷ। ଭିନ୍ନ ଭିନ୍ନ ପ୍ରକୃତିର ଘଟଣା ଦେଖୁ। ପ୍ରକୃତିରେ ଘଟୁଥିବା ସବୁ ଘଟଣାର କାରଣ ଓ ଉଦ୍ଦେଶ୍ୟ ବିଷୟରେ ଆମକୁ ଜଣା ନ ଥିଲେ ବି ଅନେକ ଘଟଣା ବିଷୟରେ ଆମେ ଅନେକ କଥା ଜାଣିଛୁ। ଯାହା ବି ଜାଣିଛୁ, ବିଭିନ୍ନ ଯୁକ୍ତି ଓ ଗବେଷଣା ମାଧ୍ୟମରେ ଜାଣିଛୁ। ଯୁକ୍ତି, ଗବେଷଣା ଓ ସତ୍ୟର ସନ୍ଧାନ ହିଁ ବିଜ୍ଞାନ। ଘଟଣାକୁ ଆମୂଳଚୂଳ ବୁଝିବା ସକାଶେ ବିଜ୍ଞାନର ଆବଶ୍ୟକତା ବି ରହିଛି। ସବୁଠି ବିଜ୍ଞାନର ସ୍ୱାକ୍ଷର ରହିଛି। ତେଣୁ ମା'ର ହାଣ୍ଡିଶାଳ ସେଥିରୁ ବାଦ୍ ପଡି ନାହିଁ। ରୋଷେଇ କରିବା ସମୟରେ ମା' ଯେଉଁସବୁ ପଦ୍ଧତି ଅନୁସରଣ କରେ, ସେସବୁ ପଛରେ ଅଳ୍ପ ହେଉ କି ବେଶି ବୈଜ୍ଞାନିକ କାରଣ ନିଶ୍ଚୟ ରହିଛି। ତେଣୁ ମା' ବିଜ୍ଞାନ ବହି ପଢ଼ିଥାଉ କି ନ ପଢ଼ିଥାଉ, କିନ୍ତୁ ବୈଜ୍ଞାନିକ କୌଶଳ ବ୍ୟବହାର କରି ରୋଷେଇ କାମକୁ ସହଜ କରିପାରୁଛି।

ରୋଷେଇରେ ବାମ୍ପର ଉଦାହରଣ ନିଆଯାଉ। ରୋଷେଇ କାମକୁ ସହଜ କରିବାରେ ବାମ୍ପର କରାମତି ବିଷୟରେ ମା'କୁ ଭଲ ଭାବରେ ଜଣାଅଛି। ତରକାରି ରାନ୍ଧିଲା ବେଳେ ବା ଭଜା ଭାଜିଲା ବେଳେ କଡ଼େଇ ଉପରେ ମା' ଢାଙ୍କୁଣୀ ଘୋଡେଇଦିଏ। କାରଣ, ଢାଙ୍କୁଣୀ ଘୋଡ଼େଇଦେଲେ କଡ଼େଇ ଭିତର ବାମ୍ପ ବନ୍ଦୀ ହୋଇ ରହେ ଓ ରନ୍ଧାକାମ ଶୀଘ୍ର ହୁଏ। ଯଦି ପଦାର୍ଥ ବିଜ୍ଞାନ ଦୃଷ୍ଟି କୋଣରୁ ମା'ର ଏହି ପଦ୍ଧତିକୁ ବିଚାର କରିବା, ତେବେ ସମାନ ତାପମାତ୍ରାରେ ରହିଥିବା ଗରମ ପାଣି ଓ ବାମ୍ପ ମଧ୍ୟରୁ ବାମ୍ପ ଭିତରେ ଅଧିକ ତାପଶକ୍ତି ଲୁଚି ରହିଥାଏ। ତେଣୁ ଖୋଲା କଡ଼େଇରେ ତରକାରି ନ ବସେଇ କିମ୍ବା ଭଜା ନ ଭାଜି କଡ଼େଇ ଉପରେ ଢାଙ୍କୁଣୀ ରଖିଲେ ପରିବାରୁ ବାହାରୁଥିବା ବାମ୍ପରେ ଲୁଚି ରହିଥିବା ଅଧିକ ତାପ ପରିବାକୁ ଶୀଘ୍ର ସିଝିବାରେ ସାହାଯ୍ୟ କରେ। ତେଣୁ ମା'ର ଢାଙ୍କୁଣୀ ଘୋଡ଼େଇବା ପଦ୍ଧତି ବିଜ୍ଞାନ ସମ୍ମତ।



ଭାତହାଣ୍ଡିକୁ ଢାଙ୍କୁଣୀ ଘୋଡ଼େଇବା କାମ ମା'ର ବୈଜ୍ଞାନିକ ଦୃଷ୍ଟିକୋଣର ଆଉ ଏକ ପରିଚୟ ଦିଏ। ଘରେ ରୋଷେଇ କରିବା ସମୟରେ ଖୋଲା କଡ଼େଇରେ ପାଣି ଫୁଟାଇଲେ ପାଣିର ତାପମାତ୍ରା ବଢ଼ି ବଢ଼ି ଅତି ବେଶିରେ ୧୦୦ ଡିଗ୍ରୀ ସେଲ୍‌ସିୟସ ରହିବ। ଯେତେ ସମୟ ନିଆଁରେ ବସିଲେ ବି ପାଣିର ତାପମାତ୍ରା ଆଉ ବଢ଼ିପାରିବ ନାହିଁ। କିନ୍ତୁ ପାଣି ଉପରେ ବା ଜମା ହୋଇ ରହିଲେ ଫୁଟୁଥିବା ପାଣିର ତାପମାତ୍ରା ଆହୁରି ବଢ଼ିଯାଏ। ସେଥିପାଇଁ ମା' ଭାତହାଣ୍ଡି ଉପରେ ଢାଙ୍କୁଣୀ ଘୋଡ଼େଇ ଦିଏ। ଫଳରେ ଗରମ ପାଣିରୁ ବାହାରୁଥିବା ବାମ୍ପ ଢାଙ୍କୁଣୀ ତଳେ ଚାପିହୋଇ ହାଣ୍ଡି ଭିତରେ ରହେ। ତେଣୁ ଫୁଟୁଥିବା ପାଣିର ତାପମାତ୍ରା ଟିକିଏ ଅଧିକ ହୁଏ, ଯାହାକି ଚାଉଳକୁ କମ୍ ସମୟରେ ସିଝେଇବାରେ ସାହାଯ୍ୟ କରେ। ତେଣୁ କମ୍ ଜାଳେଣି ଖର୍ଚ୍ଚ ହୁଏ।

ଭାତହାଣ୍ଡି ଓ କଡ଼େଇ ଉପରେ ଢାଙ୍କୁଣୀ ଘୋଡେଇ ରୋଷେଇ କରିବା ଅପେକ୍ଷା ପ୍ରେସର କୁକର ଦ୍ୱାରା ଆହୁରି କମ୍ ସମୟରେ ରୋଷେଇ ହୋଇପାରେ। ଏହା ପଛରେ ମଧ୍ୟ ସେଇ ବୈଜ୍ଞାନିକ କାରଣ ରହିଛି, ଯାହା ମା'କୁ ଜଣାଅଛି। ଖୋଲା ପାତ୍ରରେ ପାଣି ଗରମ କଲେ ପାଣି ଉପରେ ସାଧାରଣ ବାୟୁମଣ୍ଡଳୀୟ ଚାପ ପଡୁଥାଏ ଏବଂ ତାହା ୧୦୦ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ଫୁଟେ। କିନ୍ତୁ ପ୍ରେସର କୁକର ଭିତରେ ସେମିତି ହୁଏ ନାହିଁ। ପ୍ରେସର କୁକର ଭିତରେ ପାଣି ରଖି ଗରମ କଲେ ପାଣିରୁ ବାହାରୁଥିବା ବାଷ୍ପ ବାହାରକୁ ନ ଯାଇ ସେହି ପାଣି ଉପରେ ଜମାହୋଇ ରହେ। ତେଣୁ ପ୍ରେସର କୁକର ଭିତରର ଚାପ ବାହାରର ବାୟୁମଣ୍ଡଳୀୟ ଚାପଠାରୁ ବଢିଯାଏ। ପାଣି ଉପରେ ଅଧିକ ଚାପ ପଡ଼ିଲେ ତାହା ଅଧିକ ତାପମାତ୍ରାରେ ଫୁଟେ। ଏହାର ଅର୍ଥ ପାଣିର ତାପମାତ୍ରା ୧୦୦ ଡିଗ୍ରୀ ସେଲ୍‌ସିୟସଠାରୁ ଅଧିକ ହୋଇପାରେ। ପ୍ରକୃତରେ ପ୍ରେସର କୁକର ଭିତରେ ପାଣିର ତାପମାତ୍ରା ୧୦୦ ଡିଗ୍ରୀ ବଦଳରେ ୧୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଯାଏ। ଏତେ ବେଶି ତାପମାତ୍ରାରେ ରହିଥିବା ଗରମ ପାଣି ସହଜରେ ପନିପରିବା ଓ ମାଂସ ଭିତରେ ପଶିଯାଇ ସେସବୁକୁ ଶୀଘ୍ର ସିଝେଇଦିଏ। ସେଥିପାଇଁ ଖୋଲା କଡ଼େଇରେ ମାଂସ ରାନ୍ଧିଲେ ସିଝିବା ପାଇଁ ବହୁତ ସମୟ ଲାଗେ। କିନ୍ତୁ ପ୍ରେସର କୁକରରେ ରାନ୍ଧିଲେ ଖୁବ୍ କମ୍ ସମୟରେ ମାଂସ ସିଝିଯାଏ।

କେବଳ ବାମ୍ପର ବ୍ୟବହାର ନୁହେଁ, ଅନେକ କାମରେ ମା'ର ଅନୁଭୂତି, ଚିନ୍ତାଶକ୍ତି ଓ ବୈଜ୍ଞାନିକ ଦୃଷ୍ଟିକୋଣ ସକାଶେ ସହଜରେ କାମଟି ହୋଇଯାଏ। ତେଣୁ ମା'କୁ ବଡ଼ ବୈଜ୍ଞାନିକ ନ କହିଲେ ବି ତା'ର ବୈଜ୍ଞାନିକ ଦୃଷ୍ଟିକୋଣକୁ ସମ୍ମାନ ଦେବା।

**ପ୍ରାଧ୍ୟାପକ, ସ୍ନାତକୋତ୍ତର (ଏମ୍.ଏସ୍‌ସି.)**
**ପଦାର୍ଥ ବିଜ୍ଞାନ ବିଭାଗ,**
**ଭଦ୍ରକ ସ୍ୱୟଂଶାସିତ ସରକାରୀ କଲେଜ,**
**ଭଦ୍ରକ, ମୋ:୯୪୩୯୫୦୧୬୫୧**

## ଏଇ ଭାରତରେ

କିଛି କରି ଦେଖାଇବାର ସଙ୍କଳ୍ପ ଆଗରେ ସବୁ ପ୍ରତିବନ୍ଧକ ହାର୍ ମାନେ। ଯାହାର ଉଦାହରଣ ସାଜିଛନ୍ତି ଅଙ୍କୁରଜିତ୍ ସିଂହ। ହରିୟାଣାସ୍ଥିତ ଯମୁନାନଗରର ନିବାସୀ ଅଙ୍କୁରଜିତ୍ ପିଲାଦିନୁ ସଂଘର୍ଷମୟ ଜୀବନ ବିତାଇଥିଲେ। ସ୍କୁଲରେ ପଢିବା ଆରମ୍ଭ ହେବା ବେଳକୁ ଧୀରେ ଧୀରେ ତାଙ୍କ ଆଖି ଖରାପ ହେବାରେ ଲାଗିଲା। କିଛି ଦିନ ପରେ ତାଙ୍କ ଆଖିକୁ ଆଦୌ ଦେଖାଗଲା ନାହିଁ। ଚିକିତ୍ସା ପରେ ବି ତାଙ୍କୁ କୌଣସି ସୁଫଳ ମିଳି ନ ଥିଲା। କିନ୍ତୁ ସେ ହାର୍ ମାନି ନ ଥିଲେ। ପାଠପଢା ଆଦୌ ବନ୍ଦ କରି ନ ଥିଲେ। ସ୍କୁଲରେ କେବଳ ଶୁଣି ଶୁଣି ସେ ସବୁ ମନେ ରଖୁଥିଲେ। ଆଉ ଛୁଟି ସମୟରେ ଘରେ ତାଙ୍କ ମାଆ ତାଙ୍କୁ ବଡ ପାଟିରେ ସବୁ ପାଠ ପଢି ଶୁଣାଉଥିଲେ ଓ ସେ ଶୁଣି ଶୁଣି ମନେ ରଖୁଥିଲେ। ପାଠପଢାରେ ତାଙ୍କର ସଫଳତା ସମସ୍ତଙ୍କୁ ଆଚମ୍ବିତ କରୁଥିଲା। ଏମିତିକି ଶିକ୍ଷକମାନେ ମଧ୍ୟ ପ୍ରଭାବିତ ହୋଇଥିଲେ। ତେଣୁ ତାଙ୍କୁ ଆଇଆଇଟିରେ ପଢିବା ପାଇଁ ଏଣ୍ଟ୍ରାନ୍ସ ଦେବାକୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଏହା ପରେ ସେ ସ୍କ୍ରିନ୍ ରିଡର ଓ ଆଧୁନିକ ଟେକ୍ନୋଲୋଜିର ସହାୟତାରେ ଜେଇଇ ଏଣ୍ଟ୍ରାନ୍ସ ପାସ୍ କରି ଆଇଆଇଟିରେ ସିଟ୍ ପାଇଥିଲେ। କିନ୍ତୁ ପରେ ସେ ୨୦୧୭ରେ ୟୁପିଏସ୍‌ସି ପରୀକ୍ଷା ଦେଇ ୪୧୪ ର୍ୟାଙ୍କ୍ ରଖି ଆଇଏଏସ୍ ଅଫିସର ହୋଇଥିଲେ। ଅଙ୍କୁରଜିତ୍‌ଙ୍କ ସଫଳତା ଏବେ ସମସ୍ତଙ୍କ ପାଇଁ ଉଦାହରଣ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ସେପ୍ଟେମ୍ବର ୧୯୭୫**

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କଟକ ଓ ବାଲେଶ୍ୱର ଜିଲାର ବିଭିନ୍ନ ବନ୍ୟା ଦୁର୍ଗତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରିଛନ୍ତି।
- ଦେଶର ବିଭିନ୍ନ ସ୍ଥାନରେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ସ୍ଥାପନ ଲାଗି ରାଷ୍ଟ୍ରପତି ଫକିରୁଦ୍ଦିନ ଅଲି ମହମ୍ମଦ ଏକ ଅର୍ଡିନାନ୍ସ ଜାରି କରିଛନ୍ତି।

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
-(ରୂପର ମୋହ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ପାଠକ ଶ୍ରେଷ୍ଠ ବିଚାରକ

## ଅର୍ପଣ ଚାଉଳ ନଷ୍ଟ ମହାପାପ

ମହାଶୟ,

ଶ୍ରୀଜଗନ୍ନାଥଙ୍କ ବେଢା ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପଲକ୍ଷେ ଓଡ଼ିଶାର ପୁରପଲ୍ଲୀରେ ଅର୍ପଣ ରଥ ଭ୍ରମଣ କଲା। ଭକ୍ତମାନେ ଭକ୍ତିଭାବରେ ବିହ୍ୱଳିତ ହୋଇ ସ୍ୱଇଚ୍ଛାରେ ଚାଉଳ ଓ ନଡିଆ ଆଦି ଦାନକଲେ। ଏଥିରେ ସେମାନଙ୍କର ମହାପ୍ରଭୁଙ୍କଠାରେ ଥିବା ଏକାନ୍ତ ଭକ୍ତି ଓ ଶ୍ରଦ୍ଧା ଭରପୂର ହୋଇଥିଲା। ଅର୍ପଣ ଚାଉଳ ପୁରୀରେ ସଂଗୃହୀତ ହେବା ପରେ ଏହି ଚାଉଳରୁ ପ୍ରସାଦ ତିଆରି ପୂର୍ବକ ଭକ୍ତମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ପରେ ମନ୍ଦିର ପ୍ରଶାସନ ଅବହେଳାରୁ ଉକ୍ତ କାର୍ଯ୍ୟ ବନ୍ଦ ହୋଇଗଲା। ଫଳରେ ସଂଗୃହୀତ ଚାଉଳ ବାହାରେ ଖୋଲା ମେଲାରେ ପଡି ରହି ନଷ୍ଟ ହେବାକୁ ଲାଗିଲା। ଏପରିକି ଉକ୍ତ ଚାଉଳକୁ ପାଣିରେ ଭସାଇ ଦେବାକୁ ପଡିଲା। ଆନନ୍ଦ ଉଲ୍ଲାସ ଓ ଭକ୍ତି ଭାବରେ ପ୍ରଦାନ କରିଥିବା ଅର୍ପଣ ଚାଉଳକୁ ନଷ୍ଟ କରି ଦିଆଯିବା ଖବର ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ମନରେ ଗଭୀର ବ୍ୟାଘାତ ସୃଷ୍ଟି କରିଛି। ଜଗନ୍ନାଥ ମହାପ୍ରଭୁ ମଧ୍ୟ ଏପରି ଦୃଶ୍ୟକୁ ଅବଲୋକନ କରି ଉଚିତ ବିଚାର କରିବେ ବୋଲି ଭକ୍ତମାନଙ୍କ ଆଶା ଓ ବିଶ୍ୱାସ। ଆଗକାଳରେ ଲୋକେ ଗୋଟିଏ ଧାନ କିମ୍ବା ଚାଉଳ ବାଟରେ ପଡିଥିଲେ ତାକୁ ଗୋଟାଇ କରି ଘରକୁ ଯତ୍ନର ସହ ଘେନି ଆସୁଥିଲେ। ମାତ୍ର ଏତେ ପରିମାଣର ଅର୍ପଣ ଚାଉଳକୁ ଆଖି ବୁଜି ନଷ୍ଟ କରିବା ଏକ ଗର୍ହିତ ମହାପାପ। ଏଥିପାଇଁ ମହାପ୍ରଭୁ ଅବଶ୍ୟ ଦୋଷୀଙ୍କୁ ଉଚିତ ବିଧାନ କରିବେ। ଏହା ଆଗକୁ ନ ଘଟିବା ପାଇଁ ମନ୍ଦିର ପ୍ରଶାସନ ସାବଧାନ ହେବାକୁ ପଡିବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆନ୍ଦୋଳନ ଆରମ୍ଭରୁ ଦୋହଲିଲା ଚିକିତ୍ସା ସେବା

## ଜିଦ୍‌ରେ ଅଟଳ ନର୍ସିଂ କର୍ମଚାରୀ ସଂଘ

### ଆଜିଠାରୁ ଅହୋରାତ୍ର ଆନ୍ଦୋଳନ




କ୍ୟାପିଟାଲ ହସ୍ପିଟାଲରେ ନର୍ସିଂ ଅଫିସର ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି । (ଫଟୋ: ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୨୭।୯(ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଓ ଏସ୍‌ମା ଲାଗୁ ସତ୍ତ୍ୱେ ଆନ୍ଦୋଳନକୁ ଜୋରଦାର କରିଛନ୍ତି ନର୍ସିଂ କର୍ମଚାରୀ । ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଗତ ବୁଧବାର ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଶୁକ୍ରବାରଠାରୁ ବ୍ୟାପକ ହୋଇଛି । ୨ଦିନ ଧରି ଜରୁରିକାଳୀନ ସେବା ଯୋଗାଇ ସେମାନେ ଆନ୍ଦୋଳନ କରୁଥିଲେ । ୧୦ପ୍ରତିଶତ ନର୍ସିଂ କର୍ମଚାରୀ ଏଥିରେ ସାମିଲ ହୋଇଥିବାବେଳେ ଏବେ ୧୬ହଜାର ନର୍ସିଂ ଅଫିସର ଓ କର୍ମଚାରୀ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦକରି ଆନ୍ଦୋଳନକୁ ଓହ୍ଲାଇଥିବାରୁ ରାଜ୍ୟବ୍ୟାପୀ ସରକାରୀ ସ୍ୱାସ୍ଥ୍ୟସେବା ଦୋହଲିଯାଇଛି । ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ରୋଗୀଙ୍କୁ ଇଞ୍ଜେକ୍ସନ, ସାଲାଇନ ଦେବାଠାରୁ ଆରମ୍ଭକରି ବିଭିନ୍ନ ନର୍ସିଂସେବା ବାଧାପ୍ରାପ୍ତ ହୋଇଛି । ଏପରିସ୍ଥିତିରେ ଆଗକୁ ସ୍ଥିତି ଆହୁରି ବିଗିଡ଼ିଯିବ ବୋଲି ଆଶଙ୍କା କରାଯାଉଛି । ଶନିବାରଠାରୁ ଅହୋରାତ୍ର ଆନ୍ଦୋଳନ ନେଇ ସଂଘ ସଭାନେତ୍ରୀ ଶୁଚିସ୍ମିତା ଦାଶ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସରକାର କେବଳ ଆଲୋଚନା କରିବେ, କମିଟି ଗଢ଼ିବେ ବୋଲି ଗଣମାଧ୍ୟମରେ କହୁଥିବାବେଳେ ଏନେଇ ସଂଘ ସହ କୌଣସି ଆଲୋଚନା କରିନାହାନ୍ତି । ସଂଘ ସରକାରଙ୍କୁ ବହୁତ ସମୟ ଦେଇଛି । ଆନ୍ଦୋଳନ ପାଇଁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି ସତ, ଏଥିପାଇଁ ସରକାର ଦାୟୀ । ଯେ ପର୍ଯ୍ୟନ୍ତ ଆମ ଦାବି ପୂରଣ ହୋଇନାହିଁ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଶୁଚିସ୍ମିତା କହିଛନ୍ତି ।

୨୦୧୩ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ୬ବର୍ଷ ଚୁକ୍ତିଭିତ୍ତିକ ଅବଧିକୁ ମୂଳ ଚାକିରି ସୀମାରେ ମିଶାଇ ପଦୋନ୍ନତି ସହ ଆର୍ଥିକ ସୁବିଧା ପ୍ରଦାନ କରିବା, ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦେବା, ଆଉଟ୍‌ସୋର୍ସିଂ ନିଯୁକ୍ତି ବନ୍ଦ କରିବା, ନର୍ସିଂ ଅଫିସରଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ କରିବା ଆଦି ୧୦ ଦଫା ଦାବିନେଇ ସଂଘ ଗତ ୨୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଛି । ଏସ୍‌ମା ଲାଗୁ ହୋଇଥିବାରୁ ଯଦି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନିଅନ୍ତି, ତେବେ ତାହା ଆମେ ଉପହାର ଭାବି ଗ୍ରହଣ କରିବୁ ବୋଲି ସଂଘ ସମ୍ପାଦକ ଅଶ୍ୱିନୀ କୁମାର ଦାସ କହିଛନ୍ତି ।

ଅପରପକ୍ଷେ ନର୍ସିଂ ନିର୍ଦ୍ଦେଶକ ଡା. ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ନର୍ସିଂ ଅଫିସରଙ୍କ ଦାବିର ବିଚାରବିମର୍ଶ ଲାଗି ଆନ୍ତଃ ବିଭାଗୀୟ କମିଟି ଗଠନ କରାଯାଇଛି । ଏହାସତ୍ତ୍ୱେ ସେମାନେ ଆନ୍ଦୋଳନରେ ବସିଛନ୍ତି । ତେବେ ରୋଗୀସେବା କୌଣସି ପ୍ରକାର ବ୍ୟାହତ ହୋଇନାହିଁ । ଏଥିପାଇଁ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ବିଏସ୍‌ସି ନର୍ସିଂ ଛାତ୍ରୀଛାତ୍ର, ଏଏନ୍‌ଏମ୍ ତଥା ଅନ୍ୟ କର୍ମଚାରୀଙ୍କୁ ନେଇ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି । ଏସ୍‌ମା ଲାଗୁ ହୋଇଥିବାରୁ ଆନ୍ଦୋଳନର ଦିନକ ପୂର୍ବରୁ ଓଡ଼ିଶା ନର୍ସିଂ ନିର୍ଦ୍ଦେଶାଳୟ ପକ୍ଷରୁ ସଂଘକୁ ତାଗିଦ କରାଯାଇଥିଲା । ଏପରିକି ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଏବେ ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେ ନେଇ ନିର୍ଦ୍ଦେଶକ କୌଣସି ସୂଚନା ଦେଇନାହାନ୍ତି ।

**ଆନ୍ଦୋଳନରୁ ଓହରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅନୁରୋଧ**

ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନର୍ସିଂ ସଂଘକୁ ଅନୁରୋଧ କରିଛନ୍ତି । ବିଭାଗ ପକ୍ଷରୁ ଆନ୍ତଃ ବିଭାଗୀୟ କମିଟି ଗଠନ କରାଯାଇଛି । ସଂଘର ସମସ୍ତ ଦାବି ନେଇ ଏଥିରେ ଆଲୋଚନା ହେବ । ତେଣୁ ରୋଗୀସେବାର ଗୁରୁତ୍ୱକୁ ହୃଦୟଙ୍ଗମ କରି କାର୍ଯ୍ୟରେ ଯୋଗଦେବାକୁ ମନ୍ତ୍ରୀ କହିଛନ୍ତି ।

# ଅକ୍ଟୋବରରୁ ହିତାଧିକାରୀଙ୍କୁ ଚାଉଳ ସହ ମିଳିବ ଗହମ: ମନ୍ତ୍ରୀ ପାତ୍ର

ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)

ପୂର୍ବଭଳି ଏବେ ରାଶନକାର୍ଡ ହିତାଧିକାରୀଙ୍କୁ ସରକାର ଗହମ ଯୋଗାଇ ଦେବେ । ଆସନ୍ତା ଅକ୍ଟୋବରରୁ ରାଶନ କାର୍ଡ ହିତାଧିକାରୀଙ୍କୁ ଗହମ ମିଳିବ । ଓଡ଼ିଶା ସମେତ ୯ ରାଜ୍ୟର ହିତାଧିକାରୀଙ୍କୁ ଚାଉଳ ସହ ଗହମ ମିଳିବ ବୋଲି ଏ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଗଣମାଧ୍ୟମରେ ସୂଚନା ଦେଇଛନ୍ତି ।

ମନ୍ତ୍ରୀ ପାତ୍ର କହିଛନ୍ତି, ପୂର୍ବ ସରକାର ଗହମକୁ ବନ୍ଦକରି ରାଶନ କାର୍ଡ ହିତାଧିକାରୀଙ୍କୁ କେବଳ ଚାଉଳ ଯୋଗାଇଦେଉଥିଲେ । ଏବେ ଅର୍ଡର ଆସିଛି, ହିତାଧିକାରୀଙ୍କୁ ମୁଣ୍ଡ ପିଛା ଏକ ପଞ୍ଚମାଂଶ ଗହମ ମିଳିବ ଅର୍ଥାତ୍ ଜଣେ ହିତାଧିକାରୀଙ୍କୁ ୨୦% ଗହମ ଦିଆଯିବ । ଜଣେ ହିତାଧିକାରୀ ୨୦ କେଜି ଚାଉଳ ସହ ୫ କେଜି ଗହମ ନେଇପାରିବେ । ଯଦି ଜଣେ ହିତାଧିକାରୀ ଚାହିଁବେ ୧୫ କେଜି ଚାଉଳ ସହ ୧୦ କେଜି ଗହମ ମଧ୍ୟ ନେଇପାରିବେ । ଯେଉଁମାନେ ନୂଆ ରାଶନ କାର୍ଡ ପାଇଁ ଆବେଦନ କରିଛନ୍ତି ସେମାନଙ୍କ ଇ-କେୱାଇସି ଯାଞ୍ଚ ଚାଲିଛି । ଯାଞ୍ଚ ପରେ ସେମାନଙ୍କୁ ରାଶନ କାର୍ଡ ମିଳିବ । ଇ-କେୱାଇସି ଯାଞ୍ଚ ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ଅଧିକ ରହିଛି ବୋଲି ଯୋଗାଣ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ପୂର୍ବ ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାଶନ କାର୍ଡ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରିଦେଇଥିଲେ । ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁସେତେବେଳେନିଷ୍ପତ୍ତିନେଇଥିଲେ ।

# କାନ୍ଥପଡ଼ି ଶିଶୁକନ୍ୟା ମୃତ

## ମାଆ, ଭଉଣୀ ଗୁରୁତର

ପାଟଣା,୨୭।୯(ବୀରକିଶୋର ଦାଶ)



ଭୁଶୁଡ଼ି ପଡ଼ିଥିବା ଘରର କାନ୍ଥ ।

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ପଞ୍ଚାୟତ ଉପାନ୍ତ ଅଞ୍ଚଳ ବାରତଣିଆ ଗ୍ରାମରେ ଅଭାବନୀୟ ଘଟଣା ଘଟିଯାଇଛି । ଗୁରୁବାର ବିଳମ୍ବିତ ରାତିରେ ଲଗାଣ ବର୍ଷାରେ ଏକ ଆଜବେଷ୍ଟସ ଘର କାନ୍ଥ ଭୁଶୁଡ଼ି ପଡ଼ି ଜଣେ ୨ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି । ଘଟଣାରେ ମୃତାଙ୍କ ବଡ଼ ଭଉଣୀ ଓ ମା' ଗୁରୁତର ହୋଇଛନ୍ତି । ମୃତ ଶିଶୁକନ୍ୟା ଗ୍ରାମର ଚିତ୍ତରଞ୍ଜନ ମୁଣ୍ଡାଙ୍କ ଝିଅ ଶୁଭଲକ୍ଷ୍ମୀ । ଗୁରୁତର ହେଲେ ଚିତ୍ତରଞ୍ଜନ ସ୍ତ୍ରୀ ରଜନୀ(୨୨), ତାଙ୍କର ୬ ବର୍ଷର ଝିଅ ବନିତା । ଉଭୟ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ।

ସୂଚନା ଅନୁଯାୟୀ, ଚିତ୍ତରଞ୍ଜନଙ୍କ ପରିବାର ଘରେ ଖାଇପିଇ ଶୋଇଥିଲେ । ରାତିରେ ଅବିଶ୍ରାନ୍ତ ବର୍ଷା ଯୋଗୁ ଆଜବେଷ୍ଟସ ଘର ଚାରିପାଖରେ ପାଣି ଜମି ରହିଥିଲା । ରାତି ୧୧ଟାରେ ଘରର କାନ୍ଥ ଭୁଶୁଡ଼ି ସେମାନଙ୍କ ଉପରେ ଖସିପଡ଼ିଥିଲା । ଫଳରେ କାନ୍ଥ ତଳେ ପରିବାରର ୪ ସଦସ୍ୟ ଦୟନୀୟ ଭାବେ ଚାପିହୋଇ ରହିଥିଲେ । ଘର ନିକଟରେ କୁକୁଡ଼ା ଫାର୍ମ କରିଥିବା ବଳଭଦ୍ର ମହାନ୍ତ ଖବର ପାଇ ପଡ଼ୋଶୀଙ୍କୁ ଡାକିଥିଲେ । ସମସ୍ତଙ୍କ ଉଦ୍ୟମରେ ପରିବାର ସଦସ୍ୟଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମା' ଓ ୨ ଝିଅଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା । ରାସ୍ତାରେ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ରଜନୀ ଓ ବନିତା ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଚିତ୍ତରଞ୍ଜନଙ୍କ କୌଣସି କ୍ଷତି ହୋଇନାହିଁ । କେନ୍ଦୁଝରରେ ଶିଶୁକନ୍ୟାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପାଟଣା ଥାନା ଅଧିକାରୀ ଉଦୟ ବୀର କୁଲୁ କହିଛନ୍ତି । ଏ ନେଇ ପାଟଣା ଥାନାରେ ଏକ ମାମଲା(ନଂ.୬୪/୨୪)ରୁଜୁ ହୋଇଛି । ଘଟଣାସ୍ଥଳରେ ସାହାରପଡ଼ା ତହସିଲଦାର ପରମାନନ୍ଦ ଖଣ୍ଡେଇ ଓ ବିଡିଓ ମାଧବ ଚନ୍ଦ୍ର ବିରୁଆ ପରିଦର୍ଶନ କରି ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି । ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି ।

# ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ମୁକ୍ତ ହେଲେ ଗୋପାଳ ଡାଙ୍ଗ

ବୌଦ୍ଧ/ବଘିଆପଡ଼ା,୨୭।୯
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)



ବୌଦ୍ଧ ଜିଲା କାରାଗାରରୁ ଗୋପାଳଙ୍କୁ ମୁକ୍ତ କରାଯାଉଛି ।

**ଓଡ଼ିଶାରେ ପ୍ରଥମ**

ବୌଦ୍ଧ ଜିଲା କାରାଗାରରେ ବନ୍ଦୀ ଥିବା ବରଗଡ଼ ଜିଲା ନାଏକପଡ଼ା ଗ୍ରାମର ଗୋପାଳ ଡାଙ୍ଗ ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ଶୁକ୍ରବାର କାରାଗାରରୁ ମୁକ୍ତ ହୋଇଛନ୍ତି । ଏହା ଓଡ଼ିଶାରେ ପ୍ରଥମ ଘଟଣା ।

ସୂଚନା ମୁତାବକ, ଗୋପାଳଙ୍କୁ ବରଗଡ଼ ଜିଲା ଦୌରାଜଜ୍ ଅଦାଲତଙ୍କ ରାୟ ଅନୁସାରେ ଏକ ମାମଲାରେ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ଆଦେଶ ହୋଇଥିଲା । ଜରିମାନା ଅନାଦାୟ ହେଲେ ଅଧିକ ୪ ମାସ କାରାଦଣ୍ଡ ପାଇଁ ଆଦେଶ ହୋଇଥିଲା । ଜେଲ ବଦଳିନିୟମ ଅନୁସାରେ ଗୋପାଳ ବୌଦ୍ଧ ଜିଲା କାରାଗାରରେ ସଜା କାଟୁଥିଲେ । ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ କୋର୍ଟଙ୍କ ଆଦେଶ ମୁତାବକ ୨ ବର୍ଷ କାଳ ସଜା କାଟିସାରିଥିବା ବେଳେ ଜରିମାନା ଟଙ୍କା ଦେବାକୁ ଅକ୍ଷମଥିବାରୁ ଜେଲଦଣ୍ଡ ଭୋଗୁଥିଲେ । କୋର୍ଟଙ୍କ ଆଦେଶ ଅନୁସାରେ ୯।୧୦।୨୦୨୪ରେ ସଜା କାଟି ଗୋପାଳ ମୁକ୍ତହେବାର ଥିଲା । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନାରେ ବୌଦ୍ଧ ଜିଲାସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ସୁପାରିସ କ୍ରମେ ଗୋପାଳଙ୍କୁ ଶୁକ୍ରବାର କାରାଗାରରୁ ମୁକ୍ତ କରାଯାଇଛି । ଉକ୍ତ କ୍ଷମତାସମ୍ପନ୍ନ କମିଟି ଗତ ୨୩ ତାରିଖରେ ଜେଲ ଅଧୀକ୍ଷକଙ୍କୁ ଜଣାଇବା ପରେ ଜେଲ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଥିଲା । ଜେଲ ଉଚ୍ଚ କର୍ତ୍ତୃପକ୍ଷ ବନ୍ଦୀ ଗୋପାଳ ସଜା କାଟୁଥିବା ବଳକା ଦିନର ଜରିମାନା ଅର୍ଥ ୧୩୧୧ ଟଙ୍କା ଦାଖଲ କରିବା ପରେ ଶୁକ୍ରବାର ତାଙ୍କୁ ମୁକ୍ତ କରାଯାଇଥିଲା । ପ୍ରକାଶ ଥାଉ କି ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଗରିବ ବନ୍ଦୀ ଆର୍ଥିକ ସହାୟତା ଯୋଜନା ଲାଗୁହେବା ପରେ ଓଡ଼ିଶାରେ ପ୍ରଥମ ଘଟଣା ଭାବରେ ବୌଦ୍ଧ ଜେଲରୁ ଗୋପାଳଙ୍କୁ ମୁକ୍ତ କରାଯାଇଥିବା ଜେଲ ଅଧୀକ୍ଷକ ଜଗତ ବିହାରୀ ରାଉତରାୟ ସୂଚନା ଦେଇଛନ୍ତି ।

# ସୁବର୍ଣ୍ଣରେଖାରେ ବୁଡ଼ିଗଲେ ୪ ନାବାଳକ

## ଜଣଙ୍କର ମୃତ୍ୟୁ, ୩ ଉଦ୍ଧାର

ବାଲିଆପାଳ (ଅମୂଲ୍ୟ କୁମାର ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୭।୯

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଅସ୍ତି ପଞ୍ଚାୟତ ସର୍ଦ୍ଦାରସାହି ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି । ଏହି ସାହିର ୪ଜଣ ନାବାଳକ ସୁବର୍ଣ୍ଣରେଖା ନଦୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ । ୩ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ଆଉ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ସର୍ଦ୍ଦାରସାହି ଗ୍ରାମର ସୁବାସ ଚନ୍ଦ୍ର ରଣାଙ୍କ ପୁଅ ତାପସ କୁମାର ରଣା(୧୭) । ତାପସ ଯୁକ୍ତ ୨ରେ ପାଠ ପଢୁଥିଲେ । ଖବର ପାଇ ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

୪ଜଣ ସାଙ୍ଗ ବଢ଼ାପାଳ ଘାଟକୁ ଗାଧୋଇବାକୁ ଯାଇଥିଲେ । ସେଠାରେ କୂଳରେ ଥିବା ଏକ କଦଳୀଭେଳା ଉପରେ ୪ଜଣ ଚଢ଼ି ଖେଳୁଥିଲେ । କଦଳୀଭେଳା ହଠାତ୍ ଓଲଟି ପଡ଼ିବାରୁ ସମସ୍ତେ ନଦୀସ୍ରୋତରେ ଭାସିଯାଇ ପାଣିରେ ବୁଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଜାଣି ପାରି ସେମାନଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରେ ଦୁଇଜଣଙ୍କ ଅବସ୍ଥା ସ୍ୱାଭାବିକ ଥିବା ବେଳେ ଜଣେ ଗୁରୁତର ହୋଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଜଣଙ୍କର ମୃତ୍ୟୁ ଘଟିଛି ।


**ପୂର୍ବତଟ ରେଳପଥ**

Tender Notice No.: S&T/OT/SIG/ZONAL/KUR-416, ତା.19.09.2024 ରିଖ

କାର୍ଯ୍ୟର ନାମ: ଏକ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳ, ପୂର୍ବତଟ ରେଳପଥର SSES/SOUTH/ଖୋର୍ଦ୍ଧା ରୋଡ୍ କ୍ଷେତ୍ରାଧିକାର ଅଧୀନସ୍ଥ ସେକ୍ସନ୍‌ରେ ପ୍ରତ୍ୟେକ ଟ.୫,୦୦,୦୦୦/- କିମ୍ବା ତା ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ୍ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.67,61,896.20/-, EMD : ଟ.1,35,200/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.14.10.2024 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବ୍‌ସାଇଟ୍ : www.ireps.gov.in

ବରିଷ୍ଠ ମଣ୍ଡଳ ସିଗନାଲ ଏବଂ ଟେଲିକମ୍ ଯନ୍ତ୍ରୀ ଖୋର୍ଦ୍ଧା ରୋଡ୍

PR-555/P/24-25

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
No.CAD-1217

**NOTICE INVITING TENDER**

OMFED invites sealed offer from original manufacturers / traders of Powder packing machine having adequate experience. The bidders are required to submit their Techno - commercial offer in separate sealed envelope for supply, installation, testing, commissioning and trial run of **Powder Packing machine for packing of milk powder in 15 gm 20 gm 50 gm & 100 gm laminated foil** at different dairies of OMFED. Interested bidders may download the Tender Document from The OMFED website www.omfed.com only for reference. Bid document will be available in the **https://tendersodisha.gov.in** from **10.00 A.M. of 27.09.2024 to 2.00 P.M. of 21.10.2024** for bidding. Tender cost of **Rs.6000/-+18%-GST** along with **E.M.D. of Rs.1,50,000/-** shall be deposited through online portal. The technical Bid shall be **opened at 03.00 P.M. on 21.10.2024** at the OMFED Corporate Office in the presence of the interested bidders. Bidders are advised to visit regularly for any corrigendum / addendum may be published in OMFED website and not in any other media/newspapers.
**OMFED** reserves the right to accept or reject any or all the tenders or part thereof without assigning any reason.

OIPR-06063/11/0051/2425 — Sd./- Managing Director

**Office of the Nagar Panchayat Chhatarpur**
Very Short E-Procurement Notice
NIT No:- NPC-NIT-16/2023-24 (5th Call )

| Sr. No. | Particulars | Details |
|---|---|---|
| 1 | Name of Work | Construction & Commissioning of Fecal Sludge Treatment Plant of Capacity 10 KLD at Chhatarpur town (Jharkhand) followed by Operation and Maintenance including desludging operations for 5 years |
| 2 | Estimated Cost (INR) | Construction Cost: ₹ 2,38,31,558.00 Operation & Maintenance Cost: ₹ 1,26,22,393.00 Total: ₹ 3,64,53,951.00 |
| 3 | Bid Security (INR) | ₹ 3,64,540/- (Rupees Three Lakhs Sixty-Four Thousand Five Hundred Forty Only) |
| 4 | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5 | Time of Completion | 1 year of construction which comprises 9 months of construction and 3 months of defect liability period including one month of trial run and 5 years of O&M post DLP |
| 6 | Date of e-publication of tender | 28-09-2024 |
| 7 | Document downloading start Date | 30-09-2024 |
| 11 | Bid submission end date | 08-10-2024 |
| 12 | Last day for the submission of Bid Security, cost of bid document | 08-10-2024 |
| 13 | Bid opening date (online | 09-10-2024 |
| 14 | Mode of Submission of Bids | e-tendering (https://Jharkhandtenders.gov.in) |
| 15 | Name &Address of office Inviting Tender | Executive Officer, Nagar Panchayat Chhatarpur |
| 16 | Helpline Number | 9608834366, 9471125404 |

Note: Only e-Tender will be accepted
Complete bid document is available on website http://jharkhandtenders.gov.in)

PR 337356 District(24-25).D — Executive Officer, Nagar Panchayat Chhatarpur

**ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିସମ୍ପତ୍ତି ବିକ୍ରୟ ନିମନ୍ତେ ସର୍ବସାଧାରଣ ଘୋଷଣା (ଆଇବିସି (ପରିସମାପନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ ଅଧୀନରେ ପରିସମ୍ପତ୍ତିର ବିକ୍ରୟ ପାଇଁ)**

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ପରିସମାପନାଧୀନ)
(ସିଆଇଏନ୍: U27100WB2009PTC138888)
ପଞ୍ଜୀକୃତ କାର୍ଯ୍ୟାଳୟ: ୫/୫୩ ଜଗତିପୋତା, କ୍ରୀଷନ ମାର୍କେଟ୍ ରୋଡ୍, ପୋଷ୍ଟ- ଧାଲୁଆ, କୋଲକାତା, ପଶ୍ଚିମବଙ୍ଗ, ଭାରତ, ୭୦୦୧୫୨

କର୍ପୋରେଟ୍ ଋଣୀଙ୍କ ପରିସମ୍ପତ୍ତିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ସେଠାରେ ଯାହାବି ଅଛି ଏବଂ ବିନା ଅନନ୍ୟୋପାୟ ଭିତ୍ତିରେ" ବିକ୍ରୟ କରାଯାଉଛି ଏବଂ ଉକ୍ତ ବିକ୍ରୟ କୌଣସି ପ୍ରକାର ୱାରେଣ୍ଟି ଓ କ୍ଷତିପୂରଣ ବିନା କରାଯାଉଛି ।

| ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ (ଟଙ୍କାରେ) | ଇଏମ୍‌ଡି @୧୦% (ଟଙ୍କାରେ) |
|---|---|---|
| ୦.୪୯୦୦ ହେକ୍ଟର ବା ୧୨୧.୦୮ ଡେସିମିଲି (ଊଣାଧିକ) ଜମି, ପ୍ଲଟ୍ ନଂ.୫୬୪, ଖାତା ନଂ.୧୭୭/୫୭, ମୌଜା- ଦାନ୍‌ଲା, କିସମ- ଘରବାରି, ଥାନା- କାଞ୍ଜିପାଣି (ଏବେ ନୟାକୋଟ), ଥାନା ନଂ.- ୭୨, କେନ୍ଦୁଝର, ଉପ-ନିବନ୍ଧକ, ତେଲକୋଇ, ଜିଲ୍ଲା- କେନ୍ଦୁଝର, ଓଡ଼ିଶା | ଟ.୨୭,୫୫,୦୦୦/- | ଟ.୨,୭୫,୫୦୦ |
| ବିଡ୍ ବୃଦ୍ଧି ମୂଲ୍ୟ : | ଟ.୫୦,୦୦୦/- | |

ପ୍ରକ୍ରିୟା ଦସ୍ତାବିଜ ଅନୁଯାୟୀ ଯୋଗ୍ୟତା ଦସ୍ତାବିଜ ସମେତ ଆଗ୍ରହର ଅଭିବ୍ୟକ୍ତି (ଇଓଆଇ), ୨୯ଏ, ସତ୍ୟପାଠ, ବଚନପତ୍ର, ଘୋଷଣାନାମା ଆଦି ଦାଖଲ କରିବାର ଶେଷ ତାରିଖ: ତା୧୫।୧୦।୨୦୨୪ ଅପରାହ୍ନ ୫.୦୦ ଘଟିକା କିମ୍ବା ତାହା ପୂର୍ବରୁ
କ୍ଷେତ୍ର ପରିଦର୍ଶନର ତାରିଖ: ତା୧୭।୧୦।୨୦୨୪ରିଖରୁ ତା୨୪।୧୦।୨୦୨୪ରିଖ
ଇଏମ୍‌ଡି ଦାଖଲର ଶେଷ ତାରିଖ: ତା୨୫।୧୦।୨୦୨୪ରିଖ ଅପରାହ୍ନ ୦୬.୦୦ ଘଟିକା କିମ୍ବା ତାହା ପୂର୍ବରୁ
ନିଲାମର ତାରିଖ ଓ ସମୟ: ତା୨୮।୧୦।୨୦୨୪ରିଖ ଅପରାହ୍ନ ୧.୦୦ରୁ ଅପରାହ୍ନ ୩.୦୦ ଘଟିକା
ନିଲାମ/ବିକ୍ରୟ ଇ-ନିଲାମ ପ୍ରକ୍ରିୟା ଜ୍ଞାପନର ନିୟମ ଓ ସର୍ତ୍ତାବଳୀ ଉପରେ ନିର୍ଭର କରିବ । ଡାଉନଲୋଡ୍ କରିବା ପାଇଁ ଦୟାକରି ୱେବ୍‌ସାଇଟ୍: https://ncltauction.auctiontiger.net ପରିଦର୍ଶନ କରନ୍ତୁ ।

- ବିଡ୍ ଦସ୍ତାବିଜର ବିବରଣୀ ଏବଂ ଇଏମ୍‌ଡି ପରିଶୋଧ ବିବରଣୀ ପରିସମାପକଙ୍କ କାର୍ଯ୍ୟାଳୟରେ ଭୌତିକ ଆକାରରେ କିମ୍ବା ନିମ୍ନପ୍ରଦତ୍ତ ଇ-ମେଲ୍ ଠିକଣାରେ ପହଞ୍ଚିବା ଆବଶ୍ୟକ ।
- ବିକ୍ରୟ ଇ-ନିଲାମ ସେବା ପ୍ରଦାନକାରୀ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜିସ୍ ଲିମିଟେଡ୍ - ଅକ୍ସନ୍ ଟାଇଗର୍ ଦ୍ୱାରା ୱେବ୍‌ସାଇଟ୍ https://ncltauction.auctiontiger.net ଦ୍ୱାରା କରାଯିବ ।
- ସମୟରେଖା ଏବଂ/କିମ୍ବା "ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ" ସମେତ ନିୟମ ଓ ସର୍ତ୍ତାବଳୀରେ କୌଣସି ସଂଶୋଧନ ସମ୍ପର୍କରେ ଇ-ନିଲାମ ୱେବ୍‌ସାଇଟ୍‌ରେ ଅଧିସୂଚିତ କରାଯିବ ।
- କୌଣସି ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ- ଶ୍ରୀ ସଞ୍ଜୟ କୁମାର ଗୁପ୍ତା, ମୋ.-୯୮୭୪୮୭୭୨୨୦, ମେଲ୍ ଆଇଡି- danla.cirp@gmail.com କିମ୍ବା ଯୋଗାଯୋଗ କରନ୍ତୁ: ୯୭୨୨୭୭୮୮୨୮/୭୯୬୮୧୩୬୮୫୪, ଇମେଲ୍ ଆଇଡି: praveen.thevar@auctiontiger.net, nclt@auctiontiger.net

ସ୍ୱା./- ସଞ୍ଜୟ କୁମାର ଗୁପ୍ତା
ପରିସମାପନାଧୀନ ଦାନ୍‌ଲା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ପରିସମାପକ
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୯୨/୨୦୧୭-୧୮/୧୧୦୪୫
ଏଏ୧/୧୧୦୪୫/୦୨/୧୯୧୧୨୪/୧୦୬୩୩୭, ଏଏଫ୍‌ଏ ବୈଧତା: ୧୯।୧୧।୨୦୨୪
ପଞ୍ଜୀକୃତ/ଯୋଗାଯୋଗ ଠିକଣା
୫ଏ, ଏକେଏମ୍‌ଏ ହାଇଟ୍ସ, ୨୭ଏ ବାଗମାରି ରୋଡ୍, କୋଲକାତା-୭୦୦୦୫୪
ତାରିଖ: ୨୮।୦୯।୨୦୨୪ — ଇମେଲ୍- danla.cirp@gmail.com / casanjaigupta@gmail.com

**Office of the Executive Engineer, R.C.D, Road Division, Garhwa**

CORRIGENDUM

In partial modification of Tender Reference No.- RCD/ Garhwa/1172/2024-25 Date:-19.09.2024 [PR 336330 Road (24-25).D under Road Division, Garhwa may be read as follows :-

| | |
|---|---|
| Name of Work | Construction of one block (6 unit) 'C' Type Quarter Building under Road Division, Garhwa |
| Corrigendum Title | Changes in Following Dates |
| Corrigendum Detail | Please read following changed date. Last date/Time for receipt of bids: 14-10-2024, 12.00 Noon; Date of Publication of Tender on website: 07-10-2024, 10.30 A.M. |

PR 337377 Road(24-25).D — Executive Engineer, R.C.D,Road Division,Garhwa

**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm, Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

See Career Appointment on every Wednesday & Saturday

**WANTED**
A multinational Company provides Job Opportunity for 40 Nos. of Industrial Cable Operator at Bangalore with Good Salary. Free Lodging and Transportation will be provided.Experienced Candidates may Contact: Bijaya Das & Associates
MOB : 8327738076 WHATSAPP : 8327738076

**WALK IN INTERVIEW**
For Reception (Only Girls)
Salary : 10,000/-
DATE OF INTERVIEW 29.09.2024, Time - 12 pm
Lion Institute of Pharmaceutical Science
At-Odapada, Hindol Road, Dhenkanal
Mob : 7008872594 7008556889

**WALK IN INTERVIEW**

| POST | REQUIREMENTS | SALARY* |
|---|---|---|
| WORKSHOP MANAGER | 1. Experience in automobile service field 2. Preferred - Mech/Auto Engg. or B.Tech/Diploma | Min. 20k/month |
| WORKSHOP ADVISOR | 1. Experience in automobile service field 2. Preferred - Mech/Auto Engg. or B.Tech/Diploma | Min. 15k/month |
| SPARE INCHARGE | 1. Experience in automobile Spare and service field 2. Proficiency in inventory management software | Min. 12k/month |
| MECHANIC | Experience as Mechanic/Technician | Min. 10k/month |
| CRE/CRM (FEMALE) | 1. Excellent communication skills 2. Knowledge of database management | Min. 9k/month |
| SALES MANAGER | 1. Experience as a Sales Exe./Manager 2. Preferred - BBA/MBA with industry expertise | Min. 16k/month |
| SALES EXECUTIVE | Experience as a Sales representative preferred | Min. 9k/month |
| ACCOUNTANT | Experience is mandatory | Min. 16k/month |

Term and Condition : *subject to prerequisite experience. Job Location : Bhadrak, SORO, Chandbali
Candidates are to attend the interview with all testimonials & CV on 29th or 30th of Sep-24
Contact : 8984881770 / 7008217628, email id : toshalisuzuki@gmail.com

**कार्यपालक अभियंता का कार्यालय ग्रामीण विकास विशेष प्रमंडल, गिरिडीह**

ई– अति अल्पकालीन निविदा आमंत्रण सूचना

ई– अति अल्पकालीन निविदा सूचना सं०–RDD/SD/GIRIDIH/23/2024-25
1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गिरिडीह न्तर्गत सरिया प्रखण्ड के डिग्री कॉलेज में इण्डोर स्टेडियम(02 कोर्ट) निर्माण। | 14225100.00 | 285000.00 | 10000.00 | 12 माह |

2. वेबसाइट में निविदा प्रकाशन की तिथि – 01.10.2024
3. ई–निविदा प्राप्ति की तिथि एवं समय – दिनांक 01.10.2024 से दिनांक 08.10.2024 को अपराह्न 05:00 बजे तक।
4. निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
5. निविदा खोलने की तिथि एवं समय –09.10.2024 अपराह्न 05:30 बजे।
6. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गिरिडीह।
7. ई–निविदा प्रकोष्ठ का दूरभाष सं० – 9431323435 (संबंधित कार्यपालक अभियंता का दूरभाष नम्बर)।
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट देखा जा सकता है।

PR 337362 Rural Work Department(24-25)#D — कार्यपालक अभियंता, ग्रामीण विकास विशेष प्रमंडल, गिरिडीह

## ସଂକ୍ଷେପରେ

### ବଜ୍ରପାତରେ ଜଳିଗଲା ୨ ବଖରା

ଆଳି,୨୭।୯ (ବନମାଳୀ ସେନାପତି)

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଆଳକଣା ଗାଁରେ ବଜ୍ରପାତରେ ୨ ବଖରା ଜଳି ଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ଆଳକଣା ଗାଁର ସୁଶାନ୍ତ ମଲିକଙ୍କ ପରିବାର ଲୋକ ଘରେ ନ ଥିବାବେଳେ ବଜ୍ରପାତ ଯୋଗୁ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହ ଆଳି ଅଗ୍ନିଶମ ବାହିନୀଙ୍କୁ ଖବରଦେବା ପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଥିବା ବେଳେ ପରିବାର ଲୋକ ନିରାଶ୍ରୟ ହୋଇପଡ଼ିଛନ୍ତି। ପରିବାର ଲୋକଙ୍କ ନିକଟରେ ପିନ୍ଧାବସ୍ତ୍ର ଥିବାବେଳେ ଅନ୍ୟ ସବୁକିଛି ପାଉଁଶ ହୋଇଯାଇଛି। ତୁରନ୍ତ ଏହି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

### ୨ ଅଭିଯୁକ୍ତ ଗିରଫ
### ନାବାଳିକାଙ୍କୁ ଗଣ ବଳାତ୍କାର ଘଟଣା

ରାଇରଙ୍ଗପୁର,୨୭।୯ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଗତ ୧୪ ତାରିଖ ରାତିରେ ଜଣେ ୧୪ ବର୍ଷର ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ଅଭିଯୁକ୍ତ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ମିତ୍ରଭାନୁ ମହାନ୍ତ(୧୯) ଏବଂ ପ୍ରଣବ କୁମାର ମହାନ୍ତ (୨୭ )।

ପୋଲିସ ସୂଚନା ଅନୁଯାୟୀ, ଘଟଣା ଦିନ ଗାଁରେ କରମ ପର୍ବ ପାଳନ ହେଉଥିଲା। ପୀଡ଼ିତା ଏକୁଟିଆ ଥିବା ସୁଯୋଗରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଜୋର ଜବରଦସ୍ତ ଗ୍ରାମ ନିକଟସ୍ଥ ଏକ ନିର୍ଜନ ସ୍ଥାନକୁ ଟେକିନେଇ ଗଣ ବଳାତ୍କାର କରିବା ସହ କାହାକୁ ନ ଜଣାଇବା ପାଇଁ ଧମକ ଦେଇଥିଲେ। ପୀଡ଼ିତା ଭୟରେ କାହାକୁ କିଛି ଜଣାଇ ନ ଥିବା ବେଳେ ୨୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୨୯/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ବାରିପଦାସ୍ଥିତ ମୟୂରଭଞ୍ଜ ଜିଲା ପୋକ୍‌ସୋ କୋର୍ଟ ଚାଲାଣ କରିଛି। ପୂର୍ବତନ ମନ୍ତ୍ରୀ ସୁଦାମ ଚରଣ ମାର୍ଣ୍ଡି, ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଏବଂ ମହିଳା ସଂଗଠନର ସଭାନେତ୍ରୀ ତନୁଜା ମହାନ୍ତଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ପୀଡ଼ିତା ଏବଂ ତାଙ୍କର ପରିବାର ଲୋକଙ୍କୁ ଭେଟିଥିଲେ।

# ବାଉଜଙ୍ଗ-ଧାଉଡ଼ିଆପଦା ରାସ୍ତା ଶୋଚନୀୟ

### ତୁରନ୍ତ ମରାମତି ପାଇଁ ଦାବି

ବାଲିଚନ୍ଦ୍ରପୁର,୨୭।୯(ଗିରିଜା ପ୍ରସାଦ ସାହୁ):

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ଚଣ୍ଡିଖୋଲ ସବ୍‌ଡିଭିଜନର ବାଉଜଙ୍ଗ-ଧାଉଡ଼ିଆପଦା ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ଏହି ରାସ୍ତାର ଚାରିନଙ୍ଗଳ ବଜାରଠାରୁ ରାଜା ବଜାର ପର୍ଯ୍ୟନ୍ତ ପାଣି ଜମିରହୁଛି। ଫଳରେ ସାଧାରଣ ଲୋକେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ କିଛି ବାଟ ଜଳ ନିଷ୍କାସନ ପାଇଁ ଡ୍ରେନ୍ କାର୍ଯ୍ୟ କରାଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ନ ହେବାରୁ ପୂର୍ବରୁ ନିର୍ମିତ ଡ୍ରେନ୍ ଲାଇନଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିପାଇଁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ନଳୀପୁର ପଞ୍ଚାୟତର ୯ ୱାର୍ଡ ଓ ଚାରିନଙ୍ଗଳ ପଞ୍ଚାୟତର ୨ ୱାର୍ଡ ବାସିନ୍ଦାଙ୍କର ବର୍ଷାଦିନେ ଘରେ ପାଣି ପସିବା ସହ ଘର ଚାରିପଟ ପାଣି ଜମି ରହୁଛି। ଏହି ଅଞ୍ଚଳରେ ବସବାସ କରୁଥିବା ଅନେକ ଲୋକ ବର୍ଷାଦିନେ ନାନଦି ରୋଗରେ ପୀଡ଼ିତ ହେଉଛନ୍ତି। ଅପରପକ୍ଷେ ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ହେଉଥିଲେ ମଧ୍ୟ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ରାସ୍ତାର ବିରୂପା ନଦୀରେ ଏକ ସେତୁ ଓ ଚାରିନଙ୍ଗଳ ବଜାର ପଟ୍ଟାମୁଣ୍ଡାଇ କେନାଲ ଉପରେ ୨ ସେତୁ ନିର୍ମାଣ ସରିଥିଲେ ମଧ୍ୟ ତାହାର ସଂଯୋଗୀକରଣ ରାସ୍ତା ହୋଇପାରୁନାହିଁ। ଏଥିନେଇ ଚାରିନଙ୍ଗଳ ଓ ନଳୀପୁର ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ବାଲିଚନ୍ଦ୍ରପୁର ପଞ୍ଚାୟତର ଜଗନ୍ନାଥ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ଏନେଇ ଅଭିଯୋଗ କରାଯାଇଛି। ଏହାକୁ ବଡ଼ଚଣା ବିଡିଓ ରବୀନ୍ଦ୍ରନାରାୟଣ ପ୍ରଧାନଙ୍କ ଉପସ୍ଥିତିରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଗ୍ରହଣ କରି ବାଲିଚନ୍ଦ୍ରପୁର ଆରଆଇ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ରାସ୍ତା ମରାମତି ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ବାଲିଚନ୍ଦ୍ରପୁର,୨୭।୯(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଚାରିନଙ୍ଗଳ କ୍ଲଷ୍ଟର ତରଫରୁ ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅଧୀନରେ ଥିବା ୧୩ ବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୪ର୍ଥରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଜୁନିୟର ବର୍ଗ, ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର ବର୍ଗରେ ପିଲାମାନେ ଫ୍ୟାନ୍ସିଡ୍ରେସ, ସାଧାରଣଜ୍ଞାନ, ତର୍କ, ଶୃଜନଶୀଳ, ନୃତ୍ୟ, ଚିତ୍ରାଙ୍କନ ଓ ହସ୍ତଲିଖନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱଜିତ୍ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଚାରିନଙ୍ଗଳ ସରପଞ୍ଚ ନୁରୁଜାନ ବେଗମ୍ ଓ ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିରେ କ୍ଲଷ୍ଟର ସିଆରସିସି ସେକ୍ ଅଫସର ଅଲ୍ଲି, ପ୍ରାକ୍ତନ ସିଆରସିସି ବିପିନ କୁମାର ରାଉତରାୟ, ବରିଷ୍ଠ ଶିକ୍ଷକ ରାଖାଲ ଚନ୍ଦ୍ର ରାଉତରାୟ, ସେକ୍ ଅଜଗର ଅଲ୍ଲି, ଶଙ୍କର ମହାଳି, ଶିକ୍ଷୟିତ୍ରୀ ରଶ୍ମିରେଖା ବେହେରା ଓ ସତ୍ୟବତୀ ନାଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଟିପ୍ପଣି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ସାଜିଦ୍ ଅଲ୍ଲି ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ଼ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହାୟତା କରିଥିଲେ। ପ୍ରାକ୍ତନ ସିଆରସିସି ପ୍ରମୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ମା’ ବିରଜାଙ୍କ ଶାରଦୀୟ ପୂଜା ଆରମ୍ଭ


ମା’ ବିଜଙ୍କେ ପୂଜା ପାଇଁ କଳସ ଯାତ୍ରା କରାଯାଉଛି।

ଯାଜପୁର ସଦର,୨୭।୯(ସମର ବିଜୟ ଶରଣ):

ଯାଜପୁରର ଆରାଧ୍ୟ ଦେବୀ ମା’ ବିରଜାଙ୍କ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଷୋଡ଼ଶୋପଚାର ପୂଜାର ପ୍ରଥମ ଦିନରେ ଘଟ ନିମଜ୍ଜନ, ଘଟ ସ୍ଥାପନ ହୋଇଛି। ନିତ୍ୟ ସ୍ନାନ, ବେଶ ଓ ନୀତି ପରେ ପହଡ଼ ହୋଇଥିଲା। ପହଡ଼ ଖୋଲା ହେବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ପୂଜା ଆୟୋଜନ। ମନ୍ଦିର ଗର୍ଭ ଗୃହରୁ ମୁଖ୍ୟ ପୂଜକ, ପୁରୋଧା, ଆର୍ଶା, ସମୀଦ୍ଧ, ଛତ୍ର, ତରାଶ, ଘଣ୍ଟ ବାଦ୍ୟ ସହିତ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇ ବ୍ରହ୍ମାକୁଣ୍ଡରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ସ୍ଥାନୀୟ ଜନସାଧାରଣ ଓ ଭକ୍ତ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ମୁଖ୍ୟ ପୂଜକ ଭାବେ ନଗେନ୍ଦ୍ର ଭୂଷଣ କର ସ୍ନାନ, ତର୍ପଣ, ସଂକଳ୍ପ କରି ସାରିବା ପରେ ଏକ କଳସରେ ଜଳ ଧରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ରାତ୍ର ୯ଟାରେ ମହାସ୍ନାନ ଓ ବଡ଼ ସିଂହାର ବେଶ କରାଯାଇଥିଲା। ପୂଜା କାର୍ଯ୍ୟରେ ମନ୍ଦିରର ସମସ୍ତ ପୁରୋଧା ଉପସ୍ଥିତ ରହି କାର୍ଯ୍ୟ ସଂପାଦନ କରିଥିଲେ। ଆର୍ଶା ପାଳିଆଭାବେ ନଳିନୀକାନ୍ତ ପାଣି, ସମିଧ ପାଳିଆ ଭାବେ ଧନଞ୍ଜୟ ପାଣି, ଚରୁ ପାଳିଆ ସୁକାନ୍ତ ପାଣି, ଲାଖ ପାଳିଆ ଭବାନୀ ପ୍ରସାଦ ପାଣି ଉପସ୍ଥିତ ରହି ଦାୟିତ୍ୱ ସଂପାଦନ କରିଥିଲେ। କଳସ ଯାତ୍ରା ଆରମ୍ଭ ସମୟରୁ ମନ୍ଦିର ପରିଚାଳନା କମିଟି ତରଫରୁ ମୁଖ୍ୟ ପରିଚାଳକ ତଥା ସହକାରୀ ଜିଲାପାଳ ସୁକାନ୍ତ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ। ସେବାୟତ ପରିଷଦ ତରଫରୁ ସମସ୍ତ ସହଯୋଗ କରାଯାଇଥିଲା।

### ଜେଲ ଗଲେ ହତ୍ୟାକାରୀ
### ପାରୋଲ୍‌ରେ ଆସି ଗଣ୍ଡଗୋଳ

କରଞ୍ଜିଆ,୨୭।୯(କବିତା ମହାନ୍ତ)

କେନ୍ଦୁଝର ଜିଲା ଘଟଗାଁ ଥାନା ଆଇଆଇସି ଦିଲ୍ଲୀପ କୁମାର ସାହୁଙ୍କୁ ହତ୍ୟାକରି ଆଜୀବନ ସଜା କାଟୁଥିବା ଅଭିଯୁକ୍ତ କମଳାକାନ୍ତ ମାଟିଆଣ ନିକଟରେ ୩ ମାସ ପାଇଁ ପାରୋଲରେ ଆସିଥିବା ବେଳେ ଶୁକ୍ରବାର ଅନ୍ୟ ଏକ ମାମଲାରେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର କରଞ୍ଜିଆ ଗୋଲେଇରେ ଥିବା ଏକ ସ୍ୱୀକୃତି ପ୍ରାପ୍ତ ଠିପି ଖୋଲା ମଦ ଦୋକାନରେ ରାହୁଲ ମାଟିଆଣ ୬୧୦ ଟଙ୍କାର ମଦ ପିଇ ଟଙ୍କା ନ ଦେବାରୁ ସେ ତାଙ୍କ ପିତା ଅଭିଯୁକ୍ତ କମଳାକାନ୍ତଙ୍କୁ ଫୋନ କରି ଡାକିଥିଲେ। କମଳାକାନ୍ତ ମଦ ଦୋକାନରେ ପହଞ୍ଚି ଗଣ୍ଡଗୋଳ କରିବା ସହିତ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏନେଇ ଦୋକାନର ମାଲିକ ଯମୁନା ପରିଡ଼ା କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୯୯/୨୪) ରୁଜୁ କରି କମଳାକାନ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ନିରୋଜ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

# ବିକାଶ ପୁରୁଷ ଥିଲେ କାଙ୍ଗାଳି ଚରଣ


ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥି।

ରସୁଲପୁର,୨୭।୯(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବିଜୁ ନଗରସ୍ଥିତ ହୋଟେଲ ଶୁଭମ ସମ୍ମିଳନୀ କକ୍ଷରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରହ୍ଲାଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଡ. ରୁଦ୍ରନାରାୟଣ ପୃଷ୍ଟି, ଶଶିଭୂଷଣ ସାହୁ, ଏଆଇସିସି ସଦସ୍ୟା ମଧୁସ୍ମିତା ଆଚାର୍ଯ୍ୟ, ପୂର୍ବତନ ଜିଲାପରିଷଦ ସଦସ୍ୟ ସତ୍ୟସ୍ୱରୂପ ସାହୁ, ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ର, ଶତ୍ରୁଘ୍ନ ସାହୁ, ବେଣୁଧର ଦାସ, କୁଳମଣି ନାୟକ, ମନମୋହନ ପ୍ରଧାନ, ଭୀମସେନ ମହାନ୍ତି, ଶ୍ରୀଧର ବେହେରା, ବାସୁଦେବ ପଣ୍ଡା, ସୁଧାଂଶୁ ମିଶ୍ର, ରମେଶ ସ୍ୱାଇଁ, ଗୟାଧର ମଲ୍ଲିକ, ମଧୁସୁଦନ ସାହୁ, ତପନ ପଣ୍ଡା, କାଲୁଆ ରାଉତ, ଯତୀନ୍ଦ୍ର ପଣ୍ଡା, ସଞ୍ଜୟ ରାଉତ, ବଟକୃଷ୍ଣ ସାହୁ, ପ୍ରବୀର ନାୟକ, ଆରତୀ ଦେଓ, କୃଷ୍ଣଚନ୍ଦ୍ର ସାହୁ ଓ ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ପଣ୍ଡାଙ୍କ ଗୁଣାବଳୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାଙ୍ଗାଳୀ ଜଣେ ଲଢୁଆ ମନୋଭାବର ବ୍ୟକ୍ତି ଥିଲେ। ସେ ଜନପ୍ରିୟ ନେତା ଭାବରେ ବିଭିନ୍ନ ବର୍ଗର ଲୋକଙ୍କ ଆସ୍ଥା ଭାଜନ ହୋଇପାରିଥିଲେ। ଧର୍ମଶାଳାର ବିକାଶ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଥିଲା। ତାଙ୍କୁ ବିକାଶ ପୁରୁଷ ଭାବରେ ବିବେଚିତ କରାଯାଉଥିଲା ବୋଲି ଅତିଥିମାନେ କହିଥିଲେ। ନିରଞ୍ଜନ ଭାରତୀ ଧନ୍ୟବାଦ ଦେଇଥିଲେ।

# ଧାନ ଫସଲ ନଷ୍ଟକଲେ ହାତୀପଲ

ଠାକୁରମୁଣ୍ଡା,୨୭।୯(ତାରାକାନ୍ତ ପଟ୍ଟନାୟକ)

ଶିମିଳିପାଳରୁ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳର ଗ୍ରାମ ନିକଟକୁ ଆସି ହାତୀପଲ ବ୍ୟାପକ ଭାବେ ଧାନ ଫସଲ ନଷ୍ଟ କରି ଦେଉଛନ୍ତି। ୨ ଦିନ ଭିତରେ ୬ଟି ହାତୀ ଠାକୁରମୁଣ୍ଡା ନିକଟ ରୁଗୁଡିବେଡା, ଜମୁନାଳିଆ,ଠାକୁରମୁଣ୍ଡା ବନ୍ଧ ସାହି, ନିହାଣଗଣ୍ଡି,ଗୁହାଳଡ଼ିହି,କାଳିଆପୋଷି, ତାଳପଦା, ଚକୁଳିଆ ଗ୍ରାମ ନିକଟ ଧାନ ବିଲଗୁଡ଼ିକରେ ପଶି ଧାନ ଗଛ ଖାଇବା ସହ ମାଡ଼ି ନଷ୍ଟ କରିଦେଇଛନ୍ତି।

ସୂଚନା ଅନୁଯାୟୀ, ଏହି ହାତୀ ପଲରେ ମାଈ ହାତୀ ୩ଟି ଓ ଦନ୍ତା ହାତୀ ୨ଟି , ଛୁଆ ହାତୀ ୧ ଟି ମିଶାଇ ୬ଟି ହାତୀ ଠାକୁରମୁଣ୍ଡା ନିକଟ ଖେଜୁରିଆ ଜଙ୍ଗଲ ଭିତରେ ରହୁଛନ୍ତି। ଗୁରୁବାର ରାତିରେ ହାତୀ ପଲ ଠାକୁରମୁଣ୍ଡା ଗ୍ରାମ ବନ୍ଧସାହି ନିକଟରେ ଥିବା ସଞ୍ଜୁ ପରିମାଣିକ ଓ ପଦ୍ମିନୀ ଦେହୁରୀଙ୍କ ଧାନ ବିଲରେ ପଶି ଧାନ ଫସଲ ଖାଇ ନଷ୍ଟ କରି ଦେଇଛନ୍ତି। ସେହିପରି ପୂର୍ବରୁ ରୁଗୁଡ଼ିବେଡ଼ା ଗ୍ରାମର ସୁଦାମ ଚରଣ ବାରିକ, ଛତିଶ ଚନ୍ଦ୍ର ବାରିକ, ଶ୍ରୀମୟ ବାରିକ, ତ୍ରିଲୋଚନ ବାରିକ, ଜମୁନାଳିଆ ଗ୍ରାମର ସମାଇ ସମାଡ଼, ପ୍ରଧାନ ସାମାଡ଼, ନିହାନଗଣ୍ଡି ଗ୍ରାମର ଉଷାରାଣୀ ନାଏକ, ବିମଳା କୁଲାପଡିଆ, ଅଭିରାମ ପାଲଟା, ଗୁହାଳଡିହି ଗ୍ରାମର ପରମେଶ୍ୱର ପାଲଟା, କଳିଆପୋଷି ଗ୍ରାମର ବିଜୟ ହୋ, ଦିବାକର ଲୁଗୁନ, ତାଳପଦା ଗ୍ରାମର ଜଟ ଗିରି, ପଦ୍ମଲୋଚନ ଗିରି, ଚକୁଳିଆ ଗ୍ରାମର ଅର୍ଜୁନ ମାରାଣ୍ଡି, ପାଲୁ ମାରାଣ୍ଡି, ବଦଫାଗୁ ସୋରେନଙ୍କ ଧାନ ଫସଲ ନଷ୍ଟ କରିଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଅଗ୍ନିକାଣ୍ଡରେ ଘର, ଆସବାବପତ୍ର ଜଳିଗଲା

ଯୋଡ଼ା,୨୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୱାର୍ଡ଼ ନଂ. ୬ ବାରୁହଟିଂର ସନ୍ତୋଷ ମହାନ୍ତଙ୍କ ଘରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଘର ଜଳିଯାଇଛି। ସନ୍ତୋଷ ମହାନ୍ତ ଆପାହାତୁ ଖଣିକୁ ଡ୍ୟୁଟିରେ ଯାଇଥିଲେ। ତାଙ୍କ ସ୍ତ୍ରୀ ପୌରପାଳିକାର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟକୁ କାମ କରିବାକୁ ଯାଇଥିବା ବେଳେ ପୁଅ ସ୍କୁଲକୁ ଯାଇଥିଲେ। ଏହି ସମୟରେ ଘରେ ନିଆଁ ଲାଗିଥିବା ବେଳେ ସ୍ଥାନୀୟ ଲୋକେ ସନ୍ତୋଷଙ୍କୁ ଜଣାଇବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଥିଲା।

# ସୁରଭିରେ ଭାଗନେଲେ ୧୭ ସ୍କୁଲର ଛାତ୍ରୀଛାତ୍ର



ସୁରଭି ମହୋତ୍ସବରେ ମଞ୍ଚାସୀନ ଅତିଥି।

ଛତିଆ,୨୭।୯(ସୌମ୍ୟରଞ୍ଜନ ସାହୁ):

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଇଚ୍ଛାନଗର ପାଟଣା ପ୍ରାଥମିକ ବିଦ୍ୟାଳୟର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ କ୍ଲଷ୍ଟର ଅଧୀନରେ ଥିବା ୧୭ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି କୀର୍ତ୍ତି ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ରମେଶ ପୃଷ୍ଟି ଯୋଗଦେଇ ଉଚ୍ଚ ମନୋଭାବ ରଖି କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ଶିକ୍ଷକ ଅଶୋକ ମହାନ୍ତି, ପ୍ରଧାନଶିକ୍ଷକ ପର୍ଶୁକାନ୍ତ ଜେନା, ନିତ୍ୟାନନ୍ଦ ପ୍ରଧାନ, ରଶ୍ମିପ୍ରଭା ବିଶ୍ୱାଳ, ରଶ୍ମିତା ମହାନ୍ତି, ଅକ୍ଷୟ ପଣ୍ଡା ଓ ସାବିତ୍ରୀ ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁଉତ୍ସାହିତକରିଥିଲେ।

### ଯୁବକଙ୍କୁ କୁରାଢ଼ିରେ ଆକ୍ରମଣ

ସୋର, ୨୭।୯(ଜନ୍ମେଜୟ ମିଶ୍ର)

ସୋର ଥାନା ହେଁସଗୁଡା ଗ୍ରାମରେ ଜଣେ ଯୁବକଙ୍କୁ କୁରାଢିରେ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନିତ୍ୟାନନ୍ଦ ସାହୁ ବୁଧବାର ରାତିରେ ଗ୍ରାମରେ ଭୋଜି ଖାଇ ଫେରୁଥିବା ବେଳେ ସେହି ଗ୍ରାମର ରଘୁନାଥ ପାତ୍ର ତାଙ୍କୁ ଏକ ଧାରୁଆ କୁରାଢିରେ ଆକ୍ରମଣ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଗୁରବାର ନିତ୍ୟାନନ୍ଦ ଥାନାରେ ଅଭିଯୋଗ କରିଥିଲେ।

# ରସୁଲପୁର ବ୍ଲକ୍‌ରେ ସ୍ୱଚ୍ଛତା ପକ୍ଷ ପାଳିତ

ରସୁଲପୁର,୨୭।୯(ରଂଜିତ ରାଉତ):

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତାପକ୍ଷ ପାଳିତ ହୋଇଛି। ଏଥିସହିତ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକର ୨୮ ପଞ୍ଚାୟତରେ କାର୍ଯ୍ୟ କରୁଥିବା ୫୬ ସଫେଇ ମିତ୍ରଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଦିଗରେ ଶିବିରରେ ଆଲୋଚନା କରାଯାଇଛି। ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସଫେଇ ମିତ୍ରଙ୍କ ସମସ୍ୟା ସମାଧାନର ଉପାୟ ବାହାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଡିଓ ଅବନିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତାପକ୍ଷର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପଞ୍ଚାୟତରେ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ଦିଗରେ ସଫେଇ ମିତ୍ରମାନଙ୍କ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରି ଶିବରାର୍ଥୀଙ୍କୁ ସଚେତନ କରାଇଥିଲେ। ଶିବିରାର୍ଥୀମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଫେଇ ମିତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କୁ ପୁରସ୍କୃତ କରିବା ସହ ପିପିଇ କିଟ୍ ପ୍ରଦାନ କରାଯାଇଥିଲା। ବ୍ଲକ ସ୍ୱଚ୍ଛଗ୍ରାହୀ ନରହରୀ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ସଫେଇ ନେତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ମା’ ସିଦ୍ଧିଦାତ୍ରୀଙ୍କ କୁମାରୀ ବେଶ



ନାଉଗାଁ,୨୭।୯(ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାମ୍ଭୋସ୍ଥିତ ମା’ ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶୁକ୍ରବାର ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗା ପୂଜାର ୩ୟ ଦିବସରେ ମା’ଙ୍କୁ କୁମାରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ। ମା’ଙ୍କର ଶାରଦୀୟ ପୂଜା ଓ ବେଶ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

# ଗଣିତ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା

### ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ତିର୍ତ୍ତୋଲ, ୨୭।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କ ବଦଳି ବାତିଲ ଲାଗି ଶୁକ୍ରବାର ବିଦ୍ୟାଳୟରେ ପ୍ରତିବାଦ କରାଯାଇଥିଲା। ଏହି ବିଦ୍ୟାଳୟରେ ୫୦୦ରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଠପଢ଼ା ନିମନ୍ତେ ବିଦ୍ୟାଳୟରେ ଜଣେ ମାତ୍ର ଗଣିତ ଶିକ୍ଷକ ଥିଲେ। ମାତ୍ର ତାଙ୍କୁ ନିକଟରେ ଅନ୍ୟତ୍ର ବଦଳି କରାଯାଇଛି। ଏବେ ବିଦ୍ୟାଳୟରେ ଗଣିତ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି। ଏନେଇ ଶିକ୍ଷକଙ୍କ ବଦଳି ବାତିଲ ଲାଗି ଅଭିଭାବକ, ପୂର୍ବତନ ଛାତ୍ର, ସ୍ଥାନୀୟ ଜନସାଧାରଣ ବିଦ୍ୟାଳୟରେ ପ୍ରତିବାଦ କରିବା ସହ ଧାରଣାରେ ବସିଥିଲେ। ଫୋନ ମାଧ୍ୟମରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରତିଶ୍ରୁତି ମିଳିବା ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଅଭିଭାବକ ଓ ଅନ୍ୟମାନେ।

ଧାରଣାରେ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ଜଗନ୍ନାଥ ଖଣ୍ଡୁଆଳ, ସମ୍ପାଦକ ପ୍ରମୋଦ କୁମାର ସାହୁ, ବାବାଜୀ ଚରଣ ମଲ୍ଲିକ, ଚିତ୍ତରଞ୍ଜନ ରଥ, ମନୋଜ ବେହେରା, ଅମିୟ କୁମାର ଦାସ, ମହେଶ୍ୱର ନାୟକ, ଗଣେଶ ଚନ୍ଦ୍ର ନାୟକ, ଦେବେନ୍ଦ୍ର କୁମାର ନାୟକ, ଶେଖ ଫିରୋଜ ଅଲ୍ଲୀ, ପ୍ରଗତି ସାମଲ, ରବୀନ୍ଦ୍ରନାଥ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କୁ ପଚାରିବାରୁ ବଦଳି ହୋଇଥିବା ଶିକ୍ଷକଙ୍କୁ ବିଦ୍ୟାଳୟରେ ପୁନଃ ନିଯୁକ୍ତି ଲାଗି ନିଷ୍ପତ୍ତି ହୋଇଛି। ତାଙ୍କୁ ସୋମବାର ବିଦ୍ୟାଳୟରେ ଅବସ୍ଥାପିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗଡ୍‌ରେଜ କବାଟ ଭାଙ୍ଗି ଚୋରି ଅଭିଯୋଗ

ଡେରାବିଶ, ୨୭।୯ (ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଅନୁତୋଷ ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୨ଟା୧୫ମିନିଟ୍‌ରେ ସେ ବାହାରକୁ ଉଠିଲା ବେଳକୁ ତାଙ୍କ ଘରର କବାଟ ବାହାରୁଆ ଦିଆଯାଇଥିବା ଜାଣିବାକୁ ପାଇଥିଲେ। ତେବେ ତାଙ୍କ ବଡ଼ଭାଇଙ୍କ ଘର ଖୋଲା ଥିବାବେଳେ କୋଠରିରେ ଥିବା ଗଡ୍‌ରେଜଟି ନ ଥିଲା। ତେବେ ସେ ରାତିରେ ଖୋଜାଖୋଜି କରି ତାକୁ ପାଇ ନ ଥିଲେ। ପରେ ସେ ପଡ଼ୋଶୀ ଘରକୁ ଫୋନ କରି କହିବାରୁ ସେମାନେ ଆସି କବାଟ ଖୋଲିବାରୁ ବାହାରକୁ ବାହାରି ଥିଲେ। ସକାଳୁ ସେ ଦେଖିଲେ ଯେ, ତାଙ୍କ ଭାଇଙ୍କ ଗଡ୍‌ରେଜଟି ଘରଠାରୁ ୩୦୦ ମିଟର ଦୂରରେ ପଡ଼ିଛି। ଗଡ୍‌ରେଜ ଡୋର ଭଙ୍ଗାଯାଇ ସେଥିରେ ଥିବା ସୁନା ଗହଣା, ଟଙ୍କା ଓ ଦାମିକା ଶାଢ଼ି ଇତ୍ୟାଦି କେହି ଦୁର୍ବୃତ୍ତ ଚୋରାଇ ନେଇଯାଇଛନ୍ତି। ଅଭିଯୋଗ ପାଇବା ପରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ସଦଳବଳ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ନାବାଳିକା ବଳାତ୍କାରୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ

ଜଗତ୍‌ସିଂହପୁର, ୨୭।୯ (ପ୍ରମୋଦ କୁମାର ନାୟକ)

୨୦୧୬ରେ ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଅତିରିକ୍ତ ସେସନ୍ସ ଜଜ୍ ହର ପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟିଲୋଗ୍ରାମ ଦୟାଳପୁରର ଜିତୁ ଦାସ ଓରଫ ବିଶିଆ (୨୮)ଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏହି ମାମଲାରେ ବିଶିଆଙ୍କ ସମ୍ପର୍କୀୟ ତଥା ଅନ୍ୟତମ ଅଭିଯୁକ୍ତ ବୁନୁ ଦାସ ଓରଫ ପ୍ରତିମା ନିର୍ଦ୍ଦୋଷରେ ଖଲାସ ହୋଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମାଝି ସୂଚନା ଦେଇଛନ୍ତି। ମାଝି କହିଛନ୍ତି, ୧୧ ଅକ୍ଟୋବର ୨୦୧୬ରେ ଏହି ଘଟଣା ଘଟିଥିଲା। ଅଭିଯୋଗକାରୀ ନାବାଳିକା ଏହିଦିନ ତିର୍ତ୍ତୋଲ ଥାନା ଅନ୍ତର୍ଗତ କନକପୁର ଫାଣ୍ଡିରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ସେତେବେଳେ ୧୩ ବର୍ଷ ହୋଇଥିଲା। ଘଟଣା ଦିନ ସେ ଦିନବେଳା ଘର ପାଖ ବାଡି ପଡିଆକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ବିଶିଆ ବାଉଁଶ ବୁଦାପଟରୁ ଆସି ତାଙ୍କ ସହ ଅସଦାଚରଣ କରିଥିଲେ। ଏହି ସମୟରେ ନାବାଳିକା ଚିତ୍କାର କରିବାରୁ ପାଟି ବନ୍ଦ କରି ଦେଇଥିଲେ। ଏ ବିଷୟରେ କାହାରିକୁ ଜଣାଇଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। କେବଳ ଏତିକି ନୁହେଁ, ଚାପୁଡା ମାରିବାକୁ ମଧ୍ୟ ପଛାଇ ନ ଥିଲେ। ଏହି ସମୟରେ ନାବାଳିକାଙ୍କ ଜଣେ ନିକଟ ସମ୍ପର୍କୀୟ ସେଠାରେ ପହଞ୍ଚି ଯିବାରୁ ବିଶିଆ ଦୌଡି ପଳାଇଥିଲେ। ଏହାପରେ ସମ୍ପର୍କୀୟଙ୍କ ସହ ପୀଡ଼ିତା ବିଶିଆଙ୍କ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇଥିଲେ। କିନ୍ତୁ ବିଶିଆଙ୍କ ମା’ ଓ ଭଉଣୀ ତାଙ୍କୁ ପାଲଟା ଧମକ ଦେବାକୁ ପଛାଇ ନ ଥିଲେ।

ଏହା ପୂର୍ବରୁ ବିଦ୍ୟାଳୟ ଯିବା ସମୟରେ ଏବଂ ଘର ଲୋକ ନ ଥିବାବେଳେ ବିଶିଆ ସମ୍ପୃକ୍ତା ନାବାଳିକାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଯେତେବେଳେ ନାବାଳିକାଙ୍କ ବାହାଘର ଖୋଜାଖୋଜି ହେଲା ସେତେବେଳେ ବିଶିଆ ପ୍ରତିକ୍ରିୟାଶୀଳ ହୋଇ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏପରିକି ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଥିବା କଥା ଚାରିଆଡ଼େ ପ୍ରଚାର କରି ବାହାଘର ଭାଙ୍ଗିଦେବେ ବୋଲି ଧମକ ଦେଇଥିଲେ। ଏ ପରିସ୍ଥିତିରେ ପୀଡ଼ିତା ବାଧ୍ୟହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହା ଉପରେ ମାମଲା (ନଂ. ୩୨୫/୧୬) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ସାକ୍ଷ୍ୟପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ମାଝି କହିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି।

ଏରସମା,୨୭।୯ (ଦୀପ୍ତି ଖଣ୍ଡୁଆ)

ଏରସମା ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୪୮୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବାଲିକୁଦା–ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଉପାଧ୍ୟକ୍ଷ ବିକାଶ ପରିଡ଼ା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ବିଡିଓ ଲମ୍ବୋଦର ଖୁଣ୍ଟିଆ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ନାରଦିଆ ସରପଞ୍ଚ ସୀମାଇ ଭୋଳ, ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀ, ପ୍ରୀତମ ନାୟକ, ହୃଷିକେଶ ରାଉତରାୟ, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମ ତଦାରଖ ଓ ପରିଚାଳନା କରିଥିଲେ। ଏଥିରେ ଡା.ସତ୍ୟବ୍ରତ ଭୂୟାଁ, ଡା.ସିମନ୍ତିନି ରାଉତ, ଡା. ମନୋଜ କୁମାର ପରିଡ଼ା, ଡା.ପ୍ରସନ୍ନ କୁମାର ସାମଲ, ଡା. ହିମାଂଶୁ ଶେଖର ସାହୁ, ଡା ଅୟସକାନ୍ତ ଦାସ ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଗୋଠିଶା ୬ ନଂ.କେନାଲ ବନ୍ଧ ରାସ୍ତା ଶୋଚନୀୟ

### ପାଣିକାଦୁଅରେ ପଶି ଯିବାକୁ ବାଧ୍ୟ ହେଉଛନ୍ତି

ରଘୁନାଥପୁର,୨୭।୯ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଗୋଠିଶା ୨୦ ନଂ. ୱାର୍ଡ ୬ ନଂ. କେନାଲ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାଟି ଖାଲଖମା ହୋଇଯାଇଥିବାରୁ ପାଣିକାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଦୈନନ୍ଦିନ ଅଙ୍ଗନୱାଡିକେନ୍ଦ୍ର ଠାରୁ ଆରମ୍ଭ କରି ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରମାନେ ଉକ୍ତ ରାସ୍ତାରେ ପାଣିକାଦୁଅରେ ପଶି ଯିବାକୁ ବାଧ୍ୟ ହେଉଛନ୍ତି। ଯାତାୟାତ ସମୟରେ ଉକ୍ତ ରାସ୍ତାରେ ଗୋଡ ଖସି ଲୋକେ ପଡିଯାଉଥିବା ଅଭିଯୋଗ କରିଛନ୍ତି। ବାଇକ୍‌ରେ ଯିବା ତ ଦୂରର କଥା ଏଠାରେ ବସବାସ କରୁଥିବା ୨୫ରୁ ଊର୍ଦ୍ଧ୍ୱ ପରିବାର ଲୋକ ପାଦରେ ଚାଲି କରି ଯିବା ମଧ୍ୟ କାଠିକର ହେଉଛି। ଏପରିକି ଅଭିଭାବକମାନେ ନିଜ ପିଲାଙ୍କୁ କାନ୍ଧରେ ବସାଇ ସ୍କୁଲ ପର୍ଯ୍ୟନ୍ତ ନେଇଯିବାକୁ ବାଧ୍ୟ ହେଉଛନ୍ତି ବୋଲି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି।



ଶୋଚନୀୟ ହୋଇପଡ଼ିଥିବା କେନାଲ ବନ୍ଧ ରାସ୍ତା

ଏ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଲିଖିତ ଅଭିଯୋଗ କରିବା ପରେ ଗତ ବର୍ଷ ମାତ୍ର ୫୦ ମିଟର ରାସ୍ତାକୁ କଂକ୍ରିଟ କରାଯାଇଛି। ତୁରନ୍ତ ଅସମ୍ପୂର୍ଣ୍ଣ ଥିବା ବାକି ରାସ୍ତାକୁ କଂକ୍ରିଟ କରିବା ପାଇଁ ଅମୂଲ୍ୟ ଚନ୍ଦ୍ରକାନ୍ତ ମହାପାତ୍ର, କୁଳମଣି ନାୟକ,ବିଚିତ୍ରାନନ୍ଦ ସ୍ୱାଇଁ, ସୁରଜ ମହାପାତ୍ର ଓ ନଗେନ ସ୍ୱାଇଁଙ୍କ ସହ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସୁଚିସ୍ମିତା ବେହେରାଙ୍କୁ ପଚାରିବାରେ ଯନ୍ତ୍ରୀଙ୍କୁ ପଠେଇ ଏନେଇ କ’ଣ ହୋଇପାରିବ ଦେଖିବେ ବୋଲି କହିଛନ୍ତି।

## ଟ୍ରେନ୍‌ରୁ ଖସି ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ରଘୁନାଥପୁର,୨୭।୯ (ରାଜେନ୍ଦ୍ର ନାରାୟଣ ସିଂହ)



ସୌମ୍ୟରଞ୍ଜନ ସାହୁ।

ରଘୁନାଥପୁର ଥାନା ଜଗନ୍ନାଥପୁର ପଞ୍ଚାୟତ କୁଆମଙ୍ଗା ଗାଁର ପ୍ରଭାକର ସାହୁଙ୍କ ପୁଅ ସୌମ୍ୟରଞ୍ଜନଙ୍କ କନ୍ଦରପୁରଠାରେ ଟ୍ରେନ୍‌ରୁ ଖସି ମୃତ୍ୟୁ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପାଠ ପଢୁଥିବା ସୌମ୍ୟରଞ୍ଜନ ସନ୍ଧ୍ୟାରେ କଟକ–ପାରାଦୀପ ପାସେଞ୍ଜର ଟ୍ରେନ୍‌ରେ ଘରକୁ ଫେରୁଥିଲେ। କନ୍ଦରପୁରଠାରେ ପାଣି ଆଣିବା ପାଇଁ ଓହ୍ଲାଇଥିବା ବେଳେ ଟ୍ରେନ ଛାଡ଼ି ଦେଇଥିଲା। ସୌମ୍ୟରଞ୍ଜନ ଦୌଡି ଆସି ଟ୍ରେନରେ ଚଢ଼ିବା କ୍ଷଣି ତାଙ୍କ ଗୋଡ଼ ଖସି ଚକା ତଳକୁ ପଡ଼ି ଯାଇଥିଲେ। ଘଟଣା ସ୍ଥଳରେ ତାଙ୍କର ଗୋଟିଏ ଗୋଡ଼ କଟି ଯାଇ ମୃତ୍ୟୁ ହୋଇଥିଲା। ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଥିଲେ। ଜିଆରପି ପୋଲିସ ମୃତଦେହକୁ ଜବତ କରି କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ସୌମ୍ୟରଞ୍ଜନ ବାପାଙ୍କ ରଘୁନାଥପୁର ବଜାରରେ ଏକ ଲୁଗା ଦୋକାନ ରହିଛି। ଏହି ଦୁଃଖଦ ଘଟଣା ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ତଲକୁସୁମାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



ପାଟକୁରା, ୨୭।୯ (ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ତଲକୁସୁମା ପଞ୍ଚାୟତରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁକ୍ରବାର ସରପଞ୍ଚ ପ୍ରଭାତ ନଳିନୀ ଜେନାଙ୍କ ନେତୃତ୍ୱରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ବନିତା ବାରିକ, ସମ୍ପାଦିକା ସୁଚିତ୍ରା ବେହେରା, ତନୁଜ ଜେନା, ତନୁଜା ଛାଟୋଇଙ୍କ ସମେତ ଅନ୍ୟ ସଭ୍ୟାମାନେ ବଙ୍ଗାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁଣ୍ଡିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁଣ୍ଡିଲୋ ଅଙ୍ଗନୱାଡି କେନ୍ଦ୍ର ପରିସର ସଫେଇ କରିଥିଲେ। ଏମାନଙ୍କ ସଫେଇ କାର୍ଯ୍ୟକ୍ରମ ଦେଖି ଗ୍ରାମର ଅନ୍ୟମାନେ ମଧ୍ୟ ସାମିଲ ହୋଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ସୂର୍ଯ୍ୟମଣି ଟୁଡୁ ଓ ପୂର୍ବତନ ସରପଞ୍ଚ ଅଶୋକ ଜେନା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଚିତ ମୂଲ୍ୟ, ନିଯୁକ୍ତି ନିଶ୍ଚିତ ହେଲେ ଜମି ଦେବୁ

- ଗଡ଼କୁଜଙ୍ଗ ଜନଶୁଣାଣିରେ ଦ୍ୱି ମତ
- ଚିର ନିଦ୍ରାରେ ଶୋଇବାକୁ ଥିବା ମାଟି ଦେବୁନାହିଁ

କୁଜଙ୍ଗ,୨୭।୯(ମନୋଜ ପ୍ରଧାନ)

ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ମୌଜାର ୨୧୨. ୬୦୧୩ ଏକର ଘରୋଇ ଜମି ଇଡ୍‌କୋ ଅଧିଗ୍ରହଣ ଉଦ୍ଦେଶ୍ୟରେ ହୋଇଥିବା ସାମାଜିକ ଓ ଅର୍ଥନୈତିକ ପ୍ରଭାବ ଉପରେ ଶୁକ୍ରବାର ଗଡ଼କୁଜଙ୍ଗଠାରେ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜମି ଅଧିଗ୍ରହଣକୁ ନେଇ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଚାଷୀ ଓ ସ୍ଥାନୀୟ ଅଧିବାସୀଙ୍କ ଦ୍ୱିମତ ପ୍ରକାଶ ପାଇଥିଲା। କେତେଜଣ ଜମିର ଉଚିତ ମୂଲ୍ୟ ଓ ନିଯୁକ୍ତିକୁ ନେଇ ସର୍ତ୍ତ ରଖିଥିବା ବେଳେ ଆଉ କେତେକ ଚିର ନିଦ୍ରାରେ ଶୋଇବାକୁ ଥିବା ମାଟିକୁ ଦେବୁ ନାହିଁ ବୋଲି କହିଥିଲେ।

ଗଡକୁଜଙ୍ଗ ସରପଞ୍ଚ କବିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ କ୍ଷତିଗ୍ରସ୍ତ ହେବାକୁ ଯାଉଥିବା ଚାଷୀ ତଥା ବରିଷ୍ଠ ଆଇନଜୀବୀ ଅମୃତ ଦାସ କହିଥିଲେ, ଜମି ଅଧିଗ୍ରହଣ ପୂର୍ବରୁ ସରକାର ଓ କମ୍ପାନୀ କର୍ତ୍ତୃପକ୍ଷ ଯେଉଁ ସୁନେଲି ସ୍ୱପ୍ନ ଦେଖାନ୍ତି ଅଧିଗ୍ରହଣ ପରେ ତାକୁ ଭୁଲିଯାଆନ୍ତି। ଯେଉଁଥି ପାଇଁ ଜମି ଦେବାକୁ ଲୋକ ବିରୋଧ କରୁଛନ୍ତି। ତେଣୁ ଚାଷୀଙ୍କ ସହ ପ୍ରତ୍ୟେକ୍ଷ ଆଲୋଚନା କରି ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବା ଓ ଆଞ୍ଚଳିକ ଲୋକ ନିଯୁକ୍ତି ସୁଯୋଗ ଅଗ୍ରାଧିକାର ଭିତ୍ତିରେ ପାଇବାକୁ ଏକ ଚୁକ୍ତିପତ୍ର ହେବା, ସ୍ଥାନୀୟ ଲୋକ ପାନ ବରଜ ଓ କୌଣସି ଘରୋଇ କାମ ପାଇଁ ବାଲି ଉଠାଇବାକୁ ସୁଯୋଗ ମିଳିବା ଆବଶ୍ୟକ। କୃଷି ବିନିମୟରେ ଶିଳ୍ପ ନ ହେଉ। ଏଠିକାର ପ୍ରମୁଖ କୃଷି ହେଉଛି ପାନ ଚାଷ। ତେଣୁ ଶିଳ୍ପ ପାଇଁ ଯେତିକି ପାନ ବରଜ ନଷ୍ଟ ହେଉଛି, ପ୍ରଥମେ ସେହି ପରିମାଣର ପାନ ବରଜ ସୃଷ୍ଟି କରିବାକୁ ଦାସ ଦାବି କରିଥିଲେ। ଆହୁରି ମଧ୍ୟ ଶିଳ୍ପ ପାଇଁ ନଦୀପଥ ଅବରୋଧ ହେବା ସାଙ୍ଗକୁ ପ୍ରଦୂଷଣ ବୃଦ୍ଧି ଯୋଗୁ ମତ୍ସ୍ୟ ଉତ୍ପାଦନ କମି ଯାଉଛି। ଯାହାଦ୍ୱାରା ମତ୍ସ୍ୟଜୀବୀମାନେ ସେମାନଙ୍କ ଜୀବିକା ହରାଉଛନ୍ତି। ତେଣୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ହେବା ଆବଶ୍ୟକ ବୋଲି ସେ କହିଥିଲେ।



ଜନଶୁଣାଣି ଶିବିରରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀମାନେ।

ସାମାଜିକ କର୍ମୀ ଡ. ତମିଲ ପ୍ରଧାନ କହିଥିଲେ, ଜମିର ଉଚିତ ମୂଲ୍ୟ ଓ ନିଯୁକ୍ତି ଉପରେ ଗ୍ୟାରେଣ୍ଟି ଓ ପରିବେଶ ସୁରକ୍ଷା ପାଇଁ ପ୍ରତିଶ୍ରୁତି ମିଳିଲେ ଜମି ଦେବାରେ ଅସୁବିଧା ନାହିଁ। ବିଷ୍ଣୁ ଚରଣ ପ୍ରଧାନ କହିଥିଲେ, ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଅତୀତରେ ଦେଉଥିବା ପ୍ରତିଶ୍ରୁତି ରଖି ନ ଥିବାରୁ ଜନସାଧାରଣ ବୀତସ୍ପୃହ ହୋଇ ଜମି ଦେବାକୁ ମନା କରିଛନ୍ତି। ୭୦ବର୍ଷ ତଳେ ଯେଉଁ ଜମି ୧ ନମ୍ବର ଥିଲା ଆଜି ସେ ୩ ନମ୍ବର ଓ ଯେଉଁ ଜମି ୩ ନମ୍ବର ଥିଲା ସେ ୧ ନମ୍ବର କେମିତି ହେଲା ବୋଲି ପ୍ରଶ୍ନ କରିଥିଲ। ଅକ୍ଷୟ ପ୍ରଧାନ କହିଥିଲେ, ଆମ ଅଞ୍ଚଳର ଜୀବନ ଜୀବିକାର ମୂଳ ଉତ୍ସ ହେଉଛି ପାନ ବରଜ। ପିଢ଼ି ପରେ ପିଢ଼ି ସରକାରୀ ଜମିରେ ପାନ ବରଜ କରି ଚଳୁଥିଲୁ। ସରକାର ବା ଇଡ୍‌କୋ ସେସବୁ ଅଧିଗ୍ରହଣ କଲା ପରେ ପାନ ବରଜ ଉଜୁଡି ଗଲା। ନିଜର ଆଉ ଯେତିକି ଜମି ଅଛି ସେଥି ମଧ୍ୟରୁ ଘର କରି ରହିଥିବା ବେଳେ ଅବଶିଷ୍ଟରେ ଧାନ ଚାଷ କରି ଚଳୁଛି। ବର୍ତ୍ତମାନ ଚାଷ ଜମି ଦେବା ପରେ ମୃତ୍ୟୁ ପରେ ପୋଡ଼ା ହେବା ପାଇଁ ଆଉ ଜାଗା ନ ଥିବ। ତେଣୁ ଚିର ନିଦ୍ରାରେ ଶୋଇବାକୁ ଥିବା ମାଟିକୁ କାହାକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି କହିଥିଲେ। ତେଣୁ ଆଜିର ଜନଶୁଣାଣିରେ ଅଧେ ଚାଷୀ ଜମିର ଉଚିତ ମୂଲ୍ୟ ଓ ନିଯୁକ୍ତି ସଂକ୍ରାନ୍ତରେ ନିଶ୍ଚିତତା ହେଲେ ଜମି ଦେବୁ ବୋଲି କହିଥିବାବେଳେ ଆଉ ଅଧେ ଜମି ନ ଦେବା ପାଇଁ ରୋକ୍‌ଠୋକ ମନା କରି ଦେଇଥିଲେ। ଯାହାକୁ ନେଇ ଶିବିରରେ କିଛି ସମୟ ପାଇଁ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ଚାଷୀ ଜମି ଦେବୁ ନାହିଁ ଲେଖାଥିବା ପ୍ଲାକାର୍ଡ ଦେଖେଇ ଇଡ୍‌କୋକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ସାହୁ, ଅସିତ୍ ସ୍ୱାଇଁ, ଅନ୍ନଦା ପ୍ରସାଦ ରାଉତ, ବିଜୟାଚାନ୍ଦ ନାୟକ, ନଳିନୀ ବେହେରା, ଯଦୁନାଥ ଖଟୁଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସରପଞ୍ଚ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଇଡ୍‌କୋର ସାଧାରଣ ପରିଚାଳିକା ସ୍ୱାତୀ ମିଶ୍ର, ସତନ୍ତ୍ର ଭୂ ଅର୍ଜନ ଅଧିକାରୀ ଶିବ ଶଙ୍କର ମିଶ୍ର, ପାରାଦୀପର ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଏରସମା ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଓ ସହକାରୀ ଭୂ ଅର୍ଜନ ଅଧିକାରୀ ପୁରୁଷୋତ୍ତମ ଦାସ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

## ସଂକ୍ଷେପରେ

### ଆସିକା ଏମ୍‌ପିଙ୍କ ଅଲାରିଗଡ଼ ପରିଦର୍ଶନ

ଶେରଗଡ,୨୭।୯(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ବ୍ଲକ ଅଲାରିଗଡ଼ ଗ୍ରାମରେ ଗୁରୁବାର ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ପରିଦର୍ଶନ କରିଛନ୍ତି। ଏହି ସମୟରେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଜୟଦେବ ଜେନା, ମାଧବ ଗୌଡ଼, ନୟନୀ ଦଳେଇଙ୍କ ସମେତ କେତେକ ନେତା ଏମ୍‌ପିଙ୍କୁ ଶୁଭେଚ୍ଛା ଜଣାଇବା ପରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଅଲାରିଗଡ, କୁରୁଳା, ଗୋଠଗାଁ ପରିକ୍ରମା କରି ଲୋକମାନଙ୍କ ସମସ୍ୟା ବୁଝିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେତେଜଣ ମହିଳା ପୁରୁଷ ସାମିଲ ଥିଲେ।

### ମଦ ଜବତ, ଜଣେ ଗିରଫ

ଜଗନ୍ନାଥପ୍ରସାଦ,୨୭।୯ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳ କୁମ୍ଭାପଡା ୨୧ ନମ୍ବର ରାଜ୍ୟରାଜ ପଥରେ ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ସକାଳେ ଚଢ଼ାଉ କରାଯାଇଛି। ଏହି ସମୟରେ ଏକ କାର୍‌ ସହ ୪୩ ଲିଟର ମଦ ଜବତ କରାଯାଇ ସଞ୍ଜୟ କୁମାର ସାହୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢାଉରେ ଭଞ୍ଜନଗର ଅବକାରୀ ଥାନାଧିକାରୀ ଦମ୍ବରୁଧର ହରିଜନ, ଏସ୍‌ଆଇ ଅଲିଭା ମାଝି ଓ ମୋଜୀ ଶବର, ଏଏସ୍‌ଆଇ ନିରଞ୍ଜନ ବେହେରା, ଭୁବନି ବେହେରା, ରାମେଶ୍ୱର ବେହେରାଙ୍କ ସମେତ କ୍ରିଷ୍ଣା ଚନ୍ଦ୍ର ସେଠି ଓ ଜଗନ୍ନାଥ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

### ଧରାକୋଟରେ ପୋଷଣ ମାସ ପାଳିତ

ଧରାକୋଟ,୨୭।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ସମନ୍ୱିତ ଶିଶୁ ବିକାଶ ବିଭାଗର ଧରାକୋଟ ସେକ୍ଟର ତରଫରୁ ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ପୋଷଣ ମାସ ପାଳନ କରାଯାଇଛି। ସିଡିପିଓ ସୁନିଲ ପ୍ରଭା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘୁମୁସର ଜିଲା ଓବିସି ମୋର୍ଚ୍ଚା ସଭାପତି ଗଦାଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଡିଓ ସୁଶିଲ ପଟ୍ଟନାୟକ, ପୋଷଣ ବ୍ଲକ ସଂଯୋଜକ ବନବାସ ବେହେରା, ବିଏଲଏଫ ସଭାପତି ଗୀତା ପଟ୍ଟନାୟକ, ସମ୍ପାଦିକା ରିତାଞ୍ଜଳୀ ଭୂୟାଁ, ଉଷାରାଣୀ ବେହେରା, ପରିଦର୍ଶିକା ଭଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀ ଦଳେଇ, ସୁଶୀଳା ମଲିକ ଓ ମମତା ପ୍ରକଳ୍ପ ସହାୟକ ଅଜୟ ସେମିଲି ପ୍ରମୁଖ ଉପସ୍ଥିତ ଥିଲେ। ପୋଷଣ କାର୍ଯ୍ୟକ୍ରମରେ ରକ୍ତହୀନତା ବିଷୟରେ ସଚେତନତା, ଦୈନନ୍ଦିନ ଖାଦ୍ୟରେ ବିବିଧତା ଆଣିବା ପାଇଁ ମିଲେଟ ଓ କ୍ଷୁଦ୍ର ଖାଦ୍ୟଶସ୍ୟ ସାମିଲ କରିବା, ଶିଶୁର ପ୍ରାକ ଶିକ୍ଷାଦାନ ପାଇଁ ଯତ୍ନବାନ ହେବାକୁ ଗୁରୁତ୍ୱାରୋପ କରାଯାଇଥିଲା । ସେକ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ରହିଥିଲେ।

### ଦୁର୍ଗାପୂଜା ଶୁଭଖୁଣ୍ଟି ସ୍ଥାପନ

ଆର୍‌.ଉଦୟଗିରି,୨୭।୯(ମନୋଜ ପାଢ଼ୀ)

ମହେନ୍ଦ୍ରଗଡ଼ କଲୋନୀଠାରେ ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ପାଇଁ ଗୁରୁବାର ଅପରାହ୍ନରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଆକର୍ଷଣୀୟ ମେଢ଼ ସହ ବହୁ ଆଡମ୍ବରରେ ପୂଜା ପାଳନ କରିବା ପାଇଁ ସଭାପତି ରବୀନ୍ଦ୍ର କୁମାର ରଥ ପ୍ରକାଶ କରିଛନ୍ତି। ଶୁଭଖୁଣ୍ଟି ସ୍ଥାପରେ କାର୍ଯ୍ୟକ୍ରମରେ ଉପସଭାପତି କୁନା ପାତ୍ର, କାଳୁ ଚରଣ ଆଚାର୍ଯ୍ୟ, ମନୋରଞ୍ଜନ ବିଷୋୟୀରତ୍ନ, ମନୋଜ କୁମାର ସାହୁ ମୃତ୍ୟୁଞ୍ଜୟ ପଣ୍ଡା, ତ୍ରିନାଥ ପ୍ରଧାନୀ, ବାରିକ ମଲିକ, ବିପ୍ର ଚରଣ ସାହୁଙ୍କ ସହ ଶତାଧିକ କଲୋନୀ ବାସିନ୍ଦା ଉପସ୍ଥିତ ଥିଲେ। ପୁରୋହିତ ଶଙ୍କର ପାଢ଼ୀ ମନ୍ତ୍ର ଉଚ୍ଚାରଣ ପୂର୍ବକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସମନ୍ୱୟ ଅଭାବରୁ ଭିଏସ୍‌ଏସ୍‌ କୋଠା ନିର୍ମାଣ ଧିମା

ଭଞ୍ଜନଗର,୨୭।୯(ବାବୁଲା ପ୍ରଧାନ):

## ୧୮୦ କୋଠା କରିବ ବ୍ଲକ ପ୍ରଶାସନ



ଭଞ୍ଜନଗର ବ୍ଲକରେ ଅଧାପନ୍ତରିଆ ଥିବା ଏକ କୋଠା।

ବନ ବିଭାଗର କୋଠା କାମ ପୂର୍ବରୁ ବିଭାଗ ହିଁ କରୁଥିଲା। ମାତ୍ର ୨୦୨୩-୨୪ ଆର୍ଥିକ ବର୍ଷରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡର ବନ ସୁରକ୍ଷା ସମିତି (ଭିଏସ୍‌ଏସ୍‌) କୋଠାଗୁଡିକ ବ୍ଲକ ପ୍ରଶାସନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ଉଭୟ ବନଖଣ୍ଡରେ ୧୮୦ଟି ଭିଏସ୍‌ଏସ୍‌ କୋଠା କାମ ପାଇଁ ସରକାର ଗତ ଆର୍ଥିକ ବର୍ଷରେ ଅର୍ଥ ଅନୁମୋଦନ କରିଥିଲେ। ଗୋଟିଏ କୋଠା ପାଇଁ ୮ ଲକ୍ଷ ୫୦ ହଜାର ଟଙ୍କା ହିସାବରେ ମୋଟ ୧୫ କୋଟି ୩୦ ଲକ୍ଷ ଟଙ୍କା ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ବ୍ଲକକୁ ଆସିଛି। କିନ୍ତୁ ବ୍ଲକ, ରାଜସ୍ୱ ଏବଂ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏ ଯାଏ ଅଧା ଅର୍ଥାତ୍‌ ୯୦ରୁ ଅଧିକଟି କୋଠାର କାମ ଆରମ୍ଭ ହୋଇନାହିଁ। ଅଧିକାଂଶ ଘରର କାମ କରିବା ଅବଧି ସରିଯାଇଛି। କିନ୍ତୁ କାମ ଅଗ୍ରଗତି ହେଉନାହିଁ। ଅର୍ଥ ଅନୁମୋଦନକୁ ଦେଢ଼ ବର୍ଷ ବିତିବାକୁ ବସିଥିବା ବେଳେ ୧୮୦ଟି କୋଠା ମଧ୍ୟରୁ ଗତ ମାସରେ କେବଳ ଗୋଟିଏ କୋଠା କାମ ସରିଛି। ବର୍ତ୍ତମାନ ଯେତିକି କାମ ଚାଲିଛି ତାହା ମଧ୍ୟ ମନ୍ଥର ଗତିରେ। ଭଞ୍ଜନଗର ବ୍ଲକରେ ୭୭ଟି ଭିଏସ୍‌ଏସ କୋଠା ହେବାକୁ ଥିବା ବେଳେ ସେଥିମଧ୍ୟରୁ ଗୋଟିଏ କାମ ମଧ୍ୟ ସରିନାହିଁ। ଦୈନନ୍ଦିନ ଜିଲା ପ୍ରଶାସନ ପକ୍ଷରୁ ଭିଡିଓ କଲ ମାଧ୍ୟମରେ କାମ ଅଗ୍ରଗତି ନେଇ ସମୀକ୍ଷା କରାଯାଉଛି। କୋଠାକାମ ଗୁଡିକ ଯନ୍ତ୍ରୀମାନେ କାମ କରୁଥିବା ବେଳେ କାମର ଅଗ୍ରଗତି ନେଇ ଯେତିକି ଆଗ୍ରହ ଦେଖାଇବା କଥା ଦେଖାଉନାହାନ୍ତି । ତେଣୁ କାମ ଅଗ୍ରଗତି ହୋଇପାରୁନାହିଁ ବୋଲି ବିଭିନ୍ନ ମହଲରୁ ଅଭିଯୋଗ ଆସୁଛି। ଏ ନେଇ ଭଞ୍ଜନଗର ବ୍ଲକ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବିଭିନ୍ନ କାରଣ ଯୋଗୁ ଅଧାକୋଠା କାମ ଆରମ୍ଭ ହୋଇନାହିଁ। ମୁଖ୍ୟତଃ ଜମି ଅଧିଗ୍ରହଣ ସମସ୍ୟା ଅଧିକ ରହିଛି। ଭଞ୍ଜନଗର ବ୍ଲକରେ ୪୪ଟି କୋଠା କାମ ଚାଲିଛି। ବଳକା ଘର କାମ ମଧ୍ୟ କିଭଳି ତୁରନ୍ତ ଆରମ୍ଭ ହେବ ସେଥିପାଇଁ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ୪ରୁ ୬ ଟି କୋଠାର ଛାତ ପଡିଛି ବୋଲି ସେ କହିଛନ୍ତି। ସେହିପରି ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଆମେ କେବଳ ଜମି ଚୟନ କମିଟିରେ ଅଛୁ। କାମ ଅଗ୍ରଗତି ନେଇ ଆମ ପାଖରେ କୌଣସି ସୂଚନା ନାହିଁ।

# ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଧମକ

# ଆଦିବାସୀ ଯୁବକଙ୍କୁ ଗାଳି, ହତ୍ୟା ଧମକ ଅଭିଯୋଗ

ଦାରିଙ୍ଗବାଡି, ୨୭।୯ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଲୋକଙ୍କୁ ଫାଇନାନ୍ସରେ ଋଣ ଦେବାକୁ ଅନେକ ସ୍ଥାନରେ ବ୍ୟାଙ୍କ ଖୋଲିଛି। ଦାରିଙ୍ଗବାଡି ଓ ରାଇକିଆ ବ୍ଲକ ଅଞ୍ଚଳରେ ଫାଇନାନ୍ସ କମ୍ପାନୀଗୁଡିକ କାର୍ଯ୍ୟାଳୟ ଖୋଲି ଲୋକଙ୍କୁ ଋଣ ଦେଉଛନ୍ତି। ସଠିକ ସମୟରେ ଋଣ ପରିଶୋଧ ନ କଲେ ଲୋକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବାକୁ ପଛାଉ ନାହାନ୍ତି। ଫଳରେ ଦାରିଙ୍ଗବାଡି ବ୍ଲକ ଅଞ୍ଚଳର ଅନେକ ଆଦିବାସୀ ଲୋକ ଫାଇନାନ୍ସ କମ୍ପାନୀ ଦ୍ୱାରା ନିର୍ଯାତିତ ହେଉଥିବା ଅଭିଯୋଗ ହେଉଛି। ସେମାନେ ମାନସିକ ଦୁଶ୍ଚିନ୍ତାରେ ଗାଁ ଛାଡି କେରଳ, ତାମିଲନାଡୁ ଦାଦନ ଖଟିବାକୁ ଚାଲିଯାଉଥିବା ଦେଖିବାକୁ ମିଳୁଛି। ଦାରିଙ୍ଗବାଡି ଥାନା ସିମନବାଡି ଅଞ୍ଚଳର ଜଣେ ଆଦିବାସୀ ଯୁବକ ଫାଇନାନ୍ସ କମ୍ପାନୀରୁ ଆଣିଥିବା ଋଣ ଠିକ ସମୟରେ ପରିଶୋଧ କରି ନ ପାରିବାରୁ କମ୍ପାନୀ କର୍ମଚାରୀ ତାଙ୍କୁ ହତ୍ୟା ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। କମ୍ପାନୀରୁ ଧମକ ପାଇ ଶୁକ୍ରବାର ଦାରିଙ୍ଗବାଡି ଥାନାର ଦ୍ୱାରସ୍ଥ ହୋଇଛନ୍ତି ସମ୍ପୃକ୍ତ ଯୁବକ। ସିମନବାଡିର ସମ୍ପୃକ୍ତ ଯୁବକ ଜଣକ ଅମରେନ୍ଦ୍ର ବଜାରରେ ଏକ ପନିପରିବା ଦୋକାନ ଖୋଲି ପରିବାର ଚଳାଉଛନ୍ତି। ସେ ଅଞ୍ଚଳରେ ମିଳୁଥିବା ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ ଆଣି ବ୍ୟବସାୟ କରନ୍ତି। ସମୟ ଅନୁସାରେ ଋଣ ଶୁଝିଦିଅନ୍ତି। ଯୁବକ ଜଣକ ତାଙ୍କ ସ୍ତ୍ରୀ ଓ ମା'ଙ୍କ ନାମରେ ଋଣ କରିଥିଲେ। ସ୍ତ୍ରୀଙ୍କ ନାମରେ କରିଥିବା ଋଣ ପରିଶୋଧ କରିସାରିଥିବା ବେଳେ ମା'ଙ୍କ ନାମରେ କରିଥିବା ଋଣର ମାସିକିଆ କିସ୍ତି ପରିଶୋଧ କରିପାରିନାହାନ୍ତି। ଏବେ ବର୍ଷା କାରଣରୁ ବ୍ୟବସାୟ ମାନ୍ଦା ରହିଥିବାରୁ ସେ ଅର୍ଥ ପରିଶୋଧ କରିପାରି ନ ଥିବା କହିଛନ୍ତି। ଏପରିସ୍ଥଳେ ରାଇକିଆରେ ଥିବା ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ତାଙ୍କୁ ଫୋନରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ତାଙ୍କ ମା', ଭଉଣୀ ଓ ସ୍ତ୍ରୀଙ୍କୁ ନେଇ କମ୍ପାନୀ କର୍ମଚାରୀ ଅଶ୍ଳୀଳ ଭାଷାରେ ଗାଳି କରିଥିବା ଯୁବକ ଜଣକ ଥାନାରେ କରିଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ପୋଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଅଭିଯୋଗର ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କହିଛି।

# ଜେଲରେ ବିଇଓ, ଶିକ୍ଷକଙ୍କୁ ମିଳିନି ଦରମା

ଛତ୍ରପୁର,୨୭।୯(ସନ୍ତୋଷ ପାଢୀ):

## ୨୭ ଦିନ ପରେ ପ୍ରଧାନଶିକ୍ଷକଙ୍କୁ ମିଳିଲା ଦାୟିତ୍ୱ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୀତାରାମ ପାତ୍ରଙ୍କ ଘରେ ଅଗଷ୍ଟ ୩୧ ତାରିଖରେ ଭିଜିଲାନ୍ସ ଟିମ୍‌ ଚଢାଉ କରିଥିଲା। ଗତ ୧ ତାରିଖରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ପରେ ସୀତାରାମଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସେବେଠାରୁ ଆଉ କାହାକୁ ବିଇଓ ଦାୟିତ୍ୱ ଦିଆଯାଇନଥିବାରୁ ଛତ୍ରପୁରର ୬୧୫ ଶିକ୍ଷକ ଅଗଷ୍ଟ ମାସର ଦରମା ପାଇପାରି ନାହାଁନ୍ତି । ଅନ୍ୟପଟେ ୨୭ଦିନ ପରେ ଛତ୍ରପୁର ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଦ୍ୱାରିକାନାଥ ବେହେରାଙ୍କୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ମୁଖ୍ୟ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ତାଙ୍କୁ ଏଥିପାଇଁ କୌଣସି ଭତ୍ତା ମିଳିବନି। ପ୍ରଧାନଶିକ୍ଷକ ବେହେରାଙ୍କୁ ଆର୍ଥିକ କ୍ଷମତା ମଧ୍ୟ ଦିଆଯାଇଛି। ତେଣୁ ସେ ଶିକ୍ଷକମାନଙ୍କ ଦରମା କରିପାରିବେ । ଏ ସମ୍ପର୍କରେ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କଠାରୁ ଶୁକ୍ରବାର ଚିଠି(ନଂ.୨୦୧୮୫) ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ଏବଂ ଆଉ ଏକ ଚିଠି (ନଂ.୨୦୧୮୬) ଜିଲା ଟ୍ରେଜେରୀ ଅଫିସରଙ୍କ ନିକଟକୁ ଆସିଛି। ଗତ ୨୪ ତାରିଖରେ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଏ ସମ୍ପର୍କରେ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ପଠାଯାଇଥିଲା। ସୂଚନାଯୋଗ୍ୟ, ପ୍ରତ୍ୟେକ ମାସରେ ଶିକ୍ଷକଙ୍କ ଉପସ୍ଥାପନ ରିପୋର୍ଟ ବିଇଓଙ୍କ କାର୍ଯ୍ୟାଳୟକୁ ଆସିଥାଏ । ବିଇଓ ଅଫିସରେ ବିଲ୍‌ ପ୍ରସ୍ତୁତ ହେବା ପରେ ଟ୍ରେଜେରୀକୁ ପଠାଯାଇଥାଏ । ଟ୍ରେଜେରୀରୁ ଟଙ୍କା ଶିକ୍ଷକଙ୍କ ଆକାଉଣ୍ଟକୁ ଦରମା ଆସିଥାଏ । ସେପଟେ ଜେଲ ଯାଇଥିବା ବିଇଓ ପାତ୍ରଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାରେ ମଧ୍ୟ ବିଳମ୍ବ ହୋଇଛି। ଜଣେ ସରକାରୀ ଅଧିକାରୀ ୪୮ ଘଣ୍ଟା ବିନା ସୂଚନାରେ ଅନୁପସ୍ଥିତ ରହିଲେ ନିଲମ୍ବନ ହେବା ନିୟମ ରହିଛି।

### ଜଣେ ଶିକ୍ଷକରେ ଚାଲିଛି ବଉଳଗାଁ ସରକାରୀ ସ୍କୁଲ

ଛତ୍ରପୁର, ୨୭।୯(ସନ୍ତୋଷ ପାଢ଼ୀ )

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳଗାଁ ପଞ୍ଚାୟତର ବଉଳଗାଁରେ ଥିବା ସ୍କୁଲ ଅବ୍ୟବସ୍ଥାରେ ଚାଲିଛି। ୧୯୫୦ରେ ସ୍ଥାପିତ ଏହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୨୪ଜଣ, ସପ୍ତମ ଶ୍ରେଣୀରେ ୨୮ଜଣ, ଅଷ୍ଟମ ଶ୍ରେଣୀରେ ୩୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ୮୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୫ଜଣ ଛାତ୍ରୀ। ତେବେ ବିଦ୍ୟାଳୟରେ ୩/୪ଜଣ ଶିକ୍ଷକ ରହିବା ବଦଳରେ ଜଣେମାତ୍ର ଶିକ୍ଷକ ତିନୋଟି ଶ୍ରେଣୀରେ ଶିକ୍ଷାଦାନ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ଠିକ୍‌ ରୂପେ ହୋଇପାରୁନାହିଁ। ଯେଉଁ ଶିକ୍ଷକ ଜଣକ ଶିକ୍ଷାଦାନ କରୁଛନ୍ତି ସେ ଅନ୍ୟ ବିଦ୍ୟାଳୟରୁ ଡେପୁଟେଶନରେ ଆସିଛନ୍ତି। ବିଦ୍ୟାଳୟରେ ପାଠପଢ଼ା ଠିକ୍‌ରେ ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦେବାକୁ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିବା ସରପଞ୍ଚ ପ୍ରତିମା ଦାସ ଓ ସମିତି ସଭ୍ୟ ରାମଚନ୍ଦ୍ର ପରିଡା କହିଛନ୍ତି। ତେବେ ଏ ଦିଗରେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ସରପଞ୍ଚ ଓ ସମିତିସଭ୍ୟ ଚେତାବନୀ ଦେଇଛନ୍ତି।

### ସ୍ୱଚ୍ଛ ଭାରତ ମିଶନ: ରାଜ୍ୟସ୍ତରରେ ଚମାଖଣ୍ଡି ପୁରସ୍କୃତ



ଅତିଥିମାନେ ପଞ୍ଚାୟତକୁ ପୁରସ୍କୃତ କରୁଛନ୍ତି।

ଛତ୍ରପୁର,୨୭।୯(ସନ୍ତୋଷ ପାଢ଼ୀ)

ରାଜ୍ୟସ୍ତରରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମ ପଞ୍ଚାୟତକୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଯୋଜନାରେ ଉତ୍ତମ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଦ୍ୱିତୀୟ ପର୍ଯ୍ୟାୟର ସମସ୍ତ ବର୍ଗରେ ଚମାଖଣ୍ଡି ପଞ୍ଚାୟତ ଠିକ କାର୍ଯ୍ୟ ସହିତ ପରିଚାଳନା କରିଥିବାରୁ ପଞ୍ଚାୟତ ଏହି ପୁରସ୍କାର ପାଇଛି। ଏନେଇ ଗୁରୁବାର ପୁରୀ ଜିଲା ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଚମାଖଣ୍ଡି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜଳ ଓ ଶକ୍ତି ମନ୍ତ୍ରୀ ସିଆର ପାଟିଲ ଯୋଗଦେଇ ପଞ୍ଚାୟତକୁ ପୁରସ୍କୃତ କରିଥିଲେ। ଚମାଖଣ୍ଡି ସରପଞ୍ଚ ସିଏଚ ମନୋଜ ରେଡ୍ଡୀ, ପିଇଓ ଦଣ୍ଡପାଣି ପ୍ରଧାନ, ମା'ମଙ୍ଗଳା ଏସ୍‌ଏଚ୍‌ଜି ଗ୍ରୁପର ସଦସ୍ୟା ସୁଷମା ନାୟକ ଓ ସବିତା ନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓ ସ୍ଥାନୀୟ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ।

# ତୈଳଜାତୀୟ ଫସଲ ବୁଲି ଦେଖିଲେ ଛାତ୍ରୀଛାତ୍ର




ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ତୈଳଜାତୀୟ ଫସଲ ବୁଲି ଦେଖୁଛନ୍ତି।

ଦାରିଙ୍ଗବାଡି, ୨୭।୯ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ଚାଷ ସମ୍ପର୍କିତ ଶିକ୍ଷାଲାଭ ପାଇଁ ଶୁକ୍ରବାର ତୈଳ ଜାତୀୟ ଫସଲ ହୋଇଥିବା ଜମି ବୁଲି ଦେଖିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗୃତିର ସହଯୋଗରେ ଛାତ୍ରୀଛାତ୍ରମାନେ ଶ୍ରୀପାଙ୍ଗା, ଗ୍ରୀନବାଡି ଓ ଲାଇନପଡା ଅଞ୍ଚଳରେ ହୋଇଥିବା ତୈଳ ଜାତୀୟ ଫସଲ (ତିଳ)ବୁଲି ଦେଖିଥିଲେ। ସେମାନଙ୍କୁ ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷାର ତାଲିମଦାତା ହରପ୍ରିୟା ବେହେରା ଏହି ଚାଷ କେଉଁ ମାସରେ ହୁଏ, ବିହନ କେବେ ବୁଣାଯାଇ କେବେ ଅମଳ ହୋଇଥାଏ ଏବଂ ଏହାର ବିହନ ସଂଗ୍ରହ ଓ ଚାଷ ପଦ୍ଧତି ସମ୍ପର୍କରେ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ଶର୍ମିଷ୍ଠା କୁମାରୀ ପ୍ରଧାନ ଗାଇଡ୍‌ କରିଥିଲେ।

## ନାବାଳିକା ଭଉଣୀ ଭାଇଙ୍କୁ ଅସଦାଚରଣ ମାମଲା

# ୨ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ ଦଣ୍ଡାଦେଶ

ଫୁଲବାଣୀ, ୨୭।୯(ରାକେଶ କୁମାର ରାଉତ)

ଜଣେ ନାବାଳିକା ଭଉଣୀ ଏବଂ ତାଙ୍କ ଦୁଇ ଭାଇଙ୍କୁ ଅସଦାଚରଣ ମାମଲାର ରାୟ ଶୁକ୍ରବାର ଫୁଲବାଣୀ ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟରେ ପ୍ରକାଶ ପାଇଛି । ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପ୍ରତ୍ୟେକଙ୍କୁ ୧୪ ହଜାର ୫୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ୧୦ ମାସ ୭ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଫୁଲବାଣୀ ସାହିର ସୁଜିତ କୁମାର ମହାନ୍ତି ଓ ରାଜୀବ ରଣା। ୨୦୧୭ ଜୁଲାଇ ମାସ ୩ ତାରିଖରେ ଭଉଣୀ ଭାଇ ୩ ଜଣ ଭଡ଼ା ଘରେ ଶୋଇଥିଲେ। ଅଭିଯୁକ୍ତମାନେ ଭୁଜାଲି, କାତି ଧରି ରାତି ୧୨ଟାରେ କବାଟ ବାଡେଇ ଝରକା ଭାଙ୍ଗି ସେମାନଙ୍କ ଘରକୁ ପଶିଥିଲେ। ସେଠାରେ ସେମାନଙ୍କୁ ଅସଦାଚରଣ କରିବା ସହ ମାଡ଼ ମାରିଥିଲେ। ସେମାନଙ୍କ କଥାରେ ରାଜି ନ ହେଲେ ଏସିଡ୍‌ ପକାଇ ମାରି ଦେବାକୁ ଧମକ ଦେଇଥିଲେ । ଏହି ସମୟରେ ଭଉଣୀ ଭାଇଙ୍କ ମଧ୍ୟରୁ ଜଣେ ଚାଇଲ୍ଡ଼ ଲାଇନକୁ ଫୋନ କରିଥିଲେ। ଚାଇଲ୍ଡ ଲାଇନ ସଦସ୍ୟ ଏବଂ ପୋଲିସ ଆସିବାରୁ ନାବାଳିକା ବଳାତ୍କାରରୁ ରକ୍ଷା ପାଇଥିଲେ। ଏ ନେଇ ନାବାଳିକା ଜଣକ ଫୁଲବାଣୀ ଥାନାରେ ୪ ତାରିଖରେ ଏତଲା ଦେଇଥିଲେ। ପୋଲିସ ନଂ.୧୨୩/୧୭ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୭ ଜଣଙ୍କ ସାକ୍ଷୀ, ଡାକ୍ତରୀ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତା/ପୀଡିତଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପ୍ରହସନ

ବାଲିଗୁଡା,୨୭।୯(ସଞ୍ଜୟ କୁମାର ପାଣିଗ୍ରାହୀ)

## ପରିମଳ ବ୍ୟବସ୍ଥାକୁ ନେଇ ବଢୁଛି ଅସନ୍ତୋଷ

ଏନ୍‌ଏସି ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ପ୍ରହସନରେ ପରିଣତ ହୋଇଛି। ସହରରେ ରହିଥିବା ୧୩ ୱାର୍ଡରେ ସଫେଇ କାର୍ଯ୍ୟକ୍ରମ ବେଳେ ସମସ୍ତ ଜନପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଯୁବକ ଓ କର୍ମଚାରୀ ସାମିଲ ନେଇ ସଫେଇ ସହ ସଚେତନତା ରାଲି ସହ ସ୍ଥାନୀୟ କଳାକାରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରିବାକୁ ନିୟମ ରହିଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଫଳରେ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କେବଳ କିଛି ସରକାରୀ କାର୍ଯ୍ୟାଳୟକୁ କେତେଜଣ ସଫେଇ କର୍ମଚାରୀଙ୍କୁ ଧରି ସଫା କାମର ଫଟୋ ଉଠାଇ କାମ ସାରିଦେଇଛନ୍ତି। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହୋଇଥିବା ଟି ଶାର୍ଟ ଓ ଟୋପିକୁ ନିଜେ ନିଜେ ପିନ୍ଧି ଫଟୋ ଉଠାଇ ଅପଲୋଡ କରି ଦେଉଛନ୍ତି। ଦିନକୁ ଦିନ ପଲିଥିନ ବ୍ୟବହାର ବୃଦ୍ଧି ପାଉଥିବାରୁ ବିଭିନ୍ନ ଅଞ୍ଚଳରେ ଲୋକମାନେ ଅପରିଷ୍କାର କରୁଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ପରିମଳ ଅଧିକାରୀ ଜୟପାଲ ବଳିଆର ସିଂ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକା ନନ୍ଦ ଦଳାଇଙ୍କୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ-୨୦୨୪ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଏହା ଏକ ଛୋଟିଆ କାର୍ଯ୍ୟକ୍ରମ। ଏଣୁ କାହାରିକୁ ଡକାଯାଇ ନାହିଁ, କେବଳ ଆମେ ଫଟୋ ଉଠାଇ ଅପଲୋଡ କରିଦେଲେ ହେଲା। ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି।

# ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ ଜିଲାପାଳଙ୍କ ଗୁରୁତ୍ୱ



ପାରଳାଖେମୁଣ୍ଡି,୨୭।୯(ଗିରିଧାରୀ ପରିଛା)

ପର୍ଯ୍ୟଟନର ବିକାଶ ହେଲେ ଗଜପତି ଜିଲାର ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ। ଜିଲାର ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି ହେବ। ଜିଲାରେ ଥିବା ୧୭ଟି ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ରାଜ୍ୟ ସରକାର ୧୬ଟି ପର୍ଯ୍ୟଟନ ସ୍ଥଳର ବିକାଶ ଲାଗି ଅନୁଦାନ ଦେଇଛନ୍ତି। ଏଥିରୁ ଗୋଟିଏ ପର୍ଯ୍ୟଟନ ସ୍ଥଳୀ ଚନ୍ଦ୍ରଗିରି ବୌଦ୍ଧ ମନ୍ଦିରର କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନ୍ୟଗୁଡ଼ିକର କାର୍ଯ୍ୟ ଆରମ୍ଭ ନେଇ ପଦକ୍ଷେପ ନିଆଯାଉଛି ବୋଲି ଜିଲାପାଳ ବିଜୟ କୁମାର ଦାଶ କହିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷ-୨ରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲାପାଳ ଯୋଗ ଦେଇଛନ୍ତି। ବରିଷ୍ଠ ନାଗରିକ ଲକ୍ଷ୍ମୀନୃସିଂହ ରଥ ଜିଲାରେ ଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀରେ ଉନ୍ନତି ହେଲେ ଜିଲାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ବୋଲି କହିଥିଲେ। ଏହି ଅବସରରେ ପର୍ଯ୍ୟଟନ ଏବଂ ଶାନ୍ତି ଉପରେ ଚଳିତ ମାସ ୨୨ରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

### ବ୍ରାହ୍ମଣୀଗାଁରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

ବ୍ରାହ୍ମଣୀଗାଁ,୨୭।୯(ମନୋରଞ୍ଜନ ରଣା)

ଜଙ୍ଗଲ ଓ ପରିବେଶ ବିଭାଗର ବାଲିଗୁଡ଼ା ବନଖଣ୍ଡର ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧୀନରେ ଆସୁଥିବା ଗଦାପୁର, କାଟିଙ୍ଗିଆ ସେକ୍ସନ ଅଫିସ ଏବଂ ମେରାମାହା, ଧୁସାରୀ ବିଟ ହାଉସ ପରିସର ସଫେଇ କାମ କରାଯାଇଛି। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ବ୍ରାହ୍ମଣୀଗାଁ ବନପାଳ ଦୀପକ ରଞ୍ଜନ ପଟ୍ଟନାୟକ, ଗଦାପୁର ବନପାଳ ସଞ୍ଜୀବ କୁମାର ବେହେରା ଓ କାଟିଙ୍ଗିଆ ବନପାଳ ସୋରଜ ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସମସ୍ତ ବନ କର୍ମଚାରୀମାନେ ସହଯୋଗ କରିଥିଲେ।

# ଡୁଲୁରୀ ପାଇନ୍‌ ବଣରୁ ମିଳିଲା ଶତାଧିକ ବୋତଲ

ଦାରିଙ୍ଗବାଡି,୨୭।୯(ଅରୁଣ ସାହୁ)



ଡୁଲୁରୀ ପାଇନ୍‌ ବଣ ସଫେଇ ବେଳେ ମିଳିଥିବା ଖାଲି ମଦ ବୋତଲ ।

- ବିଶ୍ୱ ପର୍ଯ୍ୟଟନ ଦିବସରେ ଦାରିଙ୍ଗବାଡ଼ି ସଫେଇ
- ପ୍ଲାଷ୍ଟିକ ମୁକ୍ତ ପାଇଁ ମିଶନ ଶକ୍ତି ମହିଳାଙ୍କ ପ୍ରୟାସ
- ପର୍ଯ୍ୟଟନ କ୍ଷେତ୍ରରେ ଗୋଟିଏ ସ୍ଥାନରେ ପ୍ଲାଷ୍ଟିକ, ବୋତଲ ପକାଇବାକୁ ନିବେଦନ

ବିଶ୍ୱ ପର୍ଯ୍ୟଟନ ଦିବସରେ ଦାରିଙ୍ଗବାଡିଠାରେ ଥିବା ପର୍ଯ୍ୟଟନ କ୍ଷେତ୍ରକୁ ସଫେଇ କରାଯାଇଛି। ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନକ୍ଷେତ୍ର କଫି ବଗିଚା ଡୁଲୁରୀ ପିକନିକ ସ୍ପଟ, ବସ ଷ୍ଟାଣ୍ଡ ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ଥିବା ପର୍ଯ୍ୟଟନ କ୍ଷେତ୍ର ଓ ବଜାର, ରାସ୍ତା ଘାଟ ସଫେଇ କରାଯାଇଛି। ସବୁଆଡ଼େ କୁଢ଼ କୁଢ଼ ଅଳିଆରେ ପ୍ଲାଷ୍ଟିକ, ଜରି ପଡିଥିବା ବେଳେ ଡୁଲୁରୀ ପାଇନବଣରେ ଏଣେ ତେଣେ ସର୍ବାଧିକ ଖାଲି ମଦ ବୋତଲ ପଡିଥିବା ଦେଖିବାକୁ ମିଳିଛି। ଯାହା ସଫେଇ କରୁଥିବା ମିଶନଶକ୍ତିର ମହିଳାମାନଙ୍କୁ ତାଜୁବ କରିଛି।

ଯେଉଁ ମହିଳାମାନେ ଅଞ୍ଚଳରେ ଚୋରା ମଦ କାରବାରକୁ ବିରୋଧ କରିଆସୁଛନ୍ତି, ସେମାନେ ସଫେଇ ବେଳେ ଏତେ ସଂଖ୍ୟାରେ ଖାଲି ମଦ ବୋତଲ ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଣେ ତେଣେ ଆବର୍ଜନା ନ ପକାଇ ଗୋଟିଏ ସ୍ଥାନରେ ପ୍ଲାଷ୍ଟିକ ଓ ଖାଲି ବୋତଲ ପକାଇବାକୁ ସେମାନେ ପର୍ଯ୍ୟଟକଙ୍କୁ ନିବେଦନ କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ବିଡିଓ ଗଦାଧର ପାତ୍ର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଦାରିଙ୍ଗବାଡ଼ି ସରପଞ୍ଚ ଚନ୍ଦ୍ରିକା ମଲିକ ପ୍ଲିହେରି ସରପଞ୍ଚ ପାଉଲ ପ୍ରଧାନ, ଏପିଓ କେଦାର ଚନ୍ଦ୍ର ପଣ୍ଡା, ଜଳ ଯୋଗାଣ ଓ ପରିମଳ ବିଭାଗର ବିଆରସି ସୁଦାମ ସେନାପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଶାସନ ବେହେରା ଓ ମିଶନଶକ୍ତିର ମହିଳାମାନେ ସଫେଇରେ ସାମିଲ ଥିଲେ।

**ସଂକ୍ଷେପରେ**

## ଏନ୍ଏଚ୍ ୧୬, ୨୦, ୫୩ରେ ଗାଡ଼ି ପାର୍କିଂରେ କଟକଣା

ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ):

ଯାଜପୁର ଜିଲାର ଜାତୀୟ ରାଜପଥ ନଂ.୧୬, ୨୦ ଓ ୫୩ର ମୁଖ୍ୟ ରାସ୍ତାରେ ଅନଧିକୃତ ଗାଡ଼ି ପାର୍କିଂ ଦ୍ୱାରା ଅତ୍ୟାବଶ୍ୟକୀୟ ଯାନବାହନ ଚଳାଚଳରେ ଅସୁବିଧା ପରିଲକ୍ଷିତ ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଥିବା ଜିଲା ପ୍ରଶାସନ ଦୃଷ୍ଟିକୁ ଆସିଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲାପାଳ ଅନଧିକୃତ ଗାଡ଼ି ପାର୍କିଂ ଉପରେ କଟକଣା ଜାରି କରିଛନ୍ତି। ମୋଟର ଯାନ ଆଇନ ୧୯୮୮ ଧାରା ୧୧୫, ୧୧୬, ୧୧୭ ଓଏମଭି ନିୟମାବଳୀର ୬୩ ଓ ୯୩ ନିୟମାବଳୀ ଅନୁଯାୟୀ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଦ୍ରବ୍ୟ ପରିବହନ କରୁଥିବା ଯାନ ଜାତୀୟ ରାଜପଥ ୧୬ର (ସଠିପୁରରୁ ନେଳିଆ), ଜାତୀୟ ରାଜପଥ ୫୩ର (ବାଲିଚନ୍ଦ୍ରପୁରରୁ ଡୁବରୀ) ଓ ଜାତୀୟ ରାଜପଥ ୨୦ର (ପାଣିକୋଇଲିରୁ ରଗଡ଼ି) ପର୍ଯ୍ୟନ୍ତ ପାର୍କିଂ ଉପରେ କଟକଣା ଲଗାଇଛନ୍ତି। ଏହି ନିର୍ଦ୍ଦେଶ ଅକ୍ଟୋବର ୧ରୁ ୩୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

## ବିଦ୍ୟାଳୟରୁ ଚୋରି

ମୋରଡ଼ା,୨୭।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ବରକନ୍ଦ ପଞ୍ଚାୟତର ଗୁହାଳଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନନ୍ଦୀ ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟ ଷ୍ଟକ ରୁମ୍ କବାଟ ଖୋଲାଥିଲା। ଏହି ଘରେ ଥିବା ୪୦କେଜି ମଧ୍ୟାହ୍ନଭୋଜନ ଚାଉଳ, ଡାଲି, ଅଣ୍ଡା ପ୍ରେସର କୁକୁର, କଡେଇ ଇତ୍ୟାଦି ଚୋରି ହୋଇଥିବା ଦେଖିଥିଲେ। ଏନେଇ ସେ ଚିତ୍ରଡ଼ା ଫାଣ୍ଡି ଅଧିକାରୀଙ୍କୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଗୋଷ୍ଠୀ ସହାୟିକାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଗୋପବନ୍ଧୁ ନଗର, ୨୭।୯ (ଶାନ୍ତନୁ କୁମାର ମଲୁଆଳ)

ଦୀର୍ଘ ୬ ମାସ ଧରି ପାରିଶ୍ରମିକ ପାଇ ନ ଥିବା ଗୋଷ୍ଠୀ ସହାୟିକାମାନେ ଧର୍ମଘଟ ସହ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏମ୍‌ବିକେ,ସିଆରପି, ବ୍ୟାଙ୍କେ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ସଂପର୍କରେ ଗୋପବନ୍ଧୁ ନଗର ବ୍ଲକ ବିଡିଓ କରୁଣାକର ଧିନ୍ଦା ଓ ସିଡିପିଓ ସୁଜାତା ମହାପାତ୍ରଙ୍କୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ମହିଳା ସଶକ୍ତିକରଣ ବିଭିନ୍ନ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହୋଇଛି। ତେବେ ପାରିଶ୍ରମିକ ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଦାବି ପତ୍ରରେ ଉଲ୍ଲେଖ ରହିଛି।

# ପୌର କାଉନସିଲ ବୈଠକରେ ହୋହଲ୍ଲା

### ବିକାଶ କାର୍ଯ୍ୟ ନ ହେଲେ ପୌର କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

ଯାଜପୁରରୋଡ୍,୨୭।୯ (ପବିତ୍ର ରଞ୍ଜନ ମହାନ୍ତି):


ବ୍ୟାସନଗର ପୌର ପରିଷଦ ବୈଠକରେ ଯୋଗଦେଇଥିବା ପୌରାଧ୍ୟକ୍ଷା, କାଉନସିଲର ଓ ଅନ୍ୟମାନେ।

ଦୀର୍ଘଦିନ ଧରି ବ୍ୟାସନଗର ପୌର ପରିଷଦରେ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇଯାଇଛି। ଫଳରେ ଏହାକୁ ନେଇ କାଉନସିଲର ଓ ସହରବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ପୌର ପରିଷଦ କାଉନସିଲ ବୈଠକରେ ତା'ର ପ୍ରତିଫଳନ ଦେଖିବାକୁ ମିଳିଛି। ପୂର୍ବାହ୍ଣରେ ପୌର ପରିଷଦ ସଭା ଗୃହରେ ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରୁ ସହରର ବିକାଶ କାର୍ଯ୍ୟ ଆଲୋଚନା ସମୟରେ ସଂଖ୍ୟାଧିକ ପାରିଷଦ କୌଣସି କାର୍ଯ୍ୟ ହେଉ ନ ଥିବା ନେଇ ହାଙ୍ଗାମା କରିଥିଲେ। ପୌର ପରିଷଦ ଗଠନର ୨୮ ମାସ ମଧ୍ୟରେ ସହରର କ'ଣ ସବୁ ବିକାଶ ହୋଇଛି ବୋଲି ପାରିଷଦମାନେ ଅଧ୍ୟକ୍ଷାଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରିଥିଲେ। ଅଧ୍ୟକ୍ଷା ସବୁଶୁଣି ନୀରବ ରହିଥିଲେ।

ସହରର ରାସ୍ତା, ଡ୍ରେନ, ଆଲୋକ, ଟ୍ରାଫିକ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ କାଉନସିଲର ଓ ଜନସାଧାରଣ ଅଭିଯୋଗ କଲେ ସୁଫଳ ମିଳୁନାହିଁ। ସହରରେ ମଶା ଉପଦ୍ରବ ବୃଦ୍ଧି ପାଇଛି। ହେଲେ ତା'ର କୌଣସି ନିରାକରଣ ବ୍ୟବସ୍ଥା କରାଯାଉନାହିଁ। ୱାର୍ଡଗୁଡ଼ିକରେ ଡ୍ରେନେଜ ଓ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଏଥିପ୍ରତି ପୌର ପରିଷଦ ଧ୍ୟାନ ନ ଦେଇ ନିଦ୍ରାବିଷ୍ଟ ସାଜିଛି। ଅଧ୍ୟକ୍ଷା ଓ କେତେଜଣ କର୍ମଚାରୀ ସହରର ବିକାଶରେ ବାଧକ ସାଜିଥିବା ଉପନଗରପାଳ ସୁବାସ ଚନ୍ଦ୍ର ବଳ ବୈଠକରେ ସିଧାସଳଖ ପୌରାଧ୍ୟକ୍ଷାଙ୍କୁ ଆକ୍ଷେପ କରି କହିଥିଲେ। ପୌର ପରିଷଦରେ ଦୁର୍ନୀତି ଓ ପିସି କାରବାର ଚରମ ସୀମାରେ ପହଞ୍ଚିଥିବା ଉପନଗରପାଳଙ୍କ ସମେତ ସଂଖ୍ୟାଧିକ କାଉନସିଲର ଅଭିଯୋଗ ଆଣିଥିଲେ। ପୂର୍ବ କାଉନସିଲ ବୈଠକଗୁଡ଼ିକରେ ନିଷ୍ପତ୍ତି ନିଆଯାଇଥିବା ପ୍ରକଳ୍ପ କାର୍ଯ୍ୟକାରୀ କରା ନ ଯାଇ ଅଧ୍ୟକ୍ଷା ମନମୁଖୀ କାର୍ଯ୍ୟକରୁଥିବା କାଉନସିଲରମାନେ ଅଭିଯୋଗ ଆଣି ହୋହଲ୍ଲା କରିଥିଲେ।

ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନମ୍ରତା ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଥିବା ସମୟରେ କାଉନସିଲରମାନେ ପାଟିତୁଣ୍ଡ କରିଥିଲେ। ପୌର ପରିଷଦ ୱାର୍ଡଗୁଡ଼ିକର ବିକାଶ ପାଇଁ ସରକାର ମଞ୍ଜୁର କରିଥିବା ୪ କୋଟି ୭୦ଲକ୍ଷ ଟଙ୍କା ଅନୁଦାନକୁ ବୈଠକର ନିଷ୍ପତ୍ତି ଅନୁଯାୟୀ ଖର୍ଚ୍ଚ କରା ନ ଯାଇ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି ତାହାକୁ ନେଇ କାଉନସିଲରମାନେ ଅଧ୍ୟକ୍ଷାଙ୍କୁ ପ୍ରଶ୍ନ କରିଥିଲେ। ସହର ମଧ୍ୟରେ ଥିବା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଯାତାୟାତରେ ବାଧା ସୃଷ୍ଟି ହେଉଛି। ହେଲେ ପୂର୍ତ୍ତ ବିଭାଗ ପୌର ପରିଷଦକୁ ଅଣଦେଖା କରୁଥିବା ନେଇ ଉପାଧ୍ୟକ୍ଷ ପୂର୍ତ୍ତ ବିଭାଗକୁ ସମାଲୋଚନା କରିଥିଲେ। ଅଧିକାଂଶ ୱାର୍ଡରେ ପାନୀୟ ଜଳ ସଙ୍କଟ ଦେଖାଦେଇଥିବା ବେଳେ ଏହାର ନିରାକରଣ ହୋଇ ପାରୁନାହିଁ। ଅନ୍ୟପକ୍ଷରେ ସହରର ମୁଖ୍ୟରାସ୍ତାଠାରୁ ଆରମ୍ଭ କରି ୱାର୍ଡଗୁଡ଼ିକରେ ସଂଯୋଗ ହୋଇଥିବା ଆଲୋକ ଜଳୁ ନ ଥିବା ବୈଠକରେ ଅଭିଯୋଗ ହୋଇଛି। ସେହିପରି ପୌର ପରିଷଦରେ ବିଭିନ୍ନ ମୌଳିକ ସମସ୍ୟା ଲାଗିରହିଛି। ଏହି ସମସ୍ୟାଗୁଡ଼ିକ ସମାଧାନ କରିବା କକ୍ଷେତ୍ରରେ ପୌର କର୍ତ୍ତୃପକ୍ଷଙ୍କ ବିଫଳତାକୁ ନେଇ ସମାଲୋଚନା କରାଯାଇଛି। ଏକ ମାସ ମଧ୍ୟରେ ପୂର୍ବ ବୈଠକ ନିଷ୍ପତ୍ତି ଅନୁଯାୟୀ ବିକାଶ କାର୍ଯ୍ୟ କରା ନ ଗଲେ କାଉନସିଲରମାନେ ସମୂହ ଇସ୍ତଫା ଦେବାସହ ସହରର ଜନସାଧାରଣଙ୍କୁ ନେଇ ପୌର କାର୍ଯ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି ଉପନଗରପାଳ ଚେତାବନୀ ଦେଇଛନ୍ତି। ଏଥିସହିତ ସମସ୍ୟାର ସମାଧାନ ନ ହେଲେ ଉପନଗରପାଳଙ୍କ ନେତୃତ୍ୱରେ ସଂଖ୍ୟାଧିକ କାଉନସିଲର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରିଥିବା ଉପନଗରପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପାଣିକୋଇଲି ପଞ୍ଚାୟତ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ

ପାଣିକୋଇଲି,୨୭।୯(ବିକାଶ ମଲ୍ଲିକ):

କୋରେଇ ବ୍ଲକ୍ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତରେ ୨୦୧୭ରୁ ୨୦୨୨ ମଧ୍ୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଏନେଇ ଚିଠି କରାଯାଇଛି। ପଞ୍ଚାୟତର ଦୁର୍ନୀତିକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଗୋଟିଏ ପ୍ରକଳ୍ପକୁ ବିଭିନ୍ନ ନାମକରଣ କରି ବିଲ କରାଯାଇଛି। ସେହିପରି କେତେକ ସ୍ଥାନରେ ପ୍ରକଳ୍ପ ନ ଥାଇ ବିଲ ହୋଇଥିବା ଅଭିଯୋଗ ରହିଛି। ଏନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଥିଲା। ତଦନ୍ତ ନିର୍ଦ୍ଦେଶ ପରେ ପାଣିକୋଇଲି ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ଗୁମର ଖୋଲିବ ବୋଲି ଆଲୋଚନା ହେଉଛି।




# ଓଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୭।୯(ଅସିତ ମହାନ୍ତ):

ସୁକିନ୍ଦା ବ୍ଲକ୍ ଅଧୀନ କଂସ ପଞ୍ଚାୟତ ବାଲିପଡ଼ା ଗ୍ରାମ ପ୍ରାଇମେରି ସ୍କୁଲ୍ ପରିସରରେ ଶୁକ୍ରବାର ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ସୁକୁରଙ୍ଗୀ ଖଣି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଣି ନିଗମର ବରିଷ୍ଠ ପରିଚାଳକ ଦେବାଶିଷ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ସରପଞ୍ଚ ରାଜାରାଣୀ ଦେହୁରି ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଖଣି ନିଗମ କେନ୍ଦ୍ରୀୟ ଡାକ୍ତରଖାନାର ବରିଷ୍ଠ ଡାକ୍ତର ଜ୍ୟୋତିଷ୍ମାନ ଦାସ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ନିଗମର ପାରିପାର୍ଶ୍ୱିକ ଉନ୍ନୟନ ଓ ସାମାଜିକ ପ୍ରତିବଦ୍ଧତା ଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଜେମା ଚାଖି, ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା ମଧୁସ୍ମିତା ଦାସ, ସିଏସ୍‌ଆର ଅଧିକାରୀ ସରୋଜିନୀ ବ୍ରହ୍ମ, ସୂର୍ଯ୍ୟକାନ୍ତ ବେହେରା, ଡାକ୍ତରଖାନା ପକ୍ଷରୁ ହିନ୍ଦୁରାମ ଚାଖି, ଲବ ମୁଣ୍ଡା, ଦେବେନ୍ଦ୍ର ଦାସ, ତପନ ପରିଡ଼ା, ବୁଧୁରାମ ମୁଣ୍ଡା ଓ ପ୍ରଭାଞ୍ଜନ ମହାନ୍ତ ପ୍ରମୁଖ ଯୋଗେଦଇ ସହଯୋଗ କରିଥିଲେ। ମୋଟ୍ ୨୦୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା।



ଡାକ୍ତର ଜଣେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଧର୍ମଶାଳା ବିଧାୟକଙ୍କୁ ବଦନାମ ନେଇ ପ୍ରତିବାଦ


ଧର୍ମଶାଳା ଅନୁସୂଚିତ ଜାତି ଓ ଜନଜାତି ସଂଘ ପକ୍ଷରୁ ପ୍ରତିବାଦ କରାଯାଉଛି।

ଧର୍ମଶାଳା/କାଏମା,୨୭।୯ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):

**କାରଖାନାରେ ଶ୍ରମିକ ଛଟେଇ ଘଟଣା**

ଧର୍ମଶାଳା ବ୍ଲକ୍ ପାଖର ପଞ୍ଚାୟତ ମାଣ୍ଡିଆ ଛକ ନିକଟରେ ଥିବା ମାଟ୍ରିକ୍ସ ଫେରୋ ଆଲଏଜ କାରଖାନାରେ ଶ୍ରମିକ ଛଟେଇ ଘଟଣାରେ ଧର୍ମଶାଳା ବିଧାୟକଙ୍କୁ ଅଯଥା ବଦନାମ କରାଯିବା ନେଇ ଶୁକ୍ରବାର ପ୍ରତିବାଦ କରାଯାଇଛି। ଧର୍ମଶାଳା ଅନୁସୂଚିତ ଜାତି ଓ ଜନଜାତି ସଂଘ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ମାଣ୍ଡିଆ ଛକରେ ଏକତ୍ରିତ ହୋଇ ଘଟଣାର ପ୍ରତିବାଦ କରିଛନ୍ତି।

ସୂଚନା ମୁତାବକ, ୨ ଦିନ ତଳେ ମୂଳନିବାସୀ ଦଳିତ ସଂଗଠନ ପକ୍ଷରୁ ଏକ ଗୋଷ୍ଠୀ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫେରୋ ଆଲାଇଜ କମ୍ପାନୀର ମନମାନି ବିରୋଧରେ ଧାରଣା ଦେଇଥିଲେ। ଧର୍ମଶାଳା ବିଧାୟକଙ୍କ ଇଙ୍ଗିତରେ କମ୍ପାନୀରେ କାମ କରୁଥିବା ଦଳିତ ଶ୍ରମିକଙ୍କୁ ଛଟେଇ କରାଯାଇଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଅନୁସୂଚିତ ଜାତି ଓ ଜନଜାତି ସଂଗଠନର ସଭାପତି ନାରାୟଣ ମଲିକଙ୍କ ନେତୃତ୍ୱରେ ଅନ୍ୟଏକ ଗୋଷ୍ଠୀ ଲୋକେ ମାଣ୍ଡିଆ ଛକଠାରେ ପ୍ରତିବାଦ କରିବା ସହ ଘଟଣାରେ ବିଧାୟକଙ୍କ କୌଣସି ସମ୍ପୃକ୍ତି ନ ଥିବା ନେଇ ନାରାବାଜି କରିଛନ୍ତି। ବିଧାୟକଙ୍କୁ ଅଯଥାରେ ବଦନାମ କରିବା ଘଟଣାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନର ଦ୍ୱାରସ୍ଥ ହେବାକୁ ସଂଘ ଚେତାବନୀ ଦେବା ସହ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଦଳିତ ନେତା ମୁରଲି ପାଣ୍ଡବ, କଳ୍ପତରୁ ମଲିକ, ବଳରାମ ବେହେରା, ଯୁଗଳ କିଶୋର ଦାସ, ଅଙ୍କୁର ମଲିକ, ଆଦିକନ୍ଦ ମଲିକ, ସୁମିତା ସାମଲ, ସୁର ମଲିକ ଓ ଧନେଶ୍ୱର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

ମୋରଡ଼ା,୨୭।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡିହା ପଞ୍ଚାୟତ ମାଝିଆଣି ଗ୍ରାମରେ ଶୁକ୍ରବାର ଗଛରୁ ଲେମ୍ବୁ ତୋଳୁଥିବା ସମୟରେ ଜଣେ ବୃଦ୍ଧଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁଧିର ମହାକୁଡ଼ (୬୫)। ସନ୍ଧ୍ୟାରେ ବାଡ଼ିରେ ଥିବା ଗଛରୁ ଲେମ୍ବୁ ତୋଳୁଥିଲା ବେଳେ ସୁଧିର ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ନିମନ୍ତେ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୭।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ଭେଲେଡିହି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ହିସି ମୁର୍ମୁ (୪୧)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ହସ୍ପିଟାଲ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲ(ନଂ.୧୩/୨୪) ରୁଜୁ ହୋଇଛି।

# ବର୍ଷାରେ ଧାନ, ପରିବା ଫସଲ ନଷ୍ଟ

ଚଣ୍ଡିଖୋଲ,୨୭।୯(ପ୍ରଦୀପ୍ତ କୁମାର ପୃଷ୍ଟି):

**ବଡ଼ଚଣାରେ ୩୬ ମି.ମି. ବର୍ଷା ରେକର୍ଡ**

ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏବେ ବିଓଲି ଧାନ ଅମଳ ସମୟ ହୋଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କେତେକ ସ୍ଥାନରେ ଧାନ କଟାଯାଇ ବିଲରେ ପଡ଼ିରହିଛି। ହେଲେ ଚାଷୀ ଅମଳ କରି ପାରୁନାହାନ୍ତି। ସରକାରୀ ହିସାବ ଅନୁସାରେ ବଡ଼ଚଣା ବ୍ଲକରେ ଗୁରୁବାର ସକାଳ ୮ଟା ସୁଦ୍ଧା ୧୫ ମିମି ବର୍ଷା ହୋଇଥିବାବେଳେ ଶୁକ୍ରବାର ସକାଳ ୮ସୁଦ୍ଧା ୨୧ ମି.ମି. ବର୍ଷା ହୋଇଛି। ୨ ଦିନରେ ୩୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ଚାଷ ଜମିରେ ପାଣି ଜମି ରହିବା ଦ୍ୱାରା ଧାନଫସଲ ବ୍ୟତୀତ ପରିବା ଚାଷ ନଷ୍ଟ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ବଡ଼ବାଲିକୁଦା, ବରପଦା, ସାଉଡ଼ିଆ, ରଇପୁର ଓ କୋଲଣଗିରି ଆଦି ପଞ୍ଚାୟତରେ ଚାଷୀ ଏଭଳି ସମସ୍ୟା ଭୋଗୁଥିବା ପ୍ରକାଶ କରିଛନ୍ତି। ବ୍ଲକରେ କେବଳ ଧାନ ନୁହେଁ ବିରି ଓ କୋଳଥ ଫସଲ ମଧ୍ୟ ନଷ୍ଟ ହୋଇଛି। ଚାଷୀ ବିରି ଓ କୋଳଥ ବୁଣାବୁଣି କରି ସାରିଥିବାରୁ ଏବେ ପ୍ରବଳ ବର୍ଷା ଯୋଗୁ ସେମାନଙ୍କୁ ଚିନ୍ତା ଘାରିଛି। ବ୍ଲକ୍‌ର ଅଣକା, କୁନ୍ଦଳ, ମାଣ୍ଡୁକା, ଅଚ୍ୟୁତବସନ୍ତ ଆଦି ପଞ୍ଚାୟତରେ ଚାଷୀମାନେ ବିରି ଓ କୋଳଥ ବୁଣି ସାରିଥିଲେ। ଏବେ ତାହା ପାଣିରେ ବୁଡ଼ିଯାଇଛି। ସେହିଭଳି ବାଇଗଣ, ପୋଟଳ, ଭେଣ୍ଡି, ଜହ୍ନି ଓ କାକୁଡ଼ି ଆଦି ଫସଲ ନଷ୍ଟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



# ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ରସୁଲପୁର,୨୭।୯(ରଂଜିତ ରାଉତ):


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଛାତ୍ରୀମାନେ ଆଗରେ ରହିଛନ୍ତି। ଜିଲାର ବିଭିନ୍ନ ବ୍ଲକସ୍ତରରେ କୃତ୍ରିମ ବୁଦ୍ଧିମତାକୁ ନେଇ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁନନ୍ଦ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ଜିଲା ଶିକ୍ଷା କାର୍ଯ୍ୟାଳୟର ପରିଦର୍ଶକ କୁମାର ସେନ ସେନାପତି, ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ର, ବିଚାରକ ଭାବରେ ଅଧ୍ୟାପକ ରାଜକିଶୋର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପଣ୍ଡା, ପ୍ରଧାନଶିକ୍ଷକ କୁଶମଣି ପଣ୍ଡା, ବିଜ୍ଞାନ ଶିକ୍ଷକ ବିଷ୍ଣୁଚରଣ ସାହୁ, ପ୍ରକାଶ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀମାନେ କମ୍ପ୍ୟୁଟର ଜ୍ଞାନକୌଶଳ ଶିକ୍ଷାଲାଭ କରିବା ଭଳି କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ପ୍ରଶିକ୍ଷଣ ନେଇ ତା'ର ସଦ୍‌ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ କୃତ୍ରିମ ବୁଦ୍ଧିମତାର ନକାରାତ୍ମକ ଦିଗପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା। ଏଠାରେ ଆୟୋଜିତ ପାଠଚକ୍ରରେ ଜିଲାର ୧୦ଜଣ ଶ୍ରେଷ୍ଠ ପ୍ରତିଯୋଗୀ ଅଂଶଗ୍ରହଣ କରି କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ସେମାନଙ୍କ ମତବିନିମୟ କରିଥିଲେ। ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କ ମଧ୍ୟରୁ ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦେବସ୍ମିତା ପଣ୍ଡା ପ୍ରଥମ, ବିଞ୍ଝାରପୁର ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବିଦ୍ୟାଂଶୀ ସାମଲ ଦ୍ୱିତୀୟ, କୋରେଇ ବ୍ଲକ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସୋମେୟା କୌଶର ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁକନ୍ୟା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଭାକର ପ୍ରଧାନ, ପ୍ରଜ୍ଞାପରମିତା ପୃଷ୍ଟି, ଲିଲିମା ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ରାମ, ରୋନାଲିଜା ଆଏଚ, କବିତା ପାଲ, ଇନା ନାଏକ, ଧୀରେନ୍ଦ୍ର କୁମାର ନାଥ, ମମତା ଶତପଥୀ, ନସିମ୍ ଖାନ, ଜ୍ୟୋସ୍ନା ରାଉତ, ଅନାଦି ଚରଣ ସାହୁ, ଅଜୟ କୁମାର ସାହୁ ଓ ଫଣିନ୍ଦ୍ର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଅଟଳ ବିହାରୀ ବେହେରା ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

**ବଳଭଦ୍ରପୁର-ଡାମରପୁର ରାସ୍ତା ନିର୍ମାଣ କାମରେ ଅବ୍ୟବସ୍ଥା**

- ମାନୁନାହାନ୍ତି ଗାଇଡ୍‌ଲାଇନ
- ସୂଚନା ଫଳକ ଲଗାଯାଇନାହିଁ

ପଟ୍ଟାମୁଣ୍ଡାଇ,୨୭।୯ (କଳ୍ପତରୁ ନାୟକ)

ସରକାର ପ୍ରତିବର୍ଷ ରାସ୍ତାଘାଟ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସ୍ଥାନରେ ଦାୟିତ୍ୱରେ ଥିବା ଅଧିକାରୀ, ଠିକାଦାରଙ୍କ ସଲାସୁତରା ଯୋଗୁ ସେହି ଅର୍ଥ ବାଟମାରଣା ହେଉଛି। ଫଳରେ ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏପରି କି କେତେକ କ୍ଷେତ୍ରରେ ସରକାରୀ ନିୟମ ମୁତାବକ କାମ କରା ନ ଯାଇ ଠିକାଦାର ନିଜ ମନ ମୁତାବକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି। କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବାର ନିୟମ ରହିଥିଲେ ମଧ୍ୟ ଠିକାଦାର ଫଳକ ନ ଲଗାଇ ଜନସାଧାରଣଙ୍କୁ ଅନ୍ଧାରରେ ରଖିବାକୁ ପ୍ରୟାସ କରୁଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବଳଭଦ୍ରପୁର-ଡାମରପୁର ପଞ୍ଚାୟତରେ ହେଉଥିବା ରାସ୍ତା କାମରେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ସେଠୀ, ସୁଧୀର ରଞ୍ଜନ ଦାସ, ମହାଦେବ ପଲାଇ, ରାଧାଗୋବିନ୍ଦ ସାହୁ, ନୀଳମାଧବ ରାୟ, ଜଗନ୍ନାଥ ସିଂହ, ପତିତପାବନ ରଥ, ଜ୍ଞାନ ରଞ୍ଜନ ମହାରଣା, ରତିରଞ୍ଜନ ଖଟୁଆ ଓ ସାଧୁ ଚରଣ ପଲାଇ ପ୍ରମୁଖ ଅଭିଯୋଗ କରିଛନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର-ଡାମରପୁର ପଞ୍ଚାୟତର ଶତାଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ୨୦୧୨ ମସିହାରେ ପୂର୍ବତନ ସରପଞ୍ଚ ବାବାଜୀ ଧଳଙ୍କ ସମୟରେ ପଞ୍ଚାୟତ ପକ୍ଷରୁ ଏହି ରାସ୍ତାକୁ କଂକ୍ରିଟ ଢଳାଇ କରାଯାଇଥିଲା। ଅତି ସ୍ୱଳ୍ପ ବ୍ୟୟ ବରାଦରେ ନିର୍ମାଣ


ରାସ୍ତା କାମ ଚାଲିଛି।

ହୋଇଥିବା ଅଣ ଚଉଡ଼ା ରାସ୍ତାରେ ଯାତାୟାତ ହୋଇପାରୁଥିବା ବେଳେ ବର୍ଷାରେ ପାଣି ବୁଡ଼ି ଯାଉଥିଲା। ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକାମ କରିବାକୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ବିଜୟ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା। ଏହି ନିର୍ମାଣ ନିମନ୍ତେ ୪ କୋଟି ୪୪ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ଏହି ଅର୍ଥରେ ରାସ୍ତା ଉଚ୍ଚା ଚଉଡ଼ା କରି ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ଥିଲା। ମାତ୍ର ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ଉକ୍ତ ରାସ୍ତା କାମରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବ ରାସ୍ତାକୁ ସମ୍ପ୍ରସାରଣ ନିମନ୍ତେ ଉଭୟପାର୍ଶ୍ୱରେ କରାଯାଉଥିବା କଂକ୍ରିଟ୍ କାମରେ ଧାର୍ଯ୍ୟ ପରିମାଣଠାରୁ ବହୁ କମ୍ ସିମେଣ୍ଟ ଓ ଅଧିକ ବାଲି ମିଶାଯାଉଥିବାରୁ ତାହା ବହୁ ସ୍ଥାନରେ ଦବିଯିବା ସହ ଫାଟ ସୃଷ୍ଟି ହୋଇଛି। ଉଭୟ ପାର୍ଶ୍ୱ ସମ୍ପ୍ରସାରଣ ନିମନ୍ତେ ପ୍ରଥମେ ମାଟି ଖୋଳାଯାଇ ବାଲି, ପରେ ଡିଲିସ୍ କରାଯିବା କଥା, ମାତ୍ର ଏକାଧିକ ସ୍ଥାନରେ ଧାର୍ଯ୍ୟ ପରିମାଣରେ ବାଲି ନ ଦିଆଯିବା ଓ ରୋଲିଂ ନ କରାଯାଇ ପଚପଚିଆ କାଦୁଅ ଉପରେ ଢଳେଇ କରାଯାଉଥିବା ଦେଖିବାକୁ ମିଳିଛି। ଏଭଳି ଅନିୟମିତତା ସମ୍ପର୍କରେ ପ୍ରତିବାଦ କଲେ ଠିକାଦାର କି ଯନ୍ତ୍ରୀ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ନିୟମିତ ଘଟଣାସ୍ଥଳକୁ ଆସୁ ନ ଥିବାରୁ ଏହି କାମ ନିମ୍ନମାନର ହେଉଛି। ଏ ସମ୍ପର୍କରେ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ବିକାଶ ଗାହାଣଙ୍କୁ ପଚାରିବାରୁ ଅଭିଯୋଗ ଆସିଛି, ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଉତ୍ସର୍ଗୀକୃତ ଜୀବନର ପ୍ରତୀକ ଥିଲେ ସଂଗ୍ରାମୀ ଫକୀର ମୋହନ



ସ୍ମୃତିଚାରଣ ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ,୨୭।୯ (ବେବର୍ତ୍ତା ଅଜୟ ଦାସ)

## ଦ୍ୱାଦଶାହ ଅବସରରେ ସ୍ମୃତିଚାରଣ ସଭା

ଉତ୍ସର୍ଗୀକୃତ ଜୀବନର ପ୍ରତୀକ ଥିଲେ ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନ ଦାସ ବୋଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି। ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ନୁଆଗାଁଠାରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ଫକୀର ମୋହନ ଦାସଙ୍କ ଦ୍ୱାଦଶାହ ତିଥି ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲି ଅଧ୍ୟକ୍ଷତା କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଘର ରାଜ୍ୟ ସମ୍ପାଦକ ତୁଷାର ଘୋଷ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ମହାପାତ୍ର ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଭାଜପା ନେତା ତେଜେଶ୍ୱର ପରିଡ଼ା, ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସମ୍ପାଦକ ରାଜେଶ ପଣ୍ଡା, ଉତ୍ତର ଦାୟାଦ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ମୁକ୍ତାର ଖାଁ ଓ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା, ରମଣୀ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ୧୯୩୪ କେନ୍ଦ୍ରାପଡ଼ା ଅଞ୍ଚଳକୁ ଗାନ୍ଧିଜୀଙ୍କ ଐତିହାସିକ ହରିଜନ ପଦଯାତ୍ରାରେ ଉଦ୍‌ବୁଦ୍ଧ ହୋଇ ଫକୀରଙ୍କ ସମେତ ବହୁ ଛାତ୍ର, ଯୁବକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଏହି ବରପୁତ୍ରମାନଙ୍କୁ ଜନ୍ମ ଦେଇ କେନ୍ଦ୍ରାପଡ଼ା ମାଟି ଗର୍ବିତ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ପୂର୍ବତନ ସମିତିସଭ୍ୟ ଅଭିମନ୍ୟୁ ରାଉତ, ପଞ୍ଚାନନ ଦାସ, ସଞ୍ଜୟ କୁମାର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଏହି ସଭାରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ସହ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଓ ରାମଧୁନ ପାଠ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ଫକୀରମୋହନ(୧୦୦)ଙ୍କ ଅସୁସ୍ଥତା କାରଣରୁ ବିୟୋଗ ଘଟିଥିଲା। ଫକୀରଙ୍କ ବିୟୋଗରେ ସମଗ୍ର ଜିଲାରେ ଶୋକର ଛାୟା ଖେଳିଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନନ୍ତ କିଶୋର ଦାସ, ପଦ୍ମଲାଭ, ମନୋରଞ୍ଜନ, ହୃଷୀକେଶ ଓ ମଧୁସୂଧନ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ସ୍ୱଚ୍ଛତା ହିଁ ସେବା ସଚେତନତା ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ ପୌର ପରିଷଦ**

ପଟ୍ଟାମୁଣ୍ଡାଇ, ୨୭।୯ (କଳ୍ପତରୁ ନାୟକ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପରିବେଶ ସ୍ୱଚ୍ଛ ନିର୍ମଳ ରଖିବା ସହ ଲୋକମାନଙ୍କୁ ନିରୋଗ ରହିବାକୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଶୁକ୍ରବାର ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ପଟ୍ଟାମୁଣ୍ଡାଇ କଲେଜରେ ପହଞ୍ଚି ଥିଲା। ଏଥିରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, କାଉନସିଲର ପ୍ରଶାନ୍ତ ବାରିକ, ମଳୟ ଓଝା, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ବିଦ୍ୟାଧର ସେଠୀ ପ୍ରମୁଖ ବହୁ କାଉନସିଲର, କର୍ମଚାରୀ ଓ ସ୍ୱଚ୍ଛ ସାଥୀମାନେ ସାମିଲ ହୋଇଥିଲେ। ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରେ ଏନ୍‌ସିସି ଶିକ୍ଷକ ସରୋଜ ସ୍ୱାଇଁ, କ୍ରୀଡା ଶିକ୍ଷକ ଶଶାଙ୍କ ସାହୁ ଓ ଶିକ୍ଷୟିତ୍ରୀ ଅନିତା ଧଳ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ଏହି ଶୋଭାଯାତ୍ରା ଏମ୍‌ଏନ୍ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହ କଲେଜ ପର୍ଯ୍ୟନ୍ତ ଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରିଥିଲେ। ଏଠାରେ ମଧ୍ୟ କଲେଜ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ଦାଶ, ସରୋଜ ପଣ୍ଡା, ହୃଷୀକେଶ ନାଥ, ଗଣେଶ୍ୱର ପାତ୍ର ଓ ଗଙ୍ଗାଧର ଜେନା ପରିଚାଳନା କରିଥିଲେ।


ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

# ଗୋଲରାହାଟ ପାକ୍ସର ବାର୍ଷିକ ସାଧାରଣ ସଭା



ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ, ୨୭।୯ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ପରିସରରେ ଶୁକ୍ରବାର ଏହାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ପରିଚାଳନା ପରିଷଦ ସଭାପତି ଖୁରସିଦ୍ ଆଲମ୍ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ ଓ ଏଣ୍ଡର ସମବାୟ ସମିତି ସଭାପତି ଶ୍ୟାମଳେନ୍ଦୁ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କୃଷି କ୍ଷେତ୍ର ସହିତ ସମସ୍ତ କୃଷକ ବନ୍ଧୁଙ୍କ ଉନ୍ନତି ପାଇଁ ସରକାର ପାକ୍ସ ମାଧ୍ୟମରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଓ ମାତ୍ର ୨% ସୁଧରେ ୩ ଲକ୍ଷ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରିଥିବା ନେଇ ସୂଚନା ପ୍ରଦାନ କରିଥିଲେ। ଏଥିସହ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଅନ୍ୟାନ୍ୟ କୃଷକ ଉନ୍ନତି ଯୋଜନା ବାବଦରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ସଭାପତି ଖାଁଙ୍କ ନିର୍ଦ୍ଦେଶକ୍ରମେ ସମିତି ସମ୍ପାଦକ ଗୋଲକ ଚନ୍ଦ୍ର ସେନାପତି ସମ୍ପାଦକୀୟ ପଠନ ସମେତ ପୂର୍ବବର୍ଷର ବାର୍ଷିକ ବିବରଣୀ ପାଠ ଓ ସୁଦୃଢୀକରଣ, ବାର୍ଷିକ ଆୟବ୍ୟୟର ହିସାବ ଓ ଆଗାମୀ ବର୍ଷ ପାଇଁ ବଜେଟ ଉପସ୍ଥାପକ କରିଥିଲେ। ପରେ ସମିତିର ପୁରୁଖା ସଭ୍ୟ ସୁଶାନ୍ତ କୁମାର ପାତ୍ର, ସଭ୍ୟ ମହେନ୍ଦ୍ର କୁମାର ସିଂହ, ସମିତି ସଦସ୍ୟା ଶୁଦ୍ଧଦେବ ରାଉତ ଓ ଉମେଶ ସିଂହ ପ୍ରମୁଖ ଏହି ସଭାରେ ଅଂଶଗ୍ରହଣ କରି କେନ୍ଦ୍ରାପଡା ଜିଲାରେ ରହିଥିବା ସମସ୍ତ ସମିତି ମଧ୍ୟରୁ ଗୋଲରାହାଟ ସମିତି ବିଗତ ବର୍ଷମାନଙ୍କ ପରି ଏକ ଲାଭଜନକ ସମିତି ଭାବେ ତାର ସୁନାମ ବଜାୟ ରଖିଛି। ପରିଚାଳନା ପରିଷଦ ଓ ସମିତି କର୍ମଚାରୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀଦିନରେ ପାକ୍ସର ଉନ୍ନତି ପାଇଁ କେତେକ ଗଠନ ମୂଳକ ପ୍ରସ୍ତାବମାନ ପ୍ରଦାନ କରିଥିଲେ। ଏହି ସଭାରେ ପରିଚାଳନା ପରିଷଦର ଉପସଭାନେତ୍ରୀ ପ୍ରମିଳା ସିଂହ, ସଦସ୍ୟା ଗେଲ୍ହେଇ ଦାସ, ସଦସ୍ୟ ରଣଜିତ ସିଂହ, ଜୟଦେବ ପରିଡା, ନୀଳମଣି ବେହେରା, ନଟବର ବେହେରା, ହରେକୃଷ୍ଣ ସ୍ୱାଇଁ, ପ୍ରଭାତ ଭୂୟାଁ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ଶେଷରେ ସମିତି ପରିଚାଳନା ପରିଷଦ ସଭ୍ୟ ଧରଣୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ସଭା ବାଲିଆ, ଲକ୍ଷ୍ମୀନାରାୟଣପୁର ଓ ଗୋଲରାହାଟ ପଞ୍ଚାୟତକୁ ନେଇ ଗଠିତ। ଏହି ସମିତିର ବହୁ ସଂଖ୍ୟାରେ ଚାଷୀ ଓ ସଭ୍ୟମାନେ ଉପସ୍ଥିତ ଥିଲେ। ଏହାର ପରିଚାଳନାରେ ସମିତି ସହ ସମ୍ପାଦକ ଶିବାନୀ ଶଙ୍କର ସାହୁ, କ୍ୟାଶିୟର ନରହରି ସ୍ୱାଇଁ, ଲେଜର କ୍ଲର୍କ କୁନିଲତା ସାହୁ ଓ କର୍ମଚାରୀ ପ୍ରଦୀପ୍ତ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଲୁକ୍କାୟିତ ପ୍ରତିଭା ବିକାଶ କରେ ସୁରଭି

ମାର୍ଶାଘାଇ,୨୭।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଲିଘାଇ ବଜ୍ରସୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ପର୍ଶୁରାମ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତେଇ ବିଜୁ ପଟ୍ଟନାୟକ କଲେଜ ଅଧ୍ୟକ୍ଷ ବିଶ୍ୱଜିତ ତ୍ରିପାଠୀ, ମୁଖ୍ୟ ବକ୍ତା ଜିଲା ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ରାଜକିଶୋର ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶୈଳେନ୍ଦ୍ର ପ୍ରସାଦ ଚୌଧୁରୀ ଓ ରାଜକିଶୋର ନାୟକ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁର ଲୁକ୍କାୟିତ ପ୍ରତିଭା ବିକଶିତ ହୋଇଥାଏ, ଯାହା ଫଳରେ ଶିଶୁ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କୁଇଜ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଳ୍ପ କଥନ, ପ୍ରବନ୍ଧ, ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ବକ୍ତୃତା ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ କମିଟି ସଭାପତି ଭାନୁ ଚନ୍ଦ୍ର ସ୍ୱାଇଁ, ଶିକ୍ଷକ ଦୈତାରୀ ଦାସ, ପତିତପାବନ ଦାସ, ପ୍ରମୋଦ ଦାସ, ନିମାଇଁ ଚରଣ ବେହେରା, ଦିଲୀପ ମହାପାତ୍ର ଓ ଭାଗ୍ୟଧର ପତି ସହଯୋଗ କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଡେରାବିଶ, ୨୭।୯(ବେବର୍ତ୍ତା ଅଜୟ ଦାସ)

ପାଟକୁରା ନିର୍ବାଚନମଣ୍ଡଳୀର ଡେରାବିଶ ବ୍ଲକ ଅନ୍ତଗତ ୧୪ ନଂ. ଜୋନ୍ ତଥା ହରିଅଙ୍କ ପଞ୍ଚାୟତ ମୁଣ୍ଡାଲୋ ଗାଁର ଗ୍ରାମଦେବତୀଙ୍କ ପୀଠରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଭାଜପା ସମ୍ପାଦିକା ମନୀଷା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରୋକାନ୍ତ ପଣ୍ଡା, ଧୀରେନ୍ଦ୍ର ଶତପଥୀ, ସନ୍ତୋଷ କୁମାର ଭୂୟାଁ, ମମତା ସେଠୀ, ତାପସ ରଞ୍ଜନ ନାୟକ, ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପଣ୍ଡିତ ଉପାଧ୍ୟାୟଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ଗ୍ରାମଦେବତୀଙ୍କ ପ୍ରାଙ୍ଗଣକୁ ସ୍ୱଚ୍ଛ ଭାରତ ଯୋଜନାରେ ସଫେଇ କରାଯିବା ସହ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ବଜ୍ରପାତରେ ଜଳିଗଲା ୨ ବଖରା

ଆଳି,୨୭।୯ (ବନମାଳୀ ସେନାପତି)

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଆଳକଣା ଗାଁରେ ବଜ୍ରପାତରେ ୨ ବଖରା ଜଳି ଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଅପରାହ୍ଣରେ ପ୍ରବଳ ବର୍ଷା ହୋଇଥିଲା। ଆଳକଣା ଗାଁର ସୁଶାନ୍ତ ମଲିକଙ୍କ ପରିବାର ଲୋକ ଘରେ ନ ଥିବାବେଳେ ବଜ୍ରପାତ ଯୋଗୁ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହ ଆଳି ଅଗ୍ନିଶମ ବାହିନୀଙ୍କୁ ଖବରଦେବା ପରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ଜଳିଯାଇଥିବା ବେଳେ ପରିବାର ଲୋକ ନିରାଶ୍ରୟ ହୋଇପଡ଼ିଛନ୍ତି। ପରିବାର ଲୋକଙ୍କ ନିକଟରେ ପିନ୍ଧାବସ୍ତ୍ର ଥିବାବେଳେ ଅନ୍ୟ ସବୁକିଛି ପାଉଁଶ ହୋଇଯାଇଛି। ତୁରନ୍ତ ଏହି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

# କଷଣଅଣ୍ଟା ହାଇସ୍କୁଲରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପଟ୍ଟାମୁଣ୍ଡାଇ,୨୭।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲରେ ଜିଲାସ୍ତରୀୟ କ୍ରୀଡା ଭଲି ବଲ, ଚେସ, ବ୍ୟାଡ଼ମିଣ୍ଟନ ଯୋଗ ଆଦି ଏକ ଦିବସୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସିଆର୍‌ସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ମୁଖ୍ୟବକ୍ତା ରାଜ୍ୟ ପୁରସ୍କୃତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ଚନ୍ଦ୍ର ଶେଖର ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିତ୍ର ବେହୁରା, କଷଣଅଣ୍ଟା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମନ୍ତ କୁମାର ବେହେରା, କାଉନସିଲର ପ୍ରଶାନ୍ତ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ଉତ୍ତମ ଶାରୀରିକ ଗଠନ ପାଇଁ ଶିକ୍ଷା ସହ କ୍ରୀଡା ଓ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ଦେଇ ଛାତ୍ରୀଛାତ୍ରମାନେ ଉଭୟ କ୍ଷେତ୍ରରେ ଅଗ୍ରସର ହୋଇ ଜୀବନରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ସ୍ମିତାରାଣୀ ସାହୁ ସ୍ୱାଗତ ଭାଷଣ ଓ ସିଆର୍‌ସିସି ସଂଘମିତ୍ରା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ନୋଡାଲ ସମ୍ପାଦକ ବିଶ୍ୱ ରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଏବିଇଓ ସୁନୀତି ଦାସ ଓ ପ୍ରେମବାଳା ମହାପାତ୍ର, ସିଆର୍‌ସିସି ନମିତା ସାହୁ, ସଞ୍ଜୟ ସାହୁ ଓ ପ୍ରଦୀପ ତରାଇ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ୯ଟି ବ୍ଲକର ବିଭିନ୍ନ ହାଇସ୍କୁଲର ମନୋନୀତ ୨୬୪ ଛାତ୍ରୀଛାତ୍ର ଭାଗ ନେଇଥିଲେ।



ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଆବେଦନକାରୀ ୱାର୍ଡ ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ

**ବେଲପାଳ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

ରାଜନଗର, ୨୭।୯(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବେଲପାଳ ସରପଞ୍ଚଙ୍କ ବିରୋଧରେ ଶୁକ୍ରବାର ଅନସ୍ଥା ପ୍ରସ୍ତାବ ଆସିବା ପରେ ଆବେଦନକାରୀ ୱାର୍ଡ ସଭ୍ୟାସଭ୍ୟଙ୍କର ଦସ୍ତଖତ ଯାଞ୍ଚ କରାଯାଇଛି। କେନ୍ଦ୍ରାପଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ୮ଜଣ ୱାର୍ଡ ସଭ୍ୟାସଭ୍ୟଙ୍କର ଦସ୍ତଖତ ତନଖି କରିଛନ୍ତି। ସେମାନଙ୍କ ଆବେଦନପତ୍ରରେ କରିଥିବା ଦସ୍ତଖତ ଅସଲି କି ନକଲି ତାହା ଜାଣିବା ପାଇଁ ଉପଜିଲାପାଳଙ୍କ ସମ୍ମୁଖରେ ଦସ୍ତଖତ କରିଥିଲେ। ରାଜନଗର ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର କୁମାର ଦାଶ, ବେଲପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ମେଳ ଖାଇବା ପରେ ଏବେ ଅନାସ୍ଥା ବୈଠକ ପାଇଁ ତାରିଖ ଧାର୍ଯ୍ୟ ହେବ। ଉପଜିଲାପାଳ ଅନାସ୍ଥା ବୈଠକ ପାଇଁ ତାରିଖ ଧାର୍ଯ୍ୟ କରି ଚିଠି କରିବା ପରେ ଅନାସ୍ଥା ବୈଠକ ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟରେ ବସିବ।

ବେଲପାଳ ପଞ୍ଚାୟତର ୧୧ଜଣ ୱାର୍ଡସଭ୍ୟାସଭ୍ୟଙ୍କ ମଧ୍ୟରୁ ୮ଜଣ ୱାର୍ଡସଭ୍ୟାସଭ୍ୟ କେନ୍ଦ୍ରାପଡ଼ା ଉପଜିଲାପାଳଙ୍କୁ ଭେଟି ଅନାସ୍ଥା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ବର୍ତ୍ତମାନର ସରପଞ୍ଚ ତିଲୋତ୍ତମା ବରାଳ ଦୁର୍ନୀତି, ପଞ୍ଚାୟତରେ ଅନୁପସ୍ଥିତ ରହିବା ଓ ଭ୍ରଷ୍ଟାଚାର ବିରୋଧରେ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୪ର ଉପଧାରା (୧) ଓ (୨) ଅନୁସାରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କ ସଭାପତିତ୍ୱରେ ଚଳିତ ମାସ ୧୧ ତାରିଖରେ ଗାଁର ସିଦ୍ଧବାସୁଳାଇ ମନ୍ଦିର ପ୍ରାଙ୍ଗଣରେ ଜରୁରିକାଳୀନ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଛି। ବେଲପାଳ ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟମାନଙ୍କର ବିଶ୍ୱାସ ହରାଇଥିବା ସରପଞ୍ଚଙ୍କ ବିରୋଧରେ ଆଇନ ମୁତାବକ ବହିଷ୍କାର ନିମନ୍ତେ ଯେଉଁ ଅନାସ୍ଥା ପ୍ରସ୍ତାବ ଆସିଛି, ତା'ର ତାରିଖ ଧାର୍ଯ୍ୟ କରି ବିହୀତ କାର୍ଯ୍ୟାନୁଷ୍ଠାନ ନେବାକୁ ନାଏବ ସରପଞ୍ଚ କୁଣ୍ଡ, ନିରଞ୍ଜନ ଜେନା, ଗୀତାଞ୍ଜଳି ଥାଟୋଇ, ମମତା ମଞ୍ଜରୀ ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ମିନତି ପ୍ରଧାନ, କଳ୍ପତରୁ ସାହୁ, ରଙ୍ଗଲତା ଜେନା ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ସେମାନଙ୍କ ଅଭିଯୋଗ ମୁତାବକ ଦୀର୍ଘ ଅଢ଼େଇ ବର୍ଷ ହେଲା ସରପଞ୍ଚ ପଞ୍ଚାୟତରେ ଅନୁପସ୍ଥିତ ରହିବା ଫଳରେ ସରକାରଙ୍କ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ପଡ଼ି ରହିଛି। ସରପଞ୍ଚଙ୍କ ସ୍ୱାମୀ ଆମ ନିର୍ବାଚିତ ସଭ୍ୟାସଭ୍ୟମାନଙ୍କୁ ଗାଳିଗୁଲଜ ସହ ମାରିଦେବାର ଧମକ ଦେଉଛନ୍ତି। ରେଜ୍ୟୁଲେଶନରେ ନ ପଢ଼ି ଦସ୍ତଖତ କରିବାକୁ ବାଧ୍ୟ କରୁଛନ୍ତି। ସରପଞ୍ଚ ଅନୁପସ୍ଥିତ ରହିବା ଫଳରେ ଆମେ ନିର୍ବାଚିତ ହେବା ପରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ଘର କରି ସାରିଥିଲେ ମଧ୍ୟ ସାଧାରଣ ଲୋକେ ପାଇପାରୁନାହାନ୍ତି। ବିଭାଗୀୟ ଯନ୍ତ୍ରୀଙ୍କୁ ଆମେ କାମ କରିବାକୁ କହିଲେ ସରପଞ୍ଚଙ୍କ ସ୍ୱାମୀ ଡଙ୍ଗଲ ଦେଲେ ତ ପେମେଣ୍ଟ ହେବ କହି ଯନ୍ତ୍ରୀଙ୍କୁ ଧମକାଉଛନ୍ତି। ଏସିଏମ୍ ଓ ପମ୍ପ ଡ୍ରାଇଭରଙ୍କୁ ଦୀର୍ଘ ମାସ ହେବ ଦରମା ନ ଦେବାରୁ ସେମାନେ କାମକୁ ଆସୁନାହାନ୍ତି ଓ ମନମୁଖୀ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଗ୍ରାମବାସୀ ଠିକ୍ ସମୟରେ ପାଣି ପାଇପାରୁନାହାଁନ୍ତି। ପଞ୍ଚାୟତର ସିଏଫ୍‌ସି ଓ ଏସ୍‌ଏଫ୍‌ସି ଅର୍ଥ ନିର୍ବାଚନ ସମୟରୁ ଆଜି ପର୍ଯ୍ୟନ୍ତ ପଡ଼ି ରହିଛି। ସରପଞ୍ଚଙ୍କ ସ୍ୱାମୀଙ୍କ କଥା ଆମେ ଗ୍ରହଣ କରୁ ନ ଥିବାରୁ ଆମକୁ ଆମର ମାସିକ ଭତ୍ତା ଦେଉନାହାନ୍ତି। ସରପଞ୍ଚ କେନ୍ଦ୍ରାପଡ଼ାରେ ରହି ପିଲାଙ୍କୁ ପଢାଉଛନ୍ତି, ପଞ୍ଚାୟତକୁ ଆଦୌ ଆସୁନାହାନ୍ତି। ଯାହାଦ୍ୱାରା ପଞ୍ଚାୟତରେ କାମ ନ ହୋଇ ପଡ଼ିରହୁଛି। ଏହିସବୁ ଦୁର୍ନୀତି, ବେଆଇନ, ଅବହେଳା କାରଣରୁ ସରପଞ୍ଚ ଆସ୍ଥା ହରାଇଛନ୍ତି। ତେଣୁ ତାଙ୍କୁ ଆଇନ ମୁତାବକ ବହିଷ୍କାର କରିବାକୁ ୱାର୍ଡସଭ୍ୟାସଭ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ତିଲୋତ୍ତମା ବରାଳଙ୍କୁ ପଚାରିବାରେ ଗତ ୪ଟି ମାସିକ ପଞ୍ଚାୟତ ବୈଠକରେ ୭ ଜଣ ୱାର୍ଡ ସଭ୍ୟ ଅନୁପସ୍ଥିତ ରହିଛନ୍ତି। ସେମାନଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଚିଠି ନଂ. ୪/୨୦୨୪ରେ ୨୯।୮।୨୪ରେ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଛି। ଏଣୁ ୱାର୍ଡ ସଭ୍ୟାସଭ୍ୟ ଆଣିଥିବା ଅନାସ୍ଥା ପ୍ରସ୍ତାବର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଋଷିକୁଲ୍ୟା ନଦୀରୁ ଯୁବକଙ୍କ ମୃତଦେହ ଜବତ

ଗଞ୍ଜାମ,୨୭।୯(ବିଦ୍ୟାଧର ସାହୁ) ଗଞ୍ଜାମ ଥାନା ଅନ୍ତର୍ଗତ ପୋତାଗଡ଼ସ୍ଥିତ ଋଷିକୁଲ୍ୟା ନଦୀ ପଠାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗଞ୍ଜାମ ଥାନା ଏସଆଇ ଅନିରୁଦ୍ଧ ସ୍ୱାଇଁ ପହଞ୍ଚି ମୃତଦେହ ନଦୀରୁ ଜବତ କରି ତଦନ୍ତ ଚଳାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନି। ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିବା ଗଞ୍ଜାମ ଥାନା ପୋଲିସ ପକ୍ଷରୁ କୁହାଯାଇଛି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଆସିକା/ ରମ୍ଭା,୨୭।୯(ସୁରେନ୍ଦ୍ର ନାଥ ସାହୁ/ ବନବାସୀ ସେଠୀ): ଆସିକା ଏନ୍ଏସିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୁକ୍ରବାର ଏନଏସି ପରିସରରେ ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଆସିକା ବିଡିଓ ଫକୀର ଚରଣ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବିଭିନ୍ନ ୱାର୍ଡର କାଉନସିଲର ଏବଂ ସହରବାସୀ ଉପସ୍ଥିତ ଥିଲେ । ପୂର୍ବାହ୍ନରେ ସହରର ପରିମଳ କାର୍ଯ୍ୟରେ ନିୟୋଜିତ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଥିଲା । ଅପରାହ୍ନରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ନୃତ୍ୟ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ଆଧାରିତ ନାଟକ 'ମୋ ବାପାଙ୍କୁ ହୋଇଛି ଜ୍ୱର' ମଞ୍ଚସ୍ଥ ହୋଇଥିଲା। ବଡାଖାନା କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀଙ୍କୁ ଆପ୍ୟାୟିତ କରାଯାଇଥିଲା। ରମ୍ଭା ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ନେତୃତ୍ୱରେ ଓ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଏକ ସଚେତନତା ପଦଯାତ୍ରା ଏନଏସିଠାରୁ ଚିଲିକା ଜେଟି ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡତ୍ୟା, ଉପାଧ୍ୟକ୍ଷ କାଳିଆ ତରେଇ, କାଉନସିଲର ଡଲି ବେହେରା, ଉପସ୍ଥିତ ଥିଲେ ।

### ବ୍ଲକସ୍ତରୀୟ ପୋଷଣ ମାସ ପାଳନ

ଦିଗପହଣ୍ଡି,୨୭।୯(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ ମୁଖ୍ୟଅତିଥି, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନି, ଜିପିଓ ଉମେଶ ସେଠୀ, ସହଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ ସମ୍ମାନିତ ଅତିଥିରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଶୁଙ୍କ ଅନ୍ନପ୍ରାସନ କରାଇଥିବା ମାଆ, ଗର୍ଭବତୀ ମାଆ, ପୋଷଣଯୁକ୍ତ ଖାଦ୍ୟ ଦେଇ ଶିଶୁଙ୍କୁ ସୁସ୍ଥ ସବଳ କରାଇଥିବା ମାଆ ଏବଂ ମୋ ଗେହ୍ଲା ଝିଅମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ କିଶୋରୀ ବାଳିକା ଏବଂ ୧୧ଟି ସେକ୍ଟରର ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନୱାଡ଼ି ସେକ୍ଟରର ସୁପ୍ରଭାଇଜର ସଞ୍ଜୁଲତା ପାଣିଗ୍ରାହୀ ଓ ଶାନ୍ତିଲତା ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପୁରାତନ କୀର୍ତ୍ତିରାଜି ଧ୍ୱଂସାଭିମୁଖୀ

■ବିମଳାଙ୍କ ମନ୍ଦିରରେ ଗଛ ବଢ଼ୁଛି
■ହାତବାନ୍ଧି ବସିଛି ପ୍ରତ୍ନତତ୍ତ୍ୱ ବିଭାଗ

ଖଣ୍ଡପଡ଼ା,୨୭।୯(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନବିଦିତ। ହେଲେ ଏହି ପୀଠର ପୁରାତନ କୀର୍ତ୍ତିରାଜି ଆଜି ଧ୍ୱଂସାଭିମୁଖୀ। ବିଭିନ୍ନ ସମୟରେ ମନ୍ଦିର ଓ ଚଟାଣରେ ସୃଷ୍ଟି ହୋଇଥିବା ଫାଟକୁ ଯେନତେନ ପ୍ରକାରେ ମରାମତି କରାଯାଇ ଉପରେ ଚୁନ ଲେପ ଦିଆଯାଇଥିବା ଅଭିଯୋଗ ହେଉଛି। ଏହାଛଡା ଏବେ ନୀଳମାଧବ ଜୀଉ ମନ୍ଦିରର ପଛପାର୍ଶ୍ୱରେ ଥିବା ମା' ବିମଳାଙ୍କ ମନ୍ଦିର ଉପରେ ଗଛ ଉଠିଛି। ପ୍ରଶାସନିକ ଅବହେଳା ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଯୋଗୁ ଏହି ଐତିହାସିକ ପୀଠ ଅବହେଳିତ ହୋଇ ପଡିରହିଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୨ ମେ ମାସରେ ୧ଶହ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଏଥିରେ ବିକାଶ କାମ ଚାଲିଛି। ହେଲେ ସେହି ପରିସରରେ ଥିବା ବିଭିନ୍ନ ମନ୍ଦିରରେ ସୃଷ୍ଟି ହୋଇଥିବା ଫାଟକୁ



ବିମଳାଙ୍କ ମନ୍ଦିରରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ମରାମତି କରାଯାଉନାହିଁ। ଏପରି କି ଏହି ପ୍ରକଳ୍ପରେ ସେଗୁଡ଼ିକ ଅନ୍ତର୍ଭୁକ୍ତ ନ ଥିବା ବିଭାଗୀୟ ଅଧିକାରୀ ଦର୍ଶାଉଛନ୍ତି। ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଥିବା ବେଳେ ମନ୍ଦିରରେ ସୃଷ୍ଟି ହୋଇଥିବା କାମ ଉପରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ।

ଅନ୍ୟପକ୍ଷେ ଓଡ଼ିଶାର ଗଡଜାତ ରାଜାମାନେ ନୀଳମାଧବଙ୍କ ବିଭିନ୍ନ ଯାନିଯାତ୍ରା, ସେବା ପୂଜା ପାଇଁ ଠାକୁରଙ୍କ ନାମରେ ବିପୁଳ ଭୂ-ସମ୍ପତ୍ତି ଖା ଓ ନିଷ୍କର ଖା ଭାବେ ରଖି ଯାଇଥିଲେ। ମାତ୍ର ମନ୍ଦିର ଓ ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦାୟିତ୍ୱ ଦେବୋତ୍ତର ବିଭାଗ ବିଶେଷକରି ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ ରହିଛି। ଶ୍ରୀଜୀଉଙ୍କ ନାମରେ ବିପୁଳ ଭୂ ସମ୍ପତ୍ତି ରହିଥିଲେ ମଧ୍ୟ ତାହା ଏବେ ପ୍ରଜାଙ୍କ ଦଖଲରେ ରହିଛି। ଫଳରେ ଠାକୁରଙ୍କ ପୂଜା ନୀତି ସମ୍ପନ୍ନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଆର୍ଥିକ ଅନାଟନ ଯୋଗୁ ଦେବୋତ୍ତର ବିଭାଗ ମଧ୍ୟ ନଷ୍ଟ ହୋଇ ଯାଉଥିବା ପୁରାତନ କୀର୍ତ୍ତିରାଜିର ସୁରକ୍ଷା ଦେବା ଅସମ୍ଭବ ହୋଇ ପଡିଛି। ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବଜ୍ରପାତ ଓ ଘଡଘଡି ପ୍ରଭାବରେ ନୀଳମାଧବ ମନ୍ଦିର ଚୂଡ଼ା(ଦଧି ନଉତି) ତଥା ନୀଳଚକ୍ର ଦକ୍ଷିଣପାର୍ଶ୍ୱ ଅଁଳାବେଢାରେ ଗର୍ତ୍ତ ସୃଷ୍ଟି ହୋଇଛି। ବିମଳାଙ୍କ ମନ୍ଦିର ଅଗ୍ରଭାଗରେ ଫାଟ ସୃଷ୍ଟି ହୋଇଛି। ଏପରି କି ଏକାଧିକ ମନ୍ଦିରର ନୀଳଚକ୍ର ଭାଙ୍ଗି ଯାଇଛି। ଏହାଛଡା ମୂଳ ମନ୍ଦିର ସିଂହର ମୁଣ୍ଡଟି ଭାଙ୍ଗି ଯାଇଛି। ବିଭିନ୍ନ ମନ୍ଦିରରେ ଧଳାରଙ୍ଗ କରାଯାଇ ପୂର୍ବରୁ ସୃଷ୍ଟି ହୋଇଥିବା ଗର୍ତ୍ତ ଓ ଫାଟ ଆଖିକୁ ଦୃଶ୍ୟମାନ ନାହିଁ। ଭବିଷ୍ୟତରେ ତାହା ବିପଦର କାରଣ ହୋଇପାରେ ବୋଲି ଅଭିଯୋଗ ହେଉଛି। ଅପରପକ୍ଷେ ବିକାଶ ପ୍ରକଳ୍ପ ଯୋଜନାରେ ସ୍ଥାୟୀ ରୋଷଘର ଚଟାଣ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ଭବେ ସମ୍ପନ୍ନ କରାଯାଇ ଥିବାରୁ ଉକ୍ତ ଚଟାଣ ବର୍ଷା ସମୟରେ ଶିଉଳି ଲାଗି ସେବାସୀ ଓ ସୁଆରମାନଙ୍କ ଯାତାୟତରେ ବିପଦ ସୃଷ୍ଟି କରୁଛି। ରୋଷଘରକୁ ବିଭିନ୍ନ ନୀତି ସଂପନ୍ନ କରିବା ପାଇଁ ଯାଉଥିବା ସୁଆରମାନଙ୍କ ଗୋଡ ଶିଉଳିରେ ଖସି ଆହତ ହେଉଥିବା ଅଭିଯୋଗ ହେଉଛି। ଏ ସବୁ ସମସ୍ୟା ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ନଦେଲେ ଶ୍ରୀ ଜୀଉଙ୍କ ମନ୍ଦିର ଓ ପୁରାତନ କୀର୍ତ୍ତିରାଜି ଅଚିରେ ଧ୍ୱଂସାଭିମୁଖୀ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେବେ ଏହାର ପ୍ରତିକାର ସମ୍ପର୍କରେ ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜାରାମ ଛତ୍ରିଆଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ଶନିବାର ନୀଳମାଧବ ମନ୍ଦିର ପରିଦର୍ଶନ ପରେ ମନ୍ଦିର ସ୍ଥିତି ସହ ବିଭିନ୍ନ ସମସ୍ୟା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏ ନେଇ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଇବେ ବୋଲି ସେ ସୂଚନା ଦେଇଛନ୍ତି।

## ଶରଣକୁଳରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗ୍ରାମବାସୀ।

ଶରଣକୁଳ,୨୭।୯(ଦୀପକ କର)

ହରିହରପୁର ଗ୍ରାମରେ ଶୁକ୍ରବାର ଗ୍ରୀନ କ୍ଲବ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ କ୍ଲବର ସଦସ୍ୟ ଓ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଗ୍ରାମର ଖଳା ପୋଖରୀ ଓ ହାଡ଼ିପୋଖରୀକୁ ପରିଷ୍କାର କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏହାପରେ ସମସ୍ତେ ଖଳା ପୋଖରୀ ଓ ହାଡ଼ି ପୋଖରୀ ହୁଡ଼ାରେ ଲଗାଯାଇଥିବା ଆମ୍ବ, ନଡ଼ିଆ ଓ ଜାମୁ ଗଛର ଯତ୍ନ ନେଇଥିଲେ । ଏଥିସହିତ ପୋଖରୀ ଓ ତା'ର ଚାରିପାଖ ସଫା କରିଥିଲେ। ଏହି ଅବସରରେ ଗ୍ରାମରେ ସ୍ୱଚ୍ଛତା ହିଁ ସେବା ଉପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ପରିବେଶବିତ୍ ଡ.ସୁରେଶ ଚନ୍ଦ୍ର ବରାଡ଼ ଯୋଗ ଦେଇ ସ୍ୱଚ୍ଛତାର ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଗ୍ରାମ ସଭାପତି ମଙ୍ଗୁଳି ନାୟକ, ସଦସ୍ୟ କିଶୋର ନାୟକ, ଶିବ ସିଠ, ଅଭିନି ପ୍ରଧାନ, ଋଷିଆ ପ୍ରଧାନ, ନାରଣ ବରାଡ଼, ଚୁଲିଆ ସାହାଣୀ, ଯୋଗୀନାଥ ବରାଡ଼, କ୍ଲବ ସଦସ୍ୟ ବାସୁ ସ୍ୱାଇଁ, ଉପଦେଷ୍ଟା ସୌଦାଗର ନାୟକ, ଯୋଗଗୁରୁ ବୈକୁଣ୍ଠ ପ୍ରଧାନ, ଶିବ ମହାରଣା, କୋଷାଧ୍ୟକ୍ଷ କୈଳାସ ମହାରଣା, ଶରତ ଚନ୍ଦ୍ର ବରାଡ଼, ଚୁଲିଆ ମହାନ୍ତି, ସଞ୍ଜୟ କୁମାର ଜେନା, ଦିପୁନା ମହାନ୍ତି, ବିଭୁତି ପ୍ରଧାନ, ଲୋକା ପ୍ରଧାନ, ବିନୋଦ ସ୍ୱାଇଁ ଓ ରାଜକିଶୋର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ କୁମାର ବରାଡ଼ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ନେଇଥିଲେ।

## ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବିଭାଗୀୟ ଅଧିକାରୀ।

ନୟାଗଡ଼,୨୭।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାକକ୍ଷରେ ଆଦିବାସୀ ମନ୍ତ୍ରଣାଳୟ ଭାରତ ସରକାରଙ୍କ ନିର୍ଦ୍ଦେଶରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନାର ଜିଲାସ୍ତରୀୟ ମହାଶିବିରକୁ ସଫଳ ଆୟୋଜନ ଲାଗି ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଅତିରିକ୍ତ ଜିଲାପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ମଙ୍ଗଳ ଅଧିକାରୀ, ନୟାଗଡ଼ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନାର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲାର ଦଶପଲ୍ଲା, ଗଣିଆ ଓ ନୂଆଗାଁର ଅନୁସୂଚିତ ଜନଜାତି ବହୁଳ ୧୧୩ଟି ଗ୍ରାମକୁ ଏହି ଯୋଜନାରେ ସାମିଲ କରାଯାଇଛି। ଅକ୍ଟୋବର ୨ରେ ପ୍ରଧାନମନ୍ତ୍ରୀ ସମ୍ପୃକ୍ତ ଯୋଜନାକୁ ଲୋକାର୍ପଣ କରିବେ। ଲୋକାର୍ପଣ ଉତ୍ସବ ଦଶପଲ୍ଲା ବ୍ଲକ ବାଣୀଗୋଛା ଉଚ୍ଚ ବିଦ୍ୟାଳୟରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିପରି ଅନୁସୂଚିତ ଜନଜାତି ଲୋକମାନଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଜିଲାର ସମସ୍ତ ବିଭାଗର ଷ୍ଟଲଗୁଡ଼ିକ ସ୍ଥାପନା କରାଯାଇ ଲୋକଙ୍କୁ ଅବଗତ କାରଯିବା ଲାଗି ସ୍ଥିର କରାଯାଇଛି । ଏହି ବୈଠକରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

## ମହିଳା କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ




ମହିଳା କଲେଜ ପକ୍ଷରୁ ସ୍ୱଚ୍ଛତା ପାଇଁ ସଚେତନତା ଶୋଭାଯାତ୍ରା।

ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ଗୁରୁବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଏନଏସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତା ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ତର୍କ, ଏକକ ଅଭିନୟ, କୁଇଜ, ଦଳଗତ ନୃତ୍ୟ, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ୩ୟ ସ୍ଥାନରେ ଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି । ଏହି ଅବସରରେ ସ୍ୱଚ୍ଛତା ଅଭିଯାନକୁ କ୍ରିୟାଶୀଳ କରିବା ପାଇଁ ଛାତ୍ରୀମାନଙ୍କ ସମେତ ଏନଏସି ନିର୍ବାହୀ ଅଧିକାରୀ ଓ ସହକର୍ମୀମାନେ ସ୍ୱଚ୍ଛତା ଶପଥ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହପାତ୍ର, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଏକ ସ୍ୱଚ୍ଛତା ଶୋଭାଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକଙ୍କ ନେତୃତ୍ୱରେ ଯୁକ୍ତ ୨ ଯୁଥ ରେଡ଼କ୍ରସ ଶାଖାର ଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ

ଓଡ଼ଗାଁ,୨୭।୯(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ଏନ୍ଏସି ପକ୍ଷରୁ ଗୁରୁବାର ୧୦୦ ଜଣ ସଫେଇ କର୍ମଚାରୀ ଓ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ପୋଷାକ ବଣ୍ଟନ କରାଯାଇଛି। ଏନେଇ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଶିବିରକୁ ଡାକ୍ତର ନୀଳାଞ୍ଜନ ଦାସ ଓ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଡାକ୍ତର ନୀଳାଞ୍ଜନ ଦାସ ସମସ୍ତ ସଫେଇ କର୍ମଚାରୀ ଓ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ପ୍ରଦାନ କରିଥିଲେ । ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଇଁ ପୋଷାକ ବଣ୍ଟନ କରିଥିଲେ। 'ସଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯାଉଛି । ବିଭିନ୍ନ ୱାର୍ଡରେ ସଫେଇ କର୍ମଚାରୀମାନେ ଭଲଭାବେ ସଫେଇ କାର୍ଯ୍ୟ ଚାଲୁ ରଖିଥିବାରୁ କର୍ମଚାରୀ ଓ ସଫେଇ ମିତ୍ରଙ୍କୁ ସ୍ୱାଇଁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ପରିମଳ ବିଶେଷଜ୍ଞ ବରଦା ପ୍ରସନ୍ନ ଦାସ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ନିପୁନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ 'ନିପୁନ ଓଡ଼ିଶା' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଖଣ୍ଡପଡା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ସହ ଅକ୍ଷର ଜ୍ଞାନ ଓ ଗଣିତ ଜ୍ଞାନ ସମ୍ପର୍କରେ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଅଟେ ବୋଲି ବ୍ଲକ୍ ଶିକ୍ଷାଧିକାରୀ ସୂଚନା ଦେଇ ଥିଲେ। ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ୍ ଅଧୀନ ୬୭ ଉଚ୍ଚ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ। ଏ ଅବସରରେ ନିପୁନ ଓଡ଼ିଶାର ଲୋଗକୁ ଉନ୍ମୋଚନ କରାଯାଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାହୁଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଯୋଗଦେଇଥିଲେ।

## ବଡନାଳରେ ଭାସୁଛି ମଲା କୁକୁଡା: ବାର୍ଡ଼ ଫ୍ଲୁ ସନ୍ଦେହ

**ଗୋପାଳପୁର,୨୭।୯(ନବୀନ ରାଜ ଆଚାରୀ):** ରାଜ୍ୟର ବିଭିନ୍ନ ଜିଲାର ଅନେକ ସ୍ଥାନରେ ବାର୍ଡ଼ ଫ୍ଲୁ ଚିହ୍ନଟ ହୋଇଛି। ଶୁକ୍ରବାର ଗଞ୍ଜାମ ଜିଲା କନିସି ତହସିଲ ମାର୍କଣ୍ଡି ଗ୍ରାମ ନିକଟ ବଡ଼ ନାଳରେ ମଲା କୁକୁଡ଼ା ବସ୍ତା ବାନ୍ଧି ପାଣିରେ ପକାଇ ଦେଇଥିବା ଦେଖିବାକୁ ମିଳିଛି। ଫଳରେ ଏନେଇ ଗ୍ରାମରେ ଲୋକେ ଭୟଭୀତ ହୋଇପଡିଛନ୍ତି।

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପର୍ଯ୍ୟଟନ ଦିବସ ପାଳିତ

ଖଣ୍ଡପଡ଼ା,୨୭।୯(ଅଜୟ କୁମାର ମହାରଣା

ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଧନ୍ଦାମୂଳକ ଶିକ୍ଷା ଓ ପର୍ଯ୍ୟଟକ ଆତିଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ପ୍ରଦୀପ କୁମାର ସାହୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ ପ୍ରମୁଖ ଯୋଗଦେଇ ପର୍ଯ୍ୟଟନ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ରଶ୍ମିତା ନାୟକ ବିଶ୍ୱ ଅର୍ଥନୀତି ଓ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ପର୍ଯ୍ୟଟନ ଶିଳ୍ପର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗୀତା ପରୀକ୍ଷାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ପର୍ଯ୍ୟଟନ ଦିବସ ପ୍ରତିଯୋଗିତାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

## ଷ୍ଟେଟ୍‌ବ୍ୟାଙ୍କ ଶାଖା ପକ୍ଷରୁ ପେନ୍‌ସନ ଉପଭୋକ୍ତାଙ୍କ ସମାବେଶ

ଖଣ୍ଡପଡ଼ା,୨୭।୯
(ଅଜୟ କୁମାର ମହାରଣା)

ଷ୍ଟେଟବ୍ୟାଙ୍କ ଖଣ୍ଡପଡ଼ା ଶାଖା ପକ୍ଷରୁ ପେନସନ ଉପଭୋକ୍ତାମାନଙ୍କୁ ନେଇ ଏକ ସମାବେଶ ଶୁକ୍ରବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଶାଖା ପରିଚାଳକ ଜ୍ୟୋତି ରଞ୍ଜନ ରାଉତ ଏହି ସମାବେଶକୁ ଉଦ୍‌ଘାଟନ କରିଥିଲେ । ଖଣ୍ଡପଡା ଓ ଆଖ ପାଖ ଅଞ୍ଚଳରୁ ପେନସନ ଉପଭୋକ୍ତାମାନେ ଯୋଗ ଦେଇଥିଲେ । ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ପେନସନ ଉପଭୋକ୍ତାଙ୍କ ନିମନ୍ତେ ଉପଲବ୍ଧ ହେଉଥିବା ଟଙ୍କା ଜମା ରଖିବା ଉପରେ ଆକର୍ଷଣୀୟ ସୁଧହାର ସହ ବିଭିନ୍ନ ଋଣ ପ୍ରଦାନ ଯୋଜନା ଗୁଡିକ ସମ୍ପର୍କରେ ଶାଖା ପରିଚାଳକ ସୂଚନା ପ୍ରଦାନ କରିଥିଲେ । ପେନସନ ଉପଭୋକ୍ତାଙ୍କ ମଧ୍ୟରୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ରବିନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟମାନଙ୍କୁ ଶାଖା ପରିଚାଳକ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବ୍ୟାଙ୍କ ଶାଖାର କ୍ଷେତ୍ର ଅଧିକାରିଣୀ ବି ସରିତା ପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।




ପେନସନ୍ ଉପଭୋକ୍ତା ସମାବେଶରେ ଜଣେ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବୁଗୁଡ଼ା,୨୭।୯(କାଳିଚରଣ ଦାଶ): ବୁଗୁଡ଼ା ଏନ୍ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରକଳ୍ପ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ୧୧ଟି ବିଦ୍ୟାଳୟରୁ ୯୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସିଆରସିସି କିରଣବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ପିପୁଲ୍ସ ହାଇସ୍କୁଲ ପ୍ରଧାନଶିକ୍ଷକ କାଳିଚରଣ ବେହେରା ମୁଖ୍ୟଅତିଥି ଓ ସୋରଡ ୟୁପି ସ୍କୁଲ ଶିକ୍ଷକ ରଶ୍ମି ରଞ୍ଜନ ଅଚ୍ଚ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ।

**ବାଲିପଦର,(ବିଶିକେଶନ ସ୍ୱାଇଁ):** ବାଲିପଦର ନୋଡାଲ୍ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ସୁରଭିରେ ବାଲିପଦର ହାଇସ୍କୁଲ, ରଘୁନାଥ ସ୍ୱାମୀ ବାଳିକା ହାଇସ୍କୁଲ, ଖରିଡ଼ା ମା'ସ୍ୱପ୍ନେଶ୍ୱରୀ ହାଇସ୍କୁଲ, ଅନ୍ତରପଡ଼ା, କଳମ୍ବ, କାଦପଡା, ଡେଙ୍ଗାପଦର, ମହୁଲପଲୀ ଆଦିବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ଶର୍ମିଳାରାଣୀ ଦାସ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ବିଷୋୟୀ, ସିଆର୍‌ସିସି, ବିଶ୍ୱଜିତ୍ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ରୁବ ପାଣିଗ୍ରାହୀ ଉପସ୍ଥିତ ଥିଲେ।



ବୁଗୁଡ଼ା ଏନ୍ଏସି କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ବ୍ଲକ ପଡିଆ ପୁରୁଷୋତ୍ତମପୁର ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋକର୍ଣ୍ଣପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି। ସିଆରସିସି ସରିତା ନନ୍ଦ ଓ ପ୍ରଧାନଶିକ୍ଷକ ପି. ଜଗଦୀଶ ଦୋରାଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମକୁ ଏନପିଏସ୍ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ ପରିଚାଳନା କରିଥିଲେ। ବ୍ଲକ ଶିକ୍ଷାଧିକାରୀ କୁରେସୁ ସେଠୀ ମୁଖ୍ୟଅତିଥି, ଖେମୁଣ୍ଡି ଓକିଲ ସଂଘ ସଭାପତି ହରପ୍ରସାଦ ରଥ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ଗୌଡ ଓ ପୂର୍ବତନ ସିଆରସିସି ବାସୁଦେବ ବେହେରା, ଆଙ୍କୋରଡା ସିଆରସିସି ସୁବ୍ରତ ପଣ୍ଡା ସମ୍ମାନିତ ଅତିଥି ଭାବେ ଥିଲେ। ଛତ୍ରପୁର,(ଦିଲ୍ଲୀପ ସାମଲ): ଛତ୍ରପୁର ବ୍ଲକ କେ.ଟି.ଏନ.ପୁର କ୍ଲଷ୍ଟରସ୍ତରୀୟ ସୁରଭି ଟାଙ୍ଗଣା ପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଙ୍ଗଣା ପଲ୍ଲୀ ଓ ଲୁହାଝର ପଞ୍ଚାୟତର ୯ଟି ବିଦ୍ୟାଳୟର ଶତାଧିକ ଶିକ୍ଷାର୍ଥୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ଶତପଥୀ, କାମରାଜୁ ମହାରଣା, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ,ସମିତିସଭ୍ୟା ମୀନା କୁମାରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ବିଦ୍ୟାଳୟ ଏସଏମସି ସଭାପତି ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପର୍ଯ୍ୟଟନ ଶିଳ୍ପ ସହ କର୍ମନିଯୁକ୍ତିକୁ ଯୋଡ଼ାଯାଉ

■ ଧାର୍ମିକ, ପରିବେଶ ପର୍ଯ୍ୟଟନ କ୍ଷେତ୍ରକୁ ଅବହେଳା
■ ଜିଲା ପର୍ଯ୍ୟଟନ ଅଧିକାରୀ ପଦବୀ ପୂରଣ ହେଉନି

କେନ୍ଦ୍ରାପଡ଼ା, ୨୭।୯ (ଜଗନ୍ନାଥ ଧଳ)

ରାଜ୍ୟ ଶାସନର ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ଗତ ୨୨ ତାରିଖରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ। ଆୟୋଜିତ ଉତ୍ସବରେ ଜିଲାର ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦିଆଯିବ ବୋଲି ଘୋଷଣା କରିଥିଲେ। ଯାହା ଏହି ଅଞ୍ଚଳବାସୀଙ୍କ ପାଇଁ ଆଶ୍ୱାସନାର ବିଷୟ ହୋଇଛି। ରାଜ୍ୟର ଏକମାତ୍ର ଜାତୀୟ ଉଦ୍ୟାନ ଏହି ଜିଲାରେ ଅଛି। ଏଥିସହ ତୁଳସୀକ୍ଷେତ୍ର ଭାବେ ଏହି ଜିଲା ଧାର୍ମିକ ପର୍ଯ୍ୟଟନ ପାଇଁ ପରିଚିତି ଲାଭ କରିଛି। ଏହି କ୍ଷେତ୍ରର ରାଜନଗର ବଗପାଟିଆରେ ଅବସ୍ଥିତ ପଞ୍ଚୁବରାହୀ ମନ୍ଦିରରେ କେବଳ ଦଳିତ ମହିଳା ହିଁ ପୂଜା କରନ୍ତି। ପରିବେଶ ଓ ଧାର୍ମିକ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ ଏକ ଶିଳ୍ପର ମାନ୍ୟତା ପାଇଁ ଉଦ୍ୟମ ହୋଇନାହିଁ। ପର୍ଯ୍ୟଟନ ଶିଳ୍ପ ସହ କର୍ମନିଯୁକ୍ତିକୁ ଯୋଡିବାକୁ ସ୍ଥାନୀୟ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଧାର୍ମିକ ସ୍ଥଳର ଉନ୍ନତୀକରଣର ଆବଶ୍ୟକତା ଥିବାବେଳେ ବିଭିନ୍ନ କାରଣରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତାରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଇଚ୍ଛାପୁରର ଶ୍ରୀବଳଦେବଜୀଉ, ସହରର ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନ ଜୀଉ, ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ତ୍ତେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା, ବଡିଘର ଆଦିକୁ ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ପର୍ଯ୍ୟଟନସ୍ଥଳ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବ ରହିଛି। ଏଥିସହ ପର୍ଯ୍ୟଟନସ୍ଥଳକୁ ଉପଯୁକ୍ତ ରାସ୍ତା ନାହିଁ। ଏହି ଜିଲାରେ ଶ୍ରୀବଳଦେବଜୀଉଙ୍କ ବିଭିନ୍ନ ଲୀଳାକୁ ଛୋଟ ପ୍ରକଳ୍ପ ମାଧ୍ୟମରେ ପ୍ରଦର୍ଶନ କରାଯାଇ ପାରିଲେ ଆର୍ଥିକ ବିକାଶ ହୋଇପାରିବ। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ଦେଶରେ ହାତଗଣତି ମନ୍ଦିରରେ ମହିଳା ପୂଜକ ଅଛନ୍ତି। କେରଳର ଥିରୁଭାନନ୍ତପୁରମସ୍ଥିତ ଭଗବତୀ ମନ୍ଦିର, ମହାରାଷ୍ଟ୍ରର ଶନି ଶିଙ୍ଗ୍ନପୁର ମନ୍ଦିର ଆଦିରେ ମହିଳା ପୂଜକ ଥିବାବେଳେ ରାଜନଗରର ପଞ୍ଚୁବରାହୀ ଦେବୀଙ୍କୁ ଦଳିତ ମହିଳା ପୂଜା କରିବାର ସ୍ୱତନ୍ତ୍ର ଅଧିକାର ଅଛି। ଏହି ପରମ୍ପରା ପ୍ରାୟ ୪୦୦ ବର୍ଷ ଧରି ଚାଲିଆସିଛି। ଏହା ସାମ୍ପ୍ରତିକ ସମୟରେ ମହିଳା ସଶକ୍ତୀକରଣ ଉଦାହରଣ ପାଲଟିଛି। ରାଜନଗର ବ୍ଲକ ବଗପାଟିଆସ୍ଥ ଏହି ପୀଠର ଉନ୍ନତୀକରଣ ସହ ପ୍ରଚାର ପ୍ରସାର ହୋଇପାରିଲେ ପର୍ଯ୍ୟଟନ ଶିଳ୍ପ ସମୃଦ୍ଧ ହେବ। ସେହିପରି ଅବହେଳିତ ବିଭିନ୍ନ ଐତିହ୍ୟ ସାମଗ୍ରୀର ସୁରକ୍ଷା ପାଇଁ ମ୍ୟୁଜିୟମର ଆବଶ୍ୟକତା ରହିଛି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ରାଜନେତା ଓ ପ୍ରଶାସକଙ୍କ ଅବହେଳା ଜିଲା ପର୍ଯ୍ୟଟନ ଶିଳ୍ପକୁ ଘୁଣ୍ ଲଗାଇଛି। ଦୀର୍ଘବର୍ଷ ଧରି ଏଠାରେ ନିୟମିତ ଜିଲା ପର୍ଯ୍ୟଟନ ଅଧିକାରୀ ପଦ ପୂରଣ ହୋଇପାରୁନାହିଁ। ରାଜ୍ୟ ସରକାର ଭିତରକନିକାର ଧଳା ଲୁଣା କୁମ୍ଭୀର ଗୋରୀ ଓ ଅଲିଭରିଡ୍ଲେ କଇଁଛ ଗୋଲୁ ମାସକଟ ଭାବେ ବ୍ୟବହାର କରିଛନ୍ତି। ତେବେ ଏହି ପ୍ରାଣୀଙ୍କ ସୁରକ୍ଷା ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ମଧୁରପାଣିର ଅଭାବ, ତଟକ୍ଷୟ, ଚିଙ୍ଗୁଡ଼ି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଜନବସତିକୁ ସ୍ଥାନାନ୍ତର, ଇକୋ ସେନସେଟିଭ ଜୋନର ପରିଚାଳନା ଆଦିରେ ଛନ୍ଦି ହୋଇଛି। ଫଳରେ ୨୦୧୭ ମସିହାରେ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ପାରି ନ ଥିବା ବେଳେ ଏବେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବାକୁ ଯାଉଛି। ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା କହିଛନ୍ତି, ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହୋଇପାରିବ। ଧାର୍ମିକ ପୀଠର ଉନ୍ନତୀକରଣ ଓ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। ସେହିପରି ପ୍ରାକୃତିକ ପରିବେଶର ଉପଯୋଗ ଦରକାର। ଗାଇଡ୍, ଫଟୋଗ୍ରାଫି, କୁଟୀର ଶିଳ୍ପର ମଣ୍ଡିଠାରୁ ଆରମ୍ଭ କରି ବେଳାଭୂମିକୁ ପର୍ଯ୍ୟଟକ ଉପଯୋଗୀ ଭିତ୍ତିଭୂମିର ବିକାଶ ଦ୍ୱାରା ଜିଲାର ଅର୍ଥନୈତିକ ବିକାଶ ହେବ। ମହୁ, ଝୁଣା ଆଦି ବନଜାତ ଦ୍ରବ୍ୟକୁ ଯୁବବର୍ଗଙ୍କ କର୍ମନିଯୁକ୍ତି ସହ ଯୋଡ଼ିବାକୁ ପଡ଼ିବ। ସାମୁଦ୍ରିକ, ବନ୍ୟ ଜୀବ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଓ ଗବେଷଣାଗାର ଏ ସମ୍ପର୍କରେ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ସହ ସରକାରୀ ପ୍ରୋତ୍ସାହନରେ ଜିଲାର ବିଭବକୁ ଅଧିକ ପ୍ରଚାର ପ୍ରସାର ହୋଇପାରିଲେ ଜିଲାର ଆର୍ଥିକ ବିକାଶ ହୋଇପାରିବ।


କେନ୍ଦ୍ରାପଡ଼ାର ବଳଦେବଜୀଉ ମନ୍ଦିର।


ଭିତରକନିକା ହେନ୍ତାଳବଣ।

# ବୃଦ୍ଧଙ୍କ ଉପରେ ବୋଝ: ରୋଗଣା ସ୍ତ୍ରୀ, ମାନସିକ ବିକୃତ ଝିଅପୁଅ


ହୃଷୀକେଶ, ସ୍ତ୍ରୀ କନକଲତା ଓ ପୁଅ ମଣିରାମ ଘର ଆଗରେ ବସିଛନ୍ତି।


ରୋଗ ଶଯ୍ୟାରେ ଝିଅ ସବିତା।

ଆଳି, ୨୭।୯ (ବନମାଳୀ ସେନାପତି)

ହସଖୁସିରେ ପୂରି ଉଠୁଥିବା ସଂସାର ଉପରେ ଏବେ ଦୁଃଖର କଳା ବାଦଲ ଘୋଟିଯାଇଛି। ବୃଦ୍ଧ ଅବସ୍ଥାରେ ରୋଗଣା ସ୍ତ୍ରୀ, ମାନସିକ ବିକୃତ ଝିଅପୁଅଙ୍କ ସେବାଯତ୍ନ କରିବାରେ ଲାଗିଛନ୍ତି। ଏଭଳି ଏକ ପରିବାର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମହାଦେଇପାଟଣା ଗାଁର ହୃଷୀକେଶ ସାହୁ (୭୦)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ପରିବାର କହିଲେ ହୃଷୀକେଶ, ସ୍ତ୍ରୀ କନକଲତା, ପୁଅ ମଣୀରାମ ଓ ଝିଅ ସବିତା। ହୃଷୀକେଶ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତାଙ୍କ ଝିଅ ସବିତା ୨୦ ବର୍ଷର ହୋଇଥିବାବେଳେ ଦେହ ଖରାପ ହେବାରୁ ସ୍ଥାନୀୟ ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା କରାଇଥିଲେ। ମାତ୍ର ଦେହ ଭଲ ହୋଇ ନ ଥିଲା। ଆର୍ଥିକ ସ୍ଥିତି ଖରାପ ଥିବାରୁ ଅଧିକ ଚିକିତ୍ସା କରାଇ ନ ପାରିବାରୁ ସବିତା ଅଧିକ ଅସୁସ୍ଥ ହେବା ସହ ମାନସିକ ବିକୃତି ଦେଖାଦେଇଥିଲା। ସବିତାଙ୍କୁ ଏବେ ୪୨ବର୍ଷ ହେଲାଣି। ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ସବିତା ଗୋଟିଏ ସ୍ଥାନରେ ପଡ଼ିଛନ୍ତି। ସବିତାଙ୍କ ମା' କନକଲତା ଦୀର୍ଘବର୍ଷ ହେବ ଝିଅର ସେବା ଶୁଶ୍ରୂଷା କରୁଥିଲେ। ସେ୨ ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡ଼ିତ। କନକଲତା ଏବେ ଝିଅର ଦେଖାଶୁଣା କରିପାରୁନାହାନ୍ତି। ସବିତା ଗୋଟିଏ ସ୍ଥାନରେ ପଡ଼ି ରହି ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ହୃଷୀକେଶ କହିଛନ୍ତି। ପୁଅ ମଣୀରାମ ମାନସିକ ବିକୃତ ଯୋଗୁ କେତେବେଳେ କେମିତି କାମ କରୁଛି ନଚେତ୍ ସବୁ ବେଳେ ଏଣେତେଣେ ବୁଲୁଛି। କନକଲତା ପକ୍ଷାଘାତରେ ପୀଡ଼ିତ ହୋଇଥିବାରୁ ପରିବାରର ଦୁଃଖ ବଢ଼ିଯାଇଛି। ତାଙ୍କ ପାଖରେ ଅର୍ଥର ଅଭାବ ଥିବାରୁ ସ୍ତ୍ରୀଙ୍କୁ ମଧ୍ୟ ଚିକିତ୍ସା ଯୋଗାଇ ପାରୁନାହାନ୍ତି। ବୃଦ୍ଧ ଅବସ୍ଥାରେ ଦିନ ମଜୁରି କରି ହୃଷୀକେଶ ପରିବାର ମୁହଁରେ ସବୁଦିନ ଦାନାମୁଠେ ଦେବାକୁ ଅକ୍ଷମ। ତେଣୁ ରାଜ୍ୟ ସରକାର ଏହି ପରିବାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବା ସହ ତାଙ୍କ ଝିଅର ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ହୃଷୀକେଶ ଗୁହାରି କରିଛନ୍ତି। ଏଥିସହ ସେମାନେ ରହୁଥିବା ଘରର କାନ୍ଥ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଛପର ହୋଇ ନ ଥିବାରୁ ବର୍ଷା ପାଣି ପଡୁଛି। ଆବାସ ଖଣ୍ଡେ ପାଇବା ନିମନ୍ତେ ଆବେଦନ କରିଥିଲେ ମଧ୍ୟ ତାହା ମିଳିପାରିନି। ଏ ନେଇ ଆଳି ବିଡିଓ ମିନତି ଜଗଦେବଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସରକାରୀ ସହାୟତା ଯୋଗାଇ ଦେବା ସହ ଝିଅଙ୍କ ଚିକିତ୍ସା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ଗୁହାଳ ପୋଡ଼ି ୨ ଗୋରୁ ଜୀବନ୍ତ ଦଗ୍ଧ

ଡେରାବିଶ, ୨୭।୯
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ଗୁହାଳରେ ନିଆଁ ଲାଗି ୨ଟି ଗୋରୁ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ଗାଁର ଶୁକଦେବ ସ୍ୱାଇଁଙ୍କ ଗୁହାଳ ଘରେ ରାତିରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଏ ସମ୍ପର୍କରେ ସେ ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ବାହାରକୁ ଉଠିବାରୁ ତାଙ୍କ ଗୁହାଳ ଜଳୁଥିବା ଦେଖି ସେ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ସେତେବେଳକୁ ନିଆଁ ଚାରିଆଡ଼କୁ ବ୍ୟାପି ଯାଇଥିବାରୁ ଗୁହାଳରେ ଥିବା ୨ ଗୋରୁଙ୍କୁ ପଦାକୁ ଆଣିବା ସମ୍ଭବ ହୋଇ ନ ଥିଲା। ପରେ ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗୁହାଳରେ ଥିବା ଗୋଟିଏ ଗାଈ ଓ ବାଛୁରିଙ୍କ ମୃତ୍ୟୁ ହୋଇଯାଇଥିଲା।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଭାରାଣୀ


@ ଗୋପୀନାଥ


@ ରାକେଶ


@ ଭାଗ୍ୟଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଦୁର୍ଘଟଣାରେ କଲେଜ ଛାତ୍ରଙ୍କ ମୃତ୍ୟୁ

ବ୍ରହ୍ମବରଦା, ୨୭।୯ (ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ଅନ୍ତର୍ଗତ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାର ବ୍ରହ୍ମବରଦା ସାନପୋଖରୀ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ କଳାବିଭାଗର ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ଅରାବଳ ପଞ୍ଚାୟତସ୍ଥିତ ସାନବାଲିକୁଦା ଗ୍ରାମର ବ୍ରଜକିଶୋର ନାୟକଙ୍କ ପୁଅ ବିରେନ୍ଦ୍ର କୁମାର ନାୟକ(୧୮)। ପୂର୍ବାହ୍ଣ ୧୧ଟାରେ ଛାତ୍ରଜଣଙ୍କ ସ୍କୁଟି ନମ୍ବର ଓଡି-୦୪-ପି-୦୩୫୬ଯୋଗେ କଲେଜକୁ ଆସୁଥିଲେ। ଏହି ସମୟରେ ବ୍ରହ୍ମବରଦା ସାନପୋଖରୀ ନିକଟରେ ସ୍କୁଟିରେ ବ୍ରେକ ମାରିବାରୁ ସେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ପଚ୍ଛପଟ ମାଡ଼ ହୋଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ବ୍ରହ୍ମବରଦା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଛାତ୍ରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ଥାନାରେ ନଂ.୧୮୧/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

ବାଲିଚନ୍ଦ୍ରପୁର, ୨୭।୯ (ଗିରିଜା ପ୍ରସାଦ ସାହୁ):

ଲଘୁଚାପ ଜନିତ ଲଗାଣ ବର୍ଷାରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦୋକାନ ବଜାର ରାସ୍ତାଘାଟ ଶୂନଶାନ ରହୁଛି। ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କେତେକଙ୍କ ଘରେ ପାଣି ପସିଯିବା ସହ ରାସ୍ତାଘାଟ ବୁଡ଼ିରହିଥିବା ପରିଲକ୍ଷିତ ହୋଇଛି। ଏପରିଅବସ୍ଥା ଦେଖିବାକୁ ମିଳୁଛି ନଳୀପୁର ଓ ଚାରିନଙ୍ଗଳ ପଞ୍ଚାୟତରେ। ବିଶେଷ କରି ଚାରିନଙ୍ଗଳ ବଜାର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ଏହି ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ନଳୀପୁର ପଞ୍ଚାୟତର ୯ ୱାର୍ଡ ଜଳମଗ୍ନ ହୋଇରହୁଛି। ଲଗାଣ ବର୍ଷାରେ ଚାରିନଙ୍ଗଳ ପଞ୍ଚାୟତ ବାହାଦୁରନଗର ଗ୍ରାମରେ ଏକ ଚାଳ ଖଞ୍ଜାଘର ଭୁଶୁଡ଼ି ପଡ଼ିଛି। ଆଉ ଏକ ଘର ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଘରଗୁଡ଼ିକ ହେଉଛି ସଂଜୟ କୁମାର ସାମଲ, ଶାନ୍ତିଲତା ସାମଲ ଓ ଅକ୍ଷୟ କୁମାର ସାମଲଙ୍କର। ଅଧାଭଙ୍ଗା ଘର ହେଉଛି ସୁଧାଂଶୁ ସାମଲ ଓ କନକଲତା ସାମଲଙ୍କର। ସେହିପରି ନଳୀପୁର ପଞ୍ଚାୟତ ୮ ନମ୍ବର ୱାର୍ଡ ସେକ୍ ମହଲା ଗ୍ରାମର ସେକ୍ ଫାରୁକ୍ କାସିବ୍‌ଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ଏହି ଅଞ୍ଚଳଗୁଡ଼ିକ ଦର୍ପଣ ତହସିଲ ଅନ୍ତର୍ଗତ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ରହିଛି। ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇଦେବା ପାଇଁ ଉଭୟ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ଆରଆଇଙ୍କୁ ତଦନ୍ତ ପାଇଁ ପଠାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଲଗାଣ ବର୍ଷା ଯୋଗୁ ଭୁଶୁଡି ପଡିଥିବା ଘର।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ଯାଜପୁର ଟାଉନ, ୨୭।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ବିଚାରପତି ବିଜୟ କୁମାର ଜେନା ମାମଲାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ଯାଜପୁର ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ୨୦୧୭ ନଭେମ୍ବର ୧୨ରେ ତାକ ସାଙ୍ଗଙ୍କ ସହ ବିରଜା ମନ୍ଦିରକୁ ସନ୍ଧ୍ୟା ଦର୍ଶନ କରିବାକୁ ଆସିଥିଲା। ଦର୍ଶନ ସାରି ସାଙ୍ଗ ସହ ଫେରୁଥିବା ସମୟରେ କେନ୍ଦ୍ରାପଡ଼ା ଜିଲା ଇନ୍ଦୋରା ଗ୍ରାମର ଦୀପକ ମଲିକ(୨୪) ତାଙ୍କର ଜଣେ ସାଙ୍ଗଙ୍କ ସହ ଆସି ତ୍ରାହିଅଚ୍ୟୁତ ଆଶ୍ରମ ନିକଟରୁ ନାବାଳିକାଙ୍କୁ ଜୋରଜବରଦସ୍ତ ଉଠାଇ ନେଇଯାଇଥିଲେ। ନାବାଳିକାଙ୍କ ସାଙ୍ଗ ଏ ସମ୍ପର୍କରେ ତାଙ୍କ ପରିବାରଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ୧୨ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏତଲାକୁ ଭିତ୍ତିକରି ତଦନ୍ତ ଜାରି ରଖିଥିଲେ ମଧ୍ୟ ଅପହରଣକାରୀଙ୍କ ସନ୍ଧାନ ପାଇ ନ ଥିଲା। ୨୦୧୮ ଜାନୁଆରୀ ୫ରେ ନାବାଳିକା ଜଣକ ଅନ୍ୟଜଣଙ୍କ ମୋବାଇଲ୍‌ରୁ ତାଙ୍କ ପରିବାର ଲୋକଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଅପହରଣ ଦିନଠାରୁ ଜାନୁଆରୀ ୫ ପର୍ଯ୍ୟନ୍ତ ନାବାଳିକାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିଲେ। ଯାଜପୁର ପୋଲିସ ଜାନୁଆରୀ ୬ରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରାଇଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୪ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ମାମଲା ପରିଚାଳନା କରୁଥିଲେ।

# ଅନାସ୍ଥା ଭୋଟ ହେଲା, ଫଳାଫଳ ଘୋଷଣା ହେଲାନି

**ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ**

- ■ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଫଳାଫଳ ଘୋଷଣା ହେବ
- ■୧୦ କାଉନସିଲର ଉପସ୍ଥିତ, ଜଣେ ଭୋଟ ଦେଲେନି

ନୟାଗଡ଼/ ଖଣ୍ଡପଡ଼ା,୨୭।୯(ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)


ଅନାସ୍ଥା ଭୋଟ ପାଇଁ ପୋଲିସ ମୁତୟନ।

ନୟାଗଡ଼ ଜିଲାର ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ଭୋଟ ଗ୍ରହଣ ହୋଇଛି। ଗଣତି ବି ଶେଷ ହୋଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଫଳାଫଳ ଘୋଷଣା କରାଯାଇନାହିଁ। ଖଣ୍ଡପଡ଼ା ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ଅନୁଷ୍ଠିତ ଏହି ଭୋଟ ଗ୍ରହଣରେ ୧୦ ଜଣ କାଉନସିଲର ଉପସ୍ଥିତ ଥିଲେ। ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଭୋଟ ହୋଇଛି। କିନ୍ତୁ ଫଳାଫଳ ଘୋଷଣା ହୋଇନି। ପ୍ରିଜାଇଡିଂ ଅଫିସରଙ୍କ ସୂଚନା ଅନୁଯାୟୀ, କୋର୍ଟ ଅର୍ଡର ଅନୁସାରେ ଫଳାଫଳ ଘୋଷଣା ହେବ। କେବେ ଫଳାଫଳ ଘୋଷଣା ହେବ କହି ହେବ ନାହିଁ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅନାସ୍ଥା ଭୋଟ ଶେଷ ହୋଇଥିଲା। ବିରୋଧୀ ବିଜେଡି କାଉନସିଲରଙ୍କ ସମେତ ୧୦ ଜଣ ପୂର୍ବାହ୍ନ ୧୧ଟାରେ ଏନ୍ଏସି କାର୍ଯ୍ୟାଳୟରେ ପ୍ରବେଶ କରି ସମ୍ମିଳନୀ କକ୍ଷରେ ଉପସ୍ଥିତି ହୋଇଥିଲେ। ଅନାସ୍ଥା ଭୋଟ ପରିଚାଳନା ନେଇ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ତଥା ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ଉପସ୍ଥିତରେ ଭୋଟ ଗ୍ରହଣ ଶେଷ ହୋଇଥିଲା। ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ୧୦ଜଣ କାଉନସିଲରଙ୍କ ମଧ୍ୟରୁ ୯ଜଣ କାଉନସିଲର ମତଦାନ ସାବ୍ୟସ୍ତ କରିଥିବା ବେଳେ ୮ନଂ. ୱାର୍ଡର କାଉନସିଲର ଦିଗମ୍ବର ମିଶ୍ର ମତଦାନ କରି ନ ଥିଲେ। ଖଣ୍ଡପଡ଼ା ଏନ୍ଏସିର ୧୩ଜଣ କାଉନସିଲରଙ୍କ ମଧ୍ୟରୁ ୩ଜଣ କାଉନସିଲର ଓ ଅଧ୍ୟକ୍ଷା ଅନାସ୍ଥା ଭୋଟ ଗ୍ରହଣ ବେଳେ ଅନୁପସ୍ଥିତ ଥିଲେ। ନୟାଗଡ଼ ଏସ୍ପି, ଖଣ୍ଡପଡ଼ା ଏସ୍ଡିପିଓ ବିମଳ କୁମାର ବାରିକ, ଭାରପ୍ରାପ୍ତ ତହସିଲଦାର ରାଜାରାମ ଛତ୍ରିଆ, ଅତିରିକ୍ତ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡାଙ୍କ ସମେତ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଲାଗୁ କରାଯାଇଥିଲା।

ଏ ନେଇ ନୟାଗଡ଼ ବିଧାୟକ ଅରୁଣ ସାହୁ କୁହନ୍ତି, ଖଣ୍ଡପଡ଼ା ଏନ୍ଏସି ଚେୟାରମ୍ୟାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ପାଇଁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଁ ବିଜେଡିର ଏଜେଣ୍ଟ ଭାବେ ଆସିଥିଲି। ଭୋଟି ଶେଷ ହେଲା ହେଲେ ଭୋଟ ଗଣତି ହେଲା ନାହିଁ। ପ୍ରିଜାଇଡିଂ ଅଫିସର କାହିଁକି ଭୋଟ ଗଣତି କଲେ ନାହିଁ ତାହା ଜଣାପଡ଼ିନାହିଁ। ନିର୍ବାଚନ ନିୟମ କହୁଛି ଭୋଟ ହେବ, ଭୋଟ ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ମୋର ଓ ଆମ କାଉନସିଲରଙ୍କ ପ୍ରଶ୍ନ ଶୁକ୍ରବାର ଭୋଟ ହେଲା ଗଣତି କାହିଁକି ହେବନି। ଯଦି ହାଇକୋର୍ଟଙ୍କ ନିର୍ଦ୍ଦେଶ ଅଛି ତେବେ ଇଣ୍ଟରପିଟ୍ କରି ଆସିବାର କଥା। ହାଇକୋର୍ଟଙ୍କ କୌଣସି ନିର୍ଦ୍ଦେଶ ତାଙ୍କ ପାଖରେ ପହଞ୍ଚି ନାହିଁ। କାରଣ ହାଇକୋର୍ଟରେ ଯେଉଁ ରିଟ୍ ପିଟିଶନ ଦାଖଲ କରାଯାଇଥିଲା, ସେଥିରେ ପାର୍ଟି ହେଉଛନ୍ତି ରାଜ୍ୟ ସରକାରଙ୍କ ସଚିବ, ଜିଲାପାଳ, ନିର୍ବାହୀ ଅଧିକାରୀ। ପ୍ରିଜାଇଡିଂ ଅଫିସର ତଥା ନୟାଗଡ଼ ଉପଜିଲାପାଳ ପାର୍ଟି ନୁହନ୍ତି। କାହିଁକି ଫଳାଫଳ ଘୋଷଣା କରାଗଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଖଣ୍ଡପଡ଼ା କାଉନସିଲର ମିହିର ମିଶ୍ର କୁହନ୍ତି, ଅନାସ୍ଥା ଭୋଟ ହେଲା, ଭିଡିଓଗ୍ରାଫିରେ ଭୋଟ କାଉଣ୍ଟିଂ ହୋଇଛି। ସପକ୍ଷରେ କେତେ ଗଲା ବିପକ୍ଷରେ କେତେ ଗଲା ରିଜୋଲେଶନ ହେଲା। ଆମକୁ ରେଜୋଲେଶନ କପି ମିଳିନି। ହାଇକୋର୍ଟଙ୍କ ଅଙ୍କୁଶ ଯୋଗୁ ଫଳାଫଳ ଘୋଷଣା କରାଯାଇନାହିଁ ବୋଲି ପ୍ରିଜାଇଡିଂ ଅଫିସର ବୁଝାଇଦେଲେ। ତେବେ ଖଣ୍ଡପଡ଼ାବାସୀ ଯାହା ଚାହୁଁଥିଲେ ତାହା ହୋଇଛି। ଆଗାମୀଦିନରେ ସୁଫଳ ମିଳିବ, ଧର୍ମର ଜୟ ହେବ ବୋଲି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଭୋଟ ଗତ ୧୭ ତାରିଖରେ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରୋଜିନା ଦାସ ଅନୁପସ୍ଥିତ ରହିବାରୁ ବାତିଲ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ଖଣ୍ଡପଡ଼ା ଏନ୍ଏସି କନ୍ଫରେନ୍ସ ହଲରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣ କରାଯିବ ବୋଲି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶନାମା ଜାରି କରିଥିଲେ। ଖଣ୍ଡପଡ଼ା ଏନ୍ଏସିର ୧୩ କାଉନସିଲରଙ୍କ ମଧ୍ୟରୁ ୮ଜଣ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

# ଧାନ ଫସଲ ନଷ୍ଟ କରୁଛନ୍ତି ହାତୀପଲ


ଦଳି ଚକଟି ହାତୀପଲ ଧାନ ଫସଲ ନଷ୍ଟ କରିଛନ୍ତି।

ରଣପୁର,୨୭।୯(ସୁକାନ୍ତ କିଶୋର ଡାକୁଆ)

- ■ଶତାଧିକ ଏକର ଜମିର ଫସଲ ଉଜୁଡ଼ିଲା
- ■ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ରଣପୁର ବନ ବିଭାଗରେ ଦିନକୁ ଦିନ ହାତୀଙ୍କ ଉପଦ୍ରପ ବଢ଼ିବାରେ ଲାଗିଛି । ଚାଷୀ ଧାର କରଜ ସହିତ ବ୍ୟାଙ୍କରୁ ଋଣ କରି ଜମିରେ ଫସଲ କରିଛନ୍ତି। ହେଲେ ହାତୀପଲ ଜଙ୍ଗଲରୁ ଆସି ସେହି ଫସଲକୁ ଖାଇବା ସହିତ ନଷ୍ଟ କରିଦେଉଛନ୍ତି। ଏନେଇ ରଣପୁର ବନ ବିଭାଗରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏପରି କି ହାତୀପଲକୁ ଘଉଡ଼ାଇବାକୁ ବନ ବିଭାଗ କର୍ମଚାରୀମାନେ ଆସୁନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଫସଲ କ୍ଷତି ପାଇଁ ଯାହା ଆର୍ଥିକ ସହାୟତା ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ କହିଛନ୍ତି ।

ରଣପୁର ଜଙ୍ଗଲ ପାହାଡ଼ ଘେରା ହୋଇଥିବାରୁ ଅଧିକାଂଶ ଗ୍ରାମର ଲୋକେ କୃଷି କାର୍ଯ୍ୟ ଉପରେ ନିର୍ଭର କରିଛନ୍ତି। ସେମାନେ ନିଜ ଜମିରେ ଧାନ ସହିତ ଅନ୍ୟାନ୍ୟ ଫସଲ କରିଥାଆନ୍ତି। ହେଲେ ଅଧିକାଂଶ ସମୟରେ ନିକଟସ୍ଥ ଜଙ୍ଗଲରୁ ହାତୀପଲ ଆସି ଗାଁ ନିକଟରେ ଥିବା ଚାଷ ଜମିରେ ପଶୁଛନ୍ତି। ସେମାନେ ଫସଲ ଖାଇବା ସହିତ ଦଳିଚକଟି ନଷ୍ଟ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ଚାଷୀମାନେ ହାତୀ ପଲକୁ ଘଉଡ଼ାଇବା ପାଇଁ ବିଭିନ୍ନ ଉପାୟରେ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ଚାଷୀ ଓ ହାତୀଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳୁଛି ।

ଗୁରୁବାର ବିଳମ୍ବିତ ରାତିରେ ୪ ହାତୀ ଥିବା ଏକ ପଲ ରଣପୁର ବ୍ଲକ ବାରଙ୍ଗଗାଡିଆ ଗ୍ରାମରେ ପ୍ରବେଶ କରିଥିଲେ। ସେମାନେ ଧାନ ଜମିରେ ପଶି ଫସଲ ଖାଇବା ସହିତ ନଷ୍ଟ କରିଥିଲେ। ଏଥିପାଇଁ ଶତାଧିକ ଏକର ଜମିର ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଉକ୍ତ ଗ୍ରାମର ଚାଷୀ ବିକାଶ କୁମାର ଚମ୍ପତି, ନରହରି ପରିଡ଼ା, ତାଳ ପରିଡା, ନବୀନ ପରିଡାଙ୍କ ଜମିର ଫସଲ ହାତୀମାନେ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ରଣପୁର ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଚାଷୀମାନେ କହିଛନ୍ତି।

# ଅଭିଯୁକ୍ତ ଜେଲ ଗଲେ

ଓଡ଼ଗାଁ,୨୭।୯(ଆଦର୍ଶ କୁମାର ପଟ୍ଟନାୟକ )

**ଜଳଖିଆ ଦୋକାନ ପୋଡ଼ି ଘଟଣା**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁରରେ ଏକ ଜଳଖିଆ ଦୋକାନ ପୋଡ଼ି ଘଟଣାର ଅଭିଯୁକ୍ତ ସେହି ଗାଁର କାଳୁ ଚରଣ ଦଳେଇକୁ ଓଡ଼ଗାଁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶରଧାପୁର ଗାଁର ଉତ୍ସବ ସାହୁ ତାଙ୍କ ନିଜ ଘରଠାରୁ ପ୍ରାୟ ୬୦ ମିଟର ଦୂରରେ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଏଥିରେ ପଡୋଶୀ କାଳୁ ଦଳେଇଙ୍କ ନଜର ପଡିଲା। ଉତ୍ସବ ସାହୁ ଜଳଖିଆ ଦୋକାନ ହଟେଇ ନେଲେ କାଳୁ ଦଳେଇ ସେହି ସ୍ଥାନରେ ଜଳଖିଆ ଦୋକାନ କରିବାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଲା। ମଙ୍ଗଳବାର ପ୍ରାୟ ରାତି ୯ ବେଳେ ଦୋକାନ ହଟାଇ ଦେବାକୁ ହୋଟେଲ ମାଲିକ ଉତ୍ସବ ସାହୁଙ୍କୁ କାଳୁ ଧମକ ଦେଇଥିଲେ। ନଚେତ୍ ଦୋକାନ ପୋଡିଦେବ ବୋଲି ଚେତାବନୀ ଦେଇଥିଲା। ସେହିଦିନ ରାତି ପ୍ରାୟ ୧୧.୧୫ରେ ତାଙ୍କ ଜଳଖିଆ ଦୋକାନରେ ନିଆଁ ଲାଗିଯାଇଥିବା ଖବର ପାଇ ଉତ୍ସବ ଦୋକାନରେ ପହଁଞ୍ଚି ଥିଲେ। ସେତେବେଳକୁ ସବୁ ପୋଡିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭିଥିଲା। କାଳୁ ଜଳଖିଆ ଦୋକାନ ପୋଡ଼ି ଦେଇଥିବା ନେଇ ବୁଧବାର ଉତ୍ସବ ସାହୁ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର କାଳୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା।

# ଏନ୍ଏସି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଦଶପଲ୍ଲା,୨୭।୯(ପ୍ରକାଶ କୁମାର ପାଣି)

ଏନ୍ଏସି ତରଫରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମହାବୀର ମନ୍ଦିରଠାରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଏନ୍ଏସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଏନ୍ଏସି ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ବାରିକ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଏବିଡିଓ ସାରଦା ପ୍ରସନ୍ନ ମହାନ୍ତିଙ୍କ ସହିତ ସମସ୍ତ କାଉନସିଲର, ଏନ୍ଏସି ଏବଂ ତହସିଲର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏନ୍ଏସି କାର୍ଯ୍ୟାଳୟଠାରେ ସ୍ୱଚ୍ଛତା ବିଷୟରେ ସମସ୍ତଙ୍କୁ ସଚେତନ କରାଯିବା ପରେ ଶପଥପାଠ କରାଯାଇଥିଲା। ସେହିପରି ବ୍ଲକ କାର୍ଯ୍ୟାଳୟଠାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଭାରାଣୀ


@ ଗୋପୀନାଥ


@ ରାକେଶ


@ ଭାଗ୍ୟଜ୍ୟୋତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡାକ୍ତରଖାନା ସମ୍ମୁଖରେ ନର୍ସିଂ କର୍ମଚାରୀଙ୍କ ଧାରଣା

ରଣପୁର,୨୭।୯(ସୁକାନ୍ତ କିଶୋର ଡାକୁଆ)

- ■ରୋଗୀସେବା ବିପର୍ଯ୍ୟସ୍ତ
- ■ଏସ୍ମାକୁ ଖାତିର କଲେ ନାହିଁ

ନୟାଗଡ଼ ଜିଲା ରଣପୁର ଅଞ୍ଚଳରେ ଥିବା ସମସ୍ତ ସରକାରୀ ଡାକ୍ତରଖାନାରେ କାମ କରୁଥିବା ନର୍ସିଂ କର୍ମଚାରୀମାନେ ଶୁକ୍ରବାରଠାରୁ ରୋଗୀ ସେବା ଛାଡ଼ି ଡାକ୍ତରଖାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି । ଫଳରେ ସମସ୍ତ ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇଛି । ବୁଧବାରଠାରୁ ଓଡ଼ିଶା ନର୍ସିଂ ସଂଘ ଡାକରାରେ ୧୦ଦଫା ଦାବି ନେଇ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ଜରୁରିକାଳୀନ ରୋଗୀ ସେବା କରୁଥିଲେ। ହେଲେ ରାଜ୍ୟ ସରକାର ସେମାନଙ୍କ ଦାବି ଉପରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ସେମାନେ ଶୁକ୍ରବାରଠାରୁ ସମ୍ପୂର୍ଣ୍ଣ କାମ ବନ୍ଦ କରି ଆନ୍ଦୋଳନ ଜାରି ରଖିଛନ୍ତି । ରାଜ୍ୟ ସରକାର ଏସ୍ମା ଲାଗୁ କରିଥିଲେ ମଧ୍ୟ ନର୍ସିଂ କର୍ମଚାରୀମାନେ ତାହାକୁ ଖାତିର ନ କରି ଆନ୍ଦୋଳନ ଜାରି ରଖିଛନ୍ତି। ଏଥିଯୋଗୁ ରୋଗୀସେବା ପ୍ରଭାବିତ ହୋଇଥିବା ସୂଚନା ମିଳିଛି।


ଧାରଣାରେ ବସିଥିବା ନର୍ସିଂ କର୍ମଚାରୀ।

# ଥାନାରେ ଏତଲା ଦେବା ମହଙ୍ଗା ପଡ଼ିଲା

ନୟାଗଡ଼,୨୭।୯(ଲୋକନାଥ ମିଶ୍ର)

**ଜିଲା ମୁଖ୍ୟ ଚିକିତ୍ସାଳୟ ଏସି ଗାଏବ ଘଟଣା**

- ■୨ ମ୍ୟାନେଜରଙ୍କ ସମେତ ପୂର୍ତ୍ତ ବିଭାଗର ଜିଇଡି ସନ୍ଦେହରେ
- ■ଏତଲାରେ ୧୧, ଜବତ ହେଲାଣି ୧୪ଏସି
- ■ତଦନ୍ତକୁ ବାଟବଣା ପାଇଁ ଏତଲାରେ ଅସମ୍ପୂର୍ଣ୍ଣ ତଥ୍ୟ

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏସି ଗାଏବ ଘଟଣାରେ ନୟାଗଡ଼ ଟାଉନ ଥାନାରେ ସ୍ୱାସ୍ଥ୍ୟ ବିଭାଗର ଏତଲା ମହଙ୍ଗା ପଡିଛି। ଏସି ଗାଏବ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ୧୧ଏସି ଚୋରି ହୋଇଥିବା ନେଇ ଏତଲା ଦେଇଥିବାବେଳେ ପୋଲିସ ୧୪ ଏସି ଜବତ କରିଛି। ଏହା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ତଦନ୍ତକୁ ବାଟବଣା କରିବା ପାଇଁ ଏସି ଚୋରି ଘଟଣାରେ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅସମ୍ପୂର୍ଣ୍ଣ ରହିଛି। ଏଣେ ପୋଲିସକୁ ଠିକ୍ ସହଯୋଗ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ସୁପରିଣ୍ଟେଣ୍ଡେଣ୍ଟ ଦେଇଥିବା ଏତଲାରେ ଚୋରି କେଉଁଦିନ ହେଲା, ଏସିର ସବିଶେଷ ତଥ୍ୟ ନ ଥିବା ବେଳେ ୧୪ ଏସି ଜବତ ହୋଇଛି। ଆଉ କିଛି ଏସି ଜବତ ପାଇଁ ପୋଲିସର ତତ୍ପରତା ଜାରି ରହିଛି। ଅନ୍ୟପକ୍ଷେ ଏସି ଗାଏବ ଘଟଣାରେ ୨ ହସ୍ପିଟାଲ ମ୍ୟାନେଜର ଓ ପୂର୍ତ୍ତ ବିଭାଗର ଜିଇଡି ସନ୍ଦେହ ଘେରକୁ ଆସିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ବିଭାଗର ସ୍ତ୍ରୀ ଓ ପ୍ରସୂତି ୱାର୍ଡ, ସିଜରିଂ ଓ ପ୍ରସୂତି ମହିଳା ୱାର୍ଡ ସମେତ ସ୍ତ୍ରୀ ଓ ପ୍ରସୂତି ଡ୍ୟୁଟି ରୁମ୍‌ରେ ଏସି ନ ଥିବାବେଳେ ସର୍ଜରି ୱାର୍ଡ, ସେପ୍ଟିକ ୱାର୍ଡ, ମେଡିସିନ ୱାର୍ଡ, ଶିଶୁ ୱାର୍ଡ, ପୁରୁଣା ଆଉଟଡୋରରୁ ୬୦ରୁ ଊର୍ଦ୍ଧ୍ୱ ଏସି ଗାଏବ ହୋଇଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ ୧୫୩ ନୂଆ ଏସି ଲାଗିଥିବାବେଳେ ଆହୁରି ୪୦ରୁ ଊର୍ଦ୍ଧ୍ୱ ଏସି କିଣା ଯାଇ ତାକୁ ପୁଣି ଗାଏବ କରି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଏସି ଗାଏବ ହୋଇଥିବା ଅଭିଯୋଗ ହୋଇଆସୁଥିଲା। ଏସି ଗାଏବ ଘଟଣାରେ ଗଣମାଧ୍ୟମ ମିଛ କହୁଛି, ଏସି ଗାଏବ ହୋଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସଫେଇ ଦିଆଯାଇଥିଲା। ଏସି ଗାଏବ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଓ ସିଡିଏମ୍ଓଙ୍କ ବିବୃତି ସନ୍ତୋଷଜନକ ନ ଥିବାବେଳେ ଦୁଇ ହସ୍ପିଟାଲ ମ୍ୟାନେଜର ସହଯୋଗ କରି ନ ଥିଲେ। ଏପରି କି ଏସି ଗାଏବକୁ ହାଲୁକା ଭାବେ ନେଇ ସ୍ୱାସ୍ଥ୍ୟ ବିଭାଗ ଘଟଣାର ଆଦୌ ତଦନ୍ତ କଲା ନାହିଁ। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ ବି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ କରାଗଲାନି। ଜିଲା ମୁଖ୍ୟ ଚିକିତ୍ସାଳୟର ଏସି ଷ୍ଟାଟସ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଓ ତତ୍କାଳୀନ ଜିଲାପାଳ ସ୍ୱଧାଦେବ ସିଂ ତଥ୍ୟ ମାଗିଥିଲେ ବି ସ୍ୱାସ୍ଥ୍ୟ ବିଭାଗ ଦେଇ ନ ଥିଲା। ଏସି ଗାଏବ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏନେଇ ଅଭିଯୋଗ କରାଯିବା, ଗଣମାଧ୍ୟମର ପ୍ରତିନିଧି ପ୍ରଶ୍ନ ଉଠାଇବା ପରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଜୁନ୍ ୨୫ରେ ଥାନାରେ ୧୧ ଏସି ଚୋରି ନେଇ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ମାମଲା(ନଂ.୨୨୪/୨୪) ରୁଜୁ ହୋଇ ଘଟଣାର ତଦନ୍ତ କରାଯାଇଥିଲା।

ଏନେଇ ନୟାଗଡ଼ ଏସ୍ଡିପିଓ ସୁଦର୍ଶନ ଗାଙ୍ଗୋଇ କୁହନ୍ତି, ଏସି ଗାଏବ ଘଟଣାରେ ଦୁଇ ହସ୍ପିଟାଲ ମ୍ୟାନେଜରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସହଯୋଗ ମିଳି ନ ଥିଲା। ଏସି କେତୋଟି କିଣା ହୋଇଛି, କେଉଁଠି ଲଗା ଯାଇଥିଲା, ଯେଉଁ ଏସି କଢ଼ା ଯାଇଛି ସେଗୁଡିକ କୁଆଡେ ଗଲା ସେନେଇ କିଛି ତଥ୍ୟ ଦେଲେନି। କେତୋଟି ଏସି ଚୋରି ହୋଇଛି, କେବେ ଚୋରି ହୋଇଛି ସେନେଇ ବି ତଥ୍ୟ ମିଳିଲା ନାହିଁ। ଜିଇଡି ମଧ୍ୟ ସହଯୋଗ କରିନାହିଁ। ହେଲେ ପୋଲିସ ତଦନ୍ତ କରି କିଛି ଏସି ଜବତ କରିଛି। ଏବେ ବି ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରିଲେ ସରପଞ୍ଚ

- ପିସି ନ ଦେଲେ ହେଉନି ବିଲ୍
- ଭିଡିଓ ଭାଇରାଲ ପରେ ଚର୍ଚ୍ଚା
- ବିଲ୍ ବକେୟା ନ ଥିବା କହିଲେ ସହକାରୀ ଯନ୍ତ୍ରୀ

**ବଇଣ୍ଡା ୨୭।୯ (ପରିକ୍ଷିତ ସାହୁ)**

ପିସି ନ ଦେଲେ ହେଉନି ବିଲ୍ ପାସ୍। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କ ବିରୋଧରେ ଏପରି ଗୁରୁତର ଅଭିଯୋଗ କରିଛନ୍ତି କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି। ଏପରି କି ଏହି ବିଲ୍ ପାସ୍ ପାଇଁ ସେ ସହକାରୀ ଯନ୍ତ୍ରୀ ଶତପଥୀଙ୍କ ଗୋଡ଼ ଧରୁଥିବାର ଏକ ଭିଡିଓ ଶୁକ୍ରବାର ଭାଇରାଲ ହୋଇଛି। ଫଳରେ ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଉକ୍ତ ପଞ୍ଚାୟତର କୌଣସି ବିଲ୍ ବକେୟା ନ ଥିବା ସହକାରୀ ଯନ୍ତ୍ରୀ ଶତପଥୀ କହିଛନ୍ତି।

ଭାଇରାଲ ଭିଡିଓରେ ସରପଞ୍ଚ କ୍ଷେତି ଅଭିଯୋଗ କରିଛନ୍ତି, ଆଠମଲ୍ଲିକ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବିନା ପିସିରେ ବିଲ୍ କରୁନାହାନ୍ତି। କୁଦଗାଁ ପଞ୍ଚାୟତରେ ବହୁ ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ହୋଇନାହିଁ। ଚନ୍ଦ୍ରପୁର ଗାଁ ମୁଣ୍ଡ ଠାରୁ ପିଢ଼ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୮ ଲକ୍ଷ ୧୦ ହଜାର ଟଙ୍କା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଟକଳ କରାଯାଇଥିଲା। ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାର୍ଯ୍ୟ ଶ୍ରମିକମାନେ କରିଥିଲେ ମଧ୍ୟ ମାତ୍ର ୬୫ ହଜାର ଟଙ୍କା ବିଲ୍ ହୋଇଛି। ପିସି ନ ଦେବାରୁ ସେହି କାର୍ଯ୍ୟକୁ ସମାପ୍ତି କରି ଦିଆଯାଇଛି। ସେହିପରି ଲାଉପାଳ ମନ୍ଦିର ପାର୍ଶ୍ୱ ଡବ୍ଲ୍ୟୁଡିସି ରାସ୍ତା ଠାରୁ କାନପୁର ପର୍ଯ୍ୟନ୍ତ ରାସ୍ତା ପାଇଁ ୫ ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ପ୍ରାୟ ୧ ଲକ୍ଷ ୬୦ ହଜାର ଟଙ୍କାର କାର୍ଯ୍ୟ ଶ୍ରମିକମାନେ କରିଥିବା ବେଳେ ମାତ୍ର ୩୫ ହଜାର ଟଙ୍କାର ବିଲ୍ ହୋଇଛି। ତେଣ୍ଟେଇପାଲି ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପ୍ରାୟ ୩ ଲକ୍ଷ ଟଙ୍କାର କାମ ହୋଇଥିବା ବେଳେ ୨ ଲକ୍ଷ ୨୦


ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରୁଛନ୍ତି ସରପଞ୍ଚ।

ହଜାର ଟଙ୍କାର ବିଲ୍ ହୋଇଛି। ପର୍ଯ୍ୟାୟକ୍ରମେ ପିସି ଦେଇ ନ ଥିବାରୁ ଅବଶିଷ୍ଟ ବିଲ୍ କରାଯାଇ ନାହିଁ। ଏଥିସହ ସମସ୍ତ ପ୍ରକଳ୍ପକୁ ଅଧାରୁ ବନ୍ଦ କରାଯାଇଛି। ଏହି କାମରେ ନିୟୋଜିତ ଶ୍ରମିକମାନେ ସେମାନଙ୍କ ପ୍ରାପ୍ୟ ପାଇଁ ସରପଞ୍ଚଙ୍କ ନିକଟକୁ ଧାଉଁଥିବାରୁ ସେ ବିଲ୍ ପାସ୍ କରାଇ ଦେବାକୁ ସହକାରୀ ଯନ୍ତ୍ରୀଙ୍କ ଗୋଡ଼ ଧରିଛନ୍ତି। ସେ ଏକ ରାଜନୈତିକ ଦଳରେ କାମ କରୁଥିବା ଯୋଗୁ ବିଲ୍ କରା ନ ଯାଇ ହଇରାଣ କରାଯାଉଛି। ବାରମ୍ବାର ଆପତ୍ତି ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସରପଞ୍ଚ କ୍ଷେତି ଅଭିଯୋଗ କରିଛନ୍ତି। ତେବେ ଏପରି ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଶତପଥୀ କହିଛନ୍ତି, କୁଦଗାଁ ପଞ୍ଚାୟତର କୌଣସି ବିଲ୍ ବକେୟା ନାହିଁ। ତେବେ ବିଭିନ୍ନ ପ୍ରକଳ୍ପ କାହିଁକି ଅଧାରୁ ବନ୍ଦ କରାଗଲା ସେ ପ୍ରଶ୍ନରେ କୌଣସି ଉତ୍ତର ରଖିନାହାନ୍ତି ସହକାରୀ ଯନ୍ତ୍ରୀ।

# ଖଣି ବିରୋଧୀ କର୍ମୀ କାର୍ତ୍ତିକ ନାୟକଙ୍କ ଗିରଫକୁ ନିନ୍ଦା

**ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)**

ଦକ୍ଷିଣ ଓଡ଼ିଶାରେ ବକ୍ସାଇଟ ଖନନକୁ ବିରୋଧ କରିଥିବା କାର୍ତ୍ତିକ ନାୟକଙ୍କ ଗିରଫକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଘଟଣା ଅନୁସାରେ ଗତ ୧୯ ତାରିଖରେ କାଶୀପୁର ପୋଲିସ ୩୦ ବର୍ଷୀୟ କାର୍ତ୍ତିକଙ୍କୁ ଗିରଫ କରିବା ସହ କାଶୀପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଏହା ପରେ ତାଙ୍କୁ ରାୟଗଡ଼ା ସବ୍ ଜେଲକୁ ପଠାଇ ଦିଆଯାଇଥିଲା। ଏନେଇ ତିଜିମାଳି ଅଞ୍ଚଳର ୧୦୦୦ରୁ ଅଧିକ ଗ୍ରାମବାସୀ ତାଙ୍କୁ ମୁକ୍ତ କରିବା ଦାବିରେ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ୨୦୦ ଜଣ ଗ୍ରାମବାସୀଙ୍କ ବିରୋଧରେ ଏତଲା ଦିଆଯାଇଥିବାର ଜଣାପଡ଼ିଛି। ବର୍ତ୍ତମାନ କାର୍ତ୍ତିକ ନାୟକଙ୍କୁ ତୁରନ୍ତ ମୁକ୍ତ କରିବା ସହ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ଲୋକଙ୍କ ଦ୍ୱାରା ଆୟୋଜିତ ଗ୍ରାମସଭାର ସଂକଳ୍ପକୁ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ବକ୍ସାଇଟ୍ ଖନନକୁ ବିରୋଧ କରୁଥିବା ସମସ୍ତ ଲୋକଙ୍କ ବିରୋଧରେ ବିଚାରାଧନ ମାମଲା ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। କାର୍ତ୍ତିକ ଜେଲ ଭିତରୁ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, ପାହାଡ଼ ଓ ଜଙ୍ଗଲକୁ ଖଣି ଖନନରୁ ରକ୍ଷା କରିବା ପାଇଁ ଜେଲର ସମ୍ମୁଖୀନ ହେବା ସହ ଜୀବନ ବଳିଦେବାକୁ ପ୍ରସ୍ତୁତ ବୋଲି କାର୍ତ୍ତିକ କହିଛନ୍ତି।

ସୂଚନା ଥାଉକି, ତିଜିମାଳି, କୁଟ୍ରୁମାଳି ଓ ମାଝିଙ୍ଗମାଳି ଅଞ୍ଚଳ ରାୟଗଡ଼ା ଜିଲାର କାଶୀପୁର ଓ କଳାହାଣ୍ଡି ଜିଲାର ଥୁଆମାଳ ରାମପୁର ବ୍ଲକରେ ପରିବ୍ୟାପ୍ତ। ତିଜିମାଳି ଓ କୁଟ୍ରୁମାଳିର ବକ୍ସାଇଟ ଭଣ୍ଡାର ଯଥାକ୍ରମେ ବେଦାନ୍ତ ଓ ଆଦାନୀ ଗ୍ରୁପ୍‌କୁ ଲିଜ୍ ଦିଆଯାଇଥିବା ବେଳେ ଲୋକଙ୍କ ମତାମତ ଅଥବା ସହମତି ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରାମସଭା କିମ୍ବା ପଲ୍ଲିସଭା କରାଯିବା ପରିବର୍ତ୍ତେ କମ୍ପାନୀ ସପକ୍ଷରେ ଏକ ବାତାବରଣ ସୃଷ୍ଟି କରିବା ପାଇଁ ମୈତ୍ରୀ ନାମକ ବେଦାନ୍ତର ଏକ ଠିକା ସଂସ୍ଥା ଗତବର୍ଷ ପ୍ରାରମ୍ଭରେ ତିଜିମାଳିର ଗ୍ରାମଗୁଡ଼ିକରେ ବୁଲିବା ଆରମ୍ଭ କରିଥିଲା। ତେଣୁ ସେପ୍ଟେମ୍ବର ୨୦୨୩ରେ ପରିବେଶ ମଞ୍ଜୁରୀ ପାଇଁ ହୋଇଥିବା ଦୁଇଟି ଜନଶୁଣାଣି ହୋଇଥିଲା। ଏଥିରେ ବେଦାନ୍ତର ଖଣି ଖନନ ଯୋଜନାକୁ ଅଞ୍ଚଳବାସୀ ପ୍ରତ୍ୟାଖ୍ୟାନ କରିବା ସହ ଏହା ସେମାନଙ୍କ ଆରାଧ୍ୟ ଦେବତା ତିଜିରାଜଙ୍କ ବାସସ୍ଥଳୀ ଏବଂ ସେମାନଙ୍କ ଜୀବନ, ଜୀବିକା, ଝରଣା ଓ ସମଗ୍ର ବାସସ୍ଥାନ ଉପରେ ଖଣି ଖନନ କିପରି ପ୍ରତିକୂଳ ପ୍ରଭାବ ପକାଇବ ତାହା ଦର୍ଶାଇଥିଲେ। ସେମାନଙ୍କ ସାମ୍ବିଧାନିକ ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ଲୋକମାନେ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ନିବେଦନ ପତ୍ର ମଧ୍ୟ ପଠାଇଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚ ଲୋକମୁକ୍ତି ସଙ୍ଗଠନ, ଝାରସୁଗୁଡ଼ା, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି, ଭାରତୀୟ ଟ୍ରେଡ୍ ୟୁନିୟନ ସେଣ୍ଟର, ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସ ଆଲର୍ଟ ଇଣ୍ଡିଆ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ ଭଳି ୩୦ରୁ ଅଧିକ ସଙ୍ଗଠନର ନେତୃବୃନ୍ଦ ଏବଂ ମାନବାଧିକାରୀ କର୍ମୀ ଓ ସାମାଜିକ କର୍ମୀ କାର୍ତ୍ତିକଙ୍କୁ ମୁକ୍ତକରିବା ପାଇଁ ଦାବି କରିଛନ୍ତି।

# ପୁଣି ମଞ୍ଜୁଲିକା ଭାବେ ଜଲୱା ଦେଖାଇବେ ବିଦ୍ୟା

**ମୁମ୍ବାଇ**

ସମ୍ପ୍ରତି ଦେଶରେ ହରର କମେଡି ଫିଲ୍ମର କ୍ରେଜ୍ ଚାଲିଛି। ଏହାରି ମଧ୍ୟରେ ଶୁକ୍ରବାର ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ଭୁଲ୍ ଭୁଲୈୟା ୩'ର ଟିଜର ରିଲିଜ୍ ହୋଇଛି। ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ସୋସିଆଲ ମିଡିଆରେ ୧ ମିନିଟ ୪୬ ସେକେଣ୍ଡ ବିଶିଷ୍ଟ ଏହି ଟିଜରକୁ ଜାରି କରାଯାଇଛି। ଏକ ସିଂହାସନ ଦୃଶ୍ୟରୁ ଏହି ଟିଜର ଆରମ୍ଭ ହୋଇଛି। ଏଥିରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କର ଏକ ଭଏସ୍ ଓଭର ରହିଛି, ଯେଉଁଥିରେ ସେ କହୁଛନ୍ତି, କ'ଣ ଲାଗୁଛି କାହାଣୀ ଶେଷ ହୋଇଗଲା। କବାଟ ତ ବନ୍ଦ ହୋଇଥାଏ, ଦିନେ ନା ଦିନେ ପୁଣି ଖୋଲିବା ପାଇଁ। ଏହାପରେ ମଞ୍ଜୁଲିକା ଚରିତ୍ରରେ ବିଦ୍ୟା ବଲାନ ଏକ ଭୟଙ୍କର ଅବତାରରେ ନଜରକୁ ଆସିଛନ୍ତି। ସେ ଗୋଟିଏ ହାତରେ ଏକ ସିଂହାସନ ଉଠାଇବା ସହ କାହିଁକି ତାଙ୍କଠାରୁ ସିଂହାସନ ଛଡାଇ ଦିଆଯାଇଛି ବୋଲି କ୍ରୋଧରେ ପ୍ରଶ୍ନ କରୁଛନ୍ତି। ଏହି ହରର ଦୃଶ୍ୟକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। 'ଭୁଲ୍ ଭୁଲୈୟା' ଫିଲ୍ମ ପରେ ପୁଣିଥରେ ମଞ୍ଜୁଲିକା ଚରିତ୍ରରେ ବିଦ୍ୟାଙ୍କ ଜଲୱା ଦେଖିବାକୁ ମିଳିବ ବୋଲି ଏହି ଟିଜର ଦେଖିସାରିବା ପରେ ତାଙ୍କ ପ୍ରଶଂସକମାନେ ଆଶା ବାନ୍ଧି ବସିଛନ୍ତି। ଏହାପରେ ଉକ୍ତ ଟିଜରରେ କାର୍ତ୍ତିକ ତାଙ୍କ ରୁହ୍ ବାବା ଅବତାରରେ ନଜରକୁ ଆସିଛନ୍ତି। ସେ କହୁଛନ୍ତି, ଯେଉଁମାନେ ଭୂତମାନଙ୍କୁ ଭୟ କରନ୍ତି ସେମାନେ ମୂର୍ଖ ନୁହଁ ତ ଆଉ କ'ଣ। ଏହି ଟିଜରରେ ଅଭିନେତ୍ରୀ ତୃପ୍ତି ଡିମ୍ରି କାର୍ତ୍ତିକଙ୍କ ପ୍ରେମିକା ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ରାଜପାଲ ଯାଦବ, ସଞ୍ଜୟ ମିଶ୍ର ଏବଂ ଅଶ୍ୱିନୀ କାଲ୍‌ସେକରଙ୍କୁ ମଧ୍ୟ ଉକ୍ତ ଟିଜରରେ ଦେଖିବାକୁ ମିଳିଛି। ଟିଜରର ବ୍ୟାକ୍‌ଗ୍ରାଉଣ୍ଡରେ ଲୋକପ୍ରିୟ ଟ୍ରାକ୍ 'ଆମି ଜେ ତୋମାର' ବ୍ୟବହାର କରାଯାଇଛି, ଯାହା ଫିଲ୍ମ ପ୍ରତି ପ୍ରଶଂସକଙ୍କୁ ଆକୃଷ୍ଟ କରିଛି। ସୋସିଆଲ ମିଡିଆରେ 'ଭୁଲ ଭୁଲୈୟା ୩'ର ଟିଜରକୁ ଜବରଦସ୍ତ ପ୍ରତିକ୍ରିୟା ମିଳିଛି। ଏହି ଟିଜର ଦେଖିବା ପରେ ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି। ଟି-ସିରିଜ୍ ଫିଲ୍ମସ୍ ପକ୍ଷରୁ ନିର୍ମିତ ଏହି ଫିଲ୍ମରେ ଅନିସ୍ ବଜମି ନିର୍ଦ୍ଦେଶନା ଦେଇଛନ୍ତି। ଆସନ୍ତା ଦୀପାବଳି ଉପଲକ୍ଷେ ନଭେମ୍ବର ୧ରେ 'ଭୁଲ୍ ଭୁଲୈୟା ୩' ମୁକ୍ତିଲାଭ କରିବ।




## ZILLA SWASTHYA SAMITI, KHORDHA
(Department of Health & FW, Govt. of Odisha)

**CORRIGENDUM**

Adv. No. 15009/2024 Date : 26.09.2024

**No.E-360** : In response to this office Advertisement No. 01/2024 Dated 27.02.2024 and Notice No. 14895/2024 Dated 24.09.2024 that the agencies applied for Housekeeping, Security & Laundry services under NIRMAL are requested to go through the district website www.khordha.odisha.gov.in instead of www.khordha.nic.in. All other contains of the said Notice vide the number mentioned above remains the same.

OIPR-10029/11/0003/2425 Sd./- CDM & PHO, Khordha

## RFP FOR SELECTION OF EVENT MANAGEMENT AGENCY FOR BALIYATRA CUTTACK UTSAV-2024

Letter No. 687/Culture Dt. 26.09.2024

**No.F-**: Sealed proposals are invited from Event Management Agencies for on-ground Delivery and Event Management of the Historic Baliyatra Cuttack Utsav-2024 to be held from Dt. 15.11.2024 to 22.11.2024 through an open RFP. The detailed information may be downloaded from the Cuttack District website (cuttack.odisha.gov.in).

The bids should be submitted in the prescribed format along with all relevant documents duly signed and sealed. The bid should reach the office of the Collector, Cuttack **on or before dt.07.10.2024 by 3 P.M.** either by Courier/Speed post/Registered Post. **No drop box facility and hand delivery is available.** The Office of the Collector, Cuttack shall not be responsible for delay in postal delivery or similar reason. The District Administration, Cuttack reserves the right to accept or reject any or all bids without assigning any reason thereof.

For any specific queries kindly contact cell No. 9040412545/9437027051

OIPR-24178/11/0006/2425 Sd./- Collector, Cuttack

## OFFICE OF THE GENERAL MANAGER WATCO DIVISION, ROURKELA, ODISHA

Ph.No.0661-2664791 (O), e-mail-phdrourkela@gmail.com
No.7636/ Date:24.09.2024

**NATIONAL COMPETITIVE BIDDING THROUGH**
**No.C-663: e-Procurement Identification No.GM_WATCORKL-09/2024-25, dt.24.09.2024**

1. Name of the Work : Laying of 350mm dia-400 mtr raising main from 18 MLD WTP to Old Truck Parking, Rourkela under AMRUT 2.0
2. Estimated cost : Rs.43.96 Lakh
3. Period of completion : 2 (Two) Months
4. Date & time of availability of bid document in the portal : From 11.00 A.M. of 05.10.2024 to 5.00 P.M. of 18.10.2024
5. Last date/time of receipt of Bids in the Portal : 5.00 PM of 18.10.2024
6. Date & Time of Opening of Bids : 19.10.2024 at 12.30 P.M.
7. Name & Address of the Officer Inviting Bid : General Manager, WATCO Division Rourkela

The bidders have to participate in ONLINE bidding only. For details can be seen from the Government website www.tendersorissa.gov.in.

(Er. Subrat Kumar Nayak)
General Manager
WATCO Division, Rourkela

OIPR-13211/11/0001/2425

## GOVERNMENT OF ODISHA, DEPARTMENT OF WATER RESOURCES
## Office of the Engineer-in-Chief, Water Resources, Secha Sadan, Bhubaneswar

Email Address:cemech.eicwr.od@gmail.com

No.A-332 **e-Procurement Notice**
**Bid Identification No.CEM/MDC-03/2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates
4. Bid Identification No. : CEM/MDC-03/2024-25
5. Estimated Cost : Rs.30,14,230.00
6. Period of Completion : 03 (Three) Calendar Months
7. Date & Time of availability of bid documents in the portal : From dt.27.09.2024 (10.00 AM) to dt.15.10.2024 (5.30 PM)
8. Last date/time for receipt of bid in the portal : dt.15.10.2024 (upto 5.30 PM)
9. Date and Place of Opening of Technical Bid : dt.17.10.2024 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/O the E.I.C.,Water Resources, Odisha Bhubaneswar

Further details can be seen from the e-procurement portal https://tendersodisha.gov.in. Any Further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief,
Secha Sadan, Bhubaneswar

OIPR-32520/11/0007/2425

See Career Appointment on every Wednesday & Saturday

## OFFICE OF THE DEAN AND PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

At/Po/Dist.- Koraput-764020 (Odisha)
Telephone No.06852-250101//E-mail:slnmchkoraput.od@gov.in
Website:www.slnmch.nic.in

No.5884/2024 Dated 26.09.2024

**ADVERTISEMENT FOR WALK-IN-INTERVIEW**

**No.E-362**:A walk-in-interview is proposed for filling up the following post on contractual basis in the Viral Research & Diagnosis Laboratory at SLN Medical College & Hospital, Koraput under the project "Setting up of Nation-wide Network of Laboratories for Managing Epidemics & Natural Calamities" by Department of Health Research, MoHFW. Interested candidates possessing requisite qualification & experience may download the application form annexed in this Advertisement (Page 4 to 6) and come for the interview with duly filled in application form and all requisite original documents on scheduled dated-18.10.2024 (Reporting time-10:30 AM to 11:0 AM) at LT-3, SLNMCH, Koraput.

Sd./- Dean & Principal
SLNMCH, Koraput

OIPR-10121/11/0011/2425

## ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ.

ସହିଦନଗର, ଭୁବନେଶ୍ୱର-୭୫୧୦୦୭, ଦୂରଭାଷ: ୦୬୭୪-୨୫୪୫୫୭୬, ୨୫୪୫୮୫୨
Email: serifedodisha@gmail.com

ପତ୍ର ସଂଖ୍ୟା: III-1(1) Serifed/24/25/ ତା:

**ନୋଟିସ୍**

No. CAD-1211: ଏତଦ୍ୱାରା ରାଜ୍ୟ ଭିତର ଓ ବାହାରର ସମସ୍ତ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନଙ୍କୁ ଜଣାଇ ଦିଆଯାଉଛି କି ଯେ, ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ., ଭୁବନେଶ୍ୱର ଏହାର ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଗୋଦାମ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଟସର ସମବାୟ ସମିତି ଗୋଦାମରେ ଗଚ୍ଛିତ ଥିବା ପ୍ରାୟ ଟ.୧୦୦.୦୦ ଲକ୍ଷ ଟଙ୍କାର ଗୁଟି (Reelable) ଟସର କୋଷା ନିର୍ଦ୍ଧାରିତ ଦର ପ୍ରତି ତୋଳା ପିଛା ୧୬୫୦.୦୦ ଟଙ୍କାରେ ବିକ୍ରୟ କରିବ।

ଏଣୁ ସମସ୍ତ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ସମସ୍ତ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ସେରିଫେଡ୍‌ର ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ଗୋଦାମ ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାଥମିକ ଟସର ସମବାୟ ସମିତି ଗୋଦାମ ପରିଦର୍ଶନ କରି ଗୁଟି (Reelable) ଟସର କୋଷାର ମାନ ଯାଞ୍ଚ କରିପାରିବେ ଏବଂ ସାଦା କାଗଜରେ ଆବଶ୍ୟକତା ଥିବା ଟସର କୋଷାର ପରିମାଣ (ମୂଲ୍ୟରେ) ଓ କେଉଁ ଗୋଦାମରୁ କିଣିବାକୁ ଇଚ୍ଛୁକ (ପ୍ରାଧାନ୍ୟ ଅନୁସାରେ) ଉଲ୍ଲେଖକରି ଶ୍ରୀଯୁକ୍ତ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ. ଭୁବନେଶ୍ୱରଙ୍କଠାରେ ଲିଖିତ ଆକାରରେ ଆବେଦନ କରିପାରିବେ। ଆବଶ୍ୟକ କରୁଥିବା ଟସର କୋଷାର ସମ୍ପୂର୍ଣ୍ଣ ମୂଲ୍ୟ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ. ଭୁବନେଶ୍ୱରଙ୍କ ବ୍ୟାଙ୍କ ଜମା ଖାତାରେ ଅଗ୍ରିମ ଅର୍ଥ ଆକାରରେ ଜମା ଦେବାକୁ ପଡ଼ିବ। ପ୍ରଥମେ ଆସିଲେ ପାଇବା ଆଧାରରେ ଟସର କୋଷାର ବିକ୍ରି କରାଯିବ। ଟସର କୋଷା ଆବଣ୍ଟିତ ଗୋଦାମରୁ ଆବଣ୍ଟନର ୧୫ଦିନ ମଧ୍ୟରେ ଉଠାଣ କରିବାକୁ ପଡ଼ିବ। ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ., ଭୁବନେଶ୍ୱର ସେମାନଙ୍କୁ ବିକ୍ରି ରସିଦ୍ ଓ ଗନ୍ତବ୍ୟ ସ୍ଥାନ ପାଇଁ ଟସର ପରିବହନ ପର୍ମିଟ ଯୋଗାଇ ଦେବ। ଏହି ବିଷୟରେ ଅଧିକ ସୂଚନା ପାଇଁ ଶ୍ରୀ ପ୍ରଦୀପ୍ତ କୁମାର ପଟ୍ଟନାୟକ, OSD (ମାର୍କେଟିଂ) (Mob.: 9438295885) କିମ୍ବା ଶ୍ରୀ ସୁକୁମାର ପାଢ଼ୀ, ଭାରପ୍ରାପ୍ତ ଶାଖା ଅଧିକାରୀ, ବାରିପଦା, (Mob.: 9938044674) ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) ଲିଃ.ଙ୍କୁ ତାଙ୍କ ମୋବାଇଲ ଫୋନରେ ସମସ୍ତ ସରକାରୀ କାର୍ଯ୍ୟ ଦିବସଗୁଡ଼ିକରେ ଯୋଗାଯୋଗ କରିପାରିବେ।

OIPR-39036/11/0016/2425 ସ୍ୱା./- ସମ୍ପାଦକ

## ODISHA POLICE STATE HEADQUARTERS, CUTTACK

Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in

**Odisha Police**
**Office of the D.G. & I.G. of Police, Odisha, Cuttack**

Tel.:0671-2304001, Website:www.odishapolice.gov.in, Email:oprb@odisha.gov.in

**No.D-**Online Bids through e-Tender Portal https://tendersodisha.gov.in are invited from the eligible bidders for Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for combined recruitment of Group-B posts of Odisha Police Service, Odisha Prison Service and Odisha Fire Service during the current financial year 2024-25 as per the particulars mentioned below.

| Sl.No. | Name of Item | RFP No. |
|---|---|---|
| 1 | Selection of System Implementation Partner (SIP) for facilitating conduct of OMR based Written Examination, Physical Measurement Test & Physical Efficiency Test for combined recruitment of Group-B posts of Odisha Police Service, Odisha Prison Service and Odisha Fire Service | RFP-14-OMR based Writting examination-2024-25 |

| Sl.No. | Particulars | Date and Time |
|---|---|---|
| 1 | Date of Publication of RFP in the Website of Odisha Tenders Portal | 27.09.2024, 17.00 Hrs. |
| 2 | Last date & time to accept pre-bid queries through email-oprb@odisha.gov.in | 04.10.2024, 15.00 Hrs. |
| 3 | *Virtual/Pre-Bid Meeting (is to be communicated to interested bidders) | 05.10.2024, 11.30 Hrs. |
| 4 | Publication of Corrigendum to RFP (if any) in the website of Odisha Police | 08.10.2024, 17.00 Hrs. |
| 5 | Last date & Time of submission of Bid on Odisha Tenders Portal | 23.10.2024, 17.00 Hrs. |
| 6 | Date of Opening of General & Technical Bid | 24.10.2024, 17.00 Hrs. |
| 7 | Technical Presentation by the Bidders | To be informed to the participated Bidders |
| 8 | Date of Opening of Commercial/Financial Bid | To be informed to the participated Bidders |
| 9 | Venue | State Police Headquarters, Cuttack, Buxi Bazar, Odisha |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
(Tender Calling Authority)

OIPR-12029/11/0024/2425

SAMS Student Academic Management System
Skilled in ODISHA

## DIRECTORATE OF TECHNICAL EDUCATION & TRAINING, ODISHA
**KILLAMAIDAN, BUXIBAZAR, CUTTACK-753001**
**Email:ccrdiploma2024@gmail.com, Website:dtetodisha.gov.in**

**No. 13976** **Date:- 26.09.2024**

# DIPLOMA & POST-DIPLOMA SPOT ADMISSION 2024-25

## FOR ADMISSION INTO DIPLOMA IN ENGINEERING/ NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES

**No.KK-182:**This is for information of aspirant candidates for spot admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal (https://skill.samsodisha.gov.in/) will be opened from 27th September 2024 for registration spot admission as per the following timeline:

| Course | Tagging & Admission |
|---|---|
| Diploma in Engineering- **Working Professional** | 17th & 18th October 2024 |
| Diploma in Engineering- Lateral Entry | 17th & 18th October 2024 |
| Diploma in Engineering & Non-Engineering **(FRESH)** | 21st to 23rd October 2024 |
| **Post Diploma** Courses | 17th, 18th, 19th, 21st, 22nd and 23rd October 2024 |

The SOP for Round-IV Spot Admission will be available on SAMS portal. The SAMS portal will be enabled for fresh registration for Round-IV Spot Admission wef 27th September 2024. Visit https://skill.samsodisha.gov.in/ for further details.

For any specific query, contact Diploma Admission Call Centre Phone No. 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnic / Engineering School for assistance.

**Sd./- Director**
**Technical Education & Training, Odisha, Cuttack**

**OIPR-44008/11/0023/2425**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲକ୍ଷେ ଟପିଲା ରୁପା ଦର

## ସର୍ବୋଚ୍ଚ ସ୍ତରରେ ସୁନା ଦର



**ଭୁବନେଶ୍ୱର,୨୭।୯: (ଅଭୟ ଦାଶ)**

ପାର୍ବଣ ପୂର୍ବରୁ ପାରମ୍ପରିକ ଅଳଙ୍କାରଠାରୁ ମୂଲ୍ୟବାନ୍ ଗହଣାର ଦାମ୍ ରେକର୍ଡସ୍ତରରେ ପହଞ୍ଚିଛି। ଏପରିକି ଉଭୟ ଜାତୀୟ ଓ ଘରୋଇ ବଜାରରେ ସୁନା ଦର ସର୍ବୋଚ୍ଚ ସ୍ତର ଛୁଇଁଥିଲାବେଳେ ଭୁବନେଶ୍ୱରରେ ରୁପା କିଲୋ ଲକ୍ଷେ ଉପରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଆମଦାନୀ ହ୍ରାସ କାରଣରୁ ସୁନା, ରୁପା ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଗହଣାର କଞ୍ଚାମାଲ ଦର ବୃଦ୍ଧି ପାଇଥିଲାବେଳେ ଗହଣା ବଜାରରେ ମଧ କ୍ରମାଗତ ଭାବେ ଦର ବୃଦ୍ଧି ହୋଇଚାଲିଛି।

ସେହିଭଳି ଭୁବନେଶ୍ୱରରେ ଶୁକ୍ରବାର ରୁପା ୧ କିଲୋଗ୍ରାମର ଦାମ ୧,୦୨,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭,୪୫୦ ଟଙ୍କାରେ ପହଞ୍ଚିଛି। ଏପରିକି ୨୨ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୧,୦୦୦ ଟଙ୍କାର କାରବାର ହେଉଥିଲାବେଳେ ୧୮ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୫୮,୦୯୦ ଟଙ୍କାରେ ବ୍ରିକିହେଉଛିବୋଲି ଭୁବନେଶ୍ୱରର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ରୁପା ୧ କି.ଗ୍ରା.ର ଦାମ ୯୮,୦୦୦ ଟଙ୍କାରେ କାରବାର ହେଉଥିଲାବେଳେ ୨୪ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୭,୧୮୩ ଟଙ୍କାରେ ପହଞ୍ଚିଛି। ଏପରିକି ୨୨ କ୍ୟାରେଟ ସୁନା ୧୦ଗ୍ରାମ ପିଛା ୭୦,୭୬୦ ଟଙ୍କାର କାରବାର ହେଉଥିଲା ବେଳେ ୧୮ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ପ୍ରାୟ ୫୯,୦୦୦ଟଙ୍କାରେ ବ୍ରିକି ହେଉଛି। ଅପରପକ୍ଷରେ କୋଲକାତା, ଚେନ୍ନାଇ ଏବଂ ମୁମ୍ବାଇ ଭଳି ସହରରେ ରୁପା କେଜି ପ୍ରତି ୯୮,୮୦୦ ଟଙ୍କା,୧,୦୩,୬୦୦ ଟଙ୍କା ଏବଂ ୯୭,୫୦୦ଟଙ୍କାରେ କାରବାର ହେଉଛି। ଏପରିକି ଉପରୋକ୍ତ ସହରଗୁଡିକରେ ସୁନା ଦର ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭,୦୩୫ ଟଙ୍କା, ୭୭୦୩୧ ଟଙ୍କା ଏବଂ ୭୭୦୩୭ ଟଙ୍କାରେ ପହଞ୍ଚିଛି।


## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର (ମାମୁନି)**
୪୨ ମୌଜା, କଟକ

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ ।

ଶୁଭେଚ୍ଛା ସହ– ତୋର ବାପା, ବୋଉ, ନନା ପାପା, ତିତ୍‌ଲି, ବାବୁନି ଭାଇ, ପାପୁନି ଭାଇ, ଛୁଆ ପାପା ଓ ଅଜା, ଆଇ ।

ଧ-୧୪୮୮


## ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୨୭।୯**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୬୪ (୨୬୪.୨୭) ପଏଣ୍ଟ କମି ୮୫,୫୭୨ (୮୫,୫୭୧.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୭ (୩୭.୧୦) ପଏଣ୍ଟ ହ୍ରାସ ଘଟି ୨୬,୧୭୯ (୨୬,୧୭୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।


## ବାଣିଜ୍ୟରେ Ph.D ଲାଭ



କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଡିମଡ୍ ବିଶ୍ୱବିଦ୍ୟାଳୟର ୨୦୨୪ ସମାବର୍ତ୍ତନ ଉତ୍ସବରେ କୁମାରୀ ଜ୍ୟୋତିର୍ମୟୀ ସାହୁ ବାଣିଜ୍ୟରେ Ph.D. ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ "Impact of price interplay on cross border commodity future derivatives. An empirical study" କିଟ୍ ସ୍କୁଲ୍ ଅଫ୍ Economics and Commerceର ସହାୟକ ଅଧ୍ୟାପକ (II) ଡକ୍ଟର ଆର୍ଯ୍ୟ କୁମାରଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ହୋଇଛି। ଏହାର ମୂଲ୍ୟାୟନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଧନଞ୍ଜୟ ସାହୁ କରିଛନ୍ତି। ତାଙ୍କର ସନ୍ଦର୍ଭରେ କୁମାରୀ ସାହୁ Commodity Future Derivativesର ବିଭିନ୍ନ ଦେଶର ଦାମ୍‌ର ତୁଳନାତ୍ମକ ଗବେଷଣା କରିଛନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ଡକ୍ଟର ଆର୍ଯ୍ୟ କୁମାର, ପ୍ରଫେସର ଡକ୍ଟର ଜୟନ୍ତ କୁମାର ପରିଡ଼ା, କିଟ୍ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପ୍ରଫେସର, ଗବେଷକ, ତାଙ୍କର ସହକର୍ମୀ ଓ ପରିବାରବର୍ଗଙ୍କୁ ଦେଇଛନ୍ତି। ସେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରେ ସହାୟକ ଅଧ୍ୟାପିକା ଭାବେ ଅବସ୍ଥାପିତ ।

ଧ-୧୪୭୯


## ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୯**



ବେଦାନ୍ତ ଆଲୁମିନିୟମର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପିଲାମାନଙ୍କ ପାଇଁ ପୋଷଣକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ମାଧ୍ୟମରେ 'ପ୍ରୋଜେକ୍ଟ ନନ୍ଦଘର' ଅଭିଯାନର ଶୁଭାରମ୍ଭ କରାଯାଇଛି। ଯେଉଁଠାରେ ବେଦାନ୍ତର ବ୍ୟବସାୟ ୟୁନିଟ୍ ରହିଛି, ସେହି ରାଜ୍ୟଗୁଡିକରେ ମିଲେଟ୍ ପ୍ରୋଟିନ୍ ଶେକ୍ ବିତରଣ କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଏକାଧିକ ଜିଲାକୁ ବିସ୍ତାରକରି ପ୍ରାୟ ୬୦୦୦ ପିଲାଙ୍କୁ ୫୦,୦୦୦ରୁ ଅଧିକ ମିଲେଟ ଶେକ୍ ବଣ୍ଟନ କରାଯିବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ବେଦାନ୍ତର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତାକୁ ମୁକାବିଲା କରିବା ପାଇଁ ଆମେ ଗତ ବର୍ଷ ଆରମ୍ଭ କରିଥିବା ମଲ୍ଟି ମିଲେଟ୍ ପୁଷ୍ଟିକର ବାରର ସଫଳତା ପରେ ବର୍ତ୍ତମାନ ଆମେ ପୋଷଣ୍ ମାହକୁ ପାଳନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ନନ୍ଦଘର ପୁଷ୍ଟିକର ମିଲେଟ କ୍ୟାମ୍ପେନିଂର ପରିଚୟ ବିଶେଷକରି ଆମର 'ଖାନା ଖାୟା କ୍ୟାୟା' ଆନ୍ଦୋଳନ ସହିତ ଜଡିତ ରହିଛି। ଯେଉଁଠାରେ ପ୍ରତ୍ୟେକ ଶିଶୁ ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଥାଏ।

ସେହିଭଳି ନନ୍ଦଘରର ସିଇଓ ଶଶୀ ଆରୋରା କହିଛନ୍ତି, ଆମେ ପିଲାଦିନର ପୁଷ୍ଟିହୀନତାର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରି ଭାରତର ଭବିଷ୍ୟତ ପ୍ରତିପୋଷଣ କରିବାକୁ ଚେଷ୍ଟା କରିଛୁ। ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ନନ୍ଦଘରର ଏହି ପରିବର୍ତ୍ତନଶୀଳ ପଦକ୍ଷେପର ଅଂଶ ହୋଇଥିବାରୁ ଆମେ ଗର୍ବିତ। ପିଲାମାନଙ୍କର ସୁସ୍ଥତା ଏବଂ ପୁଷ୍ଟିକର ଖାଦ୍ୟ ନିଶ୍ଚିତ କରିବା ଆମ ହୃଦୟର ଏକ କାରଣ ଏବଂ ମିଲେଟ ଶେକ୍ ବଣ୍ଟନ ହେଉଛି ଯୁବ ପିଢ଼ିଙ୍କ ପାଇଁ ଏକ ସୁସ୍ଥ ଭବିଷ୍ୟତ ପ୍ରତିପୋଷଣ ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ।


Kalinga Institute of Health Sciences Bhubaneswar

**Exciting Opportunity Ahead!**

**Program In Collaboration with Centurion University, Bhubaneswar:**
- P.G Diploma in Hospital & Health Care Management (PGDHHM) - 1 year
- Master in Hospital Administration (MHA) - 2 years

**We Are Filling Fast for Below Courses:**
- Dialysis Technology
- EEG & EMG Technology
- X-ray & Imaging Technology
- Operation Theatre Technology
- Medical Laboratory Technology
- Trauma Care & Casuality Technology
- Certificate Course in Dietician

For Admission & Information
Kalinga Hospital Campus, Bhubaneswar-23
Call : 7064421182, E-mail: kihs@kalingahospital.com


## ଏଲ୍ ଆଣ୍ଡ ଇଏମ୍ ସହ ଆମାଜନ୍‌ର ବୁଝାମଣା




**ଭୁବନେଶ୍ୱର,୨୭।୯**

ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ (ଏଲ୍ ଆଣ୍ଡ ଇଏମ୍) ଏବଂ ଆମାଜନ୍ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ପ୍ଲାଟ୍‌ଫର୍ମ (ଆମାଜନ୍) ନ୍ୟାଶନାଲ କ୍ୟାରିୟର ସର୍ଭିସ୍ (ଏନ୍‌ସିଏସ୍) ପୋର୍ଟାଲକୁ ଉପଯୋଗ କରିବା ଲାଗି ଏଲ୍ ଆଣ୍ଡ ଇଏମ୍ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ କରିଛି। ଏହାଫଳରେ ଭାରତବ୍ୟାପୀ ରୋଜଗାର ସନ୍ଧାନ କରୁଥିବା ବ୍ୟକ୍ତିଙ୍କ ପାଇଁ ଆମାଜନ୍ ଓ ଏହାର ଷ୍ଟାଫିଂ ଏଜେନ୍ସିଗୁଡିକୁ ଏନ୍‌ସିଏସ୍ ପୋର୍ଟାଲ ଜରିଆରେ ଜବ୍ ଓପନିଂ ପୋଷ୍ଟ କରିବା ଓ ପ୍ରାର୍ଥୀ ହାସଲ କରିବାରେ ସାହାଯ୍ୟ କରିବ। ଏହି ସହଭାଗିତା ଭାରତରେ ଉଭୟ ରୋଜଗାର ସନ୍ଧାନକାରୀ ବ୍ୟକ୍ତି ଓ ନିଯୁକ୍ତିଦାତାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକୁ ସମାଧାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଲଟିବ। ଏସ୍‌ଏସ୍‌ସି ପୋର୍ଟାଲରେ ପଞ୍ଜୀକରଣ କରାଇଥିବା ନିଯୁକ୍ତି ସନ୍ଧାନକାରୀଙ୍କ ମୋଟ ସଂଖ୍ୟା ୮୭ଲକ୍ଷରୁ ଅଧିକ ଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

କେନ୍ଦ୍ରମନ୍ତ୍ରୀ ଡା. ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଆମେ ଏହି ମୂଲ୍ୟବାନ ସହଯୋଗୀରେ ପରିଣତ ସାଙ୍ଗକୁ ଏନ୍‌ସିଏସ୍ ପୋର୍ଟାଲ ସହ ଜଡ଼ିତ ହୋଇଥିବାରୁ ଆମାଜନ୍ ଇଣ୍ଡିଆକୁ ପ୍ରଶଂସା କରୁଛୁ। ଏପରିକି ଏହି ସହଭାଗିତା ଆମାଜନ୍‌ରେ କାର୍ଯ୍ୟ ସୁଯୋଗଗୁଡିକର ବର୍ଦ୍ଧିତ ଦୃଶ୍ୟମାନତା କ୍ଷେତ୍ରରେ ଦୀର୍ଘ ପଥ ଅତିକ୍ରମ କରିବ। ଭାରତ, ଜାପାନ ଓ ଉଦୀୟମାନ ବଜାରଗୁଡିକରେ ଆମାଜନ ଷ୍ଟୋର୍ସର ଏଚ୍‌ଆର୍/ପିପୁଲ୍‌ସ ଏକ୍ସପେରିଏନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗର ଉପାଧ୍ୟକ୍ଷ ଦୀପ୍ତି ବର୍ମା କହିଛନ୍ତି, ଆମେ ଏନ୍‌ସିଏସ୍‌ର ବିସ୍ତୃତ ନେଟ୍‌ୱର୍କରେ ଆମର ପ୍ରାର୍ଥୀଙ୍କର ଅନ୍ୱେଷଣକୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ସହ ସହଭାଗିତା କରି ଉତ୍ସାହିତ ଅଛୁ। ଏପରିକି ନ୍ୟାଶନାଲ କ୍ୟାରିୟର ସର୍ଭିସ୍ ପୋର୍ଟାଲରେ ଆମାଜନ୍‌ରେ ନିଯୁକ୍ତି ସୁଯୋଗଗୁଡ଼ିକୁ ତାଲିକାଭୁକ୍ତ କରିବା ଦ୍ୱାରା ଭାରତବ୍ୟାପୀ ନିଯୁକ୍ତି ସନ୍ଧାନକାରୀମାନେ ଆମେ ପ୍ରଦାନ କରୁଥିବା ବିଭିନ୍ନ ପଦବୀ ପାଇଁ ପହଞ୍ଚ ହାସଲ କରିପାରିବେ।


# Classified Everyday
0674-2580101, 2549949





**REAL ESTATE**
**SALE**

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

ଭୁବନେଶ୍ୱରର ଯେକୌଣସି ଏରିଆରେ ଘରବାଡ଼ି ପ୍ଲଟ୍ କିଣିବାକୁ କିମ୍ବା ବିକିବାକୁ ଚାହୁଁଥିଲେ। 9439493164. D-75993

ପୁରୀ-ଚନ୍ଦନପୁର ବାଇପାସ୍‌ରେ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ବିକ୍ରି କରାଯିବ, ଘରବାରି (65 ଡିସିମିଲ) ଜାଗା ସହିତ । ଯୋଗାଯୋଗ- 9090404090. D-1444

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-1484

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

**କଟକ-ଭୁବନେଶ୍ୱର ମଧ୍ୟଭାଗରେ Sum Hospital-2 ନିକଟସ୍ଥ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତାଥାଇ ଘରବାରି ପ୍ଲଟ୍ କିଣନ୍ତୁ- 6371200121.** D-75994

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437054765, 9853035888.** D-1485



**CONSTRUCTION**

**Construct your dream home @460/-, 850/-, 1325/- with branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact :The Engineering Pvt. Ltd., 9439856856.** D-1449




Newly open Jyoti SPA positively health benefits (Expert therapist). 8458067955. D-76157

**Full body massage experience, good looking therapist @ 999 (Bhubaneswar). 9078484455.** D-1347

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

**LOST**

Lost Transfer Certificate, Conduct Certificate, Migration Certificate of Prem Priyanshu Behera, anywhere in Dhenkanal Town. If anybody found, Contact- Nabakishore Behera, Stationbazar, Dhenkanal Town. D-75458

I, Maitreyee, D/o Ajay Kumar Singh lost my Graduation Marksheets and Provisional Certificate around Yashbhoomi Metro Station on 26th May 2024. If found please Contact: 9818201615. D-76159

I, Trupti Mishra, D/o Late Krushna Chandra Mishra and Kumudini Mishra, MPH Exam 2015, Roll No.-13MPU018 have lost my TC & Conduct Certificate issued by Ravenshaw University being eaten by White Ants. I have not utilized these documents for any other purpose. D-1487

Before the Executive Magistrate, Cuttack, I, Shantwana Mall, aged about 41Yrs. daughter of Late Sarat Ch. Mall of Plot No.-73, Shaktinagar, Cuttack-12, States that my B.Tech Certificate Branch Comp. SC & Engineering bearing Registration No.- 82528UT01029 of BPUT, Rourkela was fully damaged by White Ants for which I need a duplicate Certificate. This is for information. D-1489

**AFFIDAVIT**

I, Jayakant Das Hindocha, Son of Bhanumati Das, resident of Jawaharchowk, P.O./P.S.- Dhenkanal, Dist.- Dhenkanal, Pin-759001 Odisha, declare by this affidavit No.-2510 dtd. 18.11.23 that now onwards I shall be known as JAYAKANT DAS for all future purposes. D-75459

By virtue of an affidavit sworn before the Notary Public, Bhubaneswar vide serial No.-1652 on dated 26th September 2024. I have changed my name from Bishnu Jadab to Mahadev Oram and my son's name from Krishna Jadab to Reuben Oram and also changed my address from Bhatatoli, Chandiposh, Silpunji, Sundargarh, Odisha to Pandripathar Tamada, PO-Tamada, PS-Chandiposh, Sundargarh, Odisha as per the birth certificate of my son respectively and all these above corrections shall be incorporated into the Aadhaar Card of my son. D-1477


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଦଣ୍ଡପାଟି ଦମୟନ୍ତୀ**
ମାଲକାନଗିରି
ଆବିର୍ଭାବ: ୧୬।୧୦।୧୯୩୧
ତିରୋଧାନ: ୩୧।୦୮।୨୦୨୨

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

ଆପଣଙ୍କ ଶୋକସନ୍ତପ୍ତ ପରିବାର: ଦଣ୍ଡପାଟି ଜଗନ୍ନାଥ ରାଓ, ଦଣ୍ଡପାଟି ବାଲା ରାଓ, ଦଣ୍ଡପାଟି ସରୋଜିନୀ ରାଓ, ଦଣ୍ଡପାଟି ଭାସ୍କର ରାଓ, ଦଣ୍ଡପାଟି ହିମାଂଶୁ ରାଓ ।

ଧ-୧୪୮୩

**ଏକାଦଶାହ ଉପଲକ୍ଷେ**



**୰ନରହରି ରାଉଳ**
ଇଛାନଗର ପାଟଣା, ଛତିଆ, ଯାଜପୁର

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ: ସାନଭାଇ, ପୁତ୍ର, ବନ୍ଧୁ, ପରିବାରବର୍ଗ ।**

ଧ-୧୪୭୮


## ଏନ୍‌ଭିସିଏଲ୍‌ର ନୁଭୋ ମାସୋନ ଶୁଭାରମ୍ଭ

**ଭୁବନେଶ୍ୱର,୨୭।୯**

ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ନୁଭୋ ମାସୋନ'ର ଶୁଭାରମ୍ଭ ପଶ୍ଚିମବଙ୍ଗର ପାନାଗଡ଼ଠାରେ ହୋଇଯାଇଛି। ଏପରିକି କମ୍ପାନୀର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ପଦକ୍ଷେପ ଆରମ୍ଭ କରାଯାଇଛି। ବିଶେଷ କରି ଅଣସଂଗଠିତ ରାଜମିସ୍ତ୍ରି ସମୁଦାୟକୁ ଉପକୃତ କରିବା ପାଇଁ କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ଏକ ରାଜମିସ୍ତ୍ରି ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ନୁଭୋ ମାସୋନ'ର ଆରମ୍ଭ କରାଯାଇଛି। ଉଲ୍ଲେଖଯୋଗ୍ୟ, ପିଏମ୍‌ସି ସଦସ୍ୟ, ସରକାରୀ ଅଧିକାରୀ, ମାସୋନ ଟ୍ରେନିଂ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ନୁଭୋକୋର ପାନାଗଡ଼ ସିମେଣ୍ଟ କାରଖାନାର ପ୍ଲାଣ୍ଟ ମୁଖ୍ୟ ପବନ ରୟାଲ, ଇନ୍ଦିରା ଚକ୍ରବର୍ତ୍ତୀ (କୋଟା ଗ୍ରାମ ପଞ୍ଚାୟତର ପ୍ରଧାନ) ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ନୁଭୋକୋର ପାନାଗଡ଼ ସିମେଣ୍ଟ କାରଖାନାର ପ୍ଲାଣ୍ଟ ହେଡ୍ ପବନ ରୟାଲ କହିଛନ୍ତି, ନୁଭୋ ମିଶନ ଦକ୍ଷତା ବିକାଶ ଓ ସାମାଜିକ ଦାୟିତ୍ୱ ମାଧ୍ୟମରେ ସମୁଦାୟ ସଶକ୍ତୀକରଣ ପ୍ରତି ଆମର ସମର୍ପଣକୁ ପ୍ରତିଫଳନ କରୁଛି। ଏପରିକି ଅଣସଂଗଠିତ କ୍ଷେତ୍ରରେ ଯୁବପିଢ଼ି ଓ ଶ୍ରମିକମାନଙ୍କୁ ରାଜମିସ୍ତ୍ରି କାର୍ଯ୍ୟର ଜରୁରୀ ଦକ୍ଷତା ପ୍ରଦାନକରି ଆମେ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ଜୀବନର ମାନକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଏହି ପଦକ୍ଷେପ ସେମାନଙ୍କର ବୈଷୟିକ କ୍ଷମତାକୁ ଆହୁରି ଉନ୍ନତ କରୁଛି ଏବଂ ଜୀବିକା ପାଇଁ ନୂତନ ମାର୍ଗ ସୃଷ୍ଟି କରୁଛି। ନୁଭୋ ମାସୋନ ହେଉଛି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯାହାକୁ ଶ୍ରମିକମାନଙ୍କର ରାଜମିସ୍ତ୍ରି ଦକ୍ଷତାକୁ ଉନ୍ନତ କରିବା, ସେମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ପରିକଳ୍ପନା କରାଯାଇଛି। ୫୦ଜଣ ଅଂଶଗ୍ରହଣକାରୀଙ୍କୁ କମ୍ପାନୀର ପାନାଗଡ଼ ସିମେଣ୍ଟ ପ୍ଲାଣ୍ଟ ଆଖାପାଖର ଗ୍ରାମଗୁଡିକରୁ ଚୟନ କରାଯାଇଛି, ଯେଉଁମାନେ କି ପ୍ରଶିକ୍ଷଣ ପାଇବେ।

## ବନ୍‌ଭି ଏରୋର ନୂତନ ମାଇଲ୍‌ଷ୍ଟୋନ୍

**ଭୁବନେଶ୍ୱର,୨୭।୯**

ଭାରତର ଅଗ୍ରଣୀ ଏରିଏଲ୍ ମୋବିଲିଟି ମାନୁଫ୍ୟାକ୍ଚରିଂ ଫାର୍ମ ତଥା ଓଡ଼ିଶାର ଷ୍ଟାର୍ଟଅପ୍ ବନ୍‌ଭି ଏରୋ ହାଇ-ଅଲ୍ଟିଚ୍ୟୁଡ୍ ଅନ୍‌ମ୍ୟାନ୍‌ଡ ଏରିଏଲ୍ ଭେହିକଲ୍ସ (ୟୁଏଭି) ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂଆ ବିଶ୍ୱ ରେକର୍ଡ ସହ ଇଣ୍ଟରନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସରେ ସାମିଲହୋଇଛି। ସେହିଭଳି ଭାରତୀୟ ସେନାରେ ହେଭି-ଲିଫ୍ଟ ୟୁଏଭିଗୁଡିକର ଏକ ପ୍ରମୁଖ ଯୋଗାଣକାରୀ ଭାବେ ଏହି କମ୍ପାନୀ ୩୦କେଜିର ପେଲୋଡ୍ ପରିବହନକରି ୧୯,୦୨୪ ଫୁଟ୍‌ର ଏକ ଅଲ୍ଟିଚ୍ୟୁଡ୍‌ରେ ହୋଭର ଫ୍ଲାଇଟ୍ ପରୀକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଛି,ଯାହାକି ହାଇ-ଅଲ୍ଟିଚ୍ୟୁଡ୍ ସେଟିଂରେ ୟୁଏଭି ପରିଚାଳନା ପାଇଁ ଏକ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏହି ପରୀକ୍ଷଣକୁ ଲଦାଖର ଉମ୍‌ଲିଙ୍ଗ୍ ଲା ପାସ୍‌ଠାରେ ସଫଳତାର ସହ ପରିଚାଳନା କରାଯାଇଛି, ଯାହାକି ବିଶ୍ୱର ସର୍ବୋଚ୍ଚ ମୋଟୋରେବୁଲ ମାଉଣ୍ଟେନ ପାସ୍ ଭାବେ ପରିଚିତ ରହିଛି। ବନ୍‌ଭି ଏରୋର ୟୁଏଭି ପ୍ଲାଟ୍‌ଫର୍ମ ୩୦ କେଜିର ପେଲୋଡ୍ ଉଠାଇ ଏବଂ ୧୦୦ କେଜିର ମୋଟ ଟେକ୍‌ଅଫ୍ ଓଜନ ସହ ୧୯,୦୨୪ ଫୁଟ୍‌ରେ ଉଡାଣ ଭରି ନିଜର କ୍ଷମତାକୁ ପ୍ରଦର୍ଶିତ କରିଛି।

ଏ ସମ୍ପର୍କରେ କମ୍ପାନୀର ସହ-ପ୍ରତିଷ୍ଠାତା ତଥା ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି,ଏହି ଉଲ୍ଲେଖନୀୟ ସଫଳତା ଓ ବିଶ୍ୱ ରେକର୍ଡ ଆମ ପାଇଁ ଏକ ନୂଆ ମାଇଲ୍‌ଷ୍ଟୋନ୍ ହୋଇଥିଲାବେଳେ ଆମେ ଏଭଳି ଏକ ୟୁଏଭି ପ୍ଲାଟ୍‌ଫର୍ମ ନିର୍ମାଣ କରିବା ପାଇଁ ଭାରତୀୟ ସେନା ସହ ସହଭାଗିତା କରିଛୁ,ଯାହା ହାଇ-ଅଲ୍ଟିଚ୍ୟୁଡ୍ ଅଞ୍ଚଳଗୁଡିକରେ ସେମାନଙ୍କର ପରିବହନ ସମସ୍ୟାଗୁଡିକୁ ସମାଧାନ କରୁଛି। ଏପରିକି ଏହି ପରୀକ୍ଷଣ ଆମର ପ୍ରତିରକ୍ଷା ବାହିନୀ ପାଇଁ ଆକାଶ ମାର୍ଗରେ ଯାତାୟାତ ସମାଧାନକୁ ଉନ୍ନତ କରିବା ସହ ପ୍ଲାଟ୍‌ଫର୍ମର ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି।

କମ୍ପାନୀର ସହ-ପ୍ରତିଷ୍ଠାତା ତଥା ସିଟିଓ ଅବିନାଶ ସାହୁ କହିଥିଲେ, ଆମର ଏହି ସଫଳତା ଇନ୍-ହାଉସ୍ ଆର୍ ଆଣ୍ଡ ଡି,ଡିଜାଇନ କ୍ଷମତା ଓ ସ୍ୱଦେଶୀ ପ୍ରପଲ୍‌ସନ ସିଷ୍ଟମଗୁଡିକ କାରଣରୁ ସମ୍ଭବ ହୋଇପାରିଛି।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଦାଦନରୁ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ

**୩ ଗିରଫ: ସୁନାଚେନ, ବାଇକ୍, ମୋବାଇଲ ଜବତ**



ଗିରଫ ଗ୍ୟାଙ୍ଗ୍ ମୁଖ୍ୟ ସୁବାସ ପ୍ରଧାନଙ୍କ ସମେତ ୩ ଅଭିଯୁକ୍ତ।

ଭୁବନେଶ୍ୱର,୨୭।୯
(ସୂର୍ଯ୍ୟକାନ୍ତ ବେହେରା)

ଦାଦନ ଖଟିବାକୁ ଗୁଜରାଟର ସୁରଟ ଯାଇଥିଲେ। ହେଲେ ସେଠାରେ ସ୍ଥାନୀୟ ଅପରାଧୀଙ୍କ ସହ ମିଶି ଚୋରି, ଛିନତାଇ, ଡକାୟତି ଭଳି ଅପରାଧର କୌଶଳ ଶିଖିଲେ। ଆଉ ଏବେ ଗୁଜରାଟରୁ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି ସେମାନଙ୍କ ଅପରାଧର ଚେର। ପୁରୀରୁ ଭୁବନେଶ୍ୱର, ମୁଖ୍ୟ ରାସ୍ତାରୁ କଲୋନୀ ପର୍ଯ୍ୟନ୍ତ ଆତଙ୍କ ସୃଷ୍ଟି କରୁଥିବା ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୪ଜଣଙ୍କୁ ଶେଷରେ ଭୁବନେଶ୍ୱର ବଡ଼ଗଡ଼ ପୋଲିସ ଧରିଛି। ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିଥିବାବେଳେ ଜଣେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ ମୁଖ୍ୟ ପୁରୀ ସଦର ଥାନା ଅଞ୍ଚଳର ସୁବାସ ପ୍ରଧାନ(୩୪), ଗଞ୍ଜାମ ପୋଲସରାର ଜିତୁ ବେହେରା ଓ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ମହାରାଷ୍ଟ୍ରର ଅମିତ ସଦଙ୍କେ। ସେମାନଙ୍କଠାରୁ ୮ ସୁନାଚେନ, ୫ ଇମିଟେଶନ ଚେନ୍, ଅପରାଧରେ ବ୍ୟବହୃତ ୨ ବାଇକ, ୨ ମୋବାଇଲ ଫୋନ୍ ଆଦି ଜବତ ହୋଇଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ କଟକ ଓ ଭୁବନେଶ୍ୱରର ୮ ମାମଲାରେ ସଂପୃକ୍ତ ଥିବାବେଳେ ଗ୍ୟାଙ୍ଗ ମୁଖ୍ୟ ସୁବାସଙ୍କ ନାଁରେ ୯ଟି ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ବଡଗଡ ପୋଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କୁ ଜେରା ପାଇଁ କମିଶନରେଟ ପୋଲିସ ପୁରୀ ଓ ସୁରଟ ପୋଲିସକୁ ଏନେଇ ଅବଗତ କରାଇଛି। ଅନ୍ୟପଟେ ଅଭିଯୁକ୍ତମାନେ ଅପରାଧ କରି ଯେଉଁ ଟଙ୍କା ରୋଜଗାର କରୁଥିଲେ ସେଥିରୁ ଦାମୀ ବାଇକ, ମଦ, ଦାମୀ ପୋଷାକ ଓ ମହିଳାଙ୍କ ପିଛା ଖର୍ଚ୍ଚ କରୁଥିଲେ। ଏଥିସହ ଛିନ୍‌ତାଇ କରୁଥିବା କିଛି ସୁନାଚେନ ଅଭିଯୁକ୍ତମାନେ ନିଜେ ବ୍ୟବହାର କରୁଥିଲେ ବୋଲି ସୂଚନା ଦେଇଛି।

### ସୁରଟରେ ବିପକ୍ଷ ଗ୍ୟାଙ୍ଗ ସଦସ୍ୟଙ୍କୁ ହତ୍ୟା କରିଥିଲେ

ଗ୍ୟାଙ୍ଗର ମୁଖ୍ୟ ସୁବାସ ୨୦୦୮ରେ ଦାଦନ ଖଟିବା ପାଇଁ ସୁରଟ ଯାଇଥିଲେ। ସେଠାରେ ଏକ ଶାଢ଼ି କମ୍ପାନୀରେ କାମ କରୁଥିଲେ। ସେହିପରି ମହାରାଷ୍ଟ୍ରର ଅମିତ ମଧ୍ୟ ୨୦୦୮ରେ ସୁରଟ ଯାଇ ଏକ ହୀରା କମ୍ପାନୀରେ କାମ କରୁଥିଲେ। ଉଭୟ ସୁରଟର କେତେଜଣ ଅପରାଧୀଙ୍କ ସହ ମିଶି ଚୋରି, ଛିନତାଇ, ଡକାୟତି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟ ତାଙ୍କ ବିପକ୍ଷ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ହତ୍ୟା କରିଥିଲେ। ଏହାପରେ ସୁବାସ ଓ ଅମିତ ସୁରଟ ପୋଲିସର ମୋଷ୍ଟ ୱାଣ୍ଟେଡ ସାଜିଥିଲେ। ତେଣୁ ଗିରଫ ଭୟରେ ସୁବାସ ସହଯୋଗୀ ଅମିତଙ୍କୁ ଧରି ୨୦୧୮ରେ ଓଡ଼ିଶା ଚାଲିଆସି ପୁରୀରେ ରହିଥିଲେ। ସେଠାରେ କେତେଜଣ ଯୁବକଙ୍କୁ ଧରି ନୂଆ ଗ୍ୟାଙ୍ଗ୍ ଗଢ଼ି ଚୋରି ଓ ଛିନତାଇ ଆରମ୍ଭ କରିଥିଲେ। ପରେ ସେମାନେ ଭୁବନେଶ୍ୱର ଆସି ଗ୍ୟାଙ୍ଗ୍‌ରେ ଆଉ ଦୁଇଜଣଙ୍କୁ ସାମିଲ କରାଇ ପୁରୀ ଭଳି ଭୁବନେଶ୍ୱର ଓ କଟକରେ ମଧ୍ୟ ଅପରାଧ ଆରମ୍ଭ କରିଥିଲେ।

ସ୍ପିଡ୍ ବାଇକ ବ୍ୟବହାର କରିବା ସହ ସିସିଟିଭିରୁ ବର୍ତ୍ତିବା ପାଇଁ ଫୁଲ ପୋଷାକ ପିନ୍ଧି ଜାତୀୟ ରାଜପଥଠାରୁ ଆରମ୍ଭ କରି ସହରର ଗଳିକନ୍ଦିରେ ଏକୁଟିଆ ଯାଉଥିବା ମହିଳା, ଯୁବତୀ ଓ ପୁରୁଷ ଲୋକଙ୍କୁ ଭୟଭୀତ କରାଇ ସୁନା ଅଳଙ୍କାର, ମୋବାଇଲ ଆଦି ଲୁଟି ନେଉଥିଲେ। ଗତ ୪ ମାସ ଧରି ଏମାନଙ୍କ ଆତଙ୍କ କମିଶନରେଟ ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ସେପ୍ଟେମ୍ବର ୨୨ରେ ଭୁବନେଶ୍ୱର ବଡଗଡ ଥାନା ଅଞ୍ଚଳରେ ସୁଶାନ୍ତ କୁମାର ଜେନା ତାଙ୍କ ପୁଅକୁ ଧରି ଛିଡା ହୋଇଥିବା ବେଳେ ୨ ଅଭିଯୁକ୍ତ ବାଇକରେ ଆସି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ପଳାଇଥିଲେ। ଏନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆରୁହା କଳାପଥର ଖାଦାନ ମାଟିତଳୁ ନରକଙ୍କାଳ ଉଦ୍ଧାର

ଯାଜପୁର/ଧର୍ମଶାଳା (ହର୍ଷବର୍ଦ୍ଧନ ବେହେରା/ ବଟକୃଷ୍ଣ ପରିଡ଼ା),୨୭।୯





ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା-ଜାବରା କଳାପଥର ଖାଦାନ ପରିସରରେ ଶୁକ୍ରବାର ମାଟିତଳୁ ଏକ ନରକଙ୍କାଳ ଜବତ ହୋଇଛି। ପୋଲିସ ଏହାକୁ ପରୀକ୍ଷା ପାଇଁ ଯାଜପୁର ଫରେନସିକ୍ ଲାବରେଟୋରିକୁ ପଠାଇଛି। ଏହାସହ ଧର୍ମଶାଳା ଥାନା ପୋଲିସ ୨୩/୨୦୨୪ ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ୩ରୁ ୪ ଦିନ ତଳେ ଆରୁହା ପାହାଡ଼ ନାନପୁର ଗାଁମୁଣ୍ଡ ନିକଟରେ ମାଟି ତଳେ ନରକଙ୍କାଳର ସାମାନ୍ୟ ଅଂଶ ଦେଖିବାକୁ ମିଳିଥିଲା। କୁକୁର ନରକଙ୍କାଳକୁ ଟଣାଓଟରା କରୁଥିବା ନେଇ ଅଞ୍ଚଳବାସୀ ଧର୍ମଶାଳା ଥାନା ପୋଲିସକୁ ଖବର ଦେଇଥିଲେ। ଏହାପରେ ଧର୍ମଶାଳା ପୋଲିସ ପହଞ୍ଚି ତାହାକୁ ବାହାର କରିଥିଲା। ଖାଦାନରୁ କଳାପଥର ଉତ୍ତୋଳନ ସମୟରେ କେହି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ଏବଂ ପ୍ରମାଣ ନଷ୍ଟ କରିବାକୁ ମାଟିତଳେ ପୋତି ଦିଆଯାଇଥିବା ସନ୍ଦେହ କରାଯାଇଛି। ଗତ ମେ ମାସରେ ଜଣେ ଅଣଓଡ଼ିଆ ଶ୍ରମିକ ନିଖୋଜ ଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏହାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ନ ଥିଲା ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଖାଦାନଗୁଡ଼ିକରେ ଏଭଳି ଅନେକ ଘଟଣାରେ ଲିଜ୍‌ଧାରୀ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ୨୦୨୦ ସେପ୍ଟେମ୍ବରରେ ବିଛାଖଣ୍ଡିରେ ଥିବା ଏକ ବେଆଇନ ପଥର ଖାଦାନରେ କାର୍ଯ୍ୟରତ ଗମ୍ଭାରିଆ ଗ୍ରାମର ଶ୍ରମିକ ମଦନ ବାର୍ଲାଙ୍କ ମୃତଦେହକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡ଼ି ଦିଆଯାଇଥିଲା।

**ପ୍ରମାଣ ନଷ୍ଟ କରିବାକୁ ପୋତି ଦେଇଥିବା ସନ୍ଦେହ**

ଜେନାପୁର ଥାନା ପୋଲିସ ଏ ସଂକ୍ରାନ୍ତରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ତରଫରୁ ଆଇପିସି ଦଫା ୨୮୭/ ୩୩୭/ ୩୦୪ (ଏ)/ ୨୦୧/ ୧୭୬/ ୩୭୯/ ୫୧୧/ ୩୪ ଏବଂ ଏମ୍ଏମ୍‌ଡିଆର ଆକ୍ଟ ୨୧ ଅନୁଯାୟୀ ଏକ ମାମଲା(ସଂଖ୍ୟା ୩୧୮/୨୬।୯।୨୦୨୦) ରୁଜୁ କରିଥିଲା। ଏହାସହ ପଥର ଖାଦାନର ମାଲିକ ଅଞ୍ଚଳ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେହିପରି ୧୬।୫।୨୦୨୪ ସକାଳେ ଡଙ୍କାରୀ ପାହାଡ଼ର ବିଏସ୍କ୍ୟୁ ନମ୍ବର ୫/୧୦ରେ ଅତଡ଼ା ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହି ଶ୍ରମିକ ମୃତ୍ୟୁ ଘଟଣାରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ଅଭିଯୋଗରେ ଜିଲାର ଧର୍ମଶାଳା ତହସିଲ ଅଞ୍ଚଳର କଳାପଥର ଖାଦାନଗୁଡ଼ିକରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ନରକଙ୍କାଳ ଜବତ ଘଟଣାରେ ଧର୍ମଶାଳା ଥାନା ଆଇଆଇସି କହିଛନ୍ତି, ଫରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି। ତେବେ ନିଖୋଜ ମାମଲା ସେମିତି କିଛି ନାହିଁ ବୋଲି ସେ କହିଛନ୍ତି।

ସୂଚନାଥାଉ କି ରାଜ୍ୟର ଖଣି, ଲଘୁ ଖଣି ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ପରିବହନ ଓ ଅନ୍ୟାନ୍ୟ ଅନଧିକୃତ କାର୍ଯ୍ୟରେ ପୋଲିସ କର୍ମଚାରୀ ଜଡ଼ିତ ଥିବା ଜଣାପଡିଛି। ସମ୍ପୃକ୍ତ ପୋଲିସ କର୍ମଚାରୀ ନିଜ କର୍ତ୍ତବ୍ୟ ଛାଡ଼ି କ୍ଷମତାର ଦୁରୁପଯୋଗ କରୁଥିବାରୁ ଖଣି ଖାଦାନରେ କାର୍ଯ୍ୟରତ ପ୍ରଭାବିତ ଶ୍ରମିକ ଓ ଅଞ୍ଚଳବାସୀ ଉପଯୁକ୍ତ ନ୍ୟାୟ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ପୋଲିସ ମୁଖ୍ୟାଳୟ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି।

# ୩ ନକଲି ମାଓବାଦୀ ଗିରଫ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସାଜି ଆତ୍ମସମର୍ପଣ କରିବାକୁ ଆସିଥିବା ୩ ଯୁବକଙ୍କୁ ଗିରଫ କରିଛି ଛତିଶଗଡ଼ ବାଲୋଦ ପୋଲିସ। ଶୁକ୍ରବାର ୩ ଯୁବକ ନିଜକୁ ମୋହଲା ମାନପୁର ଏରିଆ ମାଓବାଦୀ କମିଟିର ସକ୍ରିୟ ସଦସ୍ୟ ପରିଚୟ ଦେଇ ବାଲୋଦ ଜିଲା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ଆସିଥିଲେ। ପୋଲିସ ଅଧିକାରୀଙ୍କ ଏମାନଙ୍କ ଉପରେ ସନ୍ଦେହହେବାରୁ ସେମାନଙ୍କ ସମ୍ପର୍କରେ ସୂଚନା ଏକତ୍ର କରାଯାଇଥିଲା। ତେବେ ସେମାନେ ନକଲି ମାଓବାଦୀ ବୋଲି ପୋଲିସ ଜାଣିବା ପରେ ସେମାନଙ୍କୁ ଅଟକ ରଖି ତଦନ୍ତ କରିଥିଲା। ୩ ଜଣ ବିଜାପୁର ଜିଲା ବାସିନ୍ଦା ମଧୁ ମୋଡିଆ, ମାନକ ଭୋଗାନ ଏବଂ ଓମପ୍ରକାଶ ନେତମ ବୋଲି ଜଣାପଡ଼ିଛି। ସେମାନେ କୌଣସି ମାଓବାଦୀ ସଙ୍ଗଠନରେ ଜଡ଼ିତ ନ ଥିଲେ। ମାଓବାଦୀଙ୍କୁ ଆତ୍ମସମର୍ପଣ ପରେ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯାଉଥିବା ସହ ଆର୍ଥିକ ସହାୟତାର ଲାଭ ପାଇବା ପାଇଁ ସେମାନେ ନକଲି ମାଓବାଦୀର ପରିଚୟ ଦେଇ ଏହି ଯୋଜନା ପ୍ରସ୍ତୁତ କରିଥିଲେ। ଏହା ଜାଣିବା ପରେ ପୋଲିସ ୩ ଯୁବକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଏସ୍‌ପି ଅଶୋକ ଜୋଷୀ ସୂଚନା ଦେଇଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏନ୍‌କାଉଣ୍ଟରରେ ୩ ମାଓବାଦୀଙ୍କ ମୃତ୍ୟୁ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲାରେ ପୋଲିସ ଗୁଳିରେ ୩ ମାଓବାଦୀଙ୍କା ମୃତ୍ୟୁ ହୋଇଯାଇଛି। ଦନ୍ତେୱାଡା ଜିଲା ଅବୁଜମାଡ ଜଙ୍ଗଲରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଗୁରୁବାର ରାତିରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ସୁରକ୍ଷା କର୍ମୀମାନେ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲେ ମଧ୍ୟ ସେମାନେ ଏହାର ଜବାବରେ ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷା କର୍ମୀ ମଧ୍ୟ ଗୁଳି ଚାଳନା ଆରମ୍ଭ କରିଥିଲେ। ଗୁଳି ବିନିମୟରେ ଘଟଣାସ୍ଥଳରେ ୩ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ୨୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା ହୋଇଥିବା ଡିକେଏସ୍‌ଜେଡ୍ସିର ରୂପେଶ, ୧୬ ଲକ୍ଷ ଟଙ୍କା ଘୋଷିତ ଡିଭିସିଏମ୍ ସଦସ୍ୟ ଜଗଦୀଶ ଓ ୮ ଲକ୍ଷ ଟଙ୍କା ଘୋଷିତ ମହିଳା ମାଓବାଦୀ ସରିତା ଓରଫ ବାସନ୍ତୀ। ଘଟଣାସ୍ଥଳରୁ ଏକେ ୪୭, ଇନ୍‌ସାସ୍, ଏସ୍ଏଲ୍ଆର୍, ବିଜିଏଲ୍ ଲଞ୍ଚର ଭଳି ଅତ୍ୟାଧୁନିକ ହତିଆର ଜବତ ହୋଇଛି।

ସୂଚନା ଅନୁଯାୟୀ, ଗତ ୧ ସପ୍ତାହ ଧରି ଅବୁଜମାଡ ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ କୋମ୍ବିଂ ଅପରେଶନ ଚାଲିଛି। ଗତ ୨୩ ତାରିଖରେ ଅବୁଜମାଡର ପରାଦି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଏହି କ୍ରମରେ ସୁରକ୍ଷା କର୍ମୀମାନେ ବିଶେଷ ସୂତ୍ରରୁ ଖବରପାଇ ମାଓବାଦୀଙ୍କ ଏକ ବଡ଼ କ୍ୟାମ୍ପକୁ ଘେରାଉ କରିଥିଲେ। ଏହି ଅପରେଶନରେ ଡିଆର୍‌ଜି, ଏସ୍‌ଟିଏଫ୍ ଓ ବିଏସ୍ଏଫ୍ ଦଳ ସାମିଲ ହୋଇଥିଲେ। ଏହି ଅଭିଯାନ ନାରାୟଣପୁର, କୋଣ୍ଡାଗାଁ, ଦନ୍ତେୱାଡା ଜିଲାରେ ଏକାସଙ୍ଗରେ ଆରମ୍ଭ ହୋଇଥିଲା।

# ୨ ଭାଇଙ୍କୁ ଆଜୀବନ କାରାଦଣ୍ଡ

**ସୀମାଞ୍ଚଳ ସେଠୀ ହତ୍ୟା ମାମଲା**

ଭଞ୍ଜନଗର,୨୭।୯
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ସୋରଡ଼ା କ୍ୟାମ୍ପ କୋର୍ଟରେ ଶୁକ୍ରବାର ଭଞ୍ଜନଗର ଏଡିଜେ ଦେବଦତ୍ତ ପଟ୍ଟନାୟକ ଏକ ହତ୍ୟା ମାମଲାର ବିଚାରକରି ଦୋଷୀ ୨ ଭାଇଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ବଡ଼ଗଡ଼ର ଯୋଗୀ ଦାସ ଓ ତାଙ୍କ ଭାଇ କବି ଦାସ। କାରାଦଣ୍ଡ ସହ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରାଯାଇଛି। ଏହା ଅନାଦାୟେ ସେମାନେ ଅଧିକ ଏକ ବର୍ଷ କାରାଦଣ୍ଡ ଭୋଗିବେ। ଜରିମାନା ଆଦାୟ ହେଲେ ହତ୍ୟାର ଶିକାର ହୋଇଥିବା ସୀମାଞ୍ଚଳ ସେଠୀଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ପ୍ରଦାନ କରିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

୨୦୧୬ ଅଗଷ୍ଟ ୧୮ ତାରିଖ ରାଖୀ ପୂର୍ଣ୍ଣିମାରେ ବଡ଼ଗଡ଼ର ସୀମାଞ୍ଚଳଙ୍କୁ ଗାଁରେ ହତ୍ୟା କରାଯାଇଥିଲା। ସୀମାଞ୍ଚଳ ବଜାରରୁ ବାଇକ୍‌ରେ ଫେରୁଥିବା ବେଳେ ସନ୍ଧ୍ୟାରେ ତାଙ୍କ ସାହି ରାସ୍ତାରେ କବାଡ଼ି ଖେଳୁଥିବା କେତେଜଣ ଯୁବକଙ୍କ ମଝିରେ ପଶି ଆସିଥିଲେ। ଏହାକୁ ନେଇ ଯୋଗୀ ଓ ତାଙ୍କ ଭାଇ କବି ଉତ୍ତ୍ୟକ୍ତ ହୋଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ସୀମାଞ୍ଚଳଙ୍କ ବାପା ଏହା ଜାଣିବା ପରେ ବୁଝାଶୁଝା କରିଥିଲେ। ସୀମାଞ୍ଚଳ ଘରକୁ ଆସି ଦାଣ୍ଡରେ ଠିଆ ହୋଇଥିବା ବେଳେ ଯୋଗୀ ଓ କବି ପହଞ୍ଚି ତାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ। ଏ ନେଇ ଅଭିଯୋଗକ୍ରମେ ବଡଗଡ ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଯୋଗୀଙ୍କ ଜାମିନଦାର ପରବର୍ତ୍ତୀ ସମୟରେ ଜାମିନ ନେବାକୁ ରାଜି ନ ହେବାରୁ ୨୦୨୨ରେ ଯୋଗୀ ପୁଣି କୋର୍ଟରେ ଆତ୍ମ ସମର୍ପଣ କରିଥିଲେ। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଉଷାକାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ କାଳୀ ଚରଣ ପାଢ଼ୀ ମକଦ୍ଦମା ପରିଚାଳନା କରୁଥିଲେ।

# କଲେଜ ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା

**ସୁଇସାଇଡ ନୋଟ୍‌ରେ ଉଲ୍ଲେଖ ରହିଛି ପ୍ରେମ ବ୍ୟାପାର**

ଗୋପାଳପୁର,୨୭।୯
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ଖୋଡାସିଙ୍ଗସ୍ଥିତ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫାର୍ମାସୀ କଲେଜର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଶିଆଳା ଗ୍ରାମର ରିତୁପୂର୍ଣ୍ଣା ଦାଶ (୧୯)। ରିତୁପୂର୍ଣ୍ଣା ଏହି କଲେଜରେ ଦ୍ୱିତୀୟ ବର୍ଷର ଛାତ୍ରୀ ଭାବେ ଅଧ୍ୟୟନ କରି ହଷ୍ଟେଲରେ ରହୁଥିଲେ। ସେ କୌଣସି କଥା ନେଇ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗୁରୁବାର ରାତି ସାଢେ ୯ଟାରେ ରିତୁପୂର୍ଣ୍ଣା ମା'ବାପାଙ୍କ ସହ ଫୋନରେ କଥା ହୋଇଥିଲେ। ବିଳମ୍ବିତ ରାତିରେ ହଷ୍ଟେଲ କୋଠରି ଫ୍ୟାନ୍‌ରେ ଟାୱେଲ ବେକରେ ବାନ୍ଧି ସେ ଝୁଲି ପଡିଥିଲେ। ତାଙ୍କ ମୃତଦେହକୁ ୱାର୍ଡେନ୍ ଦେଖି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଶୁକ୍ରବାର ଖବର ପାଇ ଗୋପାଳପୁର ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ହଷ୍ଟେଲ କୋଠରିରୁ ରିତୁପୂର୍ଣ୍ଣାଙ୍କ ଫୋନ ଓ ତିନି ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ଜବତ କରିଥିଲା। ରିତୁପୂର୍ଣ୍ଣାଙ୍କ ବାପା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ.୧୮/୨୪ରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ରିତୁପୂର୍ଣ୍ଣାଙ୍କ ମୃତଦେହ ଜବତ କରି ପୋଲିସ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୁଇସାଇଡ ନୋଟ୍‌ରେ ପ୍ରେମିକଙ୍କ ସମ୍ପର୍କରେ ଉଲ୍ଲେଖ ଥିବା ଏବଂ ସେ ପ୍ରେମ ପାଇଁ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ କହିଛନ୍ତି।

# ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିର,୨୭।୯
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମୁଚାକି ସନ୍ତୋଷ, ରାବା ନନ୍ଦା ଓ ଦିରଦୋ ଭୀମା ଓରଫ ମହେଶ । ପୋଲିସ ସୂଚନା ମୁତାବକ, ମାଓବାଦୀ ସନ୍ତୋଷ ଡିଏକେଏମ୍ଏସ ସଙ୍ଗଠନର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ସେ କୋଣ୍ଟା ଥାନାର ଦ୍ୱିତୀୟ କମାଣ୍ଡ ଅଧିକାରୀ ୨୧୭ ବାହିନୀ ସିଆର୍‌ପିଏଫ୍ ଓ ଅଭିଲାଷ ଟଣ୍ଡନଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେହିପରି ରବା ନନ୍ଦା ଡିଏକେଏମ୍ଏସ୍ ସଦସ୍ୟ ଟିମିଲିପେଟା ଗ୍ରାମ ନିବାସୀ ହୋଇଥିବାବେଳେ ସେ ଚିନ୍ତଲନା ଥାନା ଅଧିକାରୀ ଅଭିଲାଷ ଟଣ୍ଡନ, ପ୍ରଭାରୀ ଡିଆର୍‌ଜି ନିରୀକ୍ଷକ ମୁକେଶ ଯାଦବଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେହିପରି ଦିରଦୋ ଭୀମା ଓରଫ ମହେଶ ପାଲାଚଲମା ଆର୍‌ପିସି ମିଲିସିଆ ସଦସ୍ୟ ହୋଇଥିବାବେଳେ ସେ ମଧ୍ୟ ସୁକ୍‌ମା ଏସ୍‌ପି ଅନିଲ କୁମାରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ**
**ବିରାଡ଼ି କାମୁଡ଼େ ପଣତ କାନି ।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ୍ ବା ଟେର୍ ପାଇପାରି ନ ଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟିନେଲା ତାହା ସେ ନ ଜାଣିପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଲେଇର ଦରକଞ୍ଚା**
**ହାଣ୍ଡିଖାଇର ଦର ଦର ଶିଝା ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ସେହିପରି ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହିପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଇଥାଏ। ଏପରି ବ୍ୟକ୍ତି ସେମାନଙ୍କ ମନ୍ଦ ପ୍ରକୃତି ତଥା ସ୍ୱଭାବ ହେତୁ ସମଦଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ୭ ବସ୍ତା କଫ ସିରପ ଜବତ: ଚାଳକ, ହେଲ୍‌ପର ଗିରଫ

ଫୁଲନଖରା,୨୭।୯
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ବମ୍ଫକୁଦଠାରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ (ନଂ.ଓଆର୦୧ଏ-୫୭୩୩)ରୁ କଟକ ସଦର ପୋଲିସ ୭ ବସ୍ତା କଫ ସିରପ ଜବତ କରିଛି। ଏଥିସହ ଟ୍ରକ୍ ଚାଳକ ଆସ୍କା ଥାନା କରଚୁଲି ଗ୍ରାମର ବଳରାମ ନାୟକ ଓ ହେଲପର ଧୋବା ବେହେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏନେଇ ଏକ ମାମଲା(ନଂ.୫୨୬/୨୪) ରୁଜୁ ହୋଇଛି। ଟ୍ରକ୍‌ଟି କଟକରୁ ବ୍ରହ୍ମପୁର ଯାଉଥିବାବେଳେ ବମ୍ଫକୁଦଠାରେ ଏକ ସ୍କର୍ପିଓକୁ ଧକ୍କା ଦେଇଥିଲା। ସ୍କର୍ପିଓ ମାଲିକ ବିକାଶ ବେହେରା ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଉକ୍ତ ଟ୍ରକ୍‌ରେ ଥିବା ସାମଗ୍ରୀ ଯାଞ୍ଚ କରିବାରୁ ୭ ବସ୍ତା କଫ ସିରପ ଥିବା ଜଣାପଡିଥିଲା।

# ଲାଞ୍ଚ ନେବାବେଳେ ସହକାରୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

କୁନ୍ଦୁରା, ୨୭।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁ ଲାଞ୍ଚ ନେବାବେଳେ ଶୁକ୍ରବାର ଜୟପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ଗୁହାଳ ଗୃହ ବିଲ୍ ପାସ୍ କରାଇବା ନେଇ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ସୁନାବେଡ଼ାସ୍ଥିତ ତାଙ୍କ ଘରେ ମଧ୍ୟ ଭିଜିଲାନ୍ସ ଟିମ୍ ଯାଞ୍ଚ କରୁଛି।

ସୂଚନାନୁଯାୟୀ, ଗୋରୁ ଗୁହାଳ ତିଆରି କରିଥିବା ଘୁମରା ପଞ୍ଚାୟତର ହିତାଧିକାରୀ ଦୁର୍ଯ୍ୟୋଧନ ହରିଜନ ବିଲ୍ କରାଇଦେବାକୁ ସହକାରୀ ଯନ୍ତ୍ରୀ ଟୁଡୁଙ୍କୁ କହିଥିଲେ। ସେ ଏଥିପାଇଁ ୫ ହଜାର ଟଙ୍କା ମାଗିଥିଲେ। ୨୬ ତାରିଖରେ ଦୁର୍ଯ୍ୟୋଧନ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପି ଦ୍ୱିବେଦୀ ଦୁଇଟି ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନକରି ଶୁକ୍ରବାର ମଧ୍ୟାହ୍ନରେ ଏକା ସଙ୍ଗେ କୁନ୍ଦୁରା କାର୍ଯ୍ୟାଳୟ ଏବଂ ଯନ୍ତ୍ରୀଙ୍କ ସୁନାବେଡ଼ାସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ସହକାରୀ ଯନ୍ତ୍ରୀଙ୍କ ଠାରୁ ଭିଜିଲାନ୍ସ ଟିମ୍ କେମିକାଲ ରଙ୍ଗ ବୋଳା ଟଙ୍କା ଜବତ କରିଛି। ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଭିଡିଓ ଫୁଟେଜ୍, କାର୍‌ରେ ଥିବା କାଗଜପତ୍ର ଜବତ କରିଛି। ତାଙ୍କ ବିରୋଧରେ କେସ୍ ନଂ. ୧୯/୨୪ରେ ମାମଲା ରୁଜୁକରାଯାଇ ଜୟପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସେଠାରେ ଅଧିକ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଟିମ୍ ସୂଚନା ଦେଇଛି। ଏହି ଚଢ଼ାଉରେ ଆଡିସନାଲ ଏସ୍‌ପି ଅରୁଣ କୁମାର ନାୟକ, ଡିଏସ୍‌ପି ଅଭୟ ପ୍ରଧାନ, ଆଇଆଇସି ଅନୁଭା ଦାସ, ସଞ୍ଜୟ ପ୍ରଧାନ, ବିଶ୍ୱରଞ୍ଜନ ବେହେରା, ଅଜିତ ପାଢ଼ୀ, ଦିଲୀପ ଭୂୟାଁ ଏବଂ ଗଗନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଗତ ଦିନରେ କେତେଜଣ ଠିକାଦାର ଏବଂ ହିତାଧିକାରୀଙ୍କୁ ଖରାପ ବ୍ୟବହାର କରୁଥିବା ନେଇ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଥିଲା। ସେ କୁନ୍ଦୁରା ବ୍ଲକ୍ ଅଧୀନରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ୧୭ ଫେବୃଆରୀ ୨୦୨୩ରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।



ଜୟପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ସହକାରୀ ଯନ୍ତ୍ରୀ ଭାନୁମତି ଟୁଡୁ (ମଝି)ଙ୍କୁ ନିଆଯାଉଛି।

# ରଘୁବର ଝାଡ଼ଖଣ୍ଡ ନିର୍ବାଚନରେ ଲଢ଼ିବା ଚର୍ଚ୍ଚା

■ଆସାମ ମୁଖ୍ୟମନ୍ତ୍ରୀଙ୍କ ୨ ଘଣ୍ଟିଆ ଓଡ଼ିଶା ଗସ୍ତ ପରେ ବଢ଼ିଲା ଚର୍ଚ୍ଚା

■ ରାଜ୍ୟପାଳଙ୍କୁ ସାକ୍ଷାତ ନିର୍ବାଚନ ସହ କିଛି ସମ୍ପର୍କ ନାହିଁ: ହିମନ୍ତ

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)



ରାଜଭବନଠାରେ ଶୁକ୍ରବାର ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଓଡ଼ିଶା ଗସ୍ତକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ବିଶ୍ୱଶର୍ମା ଶୁକ୍ରବାର ୨ ଘଣ୍ଟିଆ ଓଡ଼ିଶା ଗସ୍ତରେ ଆସି ଝାଡ଼ଖଣ୍ଡ ଗସ୍ତରେ ଯାଇଛନ୍ତି। ସେ ସ୍ୱଳ୍ପ ସମୟର ଗସ୍ତ ଅବସରରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଆଲୋଚନା କରିଛନ୍ତି। ତେବେ ନିକଟରେ ଝାଡ଼ଖଣ୍ଡ ନିର୍ବାଚନ ହେବାକୁ ଥିବାବେଳେ ହିମନ୍ତ ସେଠାକାର ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ରଘୁବର ଦାସ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଥିବାବେଳେ ଏଥର ସେ ପୁଣି ସକ୍ରିୟ ରାଜନୀତିକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ରଘୁବର ଝାଡ଼ଖଣ୍ଡରେ ନିର୍ବାଚନ ଲଢ଼ନ୍ତି ତେବେ ସେ ରାଜ୍ୟପାଳ ପଦବୀ ଛାଡ଼ି ତାଙ୍କ ରାଜ୍ୟକୁ ଫେରିବା ନେଇ ଚର୍ଚ୍ଚା ଚାଲିଥିବା ବେଳେ ହିମନ୍ତଙ୍କ ୨ଘଣ୍ଟିଆ ରାଜଭବନ ଗସ୍ତ ଏଭଳି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ତେବେ ବିମାନବନ୍ଦରରେ ହିମନ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ୨ ଘଣ୍ଟା ପାଇଁ ରାଜ୍ୟ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବେ। ତାଙ୍କର ରାଜ୍ୟପାଳଙ୍କ ସହ କିଛି ବ୍ୟକ୍ତିଗତ ଆଲୋଚନା କରିବାର ଅଛି। ସେ ଝାଡ଼ଖଣ୍ଡର ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ରଘୁବରଙ୍କୁ ସାକ୍ଷାତ ଏବଂ ନିର୍ବାଚନ ସହ କୌଣସି ସମ୍ପର୍କ ନ ଥିବା ହିମନ୍ତ କହିଛନ୍ତି। ହେଲେ ଏହି ଚର୍ଚ୍ଚାକୁ ହିମନ୍ତ ଖଣ୍ଡନ କରିଥିଲେ ମଧ୍ୟ ରାଜନୈତିକ ମହଲରେ ଏହାକୁ କେହି ଗ୍ରହଣ କରୁନାହାନ୍ତି। କାରଣ କିଛିଦିନ ତଳେ ରଘୁବର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଏଥର ଝାଡ଼ଖଣ୍ଡରୁ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି ବୋଲି କହିଥିବା ଚର୍ଚ୍ଚା ହେଉଥିଲା। ଏହାର କିଛିଦିନ ପରେ ହିମନ୍ତ ବିଶ୍ୱଶର୍ମା ଆସି ଓଡ଼ିଶାରେ ରଘୁବରଙ୍କୁ ଭେଟିବା ଉକ୍ତ ଆଲୋଚନାକୁ ଅଧିକ ସତେଜ କରିଦେଇଛି। ଅନ୍ୟପଟେ ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ ରାଜଭବନରେ ସାକ୍ଷାତକରି କିଛି ସମୟ ଆଲୋଚନା କରିଛନ୍ତି। ଏହି ଅବସରରେ ମୋହନ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ପୂର୍ବତନ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଟ୍ରେନ୍ ଯୋଗେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ରେଳ ଷ୍ଟେଶନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସେଠାରୁ ସେ ରାଜଭବନ ଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଭେଟି କିଛି ସମୟ ଆଲୋଚନା କରିଛନ୍ତି। ଏକ ଘରୋଇ କଲେଜର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଭେଙ୍କୟା ଓଡ଼ିଶା ଆସିଥିବା ଜଣାପଡିଛି।

## ଜାତି ଜନଗଣନା କଥା କହି ଭାଜପା ଏବେ ଚୁପ୍ : ଶ୍ରୀକାନ୍ତ




କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

ଆଇନଶୃଙ୍ଖଳା ନ ସୁଧୁରିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ: କାଡାମ

ଜାତି ଜନଗଣନା ପ୍ରସଙ୍ଗରେ ସର୍ବଭାରତୀୟ ସ୍ତରରେ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍ ମଧ୍ୟ ଦାବି କରିଆସୁଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଜାତି ଜନଗଣନା ନେଇ ସ୍ୱଷ୍ଟ ଆଭିମୁଖ୍ୟ ନାହିଁ। ରାଜ୍ୟରେ ଜାତି ଜନଗଣନା ପାଇଁ କଂଗ୍ରେସ ଦାବି ରଖିଲା। ତେବେ ଭାଜପା ଏ କଥା କହିଥିଲେ ମଧ୍ୟ ଏବେ ଚୁପ୍ ହୋଇ ବସିଛି। ଜାତି ଜନଗଣନା ହେଲେ କାହାର କେତେ ସଂଖ୍ୟା ଜଣାପଡ଼ିବ। କେଉଁ ବର୍ଗ କେଉଁ ସ୍ଥିତିରେ ଅଛନ୍ତି ତାହା ସ୍ୱଷ୍ଟହେବ। ସେମାନଙ୍କ ସାମାଜିକ ଆର୍ଥିକ ସ୍ଥିତି ଜଣାପଡ଼ିବ। କେନ୍ଦ୍ର ଓ ରାଜ୍ୟ ସରକାର ଠିକ୍ ଭାବେ ନୀତିଗତ ନିଷ୍ପତ୍ତି ନେଇପାରିବେ। ରାଜ୍ୟରେ ଏସ୍‌ସି/ଏସ୍‌ଟିଙ୍କ ସଂଖ୍ୟା ୪୦%, ଚାକିରିରେ ସଂରକ୍ଷଣ ୩୮.୭୫% ; ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ୫୪%, ଚାକିରିରେ ସଂରକ୍ଷଣ ମାତ୍ର ୧୧%। କିନ୍ତୁ ଶିକ୍ଷାରେ ୦%। ସାଧାରଣ ବର୍ଗର ସଂଖ୍ୟା ଓଡ଼ିଶାରେ ମାତ୍ର ୬%, କିନ୍ତୁ ସଂରକ୍ଷଣ ଉଭୟ ଚାକିରି ଓ ଶିକ୍ଷାରେ ୧୦% ରହିଛି। ଏସ୍‌ସି/ଏସ୍‌ଟି ଏବଂ ଓବିସି/ଏସ୍‌ଇବିସିଙ୍କ ସଂଖ୍ୟା ୯୪%। ହେଲେ ଭାଜପା ସେମାନଙ୍କ ପ୍ରତି କାହିଁକି ପାତରଅନ୍ତର କରୁଛି ବୋଲି କହି ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ।

କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ କହିଛନ୍ତି, ଭାଜପା ଇସ୍ତାହାରରେ ଏମାନଙ୍କୁ ନ୍ୟାୟ ଦେବାକୁ କହିଥିଲା। କିନ୍ତୁ ଏହା କିଭଳି ନ୍ୟାୟ ହେଲା। ସାରା ରାଜ୍ୟରେ ଜିଲା, ଗାଁ ଓ ପଞ୍ଚାୟତରେ ସାଧାରଣ ଲୋକଙ୍କୁ ସାମିଲ କରାଯିବ। ଷ୍ଟିୟରିଂ କମିଟି ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନିଆଯିବ। ସଂଖ୍ୟା ଯାହାର ଯେତେ- ଭାଗ ପାଇବେ ସେମାନେ ସେତେ। ତେଣୁ ଜାତିଭିତ୍ତିକ ଜନଗଣନା ତୁରନ୍ତ କରାଯାଉ। ଓବିସି/ଏସ୍‌ଇବିସି ବର୍ଗଙ୍କ ପାଇଁ ଚାକିରି ଓ ଉଚ୍ଚଶିକ୍ଷାରେ ୨୭% ସଂରକ୍ଷଣ ଦିଆଯାଉ। ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ବୈଷୟିକ ଶିକ୍ଷାରେ ୩୮.୭୫% ସଂରକ୍ଷଣ ଲାଗୁ କରାଯାଉ। ଏସ୍‌ସି/ଏସ୍‌ଟି ଏବଂ ଓବିସି/ଏସ୍‌ଇବିସି ବର୍ଗର ୧ ଲକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଭୁବନେଶ୍ୱରରେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯାଉ। ପ୍ରାୟ ୨୦ ବର୍ଷ ଧରି ୨୭% ସଂରକ୍ଷଣରୁ ବଞ୍ଚିତ ଓବିସି/ଏସ୍‌ଇବିସି ଯୁବବର୍ଗଙ୍କ ପାଇଁ ୨ ଲକ୍ଷ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା ହେଉ। ବେକାରି ଭତ୍ତା ମାସିକ ୩ ହଜାର ଟଙ୍କା, ଆଉଟ୍‌ସୋର୍ସିଂ ଏବଂ କଣ୍ଟ୍ରାକ୍ଟୁଆଲ ନିଯୁକ୍ତିରେ ସଂରକ୍ଷଣ ଲାଗୁ କରାଯାଉ। ରାଜ୍ୟ ଫାଇନାନ୍ସ କର୍ପୋରେଶନରେ ୫ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ କରାଯାଉ। ରାଜ୍ୟରେ ଜାରି ରହିଥିବା ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଓ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ତାହା ତୁରନ୍ତ ପୂରଣ କରାଯାଉ। ସଂରକ୍ଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ଅଛନ୍ତି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟରେ ନୂଆ ସରକାର ଆସିବା ପରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲାରୁ ମହିଳା ନିର୍ଯାତନା ଓ ଗଣବଳାତ୍କାର ଖବର ଆସୁଛି । ଆଗାମୀ ଦିନରେ ରାଜ୍ୟର ଆଇନଶୃଙ୍ଖଳା ନ ସୁଧୁରିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।




ଝାଡ଼ଖଣ୍ଡର ପଶ୍ଚିମ ସିଙ୍ଘଭୂମ ଜିଲାରେ 'ମୟା ସମ୍ମାନ ଯାତ୍ରା'ର ଅଂଶବିଶେଷ ସ୍ୱରୂପ ଏକ କାର୍ଯ୍ୟକ୍ରମରେ ଜେଏମ୍ଏମ୍ ନେତ୍ରୀ କଳ୍ପନା ସୋରେନ୍ ଭାଗ ନେଇଛନ୍ତି।

## ମଦମୃତ୍ୟୁ ମାମଲା ଚାପିଦେବାକୁ ଉଦ୍ୟମ ହେଉଛି: କଂଗ୍ରେସ

ପାତ୍ରପୁର, ୨୭।୯(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲାକୁ ରାଜ୍ୟ ସରକାର ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ଘଟଣାକୁ ୪୦ଦିନ ବିତିଯାଇଥିଲେ ମଧ୍ୟ ମୃତକଙ୍କୁ କ୍ଷତିପୂରଣ ମିଳିନି କିମ୍ବା ଦୋଷୀଙ୍କୁ ଦଣ୍ଡ ମିଳିନି। ସରକାର ଘଟଣାର ଆରଡିସି ତଦନ୍ତ ପାଇଁ ବିଧାନସଭାରେ ଘୋଷଣା କରିଥିଲେ। ଏବେ ଏହି ଘଟଣାର ତଦନ୍ତ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଦ୍ୱାରା କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା ହାସ୍ୟାସ୍ପଦ ବୋଲି ଶୁକ୍ରବାର ପାତ୍ରପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚିକିଟି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରବୀନ୍ଦ୍ରନାଥ ଦ୍ୟାନସାମନ୍ତରା କହିଛନ୍ତି। ଏଥିସହ ଆରଡ଼ିସି ତଦନ୍ତ ପାଇଁ ସରକାର କାହିଁକି ଭୟ କରୁଛନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ବିଜେଡି ସରକାର ଅମଳରେ ପଛୁଆବର୍ଗ ଅବହେଳିତ ହୋଇଛନ୍ତି: ଭାଜପା

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)




ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଓ ମୁଖପାତ୍ର ଅନିଲ ବିଶ୍ୱାଳ।

୨୪ ବର୍ଷ ଶାସନରେ ବିଜେଡି ସରକାର ୫୪ ଭାଗ ପଛୁଆବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛନ୍ତି। ନିଜେ ନବୀନବାବୁ ଏବଂ ତାଙ୍କ ଦଳ ସମ୍ପୂର୍ଣ୍ଣ ପଛୁଆବର୍ଗ ବିରୋଧୀ। ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ ପ୍ରତିନିଧିତ୍ୱ କ୍ଷେତ୍ରରେ ଏହି ବର୍ଗଙ୍କୁ ବିଜେଡି ବଞ୍ଚିତ କରିଛି। ବିଜେଡିରେ ପଛୁଆବର୍ଗ ପାଇଁ କୌଣସି ସେଲ୍ ନ ଥିବା ପଛୁଆବର୍ଗ ପ୍ରତି ତାଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ନିଜ ଦଳ ଭିତରେ ତୀବ୍ର ଗୋଷ୍ଠୀ କନ୍ଦଳ, ବିଦ୍ରୋହ ଏବଂ ଜଣକ ପରେ ଜଣେ ଦଳ ଛାଡୁଥିବା ବେଳେ ସେଥିରୁ ଦୃଷ୍ଟି ହଟାଇବାକୁ ଯାଇ ବିଜେଡିର ନେତାମାନେ ନାଟକ ଆରମ୍ଭ କରିଦେଇଛନ୍ତି। ବିଜେଡି ମୁହଁରେ ଓବିସି ପ୍ରସଙ୍ଗ ଶୋଭାପାଉନାହିଁ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ବିଜେଡି ଆତ୍ମଚିନ୍ତନ କରିବା ବଦଳରେ ଏବେ ହୀନ ରାଜନୀତି କରୁଛି। ଦୀର୍ଘ ୨୪ ବର୍ଷ ଶାସନରେ ରହିଥିବା ସତ୍ତ୍ୱେ ପଛୁଆବର୍ଗଙ୍କ ମୌଳିକ ଅଧିକାର ସମ୍ପର୍କରେ ବିଜେଡି କର୍ଣ୍ଣପାତ କରି ନ ଥିଲା। ଅନ୍ୟ ସମସ୍ତ ରାଜ୍ୟରେ ଶିକ୍ଷାକ୍ଷେତ୍ରରେ ନାମଲେଖା ପାଇଁ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ମିଳୁଥିଲାବେଳେ ତତ୍କାଳୀନ ବିଜେଡି ସରକାର ସଂରକ୍ଷଣ ନ ଦେବା ଯୋଗୁ ରାଜ୍ୟର ବହୁ ଲକ୍ଷ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବିଜେଡି ଶାସନରେ ଥିବା ସମୟରେ ଯେଉଁ ପ୍ରଶ୍ନ ଭାଜପା ପକ୍ଷରୁ ପଚରାଯାଇଥିଲା, ବର୍ତ୍ତମାନ ସେମାନେ ଓଲଟା ସେହି ପ୍ରଶ୍ନ ପଚାରୁଛନ୍ତି। ଅପରପକ୍ଷେ ଓବିସିଙ୍କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମ୍ବିଧାନିକ ଅଧିକାର ଦେବାକୁ ଯଦି କେହି ଉଦ୍ୟମ କରିଥାନ୍ତି ସେ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ତାଙ୍କ ନିଜ ମନ୍ତ୍ରିମଣ୍ଡଳରେ ୨୭ ଜଣ ଓବିସିଙ୍କୁ ସ୍ଥାନ ଦେଇ ଏହାକୁ ପ୍ରମାଣିତ କରିଛନ୍ତି। ମୋଦି ଦେଶରେ ପ୍ରଥମକରି ଓବିସି କମିଶନକୁ ସାମ୍ବିଧାନିକ ମାନ୍ୟତା ଦେଇଛନ୍ତି। ସରକାର ଓ ଆମ ଦଳ ଓଡ଼ିଶାରେ ଓବିସି, ଏସ୍‌ଇବିସିମାନଙ୍କୁ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବାକୁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ବୋଲି ସୁରଥ କହିଛନ୍ତି।

# ଭାଜପା ସରକାରରେ ମହିଳା ଅସୁରକ୍ଷିତ:ନବୀନ

ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା

ଭୁବନେଶ୍ୱର, ୨୭।୯(ଅନୀଲ ଦାସ)



ଶଙ୍ଖଭବନଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

ଦରଦାମ୍ ବୃଦ୍ଧିଠାରୁ ଆରମ୍ଭ କରି ନାରୀ ସୁରକ୍ଷା, ପୁଞ୍ଜି ବିନିଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଓଡ଼ିଶାରେ ଭାଜପା ସରକାର ବିଫଳ ହୋଇଛି। ସରକାରର ବିଫଳତା ଆଜି ସବୁଆଡ଼େ ନିରାଶା ସୃଷ୍ଟି କରିଛି। ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏପରି କି ସରକାରୀ କର୍ମଚାରୀମାନେ ମଧ୍ୟ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ପୁରୀ ରାଜଭବନରୁ ଆରମ୍ଭ କରି ଭରତପୁର ଥାନା ପର୍ଯ୍ୟନ୍ତ ଏ ସବୁ ଘଟଣା ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଶଙ୍ଖ ଭବନରେ ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ସଂକ୍ରାନ୍ତ ପ୍ରସ୍ତୁତି ବୈଠକରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି, ମିଛ କାହାଣୀ କହି ଭାଜପା ନିର୍ବାଚନରେ ଜିତିଛି। ମିଛ କହି ନିର୍ବାଚନ ଜିତା ଯାଇପାରେ, କିନ୍ତୁ ଲୋକଙ୍କ ହୃଦୟ ନୁହେଁ। ତେବେ ଜନ ସମ୍ପର୍କ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପ୍ରତିବର୍ଷ ପରି ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବ। ଅକ୍ଟୋବର ୬ରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଶେଷ ହେବ। ପୂଜା ପରେ ଅକ୍ଟୋବର ୨୧ରୁ ୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଜାରି ରହିବ। ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅକ୍ଟୋବର ୯ରୁ ଡିସେମ୍ବର ୯ ତାରିଖ ୨ ମାସ ପର୍ଯ୍ୟନ୍ତ ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିବ ବୋଲି ସେ ଘୋଷଣା କରିଛନ୍ତି। ସୋସିଆଲ ମିଡିଆକୁ ଅଧିକ ସକ୍ରିୟ କରିବା ସହିତ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନର ବିପୁଳ ସଫଳତା ଦିଗରେ କାର୍ଯ୍ୟ କରିବା ପାଇଁ ନବୀନ ଦଳୀୟ ନେତୃବୃନ୍ଦ ଓ ପଦାଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡି ସମନ୍ୱୟ କମିଟିର ମୁଖ୍ୟ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରସନ୍ନ ଆଚାର୍ଯ୍ୟ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ, ଗଣେଶ୍ୱର ବେହେରା, ଚନ୍ଦ୍ରଶେଖର ସାହୁ, ସୁଦାମ ମାର୍ଣ୍ଡି, ବିକ୍ରମ ଆରୁଖ, ଅଶୋକ ପଣ୍ଡା, ବଦ୍ରୀ ପାତ୍ର, ଦେବୀରଞ୍ଜନ ମିଶ୍ର, ଦୀପାଳି ଦାସ ଓ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ଆଗାମୀ ଦିନରେ ସଙ୍ଗଠନକୁ ଆହୁରି ମଜଭୁତ କରିବା ପାଇଁ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି।

# ଅନାସ୍ଥାରେ ହାରିଲେ ନୀଳଗିରି ଏନ୍‌ଏସି ଅଧ୍ୟକ୍ଷା

ନୀଳଗିରି, ୨୭।୯(ପ୍ରଶାନ୍ତ ବିଶ୍ୱାଳ)

ଦୀର୍ଘ ଏକ ମାସ ଧରି ନୀଳଗିରି ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ନାଟକର ଅନ୍ତ ଘଟିଛି। ଶୁକ୍ରବାର ପ୍ରସ୍ତାବ ଉପରେ ଅନୁଷ୍ଠିତ ମତଦାନରେ ପରାଜିତ ହୋଇଛନ୍ତି ଅଧ୍ୟକ୍ଷା। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ଜଣ ମତଦାନରେ ଅଂଶଗ୍ରହଣ କରିଥିଲେ। ୧୦ଜଣ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ଦୁଇ କାଉନସିଲର ବୈଠକରେ ଅନୁପସ୍ଥିତ ରହିଥିଲେ। ତେବେ ୧୦ଟି ଭୋଟ ଅନାସ୍ଥା ସପକ୍ଷରେ ଅର୍ଥାତ୍ ଅଧ୍ୟକ୍ଷାଙ୍କ ବିରୋଧରେ ଯାଇଥିଲା।

ଗତ ନୀଳଗିରି ଏନ୍‌ଏସି ନିର୍ବାଚନରେ ୧୩ କାଉନସିଲର ପଦବୀ ମଧ୍ୟରୁ ବିଜେଡି ୮ଟି ହାତେଇଥିବା ବେଳେ ବିଜେଡିର ଅମ୍ବିକା ଅଧ୍ୟକ୍ଷ ଭାବେ ଜିତି ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ଗତ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଦଳ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେହି ସମୟରେ ୬ଜଣ ବିଜେଡି ଏବଂ ଜଣେ ସ୍ୱାଧୀନ କାଉନସିଲର ଭାଜପାରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ନଂ. ୱାର୍ଡର କାଉନସିଲର ବିଜେଡି ଛାଡି ଭାଜପାରେ ସାମିଲ ମିଶିଥିଲେ। ପରେ ଅଧ୍ୟକ୍ଷା ନିଜ ଦାୟିତ୍ୱରେ ଅବହେଳା, ୱାର୍ଡ ପ୍ରତି ପକ୍ଷପାତିତା କରିବା ଆଦି ବିଭିନ୍ନ ଅଭିଯୋଗ ନେଇ ୧୧ଜଣ କାଉନସିଲର ତାଙ୍କ ବିରୋଧରେ ଅନାସ୍ଥା ଲାଗି ବାଲେଶ୍ୱର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଗତ ଅଗଷ୍ଟ ୧୪ ତାରିଖରେ ଭୋଟିଂ ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ହେଲେ ଅଧ୍ୟକ୍ଷା ଅଗଷ୍ଟ ୧୩ତାରିଖରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟ ଉକ୍ତ ଅନାସ୍ଥା ସଂକ୍ରାନ୍ତରେ ନିଜର ରାୟ ଶୁଣାଇବା ପରେ ଅନାସ୍ଥା କିଛିଦିନ ପାଇଁ ଟଳିଯାଇଥିଲେ ହେଁ ପୁନର୍ବାର ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୁଣିଥରେ ବାଲେଶ୍ୱର ଜିଲାପାଳ ଅଧ୍ୟକ୍ଷାଙ୍କ ସମେତ ସମସ୍ତ କାଉନସିଲରଙ୍କୁ ସେପ୍ଟେମ୍ବର ୨୭ରେ ପୁନଃ ଭୋଟିଂ କରିବାକୁ ନୋଟିସ୍ ଜାରି କରିଥିଲେ। ଏନେଇ ଏନ୍‌ଏସି ସଭାଗୃହରେ ପ୍ରସ୍ତାବିତ ସଂକଳ୍ପ ଉପରେ ଆଲୋଚନା କରାଯାଇ ୧୨ଟା ୧୦ ରେ ମତଦାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଅଧ୍ୟକ୍ଷା ଦାସ ନିଜର ପଦବୀ ହରାଇଥିବା ଜଣାଯାଇଛି। ତେବେ ଏହି ଘଟଣାରେ ଅମ୍ବିକା ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଜଣେ ଭାଜପା ଏଜେଣ୍ଟଙ୍କୁ କାଉନସିଲରମାନେ ଭୋଟଦାନ ପରେ ନିଜର ଭୋଟ ପେପର ଦେଖାଇଛନ୍ତି। ଯାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ,ଏନେଇ ସେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ । ଅପରପକ୍ଷେ ଅନାସ୍ଥା ଭୋଟ ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ପ୍ରତିକ୍ରିୟାରେ ଆଜିର ବିଜୟ ସତ୍ୟ ଓ ଗଣତନ୍ତ୍ରର ବିଜୟ ବୋଲି କହିଛନ୍ତି।

# ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଲେ ସମିତିସଭ୍ୟ

ଭବାନୀପାଟଣା/ଥୁଆମୂଳ ରାମପୁର,୨୭।୯ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)



ଜିଲାପାଳଙ୍କ ଅଫିସ ଆଗରେ ଅନାସ୍ଥା ଆଣିଥିବା ସମିତିସଭ୍ୟ।

■ଥୁଆମୂଳ ରାମପୁର ବ୍ଲକରେ ରାଜନୀତି ସରଗରମ

■ଜିଲାପାଳଙ୍କୁ ଦେଲେ ଲିଖିତ ଅଭିଯୋଗ

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ରାଜନୀତି ସରଗରମ ହୋଇଉଠିଛି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୧୪ ଜଣ ସମିତି ସଭ୍ୟାସଭ୍ୟ। ସେମାନେ ଶୁକ୍ରବାର ଅପରାହ୍ନରେ ଭବାନୀପାଟଣାରେ ପହଞ୍ଚି ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଏହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି।

ସମିତିସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ଥୁଆମୂଳ ରାମପୁର ବ୍ଲକରେ ଗତ ଦେଢବର୍ଷରୁ ଊର୍ଦ୍ଧ୍ୱ ହେବ ପଞ୍ଚାୟତ ସମିତି ବୈଠକ କରାଯାଇ ନାହିଁ। କାହା ସ୍ୱାର୍ଥରେ ବୈଠକ କରାଯାଉ ନାହିଁ ତାହା ସେମାନେ ଜାଣି ପାରୁନାହାନ୍ତି। ଏହାଦ୍ୱାରା ସେମାନେ ନିଜ ଅଞ୍ଚଳର ସମସ୍ୟା ଅବଗତ କରିପାରୁନାହାନ୍ତି। ସ୍ଥାନୀୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଖସଡା ତିଆରି କରି ମନଇଚ୍ଛା କାର୍ଯ୍ୟ ଚଳାଇଥିବା ଅଭିଯୋଗ ଆଣିଛନ୍ତି। ତେଣୁ ସେମାନେ (ବିଜେଡି ସମର୍ଥିତ) ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝିଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝିଙ୍କ ନେତୃତ୍ୱରେ ସମିତିସଭ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏହାକୁ ଗ୍ରହଣ କରିଥିଲେ। ପ୍ରକାଶ ଯେ, ଥୁଆମୂଳ ରାମପୁର ବ୍ଲକରେ ସମୁଦାୟ ୨୪ ପଞ୍ଚାୟତ ରହିଛି। ସେଥିମଧ୍ୟରୁ ବର୍ତ୍ତମାନ ୧୪ ଜଣ ସମିତିସଭ୍ୟାସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଏ ନେଇ ବ୍ଲକ ଅଧ୍ୟକ୍ଷ ମାଝିଙ୍କୁ ପଚାରିବାରୁ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିବା ସହ ନିର୍ବାଚନ ଆଚରଣ ବିଧି ଯୋଗୁ ପଞ୍ଚାୟତ ସମିତି ବୈଠକ ହୋଇ ନ ଥିଲା। ତେଣୁ ଶୁକ୍ରବାର ଏହି ବୈଠକ ହୋଇଥିଲା। ତେବେ ସେମାନେ କାହା ପ୍ରରୋଚନାରେ ସେଠାକୁ ଯାଇଥିବେ ବୋଲି ଅଧ୍ୟକ୍ଷ କହିଛନ୍ତି।

# ଜଣେ ଶବ୍ଦ-ସାଧକର ପ୍ରସ୍ଥାନ

## (କବି ହରିହର ମିଶ୍ରଙ୍କ ସ୍ମୃତିରେ)

ଡ. ହୃଷୀକେଶ ମଲ୍ଲିକ

ହରିହର ମିଶ୍ରଙ୍କ ଜନ୍ମ ପୁରୀ ମାର୍କଣ୍ଡେଶ୍ୱର ସାହିରେ, ୧୯ ନଭେମ୍ବର ୧୯୪୦ରେ। ଓଡ଼ିଆ ଭାଷା-ସାହିତ୍ୟରେ ଅଧାପନା ଥିଲା ବୃତ୍ତି, କିନ୍ତୁ ପ୍ରବୃତ୍ତିରେ ଥିଲେ ସେ ଆଜୀବନ ଶବ୍ଦ-ସାଧକ। ନାଟକ, ଉପନ୍ୟାସ, ଗଳ୍ପ ଓ ସମାଲୋଚନା ଆଦି ସାହିତ୍ୟର ବହୁ ବିଭାଗରେ ଲେଖନୀ ଚାଳନା କରିଥିଲେ ବି ମୂଳତଃ ସେ କବି। 'ଶଙ୍ଖନାଭି', 'ଅକ୍ଷମ ଦେବତା', 'ଚନ୍ଦ୍ରବିମ୍ବ', 'ଲାଲକଢ଼ର ତପସ୍ୟା', 'ଦର୍ପଣଶିଳା', 'ଶବ୍ଦ ଏକାଏକା ଏକତ୍ର', 'ସନ୍ଧ୍ୟା ଦର୍ଶନ', 'ଅଣ ଅକ୍ଷର', 'ବ୍ରହ୍ମ କଣିକା', 'ଦିବ୍ୟ ଅସନ୍ତୋଷ' ଓ 'ଶୟନ ପ୍ରତିମା' ଭଳି ଚର୍ଚ୍ଚିତ କାବ୍ୟଗ୍ରନ୍ଥର ସେ ସ୍ରଷ୍ଟା। 'ରାତିର ଦୁଇଟି ଡେଣା', 'ହେ ନିଷାଦ ନିବୃତ୍ତ ହୁଅ', 'ନିନ୍ଦିତ ଗଜପତି' ଓ 'ହଂସଧ୍ୱନି' ହେଉଛି ତାଙ୍କର ଲୋକପ୍ରିୟ ନାଟକ ମଧ୍ୟରୁ କେଇଟି। ୧୯୭୭ରେ ଧରିତ୍ରୀ ସମ୍ମାନରେ ସମ୍ମାନିତ ଏହି କବି ସେହି ବର୍ଷ ତାଙ୍କ 'ରାତିର ଦୁଇଟି ଡେଣା' ପୁସ୍ତକ ପାଇଁ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'ରେ ଭୂଷିତ ହୋଇଥିଲେ। ୨୦୧୧ରେ 'ଦିବ୍ୟ ଅସନ୍ତୋଷ' କାବ୍ୟଗ୍ରନ୍ଥ ପାଇଁ ତାଙ୍କୁ ମିଳେ 'ଶାରଳା ପୁରସ୍କାର'। ଓଡ଼ିଆ ସାହିତ୍ୟକୁ ସାମଗ୍ରିକ ଅବଦାନ ପାଇଁ 'ସମାଜ' ପ୍ରଦତ୍ତ 'ସତ୍ୟବାଦୀ ସାହିତ୍ୟ ପୁରସ୍କାର'ରେ ସମ୍ମାନିତ ଏହି କବିଙ୍କ ତିରୋଧାନ ଘଟେ ୨୩ ସେପ୍ଟେମ୍ବର ୨୦୨୪ରେ, ୮୪ ବର୍ଷ ବୟସରେ।



[୧୯ ନଭେମ୍ବର ୧୯୪୦ – ୨୩ ସେପ୍ଟେମ୍ବର ୨୦୨୪]

ପ୍ରଦକ୍ଷିଣ

ହରି ଭାଇନା! ଆପଣ ଚାଲିଗଲେ। ଆପଣ ଆମ ସମୟର ପ୍ରଥିତଯଶା କବି, ଗାଳ୍ପିକ, ନାଟ୍ୟକାର ଓ ସାହିତ୍ୟ-ସମାଲୋଚକ। ଆଗକୁ ଦୁର୍ଗାପୂଜା। ବାଟେବାଟେ କାଶତଣ୍ଡୀ ଫୁଲର ତୋରଣ। ଶରତ-ଶେଫାଳି ଗାଲିଚା ବିଛେଇଛି ଆପଣଙ୍କ ପ୍ରସ୍ଥାନ ପଥରେ। ଆପଣ ମୋର ଆଜିକାଲିର ଜଣାନୁହନ୍ତି। ଆମ ସମ୍ପର୍କ ଢେର୍ ଦିନର। ଆପଣଙ୍କ କବିତା ଉପରେ ମୁଁ ଲେଖିଥିବା ଏକ ଆଲୋଚନା 'ଇସ୍ତାହାର'ରୁ ପଢ଼ି ଆପଣ ଗଦଗଦ ହେଇ ଉଠିବାର ଅକପଟ ଶ୍ରଦ୍ଧା ମୁଁ ଆପଣଙ୍କଠୁ ପାଇଛି। ଯାଜପୁରରେ 'ଲେଖକ ସାମ୍ମୁଖ୍ୟ' ମହୋତ୍ସବରେ ମୋ' 'ଧର୍ମପତ୍ନୀ' କବିତା ଆବୃତ୍ତିକୁ ଶୁଣି ଯୋଉ ତାରିଫ୍ କରିଥିଲେ, ତାହା ଏଯାଏ ମୁଁ ଭୁଲିନାହିଁ। ନୟାଗଡ଼ କଲେଜ, ନହରକଣ୍ଟା କଲେଜର ସାହିତ୍ୟ ସଭା, କବିତା ପାଠ, ସମାବେଶ-ପତ୍ରିକା, ଧରିତ୍ରୀ, ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ମୋ' ହାତରୁ 'ସାରିଆ ଭିକ ସାରସ୍ୱତ ସମ୍ମାନ' ଗ୍ରହଣ, ଓଡ଼ିଶା ସାହିତ୍ୟ ଏକାଡେମୀରେ ଆପଣଙ୍କ ପରେ ସଭାପତି ଭାବେ ଯୋଗଦେବା ଦିନ ଆପଣଙ୍କ ସହ ପ୍ରଥମ ଆଳାପ, ସମାଜ ସତ୍ୟବାଦୀ ସାହିତ୍ୟ ସମ୍ମାନ ଗ୍ରହଣ ଅବକାଶରେ ଆପଣ ଆପଣଙ୍କର ଦୁଇଟି ବହି ଉପହାର ଦେବା, ପୁରୀ ଘରେ, ଭୁବନେଶ୍ୱର ଗଜପତି ନଗର ବସାଘରେ ଘଣ୍ଟା ଘଣ୍ଟା ଗପ... ଏଇମିତି କେତେ କ'ଣ– ଏସବୁ ସ୍ମୃତି ଧୀରେ ଧୀରେ ଫିକା ହେବ। ଆପଣ ଓଡ଼ିଆ ଭାଷାକୁ ଭଲପାଇ ସାହିତ୍ୟ ପାଇଁ ଜୀବନସାରା ବାୟା। ସାହିତ୍ୟ କରି, ସଂସାରକୁ ଯେତିକି ଅନେଇବା କଥା ନ ଅନେଇ କ'ଣ ପାଇଲେ, କ'ଣ ନ ପାଇଲେ ତାହା ଭିନ୍ନ କଥା। ସେ ଘା' ମୁଁ ଉଖୁରାଉ ନାହିଁ।

ଆଖି ଆଗରେ, ଆପଣଙ୍କ ଯିବା ଲଗ୍ନରେ ଆଜି ଚଳଚ୍ଚିତ୍ର ପରି ଭାସିଯାଉଛି ଆପଣଙ୍କ ଜୀବନର ଗୋଟି ଗୋଟି ସାରସ୍ୱତ ଘଟଣା। ମନେପଡୁଛି, ପୁରୀରେ କବି କୁମାର ମହାନ୍ତିଙ୍କ 'ଅନାମ ମଠ'ରେ ଆପଣ କାଟିଥିବା ଆପଣଙ୍କ ମହାର୍ଘ ଦିନର କଥା। କୁମାର ମହାନ୍ତିଙ୍କ ଶୋକଲେଖରେ ଆପଣ ହିଁ ତ ଲେଖିଥିଲେ ଯେ 'ଅନାମ' ଆନ୍ଦୋଳନ ଥିଲା ଓଡ଼ିଆ କବିତାରେ ମାର୍କ୍ସ ଓ ଇଲିୟଟ୍‌ଙ୍କ ପଥରୋଧ। ଓଡ଼ିଆ କବିତାରେ ଅନାମ ପ୍ରବର୍ତ୍ତିତ 'ପୁରୁଷୋତ୍ତମ ଚେତନା'ର ଯେଉଁମାନେ ବାନାବୈରଖ ଧରିଥିଲେ, ତାଙ୍କ ଭିତରୁ ତ ଆପଣ ଥିଲେ ଜଣେ। ଧାଡ଼ି ଭାଙ୍ଗି ତହିଁରୁ ଆପଣଙ୍କ ଓହରି ଆସିବା ଅଲଗା କଥା। 'ଅନାମ'ରେ ଥାଆନ୍ତୁ କି 'ନାମ'ରେ ଥାଆନ୍ତୁ, ଆପଣଙ୍କ ଚେତନାରେ କିନ୍ତୁ ସାରା ଜୀବନ ଲାଗି ରହିଥିଲା ଶ୍ରୀମନ୍ଦିରର ଡୋରି। ନ ହେଲେ କି 'ଶଙ୍ଖନାଭି', 'ଚାହାଣି ମଣ୍ଡପ', 'ଭିତିରି ଚନ୍ଦନ', 'ଦର୍ପଣଶିଳା', 'ସନ୍ଧ୍ୟା ଦର୍ଶନ' ଓ 'ଦିବ୍ୟ ଅସନ୍ତୋଷ' ଭଳି ଗ୍ରନ୍ଥ-ଶୀର୍ଷକ ଆପଣଙ୍କୁ ପ୍ରାପ୍ତ ହୋଇଥା'ନ୍ତେ!




ଓଡ଼ିଆ କବିତାରେ ଆପଣ ଅର୍ଦ୍ଧବୋଧ, ଅର୍ଦ୍ଧଅବୋଧ ବୋଲି ଅନେକେ ଆପଣଙ୍କୁ ଦୁର୍ନ୍ନା ଦିଅନ୍ତି। ହେଲେ, ଏକାନ୍ତରେ, ମନ ଢାଳି ଆପଣଙ୍କୁ ସତରେ କେଇଜଣ ପଢ଼ିଥା'ନ୍ତି! 'ଲାଲକଢ଼ର ତପସ୍ୟା' (୧୯୮୨)ରେ ଏକ କବିତା ('ନିଜ ସମ୍ପର୍କରେ')ରେ ଆପଣ ତ ଲେଖିଥିଲେ: ''ମନେହୁଏ ଲେଖନ୍ତି ନାହିଁ ଯଦି ପ୍ରେମରେ ପଡ଼ି ନ ଥାନ୍ତି,/ ଯଦି ବନ୍ଧୁମାନେ ଭେଟନ୍ତେ ନାହିଁ ଯଦି ନ ଥାନ୍ତା ପ୍ରକୃତିର ବିସ୍ମୟ,/ ନ ଥାନ୍ତା ଯଦି ଏକ ତୃତୀୟ ଶକ୍ତିର ଅଜ୍ଞାତ ଯନ୍ତ୍ରଣା/ ନ ଥାନ୍ତା ଯଦି ଦେଶ ଓ ବିପୁଳ ଜନତା।'' ଏ କ'ଣ ଅବୋଧ? ମଣିଷ ଓ ଦେଶ ପାଇଁ ଆପଣଙ୍କ ଚାପାକାନ୍ଦ କ'ଣ ଛପିନାହିଁ ଏଥିରେ? ଆରମ୍ଭରୁ ଆପଣଙ୍କ କବିତା ଉପରେ ମୁଁ ଲେଖିଥିବା ଯେଉଁ ଆଲୋଚନା ବିଷୟରେ କହିଛି, ସେଥିରେ ମୁଁ ଲେଖିଥିଲି: ''ହରିହର ନିଜ କବିତାରେ ଓଡ଼ିଶୀ ଆତ୍ମୀୟତା ସୃଷ୍ଟିର ଯେଉଁ ପରମ୍ପରା 'ଶଙ୍ଖନାଭି'ରୁ ଆରମ୍ଭ କରିଥିଲେ, ତାହା 'ଭିତିରି ଚନ୍ଦନ'ରେ ପୁଷ୍ପିତ। ଏଲିୟଟୀୟ ଆଧୁନିକତାଠାରୁ ଭାରତୀୟ ଆଧୁନିକତାକୁ ଭିନ୍ନ କରିବା ପାଇଁ କବି ତାଙ୍କ କବିତାକୁ ଯେଉଁ ଆଞ୍ଚଳିକ ବୈଶିଷ୍ଟ୍ୟରେ ମଣ୍ଡିତ କରିଛନ୍ତି, ତାହାର କ୍ୱଚିତ୍ ନମୁନା ତାଙ୍କ ସମସାମୟିକ ଅନ୍ୟ କବିଙ୍କ କବିତାରୁ ମିଳେ।'' ୨୦୦୦ ମସିହାରେ ଆପଣଙ୍କ କବିତା ସମ୍ପର୍କରେ ମୁଁ ଦେଇଥିବା ଏଇ ମତରେ ଏବେ ବି ଅଟଳ।

ଏହା ସତ୍ତ୍ୱେ ସ୍ୱୀକାର କରିବାକୁ ମୋର ଦ୍ୱିଧା ନାହିଁ ଯେ ଆପଣଙ୍କର ସବୁ କବିତାକୁ ଅକ୍ଷରେ ଅକ୍ଷରେ ମୁଁ କେତେ ବା ବୁଝିଛି! ମୁଁ ଜାଣେ, ପ୍ରେମିକା ଆଉ କବିତା–ଯାଙ୍କୁ ବୁଝିବାକୁ ଚେଷ୍ଟା କରିବା ହିଁ ଧୃଷ୍ଟତା। ୧୯୬୩ରେ ଆପଣ ପୁରୀରେ ଅନୁଷ୍ଠିତ ପ୍ରଥମ 'ଯୁବଲେଖକ ସମ୍ମିଳନୀ'ରେ ଯେଉଁ ଦୀର୍ଘ କବିତା 'ଶଙ୍ଖନାଭି' ପଢ଼ିଥିଲେ, ସେତେବେଳକୁ ମୋର ବୟସ ଆଠବର୍ଷ। ବହୁ ପରେ କବିତା-ମାର୍ଗକୁ ଆସିବା ପରେ ଆପଣଙ୍କର ଏ କବିତା ମୁଁ ପଢ଼ିଛି। କବିତାର ଶେଷଧାଡ଼ି ଦୁଇଟି– ''ମୁଁ ଏକ ଉତ୍ତପ୍ତ ଅନ୍ଧାର/ ମୁଁ ଝରିଛି ଟୋପାଟୋପା ସ୍ତନରୁ ତାରାର'' ମୋତେ ମୁଗ୍ଧ ଓ ଅବାକ୍ କରିଛି, ହେଲେ ଏହାର ଅସଲ ଅର୍ଥକୁ ମୁଁ ଏବେ ବି ଖୋଜି ହେଉଛି। ଅର୍ଥ ଖୋଜିବାର ଏହି ବାଧ୍ୟବାଧକତା ଆପଣଙ୍କ କବିତା ଭିତରକୁ ବନ୍‌ଶୀ କଣ୍ଟା ପରି ଯେ ପାଠକଙ୍କୁ ଟାଣେ, ଏ ବିଶ୍ୱାସ ମୋର କେବେ ବି ଊଣା ହୋଇନାହିଁ।

ଆପଣ କବିତାରେ ନିଜ ପାଇଁ କେବେ ବି ଗୋଡ଼ାଣିଆ ତିଆରି କରିନାହାନ୍ତି, ତେଣୁ ଆପଣଙ୍କ ସାଧନା ପାଇଁ ଆପଣଙ୍କୁ ଆଶାନୁରୂପ କବଚକୁଣ୍ଡଳ ମିଳିନାହିଁ। ଆପଣ ଆପଣଙ୍କର ଏକ କବିତାରେ ନିଜେ କବୁଲ୍ କରିଛନ୍ତି: ''ଶତାବ୍ଦୀର ସଫଳ ବ୍ୟକ୍ତିଟିଏ ହେବାପାଇଁ ମତେ ସେ ମନ୍ତ୍ରଣା ଆଉ ଚତୁରତା ଜଣାନାହିଁ।'' ('ମୁହୂର୍ତ୍ତର ଶତାବ୍ଦୀ', ଭିତିରି ଚନ୍ଦନ)। ଏଇଥିରେ ପୁଣି ଆପଣଙ୍କ ଅବସୋସ ବାଢ଼ି ଦେଇଛନ୍ତି: ''ଅଥଚ ସବୁରି ସଙ୍ଗେ ମିଶି/ କେତେ କାନ୍ଦ ଲଗେଇନି/ ନିଜେ ପୁଣି ଏକାଏକା କେତେ ନିଜ ଲୁହ ମୁଁ ପିଇନି!''

ଅର୍ଥ-ସ୍ୱାଧୀନ ଅକ୍ଷର ଓ ଅକ୍ଷର-ସ୍ୱାଧୀନ ଅର୍ଥର ମହିମାଦୀପ୍ତ କବି ଆପଣ! ଆପଣ 'ସ୍ୱପ୍ନ ବିନିମୟ'ର କବି, 'ସ୍ୱପ୍ନ-ସଂଗୋପନ'ର ନୁହନ୍ତି। ପଢ଼ି ସାରିବାର ବହୁଦିନ ପରେ ଆପଣଙ୍କ କବିତା ଛାତିରେ ରୁଗୁରୁଗୁ ହୁଏ। ସମୟର ଶିଳାଲିପି ସେ ସବୁ। ଓଡ଼ିଆ କବିତାର ଉଚ୍ଚତମ ଶୃଙ୍ଗ ମଧ୍ୟରୁ ଆପଣ ଗୋଟିଏ, ଆଜି କାଳର କୁହୁଡ଼ିରେ ଅଦୃଶ୍ୟ। ହେଲେ, ଆମ ସ୍ମୃତିରୁ ଆପଣଙ୍କୁ ପୋଛିଦେବ କିଏ?

ମୋ: ୯୮୫୩୨୮୭୭୫୫



କବି ହରିହର ମିଶ୍ର ପ୍ରଖ୍ୟାତ ହିନ୍ଦୀ କବି ଅଶୋକ ବାଜପାୟୀଙ୍କଠାରୁ ଶାରଳା ପୁରସ୍କାର ଗ୍ରହଣ କରୁଛନ୍ତି।

### ନଥିବା ଲୋକର କଥା

ହରିହର ମିଶ୍ର

ବର୍ତ୍ତମାନ ପାହାଡ଼ କ'ଣ କରୁଥିବ କେଜାଣି
ଇତିହାସ ଭଳି ମଉନ ନ ଥିବ
ଇତିହାସର ଘୋଡ଼ା ଦୌଡ଼ରେ
ନିଜେ କିଛି ବାଟ ଧାଇଁଥିବା ପାହାଡ଼
ଶୋଇ ପଡ଼ିଥିବ ନଦୀଟିର ସଫେଦ ଶଯ୍ୟାରେ
ତା' ଭିତରର ଅରଣ୍ୟ ଜଳୁ ଜଳୁ
କରୁଣ ଭାବରେ ପାଲଟି ଯାଇଥିବ
ସଭ୍ୟତାର ମୁଠାଏ ପାଉଁଶ।

ଆକାଶ କ'ଣ କରୁଥିବ କେଜାଣି
ମୃତ ଗ୍ରହମାନଙ୍କୁ ଜୀବନ୍ୟାସ ଦେଉଥିବ
ଦୁର୍ଦ୍ଦଶାପନ୍ନ ପୃଥିବୀର କରୁଣ ମନ୍ତ୍ରରେ
ଏବଂ ଆଦେଶ ଦେଉଥିବ ସୂର୍ଯ୍ୟଭଳି ନକ୍ଷତ୍ରମାନଙ୍କୁ
ଚୋରି କରିନେବାକୁ ବାୟୁମଣ୍ଡଳ ଓ ଋତୁମାନଙ୍କୁ
ଅନ୍ୟତ୍ର... ଓ ସୌରଲୋକରେ ଜାଳି ଦେଉଥିବ
ଧରିତ୍ରୀ ବୁକୁରେ ଥିବା କର୍କଟ କ୍ଷତକୁ
କିମ୍ବା ଅପେକ୍ଷା କରିଥିବ ପ୍ରାର୍ଥନା ପୂର୍ଣ୍ଣ
ଭିନ୍ନ ଭିନ୍ନ ଆବେଦନ ପତ୍ରଗୁଡ଼ିକୁ।

ଏତେବେଳେ ସମୁଦ୍ର କ'ଣ କରୁଥିବ କେଜାଣି
ଶୋଇପଡ଼ିଥିବ କୁଢ଼କୁଢ଼ ବାଲିସ୍ତୂପରେ ମୁଣ୍ଡ ଦେଇ
ନିରର୍ଥକ ଗର୍ଜନରେ ମାତିବାକୁ ଦମ୍ ନେଉଥିବ
କିମ୍ବା ସୂର୍ଯ୍ୟ, ଚନ୍ଦ୍ରଙ୍କ କିରଣରେ ତାଳ ଦେଇ
ନୃତ୍ୟ ରଚିବା ପାଇଁ ଢେଉମାନଙ୍କ ପାଦରୁ
ଫେଣର ବ୍ୟାଣ୍ଡେଜ୍‌ଗୁଡ଼ିକ ଖୋଲି ଦେଉଥିବ
ଅଥବା ଆଦୌ ଉଠିବ ନାହିଁ ଶୀତ ଋତୁରେ
ପ୍ରତ୍ନତତ୍ତ୍ୱବିତ୍ ଭଳି ବୁକୁରେ ଜାବୁଡ଼ି ଧରି ଫସିଲ୍‌ମାନଙ୍କୁ।

ଯିଏ ଯାହା କରୁ ମୁଁ ଦି'ଖଣ୍ଡ ହାଡ଼
ଛୁଇଁବା ମାତ୍ରେ ତା' ଶୀର୍ଣ୍ଣ ବାହୁର
ପାହାଡ଼ ବୁହାଇ ଦବ ସ୍ୱପ୍ନର ଝରଣା
ଆକାଶ ଢାଙ୍କିଦବ ନିଦର ଓଢ଼ଣା
ଆଉ ସମୁଦ୍ର ଅଜାଡ଼ିଦବ ମୁକ୍ତାର ବିଛଣା।
ମୁଁ ତା'ର ଅନାହାର ଗର୍ଭର ଶିଶୁ
ଆଉ ତା'ର ଦରୋଟି କଥାକୁ ଅପେକ୍ଷା କରିଛି
ସେ ମୁକ୍ତ ହେଲେ ବିସର୍ଜିତ ହେବ
ଦୁଃସାହସିକ ଗାଥା ଆଉ ପୌରାଣିକ ଯୁଦ୍ଧର କାହାଣୀ।

## କବିତା

### ଏଇ ଏଇ...

ଛବିରାଣୀ ପତି

ନିଜ ଶବକୁ ନିଜ କାନ୍ଧରେ ବହିବାର ଦୁଃଖ
ତୁମେ କ'ଣ ବୁଝିବ ଅକ୍ଟୋପସ୍!

ବାଘପରି କ୍ଷିପ୍ରଗତିରେ
ଦୌଡୁଛି ଯେ ଦୌଡୁଛି
ଖାଲି ଏ ଚାଖଣ୍ଡେ ପେଟ ପାଇଁ ନୁହେଁ,
ଦେହର ବି ଯାବତ ଭୋକ ମାରିବାକୁ
ଖାଦ୍ୟ ଖାଦକ ସଂଘର୍ଷର ଲୁଚକାଳିରେ
ସାପ ଶିଡ଼ି ପରି ହାର୍‌ଜିତ୍‌ର ଛକାପଞ୍ଝାରେ
କେବେ ମାରିବାକୁ ଅନ୍ୟକୁ ତ ପୁଣି
କେବେ ନିଜେ ବଳି ପଡ଼ିବାକୁ।

ଜୀବନଟା ସବୁବେଳେ ଚ୍ୟାଲେଞ୍ଜର
ଅକସ୍ମାତ୍ ଚକ୍ରବ୍ୟୂହରେ
ଭିତରେ ହଜେଇ ବାହାରେ ଖୋଜୁଛି
ପବନରେ ଉଡ଼େଇ ପାଣିକୁ ଘାଣ୍ଟୁଛି
ଏକ ଅନିଶ୍ଚିତ ଭବିଷ୍ୟତ ନେଇ।

ସାଙ୍ଗରେ ଥାଇ ଛଳନା କରୁଥିବା
ମିଠା ଛୁରି ହୋଇ ଶତ୍ରୁତା ଦେଖାଉଥିବା
ବହୁରୂପୀ ଏଣ୍ଡୁଅମାନଙ୍କର
ସତରେ ଏଠି ଖୁବ୍ ଭିଡ଼,
ତୁମେ ବା ଅଧିକ କ'ଣ କଲ?

ମିଛ ନୁହେଁ...!
ସତ ପଥରେ ଥିବା ଲୋକର ପରୀକ୍ଷା ତ
ଏଠି ସ୍ୱୟଂ ଭଗବାନ ବି ନିଅନ୍ତି।

ଯୋଉଠି ଆୟ ସମ୍ମାନ ଦେଉଥାଇ
ବଳ କୁରାଢ଼ିର ବେଣ୍ଟ ହୋଇଥାଇ!
ସେଥିପାଇଁ ତ କୁହାଯାଏ
ବହି ଶିକ୍ଷା ବେଳେ ନିଦ ଆସେ
ଆଉ ଜୀବନ ଶିକ୍ଷା...
ସେଇ ନିଦକୁ ପୁଣି କେମିତି ହଜେଇଦିଏ
ଏଇ ତ ହେଉଛି ଅସଲ ଜୀବନର ଶିକ୍ଷା
ଯାହା ତୁମେ ବି ଦେଇଗଲ ଏଇ ଏଇ...।

ମୋ: ୯୩୩୭୯୬୦୦୬୦

### କ୍ଷତ

ସନ୍ୟାସୀ ନାୟକ

ମୁଁ ମରିଗଲେ ବଦଳିବ ନାହିଁ
ପୃଥିବୀର କିଛି ଚିତ୍ର,
କାହାଣୀର କିଛି ଅଙ୍କ ସରିଯିବ
ଚାଲିଥିବ ଚଳଚ୍ଚିତ୍ର।
ଯେବେ ମୋ' କୋକେଇ
ତା' ଘର ଦେଇ
ରାମ ନାମ କହି ଯିବ,
ଆଖି ଲୁହ ପୋଛି ପଣତ କାନିରେ
(ସିଏ) ଫୁଲଟିଏ ଫିଙ୍ଗୁଥିବ।

ଭିଜା ଆଖି ଦେଖି ପଚାରିବ ଯେବେ
ମଲା ଯିଏ ତୋର କିଏ,
ଉତ୍ତର ମିଳିବ ଭଲ ମଣିଷଟେ
ମୋର ନୁହେଁ କେହି ସିଏ।

ଗୋପନ ପୀରତି ଭଙ୍ଗା ହୃଦୟରେ
ଜୁଇରେ ଜଳିବି ମୁହିଁ,
ମେଦ ଜଳି ଯାଇ ହାଡ଼ ଫୁଟି କହେ
ଭଲରେ ରହିଥା ତୁହି।

ମୋ: ୯୪୩୭୩୫୨୫୬୦

### ଶେଷ କଥା

ଭବାନୀ ଶଙ୍କର ଦାଶ

ତୁମେ ଆସିବ ବୋଲି
ଦୀର୍ଘ ଦିନୁ ବନ୍ଦୀ କରି ରଖିଥିବା
ଆପଣାକୁ ଖୋଲିଖାଲି ଦେଲି।

ତୁମେ ଆସୁଛ ବୋଲି
ଦେବତା ହେବାଠୁ ଭଲ
ମଣିଷ ହେଲି।

ତୁମେ ଆସିଲ ବୋଲି
ମରୁମରୁ ବଞ୍ଚିଗଲି
ଶେଷ କଥା କହିଦେଲି
ବଞ୍ଚିବା ମରିବା ସବୁ ଏକ ଅର୍ଥ
ଏବେ ଜାଣିଲି।

ମୋ: ୮୯୧୭୬୨୪୩୮୬

## ପୁସ୍ତକ ପରିଚୟ

### ଆପଣା କଲା କର୍ମମାନ



**ଲେଖକ:** ରାଧାଶ୍ୟାମ ରାଉଳ
**ପ୍ରକାଶକ:** ସିଦ୍ଧେଶ୍ ପବ୍ଲିଶିଂ ହାଉସ୍, ଅଲିଶା ବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୦/-

ମୋଟ ୩୨ଟି ବ୍ୟଙ୍ଗ ଓ ରମ୍ୟ ରଚନା ଆଲୋଚ୍ୟ ଗ୍ରନ୍ଥରେ ସନ୍ନିହିତ। ଏହା ଲେଖକଙ୍କର ଅଷ୍ଟମ ପୁସ୍ତକ। ବ୍ୟଙ୍ଗ ଓ ରମ୍ୟ ରଚନା କ୍ରମରେ ଏହାର ସ୍ଥାନ ସପ୍ତମ। ଲେଖକ ଗ୍ରନ୍ଥାରମ୍ଭରେ ଥିବା 'କିଛି ମନଖୋଲା କଥା' ଶୀର୍ଷକ ଗଦ୍ୟଲେଖରେ କହିଛନ୍ତି: ''ବଦଳୁଥିବା ଲୋକ ଚରିତ୍ରକୁ ଅନୁଧ୍ୟାନ କରି ମୁଁ ବାରମ୍ବାର ବିସ୍ମିତ ହୁଏ। ଅତୀତ ନୁହେଁ କି ଭବିଷ୍ୟତ, ବରଂ ବର୍ତ୍ତମାନ ଉପରେ ମୁଁ ଦୃଢ଼ ବିଶ୍ୱାସ ରଖେ। x x ସତ୍ୟ ହିଁ ମୋର ଅମୋଘ ଅସ୍ତ୍ର। x x ସକଳ ଅନ୍ୟାୟ, ଅତ୍ୟାଚାର ସହିବା ଭିତରେ ମୋ' ଭିତରର ମଣିଷଟା ଯେତେବେଳେ ବିଦ୍ରୋହ କରେ, ସେତେବେଳେ ମୁଁ କଲମ ଧରି ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସ୍ୱରୋତ୍ତୋଳନ କରେ।'' ଆପଣା କଲା କର୍ମମାନ, ମାର୍କାମରା ପାଗଳ, ଶଙ୍ଖଚିଲ ଭାଇ ନମସ୍କାର, ସାଧୁ ସାବଧାନ, ପଦ୍ମତୋଳା, ମନ୍ତ୍ରୀ ଆସିଥିଲେ, ଦଲାଲ୍, ଭଡ଼ାଟିଆ ବକ୍ତା, ପଡ଼ୋଶୀ ନମ୍ବର ୱାନ୍, ବିଲ୍ଡିଂ ଇନ୍‌ସପେକ୍ଟର, ଫର୍ ଇଓର କାଇଣ୍ଡ ଇନ୍‌ଫର୍‌ମେଶନ୍ ଓ ଅପରେଶନ୍ ସୁପରଫ୍ଲପ୍ ଭଳି ଲେଖାଗୁଡ଼ିକ ପଢ଼ିବା ଆଗରୁ ଏହି ଶିରୋନାମଗୁଡ଼ିକ ପାଠକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରେ। ଗଳ୍ପଗୁଡ଼ିକର ବିଷୟ ଚୟନ, ଭାଷା ବିନ୍ୟାସ ଓ ସମାଜରେ ନିତି ପ୍ରତି ଘଟୁଥିବା ଘଟଣା ପ୍ରତି ଛଞ୍ଚାଣପ୍ରତିମ ତୀକ୍ଷ୍ଣତା ଦେଇ ଦୃଷ୍ଟିପାତ ବେଶ୍ ପ୍ରଭାବଶାଳୀ ହୋଇପାରିଛି। ଉଦ୍ବୋଧହୀନ ସତ୍ୟ ସହିତ ମିଶି ରହିଛି ବିଦ୍ୱେଷହୀନ ମଧୁରତା, ଯାହା ବ୍ୟଙ୍ଗ ରଚନାର ପ୍ରମୁଖ ଧର୍ମ। ଆଶା କରିବା ଯେ ବହିଟି ପାଠକୀୟ ଆଦୃତି ଲାଭ କରିବ ଓ ବ୍ୟକ୍ତି ତଥା ପାଠାଗାର ପାଇଁ ବୌଦ୍ଧିକ ସଂଚୟ ବିବେଚିତ ହେବ।

### Seeing the World




**ଲେଖକ:** ଅଜିତ୍ କୁମାର ମହାପାତ୍ର
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ମୋଟ ୨୨ଟି ବିଜ୍ଞାନଭିତ୍ତିକ ଇଂଲିଶ୍ କବିତାର ଏହି ସଂକଳନଟି ମୌଳିକତା, ଦୃଷ୍ଟିଭଙ୍ଗୀରେ ନୂତନତା ଓ ପ୍ରକାଶ ପରିପାଟୀରେ ସରଳ-ସୂକ୍ଷ୍ମତା ପାଇଁ ପାଠିକାପାଠକଙ୍କ ସକାଶେ ଯେ ଆକର୍ଷଣ ରଖିବ, ଏ ବିଶ୍ୱାସ ରଖାଯିବ ଏଇଥିଲାଗି ଯେ ପ୍ରୌଢ଼ି ନୁହେଁ, ଅନୁଭବ ଓ ଅଭିଜ୍ଞତା କବିତାଗୁଡ଼ିକର ଆଧାର। ପ୍ରଫେସର ମନ୍ମଥ କୁଣ୍ଡୁ ବହିଟି ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି: "Through all the poems, apparently separate, runs a story line his main objective, linking all the nineteen poems into a coherent whole, a longer 'Savitri' like prosaic poem." ପ୍ରଫେସର କୁଣ୍ଡୁଙ୍କର ଏ ମନ୍ତବ୍ୟ ଗ୍ରନ୍ଥସ୍ଥ କବିତାଗୁଡ଼ିକ ପ୍ରତି ତାଙ୍କ ନିବିଡ଼ ଅନୁରାଗର ପରିଚୟ ଦିଏ। ବହିର କେତେକ କବିତାରେ କୋଭିଡ୍ ଓ ଉତ୍ତର-କୋଭିଡ୍ ପରିଦୃଶ୍ୟ, ୟୁକ୍ରେନ୍-ରୁଷ୍, ଇସ୍ରାଏଲ୍-ହମାସ୍ ଯୁଦ୍ଧ, ଜଳବାୟୁ ବିପର୍ଯ୍ୟୟ ଆଦି ନାନା ମାନବୀକୃତ ଓ ପ୍ରାକୃତିକ ସଂଘାତର ଯେଉଁ ଅନ୍ତରଙ୍ଗ ଚିତ୍ର ପ୍ରକଟିତ, ତାହା ଲେଖକଙ୍କ ବୃତ୍ତି ଓ ପ୍ରବୃତ୍ତିର ଏକ ପ୍ରତ୍ୟାଶିତ ସନ୍ଧି। ବହିର ଅନେକ ଉଲ୍ଲେଖ ରୂଢ଼ି ପର୍ଯ୍ୟାୟକୁ ଉନ୍ନୀତ। ଯଥା: "Unification of mankind/ Coexistence of religions" ଓ "Merger of split up mankind/ into one universal family/ is the future of humanity" ଇତ୍ୟାଦି। ଶୈଳୀ ଗଦ୍ୟଧର୍ମୀ ହେଲେ ବି କବିତାର ଅନ୍ତଃସ୍ଥଳରେ ଯେଉଁ କୋମଳ ଲାଳିତ୍ୟ, ତାହା ବହିଟିକୁ ସୁଖପାଠ୍ୟ କରିଛି।

## କାଳକାଳକୁ

''ଭଲ ଲେଖା ମୋତେ ବିହ୍ୱଳ କରେ ଓ ଜୀବନକୁ ବଞ୍ଚିବା ଲାଏକ୍ କରେ।''

– ହାରୋଲ୍ଡ ପିଣ୍ଟର୍



ହାରୋଲ୍ଡ ପିଣ୍ଟର୍‌ଙ୍କ ଜନ୍ମ ୧୦ ଅକ୍ଟୋବର ୧୯୩୦ରେ ଓ ପରଲୋକ ୨୪ ଡିସେମ୍ବର ୨୦୦୮ରେ, ଇଂଲଣ୍ଡରେ। ଏକାଧାରରେ ନାଟ୍ୟକାର, ଚଳଚ୍ଚିତ୍ର ପଟକଥା ଲେଖକ ଓ ଅଭିନେତା ପିଣ୍ଟର୍‌ଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ 'ଦ ବାର୍ଥଡେ ପାର୍ଟି' (୧୯୫୭), 'ଦ ହୋମ୍ କମିଂ' (୧୯୬୪) ଓ 'ବିଟ୍ରେୟାଲ୍' (୧୯୭୮) ପ୍ରମୁଖ ଅଟେ। ଆଧୁନିକ ବ୍ରିଟିଶ୍ ନାଟ୍ୟକାରଙ୍କ ମଧ୍ୟରେ ବେଶ୍ ପ୍ରଭାବଶାଳୀ ଏହି ଲେଖକ 'ଦ ଟ୍ରାୟଲ' ଭଳି ବହୁ ବିଖ୍ୟାତ ରଚନାର ନାଟ୍ୟରୂପ ପ୍ରସ୍ତୁତ କରିଛନ୍ତି। ମୁକ୍ତମଞ୍ଚ, ଆକାଶବାଣୀ ଓ ଦୂରଦର୍ଶନରେ ନାଟ୍ୟ ନିର୍ଦ୍ଦେଶନା ପାଇଁ ଅମିତ ଯଶର ଅଧିକାରୀ ଏହି ଲେଖକ ନାଟ୍ୟ ସାହିତ୍ୟକୁ ନିଜର ସ୍ମରଣୀୟ ଅବଦାନ ପାଇଁ ୨୦୦୫ରେ ପାଇଛନ୍ତି ନୋବେଲ ପୁରସ୍କାର। ସେ କହନ୍ତି: ''ବାସ୍ତବ ଓ ଅବାସ୍ତବ ମଧ୍ୟରେ ବା ସତ୍ୟ ଓ ଅସତ୍ୟ ମଧ୍ୟରେ ଶକ୍ତ ପ୍ରଭେଦ ନାହିଁ।''

## ଅମୃତଭଣ୍ଡା

ଲଳିତ ମୋହନ ମିଶ୍ର

ଲଘୁଗଳ୍ପ

ହଇ ହେ... ଶୁଣୁଛଟି... ଏତେଗୁଡ଼ିଏ କଞ୍ଚା ଅମୃତଭଣ୍ଡା କ'ଣ ପାଇଁ ଆଣିଲ? କିଏ ଖାଇବ? ତୁମେ ତ ଜାଣିଛ ମୋତେ ଭଣ୍ଡା ପସନ୍ଦ ନୁହେଁ। ପିଲାମାନଙ୍କୁ ଭଣ୍ଡା କଥା କହିଲେ ଡେଉଁଛନ୍ତି। ଏତେଗୁଡ଼ିଏ ଭଣ୍ଡା କ'ଣ କରିବା? ପତ୍ନୀ ସ୍ୱାମୀଙ୍କୁ ବିରକ୍ତ ହୋଇ କହୁଥାଆନ୍ତି।

ଆରେ! ଭାଗ୍ୟବତୀ... ଏହାକୁ ତରକାରି କରିଦିଅ, ଡାଲମାରେ ପକାଅ ନଚେତ୍ ଆମ୍ବିଳ କରିଦିଅ।

ମୁଁ ଜାଣିପାରୁନାହିଁ, ତୁମକୁ କେତେଥର ମନାକରିଛି। କଞ୍ଚା ଅମୃତଭଣ୍ଡାକୁ ଘରେ କିଏ ପସନ୍ଦ କରୁନାହାନ୍ତି। କାହିଁକି ଆଣି ଅଯଥାରେ ଗାଳି ଶୁଣୁଛ, ଏପଟେ ପିଙ୍ଗା ହେଉଛି।

ସ୍ୱାମୀ କହିଲେ... ସତରେ କ'ଣ ତୁମକୁ ଅମୃତଭଣ୍ଡା ତରକାରି ଆଦୌ ପସନ୍ଦ ନୁହେଁ, ପିଲାମାନେ ସନ୍ତୁଳା, ଆମ୍ବିଳ କଲେ ଖାଇବେ ନାହିଁ।

ମୁଁ ତୁମକୁ ଗୋଟିଏ ସତ କଥା କହିବି, ରାଗିବ ନାହିଁ ତ? କ'ଣ ହୋଇଛି କି... ମୁଁ ୱାକିଂ ସାରି ଘରକୁ ଫେରୁଥିଲି, ରାସ୍ତା କଡ଼ରେ ବୁଢ଼ୀଟିଏ କଞ୍ଚା ଅମୃତଭଣ୍ଡା ବିକ୍ରି କରୁଥିଲା। ସେ ଜଣେ ମହିଳାଙ୍କୁ କହୁଥିଲା, ଭଉଣୀ! ଅମୃତଭଣ୍ଡାତକ ନେଇଯାଅ। ଦୁଇ ଦିନ ହେଲା ମୋ' ଘରେ ଚୁଲି ଜଳିନାହିଁ। ଏହାକୁ କମ୍ ଦାମ୍‌ରେ ନେଇଯାଅ। କିନ୍ତୁ ବୁଢ଼ୀ ଯାହା କହିଲେ ବି କେହିହେଲେ ତା' ଅମୃତଭଣ୍ଡା କିଣିଲେ ନାହିଁ। ମୋର ତା' ପ୍ରତି ଦୟା ଆସିଲା। ମୁଁ ବୃଦ୍ଧାଙ୍କୁ ପଚାରିଲି– ମା' ଆପଣ ଏହି ଅମୃତଭଣ୍ଡାକୁ କେତେ ଟଙ୍କାରେ ଦେବେ? ସେ କହିଲା, ପୁଅ! ତୁମେ ଯାହା ଦେଉଛ ଦିଅ। ଭଗବାନ ତୁମକୁ ଆଶୀର୍ବାଦ କରିବେ।

ମୁଁ କ'ଣ କରିପାରିବି ପୁଅ, ମୁଁ ବହୁତ ଗରିବ ଲୋକ। ଘରେ ଦୁଇ ଚାରିଟି ଅମୃତଭଣ୍ଡା ଗଛ ଅଛି। ସେଗୁଡ଼ିକ ହେଉଛନ୍ତି ମୋ' ଜୀବନଧାରଣର ସାହାରା। କିଛିଦିନ ତଳେ ପାଚିଲା ଅମୃତଭଣ୍ଡା ବିକ୍ରି କରୁଥିଲି। ସେଥିରେ ଦୁଇଓଳି ଚୁଲି ଜଳୁଥିଲା। କିନ୍ତୁ ଏବେ ପାଚିଲା ଅମୃତଭଣ୍ଡା ସରିଲା। କଞ୍ଚା ଭଣ୍ଡା ଲୋକ ନେବାକୁ ସେତେ ଆଗ୍ରହୀ ନୁହନ୍ତି। ଘରେ ମୋର ଛୋଟ ନାତୁଣୀଟିଏ। ଦୁଇ ଦିନ ହେଲା ଭୋକିଲା। ଦୁଇ ବର୍ଷ ତଳେ ପୁଅବୋହୂ କରୋନାରେ ଚାଲିଗଲେ। ସେବେଠାରୁ ମୋର ସାହାରା ହୋଇଛି ଏହି ଅମୃତଭଣ୍ଡା ଗଛ। ତାଙ୍କରି ଦ୍ୱାରା ଜୀବନ ବିତାଉଛି। ମୁଁ ଶହେ ଟଙ୍କାରେ ତାଙ୍କର ସମସ୍ତ ଅମୃତଭଣ୍ଡା କିଣିଲି।

ସ୍ୱାମୀଙ୍କ ଡର ଡର କଥାରେ ପତ୍ନୀଙ୍କ ଆଖିରୁ ଅଜାଣତରେ ଲୋତକ ଝରି କପୋଳ ଦେଇ ବୋହି ଆସିଲା। ପତ୍ନୀ ଲୋତକାପ୍ଲୁତ ଓଠରେ କହିଲେ, 'ଓହୋ! ଗରିବ ଅସହାୟ ବୁଢ଼ୀଟିକୁ ଶହେ ନୁହେଁ ବରଂ ଦୁଇଶହ ଦେଇଥାଆନ୍ତ... ସେମାନଙ୍କର ଆଶୀର୍ବାଦ ଆମକୁ କେତେ ଟଙ୍କା ଦେବ...।' ଏହା ଶୁଣି ସ୍ୱାମୀ ନିର୍ବାକ୍ ହୋଇ ପତ୍ନୀଙ୍କୁ ଚାହିଁ ରହିଥିଲେ...।

ମୋ: ୯୪୩୭୯୮୫୮୬୬

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୮/୨୦୨୪ Bhubaneswar, Saturday, September 28/ 2024

# ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୧୦୭/୩

**କାନପୁର,୨୭।୯(ପି.ଟି.)**

କାନପୁରରେ ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ବାଂଲାଦେଶ ୩ ଉଇକେଟ ହରାଇ ୧୦୭ ରନ୍ ସଂଗ୍ରହ କରିଛି। ବର୍ଷା ବାଧାପ୍ରାପ୍ତ ଦିନରେ ମାତ୍ର ୩୫ ଓଭରର ଖେଳ ସମ୍ଭବ ହୋଇଥିଲା। ମେଘୁଆ ପାଗ ରହିବା ନେଇ ପୂର୍ବାନୁମାନ ରହିଥିବା ବେଳେ ଭାରତ ୩ ପେସ୍ ବୋଲରଙ୍କ ସହ ଓହ୍ଲାଇଥିଲା। ଫଳରେ ଲୋକାଲ ବୟ କୁଲଦୀପ ଯାଦବଙ୍କୁ ବାହାରେ ବସିବାକୁ ପଡିଥିଲା। ଟସ୍ ଜିତି ଭାରତୀୟ ଅଧିନାୟକ ରୋହିତ ଶର୍ମା ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବର୍ଷା କାରଣରୁ ମ୍ୟାଚ୍ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

ବାଂଲାଦେଶ ପକ୍ଷରୁ ଦୁଇ ଓପନର ଜାକିର ହସନ(୦) ଓ ଶଦମାନ ଇସଲାମ(୨୪) ପ୍ରଥମ ଉଇକେଟରେ ୨୬ ରନ୍ ଯୋଡିଥିଲେ। ୨୪ ବଲ୍ ଖେଳି ଖାତା ଖୋଲି ପାରି ନ ଥିବା ଜାକିରଙ୍କୁ ଅଷ୍ଟମ ଓଭରରେ ଆଉଟ କରିଥିଲେ ଆକାଶଦୀପ୍। ଏହାର ୪ ଓଭର ମଧ୍ୟରେ ଅନ୍ୟତମ ଓପନର ଶଦମାନଙ୍କୁ ଆଉଟ କରି ଦ୍ୱିତୀୟ ସଫଳତା ହାସଲ କରିଥିଲେ ଆକାଶ ଦୀପ। ପରବର୍ତ୍ତୀ ୨ ବ୍ୟାଟର ନଜମୁଲ ହୋସେନ ଶନ୍ତୋ ୩୧ ଓ ମୋମିନୁଲ ହକ୍ ୪୦ ରନ୍ କରିଥିଲେ। ଉଭୟ ଖେଳାଳି ଚତୁର୍ଥ ଉଇକେଟରେ ୫୧ ରନ୍ ଯୋଡିଥିଲେ। ବାଂଲାଦେଶ ୮୧ ରନ୍ କରିଥିବା ବେଳେ ଅଧିନାୟକ ନଜମୁଲ ହୋସେନ ଶନ୍ତୋଙ୍କୁ ଲେଗ୍ ବିଫୋର କରିଥିଲେ ଅଶ୍ୱିନ। ଶନ୍ତୋ ୫୭ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟପକ୍ଷରେ ମୋମିନୁଲ ୪୦ ରନ୍ କରି ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରୁଛନ୍ତି। ଭେଟେରାନ୍ ମୁଶଫିକୁର ରହିମ ୬ ରନ୍ କରି ଅପର ପାର୍ଶ୍ୱରେ ଅପରାଜିତ ଅଛନ୍ତି। ମୋମିନୁଲ ଦୀର୍ଘ ସମୟ ଧରି ବ୍ୟାଟିଂ କରିଥିବା ବେଳେ ୮୧ ବଲ୍ ଖେଳି ୭ ଚୌକା ମାରିଛନ୍ତି। ଭାରତ ପକ୍ଷରୁ ଆକାଶ ଦୀପ୍ ୨ ଓ ଅଶ୍ୱିନ ୧ ଉଇକେଟ ନେଇଛନ୍ତି। ୩୫ ଓଭର ଖେଳ ହୋଇଥିବା ବେଳେ ଆଉଥରେ ବର୍ଷା ହେବାରୁ ଖେଳ ସମ୍ଭବ ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୩୫ ଓଭରରେ ୧୦୭/୩ (ମୋମିନୁଲ ହକ୍ ୪୦, ନଜମୁଲ ହୋସେନ ଶନ୍ତୋ-୩୧, ଶଦମାନ ଇସଲାମ-୨୪, ଆକାଶ ଦୀପ୍-୨/୩୪, ରବିଚନ୍ଦ୍ରନ ଅଶ୍ୱିନ-୧/୨୨)।

### ସୁରକ୍ଷା ଯୋଗାଇବେ ଲଙ୍ଗୁର

କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ସୁରକ୍ଷା ଯୋଗାଇବା ପାଇଁ ଲଙ୍ଗୁର(ଏକ ପ୍ରଜାତିର ମାଙ୍କଡ)କୁ ବ୍ୟବହାର କରାଯିବ। ଗ୍ରୀନ୍ ପାର୍କ ଷ୍ଟାଡିୟମରେ ମାଙ୍କଡଙ୍କ ଉପଦ୍ରବ ସବୁଠାରୁ ଅଧିକ ରହିଥାଏ। ଦର୍ଶକଙ୍କ ହାତରୁ ଖାଇବା ଜିନିଷ ଓ ମୋବାଇଲ ଛଡେଇ ନେବାର ଅନେକ ନଜିର ମଧ୍ୟ ରହିଛି। ତେବେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ମାଙ୍କଡ ନିକଟରୁ ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନରେ ଲଙ୍ଗୁରମାନଙ୍କୁ ରଖାଯାଇଛି।



ଅସୁସ୍ଥ ବାଂଲାଦେଶୀ ସମର୍ଥକଙ୍କୁ ହସ୍ପିଟାଲ ନିଆଯାଉଛି।

## ବାଂଲାଦେଶୀ ସମର୍ଥକ ଅସୁସ୍ଥ

କାନପୁରରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ ସମୟରେ ଜଣେ ବାଂଲାଦେଶୀ ସମର୍ଥକ ଦର୍ଶକ ଷ୍ଟାଣ୍ଡରେ ଅସୁସ୍ଥ ହୋଇ ପଡିଥିଲେ। ବାଂଲାଦେଶ ଦଳର ସୁପର ଫ୍ୟାନ ଭାବରେ ପରିଚିତ ରବି ସି ଷ୍ଟାଣ୍ଡରେ ଥିବାବେଳେ ଏହି ଘଟଣା ଘଟିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ ମଧ୍ୟ ନିଆଯାଇଥିଲା। ବାଘ ପୋଷାକରେ ଥିବା ରବିଙ୍କୁ ନିଆଯାଉଥିବା ସମୟରେ ତାଙ୍କ ପେଟକୁ ମାଡ଼ ମରାଯାଇଥିବା ନେଇ ସେ ଅଭିଯୋଗ କରିଥିଲେ। ପରେ ହସ୍ପିଟାଲ ବେଡ୍‌ରୁ ସେ ନିଜର ବୟାନ ବଦଳାଇବା ସହ ଅସୁସ୍ଥ ଥିବା ସ୍ୱୀକାର କରିଥିଲେ। ଅସୁସ୍ଥତା କାରଣରୁ ପୋଲିସ୍ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବା ସେ କହିଛନ୍ତି। ଏପରିକି କାନପୁର ପୋଲିସ ପକ୍ଷରୁ ମଧ୍ୟ ସମାନ ଘଟଣା ସ୍ପଷ୍ଟ କରାଯାଇଛି।

# ଲିଜେଣ୍ଡ୍ସ ଲିଗ୍: ଧୋଇଗଲା ସୂର୍ଯ୍ୟସର ମ୍ୟାଚ୍

**ସୁରଟ,୨୭।୯**

ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଖେଳା ଯିବାକୁ ଥିବା କୋଣାର୍କ ସୂର୍ଯ୍ୟସ୍‌ର ମ୍ୟାଚ୍ ବର୍ଷାରେ ଧୋଇ ଯାଇଛି। ଯୋଧପୁରରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସଙ୍କୁ ହରାଇଥିଲା କୋଣାର୍କ ସୂର୍ଯ୍ୟସ୍। ଶୁକ୍ରବାର ପ୍ରବଳ ବର୍ଷା କାରଣରୁ ପ୍ରଥମେ ଟସ୍ ବିଳମ୍ବିତ ହୋଇଥିଲା। ପରେ ବର୍ଷା କମିଥିଲେ ମଧ୍ୟ ଆଉଟଫିଲ୍ଡ ଓଦା ଥିବା କାରଣରୁ ଗୋଟିଏ ବି ବଲ୍ ପଡିବା ଆଗରୁ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଏହି ଫଳାଫଳ ସହ ଉଭୟ ଦଳ ୧ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। କୋଣାର୍କ ସୂର୍ଯ୍ୟସ ୨ ମ୍ୟାଚ୍‌ରୁ ୧ ବିଜୟ ଓ ୧ ଡ୍ର ସହ ୩ ପଏଣ୍ଟ ଅର୍ଜନ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ମଣିପାଲ ଟାଇଗର୍ସ ଏହାର ପଏଣ୍ଟ ଖାତା ଖୋଲିଛି। ଯୋଧପୁର ସଂସ୍କରଣ ଶେଷ ହୋଇଥିବା ବେଳେ ସୁରଟରେ ଏହା ପ୍ରଥମ ମ୍ୟାଚ୍ ରହିଥିଲା। ଦଳ ଏହାର ପରବର୍ତ୍ତୀ ୨ ମ୍ୟାଚ୍ ସମାନ ଷ୍ଟାଡିୟମରେ ଖେଳିବ।




# ସାଉଦୀ ଆରବରେ ଚମକିଲେ ଓଡ଼ିଶାର ସାର୍ଥକ

**ଭୁବନେଶ୍ୱର, ୨୭।୯ (ବିଜୟ ରଣା)**

ସାଉଦୀ ଆରବରେ ଅନୁଷ୍ଠିତ ଡବ୍ଲ୍ୟୁଟିଟି ୟୁଥ୍ କଣ୍ଟେଣ୍ଡର ଦମାମ ଭାରତରୁ ପ୍ରତିନିଧିତ୍ୱ କରିଥିବା ମାଷ୍ଟର ସାର୍ଥକ ଆର୍ଯ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ସେ ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୫ ବର୍ଷରୁ କମ୍ ମିକ୍ସଡ ଡବଲ୍ସ କାଟେଗୋରୀରେ ସେ ମହାରାଷ୍ଟ୍ରର କାବ୍ୟାଙ୍କୁ ସାଥୀ କରି ଉଜବେକିସ୍ତାନ, ସାଉଦୀ ଆରବ, ୟୁଏଇ ଓ ତାଇପେ ଟିମ୍‌କୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଏଥିରେ ସେ ଭାରତୀୟ ଯୋଡ଼ିଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ଦେଶ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସାର୍ଥକଙ୍କୁ କାତାର, ଇଜିପ୍ଟ ଓ ତାଇୱାନ ଖେଳାଳିଙ୍କ ସହିତ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। ଫାଇନାଲରେ ସେ ଚାଇନିଜ ତାଇପର ଜଣେ ଟପ୍ ଖେଳାଳିଙ୍କୁ ୩-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଓଡ଼ିଶାର ସାର୍ଥକ ଦିଲ୍ଲୀ ପବ୍ଲିକ ସ୍କୁଲର ଜଣେ ଷ୍ଟାଣ୍ଡାର୍ଡ ୧୦ ଶ୍ରେଣୀ ଛାତ୍ର। ହିମାଚଳ ପ୍ରଦେଶ ଅନ୍ତର୍ଗତ ନାଗ୍ରୋଟାସ୍ଥିତ ରେନ୍‌ବୋ ଖେଲୋ ଇଣ୍ଡିଆ ସେଣ୍ଟରରେ କୋଚ୍ ରବି ଆଚାର୍ଯ୍ୟଙ୍କ ଅଧୀନରେ ସେ ଟ୍ରେନିଂ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନର କର୍ମକର୍ତ୍ତାଗଣ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଥମ ବିଜୟ ଲକ୍ଷ୍ୟରେ ଓଏଫ୍‌ସି

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା)**

ଚଳିତ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ)ରେ ପ୍ରଥମ ବିଜୟ ସନ୍ଧାନରେ ରହିଛି ଓଡ଼ିଶା ଫୁଟବଲ କ୍ଲବ(ଓଏଫ୍‌ସି)। ଗତ ସିଜନର ସେମି ଫାଇନାଲିଷ୍ଟ ରହିଥିବା ଓଏଫ୍‌ସି ଏହାର ପ୍ରଥମ ଦୁଇ ମ୍ୟାଚ୍‌ରେ ଚେନ୍ନାଇନ୍ ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ନିକଟରୁ ପରାଜିତ ହୋଇଥିଲା। କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ୍ ଓଡ଼ିଶାକୁ ହରାଇ ବିଜୟ ହାସଲ କରିଥିଲା। ଶନିବାର ଦଳ କଳିଙ୍ଗ ଷ୍ଟାଡିୟମରେ ଜାମସେଦପୁର ଏଫ୍‌ସିକୁ ଭେଟିବ। ଗତ ସିଜନରେ ଓଡ଼ିଶା ଏଫ୍‌ସି ସହଜରେ ୪-୧ ଗୋଲରେ ଜାମସେଦପୁରକୁ ହରାଇଥିଲା। ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଫରୱାର୍ଡ ଖେଳାଳି ରୟ କ୍ରିଷ୍ଣା ଯୋଗ ଦେଇଥିଲେ। ଡିଫେଣ୍ଡର କାର୍ଲୋସ ଡେଲଗାଡୋ ଓ ସାଭିଏର ଗାମା ଆହତ ଥିବା କାରଣରୁ ଏହି ମ୍ୟାଚ୍ ଖେଳିପାରିବେ ନାହିଁ।

# ଜାତୀୟ ଉଷୁରେ ଓଡ଼ିଶାକୁ ୬ ପଦକ



କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜେତା ଖେଳାଳି।

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା)**

ଉତ୍ତରାଖଣ୍ଡରେ ଅନୁଷ୍ଠିତ ୩୩ ତମ ଜାତୀୟ ଉଷୁ ଚାମ୍ପିୟନଶିପରେ ଓଡ଼ିଶାର ପ୍ରତିଯୋଗୀ ୬ ପଦକ ହାସଲ କରିଛନ୍ତି। ମହା ରାଣାପ୍ରତାପ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟ ୨୧ରୁ ୨୬ ତାରିଖ ଯାଏ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଖେଳାଳିମାନେ ୨ ସ୍ୱର୍ଣ୍ଣ ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୪୮ କେଜି ପୁରୁଷ ସାଣ୍ଡା ଇଭେଣ୍ଟରେ ବବୁଲ ମୁଣ୍ଡା ଓ ମହିଳା ୱିଙ୍ଗଚୁନ ଇଭେଣ୍ଟରେ ପାୟଲ ପଟ୍ଟନାୟକ, ଟାଓଲୁ ସିଙ୍ଗଲ ୱିପନ ଇଭେଣ୍ଟରେ ନୂପର ପଟ୍ଟନାୟକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଓଲୁ ନାନ୍ ଷ୍ଟାଇଲରେ ନୂପର ପଟ୍ଟନାୟକ, ବିକାଶ ବାଗ ଓ ସାଣ୍ଡା ୪୫ କେଜି ଓଜନ ବର୍ଗରେ ମଞ୍ଜୁ ମୁଣ୍ଡା ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ପକ୍ଷରୁ ୪୨ ଖେଳାଳି, ୪ ଅଫିସିଆଲ ଓ ୪ ଜଜ୍‌ଙ୍କୁ ମିଶାଇ ମୋଟ ୫୦ ଜଣିଆ ଦଳ ପ୍ରେରଣ କରାଯାଇଥିଲା। ପ୍ରଦ୍ୟୁମ୍ନ ବେହେରା ଏହି ଟୁର୍ନାମେଣ୍ଟର ମୁଖ୍ୟ ଜଜ୍ ରହିଥିଲେ। ପଙ୍କଜ ମହାନ୍ତ ଓ ସୁଜନ ରଥ ଦଳର କୋଚ୍ ରହିଥିବା ବେଳେ ନବୀନ ସିଂ ଓ ଅନସୂୟା ବାରିକ ମ୍ୟାନେଜର ଭାବରେ ଦଳ ସହ ରହିଥିଲେ। ସାଣ୍ଡାରେ ରାଜସ୍ଥାନ ଓ ଟାଓଲୁରେ ଅରୁଣାଚଳ ପ୍ରଦେଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

## ଦେବାଶିଷଙ୍କୁ ପ୍ରଥମ ଏଆଇଟିଏ ଟାଇଟଲ

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା):** ଓଡ଼ିଶାର ପ୍ରତିଭାବାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ୧୮ ବର୍ଷରୁ କମ ବାଳକ ବର୍ଗରେ ପ୍ରଥମ ଏଆଇଟିଏ ଟାଇଟଲ ହାସଲ କରିଛନ୍ତି। ଚଣ୍ଡୀଗଡର ସିଏଲ୍‌ଟିଏ କ୍ୟାମ୍ପସ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କ୍ୱାଲିଫାୟର ରାଉଣ୍ଡ ଖେଳି ଦେବାଶିଷ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ପ୍ରଥମ ରାଉଣ୍ଡରେ ଟପ୍ ସିଡ୍ ହରିୟାଣାର ଉଦିତ କମ୍ବୋଜଙ୍କୁ ୬-୩, ୬-୪ ସେଟରେ ପରାସ୍ତ କରିଥିଲେ ଦେବାଶିଷ। ସେହିପରି ଫାଇନାଲରେ ମଣିପୁରର ଶଙ୍କର ହେସନାମଙ୍କୁ ୬-୨, ୬-୩ ସେଟରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।

# ଦୂରଦର୍ଶୀ କ୍ରୀଡ଼ା ସମ୍ମାନ ଉତ୍ସବ ଅନୁଷ୍ଠିତ

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା)**

ମାସିକ ଖବରଭିତ୍ତିକ ପତ୍ରିକା ଦୂରଦର୍ଶୀ ତରଫରୁ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଚତୁର୍ଦ୍ଦଶ 'ଦୂରଦର୍ଶୀ କ୍ରୀଡା ସମ୍ମାନ ୨୦୨୪' ଏବଂ 'କ୍ରୀଡା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶାର ସ୍ଥିତି' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦୂରଦର୍ଶୀର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ସଭା ସଦସ୍ୟ ସୁଭାଶିଷ ଖୁଣ୍ଟିଆ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ଏସ୍ଏନ୍ଏମ୍ ଗ୍ରୁପ୍‌ର ଏମ୍‌ଡି ପ୍ରବୋଧ ମହାନ୍ତି, ହକି ତାରକା ଅମିତ ରୋହିଦାସ, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଓଡ଼ିଶା ସିପକ ଟାକ୍ରର ସମ୍ପାଦକ ପୃଥ୍ୱୀରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ହକି ତାରକା ଅମିତ ରୋହିଦାସ, ଓସିଏର ସିଇଓ ସୁବ୍ରତ ବେହେରା, ପାରା ଅଲିମ୍ପିଆନ ପ୍ରମୋଦ ଭଗତ, ଚେସ ତାରକା ସ୍ୱସ୍ତିକ ସ୍ୱାଇଁ, ବରିଷ୍ଠ କ୍ରୀଡା ସାମ୍ବାଦିକ ନିରଞ୍ଜନ ରେଡ୍ଡୀ, ସୁଶାନ୍ତ ସାହୁ, ଶୁଟର ଶ୍ରୀଜିତା ବରାଳ, କରାଟେରେ ନ୍ୟାସ କୁମାରୀ, ସ୍ପୋର୍ଟ ଫିଜିଓ ଡ. ସମ୍ବିତ ମହାନ୍ତି, ଗଲ୍ଫରେ ବିକାଶ ଚନ୍ଦ୍ର ପଟ୍ଟନାୟକ, ଅଭୀପ୍ସା ପଣ୍ଡା, ଜିମ୍ନାଷ୍ଟିକ୍ କୋଚ ମୀରାରାଣୀ ଦାସ, ସିପକ ଟାକ୍ରରେ ଥବିର ନାୟକ, ଟାଇକୋଣ୍ଡୋରେ ଏହାସାସ ହୋତା, କୋଚ ଲିପ୍ସା ଷଡ଼ଙ୍ଗୀ, କୋଚ ଅନୁରାଧା ଦୋରା, ଆଇକନିକ ଟ୍ରାନ୍ସଫରମେଶନ, କ୍ୟାପିଟାଲ ହାଇସ୍କୁଲ, କିଟ୍ ୟୁନିଭରସିଟି ମହିଳା ଫୁଟ୍‌ବଲ ଟିମ୍, କେ ଟି ଗ୍ଲୋବାଲ ସ୍କୁଲ, ହୁଇଲ ଚେୟାର ଆସୋସିଏଶନ, ଛତାବର କ୍ରିକେଟ କ୍ଲବ ଆଦିଙ୍କୁ ଦୂରଦର୍ଶୀ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦଳରେ ଆଉ ୯ ଆଥ୍‌ଲେଟ ସାମିଲ

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା)**

ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ବିହାରର ପାଟନାଠାରେ ୪ର୍ଥ ଇଣ୍ଡିଆନ୍ ଓପନ୍ ୨୩ ବର୍ଷରୁ କମ୍ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ଓଡ଼ିଶାରୁ ୧୦ ଆଥ୍‌ଲେଟଙ୍କ ନାମ ଘୋଷଣା କରାଯାଇଥିଲା। ତେବେ ଶୁକ୍ରବାର ଆଉ ୯ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ବିଷ୍ଣୁପ୍ରିୟା ସେଠୀ, ମେରୀମୁକ୍ତା ସୋରେଙ୍ଗ, ଧନମତୀ ଖେସ୍, ଏ. ଗ୍ରେସ୍‌ସନ୍ ଜୀଭା, ଆତିଶ କିଣ୍ଡୋ, ରୋହିତ କୁମାର, ଅବ୍ୟକ୍ତ ମିର୍ଦ୍ଧା ଓ ମନୋଜ ଓରାମଙ୍କୁ ଦଳରେ ସାମିଲ କରାଯାଇଛି।

## ଚେସ୍ ଚାମ୍ପିୟନଙ୍କୁ ସମ୍ବଲପୁରୀ ଉପହାର



ସମ୍ବଲପୁରୀ ଉପହାର ସହ ଭାରତୀୟ ଚେସ୍ ଦଳର ଖେଳାଳି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୨୭।୯ (ସରୋଜ ଜେନା)**

ହଙ୍ଗେରୀର ବୁଦାପେଷ୍ଟରେ ଡବଲ୍ ଗୋଲ୍ଡ ମେଡାଲ ଜିତି ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ ପୁରୁଷ ଓ ମହିଳା ଚେସ୍ ଖେଳାଳିଙ୍କୁ ସମ୍ବଲପୁରୀ ଡ୍ରେସ୍ ଉପହାର ପ୍ରଦାନ କରିଛନ୍ତି ରଞ୍ଜନ ମହାନ୍ତି। ୨୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି ସମସ୍ତ ଖେଳାଳିଙ୍କୁ ଉପହାର ପ୍ରଦାନ କରିଥିଲେ। ସମସ୍ତ ଖେଳାଳି ଏହି ଉପହାର ପାଇ ଖୁସି ପ୍ରକାଶ କରିଥିବା କହିଛନ୍ତି ରଞ୍ଜନ।

# ସାହାଣୀ କପ୍: ନୟାଗଡ଼, ସୁନ୍ଦରଗଡ଼ ବିଜୟୀ

**ସୁନ୍ଦରଗଡ଼, ୨୭।୯ (ଜୟ ନାରାୟଣ ମେଣ୍ଡୁଲି)**

ଜିଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ଷ୍ଟାଡିୟମରେ ଚାଲିଥିବା ୬୩ତମ ସିନିୟର ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଗଜପତିକୁ ୨-୧ଗୋଲରେ ହରାଇ ଦେଇଛି ନୟାଗଡ଼। ବିଜୟୀ ଦଳ ପକ୍ଷରୁ ଉଦାମ ଚନ୍ଦ୍ର ପ୍ରଧାନ (୫୩ ମିନିଟ ତମ) ଓ ଦୀପକ ବେହେରା( ୭୮ତମ) ଗୋଲ ସ୍କୋର କରିଥିବା ବେଳେ ଗଜପତି ଜିଲାର ଅନିକେତ ବେହେରା (୪୫ତମ) ଗୋଟିଏ ଗୋଲ ଦେଇଥିଲେ। ନୟାଗଡ଼ ଜିଲାର ଶ୍ରବଣ କୁମାର ଦେହୁରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ୨,୦୦୦ ଟଙ୍କା ପୁରସ୍କୃତ କରାଯାଇଥିଲା। ସେହିପରି ୨ୟ ମ୍ୟାଚ ସୁନ୍ଦରଗଡ ଓ ନବରଙ୍ଗପୁର ଜିଲା ମଧ୍ୟରେ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୪-୧ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ ଦଳର ଅଶାନ୍ତ କେରକଟା (୬ମିନିଟ), ଅଭିଷେକ ମାଝି (୩୫ମିନିଟ), ଦୀପକ ଓରାମ(୪୦ମିନ), ଶକ୍ତି କିସାନ (୮୩ମିନିଟ)ରେ ଗୋଲ କରିଥିଲେ। ସେହିପରି ନବରଙ୍ଗପୁର ଦଳ ପକ୍ଷରୁ ୯୦ମିନିଟରେ ନିଉଟନ ଭେଟେରାନ ଏକ ମାତ୍ର ଗୋଲ କରିଥିଲେ। ଶୁକ୍ରବାର ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶନିବାର ପ୍ରଥମ ମ୍ୟାଚ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ସୁବର୍ଣ୍ଣପୁର ତଥା ୨ୟ ମ୍ୟାଚ ଝାରସୁଗୁଡା ଓ କୋରାପୁଟ ଦଳ ମଧ୍ୟରେ ହେବ। ସୁନ୍ଦର ଗଡ଼ ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ସୁନ୍ଦରଗଡ଼ର ଦୀପକ ଓରାମଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଛି।



ସୁନ୍ଦରଗଡ଼ରେ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଜିତେନ୍ଦ୍ରଙ୍କ ହ୍ୟାଟ୍ରିକ୍‌ରେ ବୌଦ୍ଧ ଜିତିଲା

**ବାରିପଦା,୨୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଶୁକ୍ରବାର ବୌଦ୍ଧ ଓ ମୟୂରଭଞ୍ଜ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ବୌଦ୍ଧ ୩-୨ ଗୋଲରେ ଭଦ୍ରକକୁ ପରାସ୍ତ କରିଥିଲା। ବିଜୟୀ ଦଳ ତରଫରୁ ୩ଟି ଯାକ ଗୋଲ ସ୍କୋର କରିଥିବା ଜିତେନ୍ଦ୍ର ଦେହୁରୀ ଶ୍ରେଷ୍ଠ ଖେଳାଳି ଭାବେ ମହେଶ ଦାଶ ସ୍ମୃତି ସମ୍ମାନରେ ପୁରସ୍କୃତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ସଂଘର ସଭାପତି ବିଭୁପ୍ରସାଦ ଦାସ, ସମ୍ପାଦକ ବିପ୍ଳବ କୁମାର ବାରିକ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରଥ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ଦଳ ଅନୁଗୋଳ ଟିମ୍‌କୁ ୫-୧ ଗୋଲରେ ପରାସ୍ତ କରିଥିଲା। ମୟୂରଭଞ୍ଜ ଦଳର କାହ୍ନୁ ସୋରେନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ରାଜକିଶୋର ଦାସ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଓ ଉପ ସଭାପତି ଅସିତ ପତି, ମୟୂରଭଞ୍ଜ କ୍ରୀଡ଼ା ସଂସଦର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠୀ, କୋଷାଧ୍ୟକ୍ଷ ଅମିତାଭ ଦାସ, ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ହରପ୍ରସାଦ ପାତ୍ର, ପ୍ରସନ୍ନଜିତ ମହାନ୍ତି, ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ମ୍ୟାଚ ବାଲେଶ୍ୱର ବନାମ ଯାଜପୁର ଏବଂ ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ବନାମ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ